RNI REG. NO. ODIODI/2015/62237 • POSTAL REGD. NO.BN/258/18-20 8 PAGES • ₹ 6/-

# ନିତିଦିନ
NITIDIN

www.nitidin.com
twitter.com/nitidintoday
facebook.com/nitidintoday

SATURDAY 14 MARCH 2026
ଶନିବାର ୧୪ ମାର୍ଚ୍ଚ ୨୦୨୬

NEW AGE MEDIA & PUBLICATIONS PVT. LTD. PRINTED AT BHUBANESWAR VOLUME 11 • ISSUE 295 BHUBANESWAR I BERHAMPUR I SAMBALPUR I BALASORE I JAJPUR ବର୍ଷ ୧୧ • ସଂଖ୍ୟା ୨୯୫ ଭୁବନେଶ୍ୱର । ବ୍ରହ୍ମପୁର । ସମ୍ବଲପୁର । ବାଲେଶ୍ୱର । ଯାଜପୁର




| | |
|---|---|
| ୧୪ ମାର୍ଚ୍ଚ: | ସେହେରୀ-୪.୪୩ |
| | ଇଫ୍‌ତାର୍-୫.୫୬ |
| ୧୫ ମାର୍ଚ୍ଚ: | ସେହେରୀ-୪.୪୨ |
| | ଇଫ୍‌ତାର୍-୫.୫୬ |

## ପୋଖରୀରେ ବୁଡ଼ି ୨ ନାବାଳିକା ମୃତ

**ବାସୁଦେବପୁର,୧୩ା୩/ଏନ୍‌ଏନ୍‌ଏସ୍:**

ଭଦ୍ରକ ଜିଲ୍ଲା ବାସୁଦେବପୁର ଥାନା ଅଧୀନ ଅରଣ୍ଡୁଆ ମଲ୍ଲିକସାହିରେ ପୋଖରୀରେ ବୁଡ଼ି ୨ ଜଣ ପଞ୍ଚମ ଶ୍ରେଣୀ ଛାତ୍ରୀଙ୍କ ମୃତ୍ୟୁ ଘଟିଛି । ମୃତ ଛାତ୍ରୀ ଦ୍ୱୟ ହେଉଛନ୍ତି ସତ୍ୟବ୍ରତ ବାରିକଙ୍କ ଝିଅ ତପଦୀପା ବାରିକ (୧୦) ଓ ବିଜୟ ବାରିକଙ୍କ ଝିଅ ଅନ୍ନପୂର୍ଣ୍ଣା ବାରିକ (୧୦) । ଆଜି ବାର୍ଷିକ ପରୀକ୍ଷା ସରିବା ପରେ ସାଙ୍ଗମାନଙ୍କ ସହ ପୋଖରୀକୁ ଶାମୁକା ଖୋଜିବାକୁ ଯାଇଥିଲେ ତପଦୀପା ଓ ଅନ୍ନପୂର୍ଣ୍ଣା । ଶାମୁକା ଖୋଜିବା ବେଳେ ଅସାବଧାନତାବସତଃ ପୋଖରୀରେ ପ୍ରଥମେ ତପଦୀପା ବୁଡ଼ି ଯାଇଥିଲେ । ଫଳରେ ପାଖରେ ଥିବା ଅର୍ଣ୍ଣପୂର୍ଣ୍ଣା ତାକୁ ବଞ୍ଚାଇବାକୁ ଯାଇ ସେ ମଧ୍ୟ ବୁଡ଼ି ଯାଇଥିଲେ । ପାଖରେ ଥିବା ଅନ୍ୟସାଙ୍ଗମାନେ ଗାଁ ଲୋକଙ୍କୁ ଡାକ ପକାଇବା ସହିତ ପରିବାର ଲୋକଙ୍କୁ ଖବର ଦେଇଥିଲେ । ଗାଁ ଲୋକେ ପ୍ରଥମେ ତପଦୀପାଙ୍କୁ

▶▶ ୬

## ମା' ଓ ବଡ଼ ଭାଇଙ୍କୁ ହତ୍ୟା

### ହତ୍ୟାକାରୀ ସାନଭାଇ ଗିରଫ

**କଟକ,୧୩ା୩/ଏନ୍‌ଏନ୍‌ଏସ୍:**

ନିଶ୍ଚିନ୍ତକୋଇଲି ବ୍ଲକ ଅନ୍ତର୍ଗତ ଫଗୋଳ ଗ୍ରାମରେ ସମ୍ପତ୍ତି ଭାଗବଣ୍ଟାକୁ କେନ୍ଦ୍ରକରି ମାଆ, ପୁଅଙ୍କ ମୁଣ୍ଡ ଗଡ଼ିଥିଲା ବେଳେ ହତ୍ୟାକାରୀକୁ ସାଲେପୁର ଥାନା ପୁଲିସ ଗିରଫ କରିଛି । ମୃତକ ଦୁଇ ଜଣ ହେଲେ କୁଲସୁନ ବିବି(୮୦) ଓ ସେକ୍ ସମସେର(୫୦) । ଗିରଫ ଅଭିଯୁକ୍ତ ଜଣକ ସେକ୍ ପପୁ(୩୫) ବୋଲି ଜଣାଯାଇଛି । ଦୀର୍ଘ ଦିନ ହେଲା ସମ୍ପତ୍ତି ଭାଗବଣ୍ଟାକୁ କେନ୍ଦ୍ରକରି ଭାଇ ଭାଇଙ୍କ ମଧ୍ୟରେ ବିବାଦ ଲାଗି ରହିଥିଲା । ଶୁକ୍ରବାର ହଠାତ୍ ଭାଇ ଭାଇଙ୍କ ମଧ୍ୟରେ ଗଣ୍ଡଗୋଳ ଆରମ୍ଭ ହୋଇଯାଇଥିଲା । ନୂତନ ଗୃହ ନିର୍ମାଣକୁ କେନ୍ଦ୍ରକରି ଦୁଇ ଭାଇଙ୍କ ମଧ୍ୟରେ କଥା କଟାକଟି ହୋଇଥିଲା । ଏଥିରେ ପ୍ରତିହିଂସା ପରାୟଣ

▶▶ ୬

### ● ରାଜ୍ୟସ୍ତରୀୟ ପିଏମ୍ କିଷାନ ଉତ୍ସବ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ

# ଚାଷୀଙ୍କ ଉନ୍ନତି ବିନା ବିକାଶ ଅସମ୍ଭବ

### ଓଡ଼ିଶାର ୩୪ ଲକ୍ଷରୁ ଊର୍ଦ୍ଧ୍ୱ କୃଷକ ପାଇଲେ ୬୮୪ କୋଟି





**ଆସାମର ଗୁଆହାଟି ଠାରେ ୨୨ତମ କିସ୍ତି ପ୍ରଦାନ କଲେ ପ୍ରଧାନମନ୍ତ୍ରୀ**

**ଦେଶର ୯.୩୨ କୋଟି ଚାଷୀଙ୍କୁ ୧୯ ହଜାର କୋଟି ଟଙ୍କା ପ୍ରଦାନ**

**କେନ୍ଦ୍ର-ରାଜ୍ୟ ମିଶି କୃଷକଙ୍କ ଆୟ କରିଛୁ ବହୁଗୁଣିତ: ସିଏମ୍**

**ଭୁବନେଶ୍ୱର,୧୩ା୩/ଏନ୍‌ଏନ୍‌ଏସ୍:**

"ଚାଷୀମାନଙ୍କର ଉନ୍ନତି ବିନା ଦେଶ କିମ୍ବା ରାଜ୍ୟର ବିକାଶ ଅସମ୍ଭବ । ଚାଷୀ ହେଉଛନ୍ତି ଆମ ସମାଜର ମେରୁଦଣ୍ଡ ଏବଂ ଆମ ଅର୍ଥନୀତିର ପ୍ରକୃତ ସାରଥି । 'ଜୟ କିଷାନ'ର ନାରାକୁ ସାର୍ଥକ କରିବା ପାଇଁ କେନ୍ଦ୍ର ସରକାର ଓ ଆମ ସରକାର ସଦାସର୍ବଦା ଚେଷ୍ଟିତ । ରାଜ୍ୟ ସରକାର କେନ୍ଦ୍ର ସରକାରଙ୍କ ସହ ମିଶି କୃଷକମାନଙ୍କର ଆୟ ଦ୍ୱିଗୁଣିତ କରିବା ପାଇଁ କାର୍ଯ୍ୟ କରୁଛନ୍ତି ।" ଶୁକ୍ରବାର ଏଭଳି କହିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ୨୨ ତମ ପିଏମ୍ କିଷାନ ଉତ୍ସବ ଦିବସରେ କୃଷକ ସମ୍ମାନ ନିଧି ପ୍ରଦାନ କାର୍ଯ୍ୟକ୍ରମ ଅବସରରେ ଓୟୁଏଟି ସ୍ଥିତ କୃଷି ଶିକ୍ଷା ସଦନ ଠାରେ କୃଷକମାନଙ୍କୁ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଏହା କହିଛନ୍ତି ।

ସୂଚନାଯୋଗ୍ୟ ଯେ ଆସାମର ଗୌହାଟୀ ଠାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପିଏମ୍ କିଷାନ ସମ୍ମାନ ନିଧିର ୨୨ତମ କିସ୍ତି ପ୍ରଦାନ କାର୍ଯ୍ୟକ୍ରମ ଶୁଭାରମ୍ଭ କରିଛନ୍ତି । ୨୨ତମ କିସ୍ତିରେ ଦେଶର ୯.୩୨ କୋଟି କୃଷକଙ୍କୁ ପ୍ରାୟ ୧୯ ହଜାର କୋଟି ଟଙ୍କା ପ୍ରଦାନ କରାଯାଇଛି । ଏହି କାର୍ଯ୍ୟକ୍ରମ ସବୁ ରାଜ୍ୟର ଜିଲ୍ଲା, ବ୍ଲକ, ପଞ୍ଚାୟତ, ପ୍ୟାକ୍ସ ଓ ମଣ୍ଡିରେ ଆୟୋଜନ କରାଯାଇଛି । ପ୍ରଧାନମନ୍ତ୍ରୀ ଏହି ଅବସରରେ ଦେଶର କୃଷକମାନଙ୍କୁ ଉଦ୍‌ବୋଧନ ଦେଇଛନ୍ତି ।

ତେବେ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଉପସ୍ଥିତ କୃଷକମାନଙ୍କୁ ଉଦ୍‌ବୋଧନ ଦେଇ କହିଥିଲେ ଯେ ପିଏମ-କିଷାନ ଯୋଜନା ଚାଷୀଙ୍କୁ ବିହନ, ସାର ଏବଂ ଅନ୍ୟାନ୍ୟ କୃଷି ଉପକରଣ କିଣିବାରେ ସାହାଯ୍ୟ କରୁଛି । ଏହି ୨୦୦୦ ଟଙ୍କାର କିସ୍ତି ଏବଂ ତିନୋଟି କିସ୍ତିରେ ବର୍ଷକୁ ସର୍ବମୋଟ ୬ ହଜାର ଟଙ୍କା ହୁଏତ ସାଧାରଣ ଲୋକଙ୍କ ପାଇଁ ଏକ ସାମାନ୍ୟ ଅର୍ଥ ହୋଇପାରେ, କିନ୍ତୁ ଜଣେ କ୍ଷୁଦ୍ର ଚାଷୀ ପାଇଁ ଏହା ତାର ପରିଶ୍ରମର ଏକ ବଡ଼ ସମ୍ମାନ । ଆଜିର ଦିନକୁ, ସାରା ଦେଶ ତଥା ରାଜ୍ୟରେ ପି.ଏମ୍ କିଷାନ ଉତ୍ସବ ଦିବସ ଭାବରେ ପାଳନ କରୁଛି । ଏହି ଅବସରରେ କୃଷକମାନଙ୍କ ମଧ୍ୟରେ ଏହି

▶▶ ୬

## ସିଇସିଙ୍କ ବିରୋଧରେ ମହାଭିଯୋଗ ନୋଟିସ୍

### ନୋଟିସ୍‌ରେ ୧୯୩ ବିରୋଧୀ ସାଂସଦଙ୍କ ସ୍ୱାକ୍ଷର

**ନୂଆଦିଲ୍ଲୀ, ୧୩ା୩/ଏଜେନ୍ସି:**



ଶୁକ୍ରବାର ବିରୋଧୀ ମେଣ୍ଟ ଇଣ୍ଡିଆ ବ୍ଲକ୍‌ର ଉଭୟ ଗୃହର ସାଂସଦମାନେ ଦେଶର ମୁଖ୍ୟ ନିର୍ବାଚନ ଆୟୁକ୍ତ (ସିଇସି) ଜ୍ଞାନେଶ କୁମାରଙ୍କୁ ବହିଷ୍କାର କରିବା ପାଇଁ ଏକ ୭ ଅଭିଯୋଗ ତାଲିକାଭୁକ୍ତ ୧୦ ପୃଷ୍ଠାର ମହାଭିଯୋଗ ନୋଟିସ୍ ଦାଖଲ କରିଛନ୍ତି । ବିରୋଧୀ ଦଳଙ୍କ ପକ୍ଷରୁ ଜାରି ଏହି ମହାଭିଯୋଗ ନୋଟିସ୍‌ରେ ୧୯୩ ସାଂସଦଙ୍କ ସ୍ୱାକ୍ଷର ରହିଥିବା ବେଳେ ଏମାନଙ୍କ ମଧ୍ୟରୁ ୧୩୦ ଲୋକସଭା ଓ ୬୩ ରାଜ୍ୟସଭା ସାଂସଦ ସାମିଲ ଅଛନ୍ତି । ରାଜନୈତିକ ଦଳଗୁଡ଼ିକ ପ୍ରତି ପକ୍ଷପାତପୂର୍ଣ୍ଣ ବ୍ୟବହାର କରୁଥିବା ଅଭିଯୋଗରେ ଏହି ନୋଟିସ୍ ଜାରି ହୋଇଥିବା ସୂଚନା ମିଳିଛି । ସେହିପରି ଏହି ନୋଟିସ୍‌ରେ ବିରୋଧୀ ମେଣ୍ଟ ପକ୍ଷରୁ ସିଇସି ଜ୍ଞାନେଶ କୁମାରଙ୍କ ବିପକ୍ଷରେ ଏକ ନିର୍ଦ୍ଦିଷ୍ଟ ଦଳ ପ୍ରତି ମାତ୍ରାଧିକ ଆନୁଗତ୍ୟ ପ୍ରଦର୍ଶନ, ନିର୍ବାଚନୀ ଜାଲିଆତିର ତଦନ୍ତରେ ଜାଣିଶୁଣି ବାଧା ସୃଷ୍ଟି କରିବା, ଭୋଟରଙ୍କ ବଡ଼ ଧରଣର ମତଦାନକୁ ପ୍ରଭାବିତ କରିବା, ଏସ୍‌ଆଇଆର୍ ଆଳରେ ଦେଶବ୍ୟାପୀ ଭୋଟରଙ୍କୁ ସମସ୍ୟାରେ ପକାଇବା ଭଳି ୭ଟି ପଏଣ୍ଟକୁ ଉଲ୍ଲେଖ କରାଯାଇଛି । କଂଗ୍ରେସ ଏବଂ ପଶ୍ଚିମବଙ୍ଗରେ କ୍ଷମତାସୀନ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ଏହି ସିଇସି ବିରୋଧୀ ମହାଭିଯୋଗ ପ୍ରସ୍ତାବ ଆଗତ କରାଇବାରେ ପ୍ରମୁଖ ନେତୃତ୍ୱ ନେଇଛନ୍ତି ।

ନିୟମ ଅନୁଯାୟୀ, ମୁଖ୍ୟ ନିର୍ବାଚନ କମିଶନରଙ୍କୁ ହଟାଇବା ପାଇଁ ମହାଭିଯୋଗ ନୋଟିସ୍ ଜାରି କରିବା ପାଇଁ ଅତି କମ୍‌ରେ ୧୦୦ ଲୋକସଭା ସାଂସଦ ଏବଂ ୫୦ ରାଜ୍ୟସଭା ସାଂସଦଙ୍କ ସ୍ୱାକ୍ଷର ରହିବା ଜରୁରି । ଏବେ ଯେତେବେଳେ ୧୯୩ ବିରୋଧୀ ସାଂସଦଙ୍କ ସମର୍ଥନ ତଥା ସ୍ୱାକ୍ଷର ମିଳିଛି ସେତେବେଳେ ବିରୋଧୀ ଇଣ୍ଡିଆ ମେଣ୍ଟ ସିଇସିଙ୍କୁ ହଟାଇବା ନେଇ ମାତ୍ରାଧିକ ଉତ୍ସାହିତ ହୋଇପଡିଛି । ରିପୋର୍ଟ ଅନୁସାରେ ଇଣ୍ଡିଆ ମେଣ୍ଟରୁ ପୃଥକ୍ ଥିବା ସତ୍ତ୍ୱେ ଅରବିନ୍ଦ କେଜରିୱାଲ୍‌ଙ୍କ ଦଳ ଆମ୍ ଆଦ୍‌ମୀ ପାର୍ଟି (ଆପ୍) ମଧ୍ୟ ଏହି ସିଇସି ବିରୋଧୀ ମହାଭିଯୋଗ ପ୍ରସ୍ତାବ ନିଷ୍ପତ୍ତିକୁ ସମର୍ଥନ କରିଛି । ସେହିପରି କିଛି ସ୍ୱାଧୀନ ସାଂସଦ ମଧ୍ୟ ଏହାକୁ ସମର୍ଥନ କରିଛନ୍ତି । ଆଗକୁ ମଧ୍ୟ ସମର୍ଥନ ସଂଖ୍ୟା ଆହୁରି ବୃଦ୍ଧି ପାଇବା ଆଶା କରାଯାଉଛି ।

ସଂସଦରେ ପ୍ରଥମ ଥର ପାଇଁ ଆନୁଷ୍ଠାନିକ ଭାବରେ ଏପରି ନୋଟିସ୍ ଦାଖଲ କରାଯାଇଛି । ଅତୀତରେ, ବିରୋଧୀ ଦଳ ଅତି କମ୍‌ରେ ଦୁଇଜଣ ପୂର୍ବତନ ସିଇସିଙ୍କ ବିରୁଦ୍ଧରେ ସମାନ ପଦକ୍ଷେପ ନେବାକୁ ବିଚାର କରିଥିଲେ, କିନ୍ତୁ ସେହି ପ୍ରୟାସଗୁଡ଼ିକ କେବେ ବି ଆଗକୁ ବଢ଼ିପାରିନଥିଲା । ସୂଚନାଯୋଗ୍ୟ, ସମ୍ବିଧାନର ଧାରା ୩୨୪(୫) ଏବଂ ବିଚାରପତି (ଅନୁସନ୍ଧାନ) ଆଇନ, ୧୯୬୮ ଅନୁଯାୟୀ, ଯଦି ଏପରି ପ୍ରସ୍ତାବ ପାଇଁ ନୋଟିସ୍ ଉଭୟ ଗୃହରେ ଗୋଟିଏ ଦିନରେ ଦାଖଲ କରାଯାଏ, ତେବେ ପ୍ରସ୍ତାବ ଉଭୟ ଗୃହରେ ଗୃହୀତ ନହେବା ପର୍ଯ୍ୟନ୍ତ କୌଣସି ତଦନ୍ତ କମିଟି ଗଠନ କରାଯାଇପାରିବ ନାହିଁ । ଗୃହୀତ ହେବା ପରେ, ଲୋକସଭାର ବାଚସ୍ପତି ଏବଂ ରାଜ୍ୟସଭାର ଅଧ୍ୟକ୍ଷଙ୍କ ଦ୍ୱାରା ମିଳିତ ଭାବରେ ଏକ କମିଟି ଗଠନ କରାଯିବା ଆବଶ୍ୟକ ।

## ତହସିଲ୍‌ଦାରଙ୍କ ଗାଡ଼ି ଭାଙ୍ଗିଲେ, ପୁଲିସ୍‌କୁ ପିଟିଲେ

**ମୟୂରଭଞ୍ଜ ,୧୩ା୩/ଏନ୍‌ଏନ୍‌ଏସ୍:**





**ନାବାଳିକାକୁ ଅସଦାଚରଣ ନେଇ ଉତ୍ତେଜନା**

**ବୁଝାସୁଝା କରିବାକୁ ଯାଇଥିଲା ପ୍ରଶାସନ**

**ଆକ୍ରମଣରେ ୯ ପୁଲିସ୍ ଆହତ**

ତହସିଲ୍‌ଦାରଙ୍କ ଗାଡ଼ି ଭାଙ୍ଗିଲେ, ପୁଲିସକୁ ପିଟିଲେ ଉତ୍ତ୍ୟକ୍ତ ଲୋକେ । ନାବାଳିକାକୁ ଅସଦାଚରଣ ନେଇ ମୟୂରଭଞ୍ଜ ବହଳଦାରେ ଦେଖିବାକୁ ମିଳିଛି ଉତ୍ତେଜନାମୂଳକ ସ୍ଥିତି । ଜଣେ ନାବାଳିକାକୁ ଅସଦାଚରଣ ମାମଲାରେ ନ୍ୟାୟ ଦାବିରେ ୨୨୦ ନମ୍ବର ଅବରୋଧ ବେଳେ ତେଜିଲା ଉତ୍ତେଜନା । ବୁଝାସୁଝା କରିବାକୁ ଯାଇଥିବା ବେଳେ ପ୍ରଶାସନ ଉପରେ ଆକ୍ରମଣ କଲେ ସ୍ଥାନୀୟ ଲୋକେ । ତହସିଲଦାରଙ୍କ ଗାଡ଼ି ଭାଙ୍ଗିବା ସହ ପୁଲିସକୁ ଗୋଡ଼ାଇ ଗୋଡ଼ାଇ ପିଟିଲେ ଲୋକେ । ଲୋକଙ୍କ ଆକ୍ରମଣରେ ୯ ଜଣ ପୁଲିସ ଆହତ ହୋଇଥିବା ସୂଚନା ମିଳିଛି । ଅଞ୍ଚଳବାସୀ ଫେରାର ଅଭିଯୁକ୍ତର ଘରକୁ ଗତକାଲି ଭଙ୍ଗାରୁଜା କରିଥିଲେ ।

ପ୍ରକାଶ ଯେ ମୟୂରଭଞ୍ଜ ଜିଲ୍ଲା ବହଳଦା ଥାନା ଅଞ୍ଚଳରେ ଜଣେ ନାବାଳିକାକୁ ଅସଦାଚରଣକୁ ନେଇ ନାବାଳିକାଙ୍କ ପରିବାର ଲୋକେ ଥାନାରେ ଅଭିଯୋଗ କରିଥିଲେ ହେଁ ପୁଲିସ ଅଭିଯୁକ୍ତଙ୍କୁ ଗିରଫ କରି ନଥିଲା । ଯାହାକୁ ନେଇ ତିରିଂ-ବହଳଦା ସଂଯୋଗ କରୁଥିବା ଜାତୀୟ ରାଜପଥ ଉପରେ ଅଞ୍ଚଳବାସୀ ନ୍ୟାୟ ଦାବିରେ ରାସ୍ତାରୋକ କରିଥିଲେ । ଏହି ଘଟଣାକୁ ନେଇ ପୁଲିସ ଓ ତହସିଲଦାର ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବାକୁ ଚେଷ୍ଟା କରିବା ସମୟରେ ଲୋକେ ଅତର୍କିତ ଆକ୍ରମଣ କରିଥିଲେ । ତହସିଲଦାରଙ୍କ ଗାଡ଼ି ଭାଙ୍ଗିବା ସହ

▶▶ ୬

## ରଶ୍ମି ସ୍ୱାଇଁ ଓୟୁଏସ୍‌ଏସ୍‌ଏସ୍‌ସି ଅଧ୍ୟକ୍ଷ

**ଭୁବନେଶ୍ୱର,୧୩ ।୩ /ଏନ୍‌ଏନ୍‌ଏସ୍:**



ଜମ୍ମୁ କାଶ୍ମୀରର ପୂର୍ବତନ ଡିଜିପି ରଶ୍ମି ରଞ୍ଜନ ସ୍ୱାଇଙ୍କୁ ଶୁକ୍ରବାର ଓଡ଼ିଶା ୟୁନିଫର୍ମଡ ସର୍ଭିସେସ୍ ଷ୍ଟାଫ୍ ସିଲେକ୍ସନ୍ କମିଶନ (ଓୟୁଏସ୍‌ଏସ୍‌ଏସ୍‌ସି)ର ପ୍ରଥମ ଅଧ୍ୟକ୍ଷ ଭାବରେ ନିଯୁକ୍ତ କରାଯାଇଛି । ରାଜ୍ୟରେ ବିଭିନ୍ନ ୟୁନିଫର୍ମଡ୍ ସେବା ପାଇଁ ନିଯୁକ୍ତି ତଦାରଖ ନିମନ୍ତେ ନୂତନ ଭାବରେ ସୃଷ୍ଟି ହୋଇଥିବା ଷ୍ଟାଫ୍ ସିଲେକ୍ସନ୍ କମିଶନକୁ କାର୍ଯ୍ୟକାରୀ କରିବା ପାଇଁ ରାଜ୍ୟ ସରକାର ଶ୍ରୀ ସ୍ୱାଇଁଙ୍କ ନିଯୁକ୍ତିକୁ ଅନୁମୋଦନ କରିଛନ୍ତି । ସରକାର ପୂର୍ବରୁ ବିଭିନ୍ନ ୟୁନିଫର୍ମଡ୍ ସେବା ପାଇଁ ଚୟନ ପ୍ରକ୍ରିୟାକୁ ସୁବ୍ୟବସ୍ଥିତ ଏବଂ ସ୍ୱଚ୍ଛ କରିବା ପାଇଁ ଯୋଜନା କରିଥିଲେ । ଓୟୁଏସ୍‌ଏସ୍‌ଏସ୍‌ସି ଓଡ଼ିଶା ପୁଲିସ ଏବଂ ଅନ୍ୟାନ୍ୟ ୟୁନିଫର୍ମଡ୍ ସେବାରେ ବିଭିନ୍ନ ପଦର ଅଧିକାରୀ ଏବଂ କର୍ମଚାରୀଙ୍କ ପାଇଁ ନିଯୁକ୍ତି ପରୀକ୍ଷା କରିବ । ଏଥିରେ ଗୃହ, ଅବକାରୀ, ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ, ଏବଂ ବାଣିଜ୍ୟ ଓ ପରିବହନ ଭଳି ଓଡ଼ିଶା ସରକାରୀ ବିଭାଗ ଅନ୍ତର୍ଭୁକ୍ତ ରହିବ । ନୂତନ କମିଶନର କାର୍ଯ୍ୟକୁ ସମର୍ଥନ କରିବା ପାଇଁ, ରାଜ୍ୟ କ୍ୟାବିନେଟ ପୂର୍ବରୁ ଓଡ଼ିଶା ୟୁନିଫର୍ମଡ୍ ସର୍ଭିସେସ୍ ଷ୍ଟାଫ୍ ସିଲେକ୍ସନ୍ କମିଶନ (ଚେୟାରମ୍ୟାନ୍ ଏବଂ ସଦସ୍ୟଙ୍କ ନିଯୁକ୍ତି ପଦ୍ଧତି ଏବଂ ସେବା ସର୍ତ୍ତାବଳୀ) ନିୟମ, ୨୦୨୬ କୁ ଅନୁମୋଦନ କରିଥିଲା । ଏହି ନିୟମଗୁଡ଼ିକ କମିଶନର ଅଧ୍ୟକ୍ଷ ଏବଂ ସଦସ୍ୟଙ୍କ

▶▶ ୬

### ତାତିରେ ଲାଗିବ ବ୍ରେକ୍

## ଆସୁଛି ବର୍ଷା

**ଭୁବନେଶ୍ୱର,୧୩ା୩/ଏନ୍‌ଏନ୍‌ଏସ୍:**

ତାତିରେ ଲାଗିବ ବ୍ରେକ । ଆଉ ଗରମରୁ ଆଶ୍ୱସ୍ତି ମିଳିବ । ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ହେବ । ଆସନ୍ତା ୧୫ରୁ ୧୯ ତାରିଖ ମଧ୍ୟରେ ରାଜ୍ୟର ଅଧିକାଂଶ ସ୍ଥାନରେ ବର୍ଷା ହେବା ନେଇ ପାଣିପାଗ ବିଭାଗ ପୂର୍ବାନୁମାନ କରିଛି । ଉପର ବାୟୁମଣ୍ଡଳରେ ବାୟୁ ପ୍ରବାହରେ ଅସଙ୍ଗତି ଏବଂ ଟ୍ରଫ୍‌ଲାଇନ ଅର୍ଥାତ ନିମ୍ନଚାପ ରେଖା ପ୍ରଭାବରେ ଏହି ବର୍ଷା ହେବା ସମ୍ଭାବନା ଦେଖାଦେଇଛି । କିଛି ସ୍ଥାନରେ ବିଜୁଳି ଘଡ଼ଘଡ଼ି ସହ ବର୍ଷା ସମ୍ଭାବନା ଥିବା ବେଳେ ଅଳ୍ପ କିଛି ସ୍ଥାନରେ କୁଆପଥର ବୃଷ୍ଟିର ସମ୍ଭାବନା ରହିଛି । ଏହି ସମୟରେ ଝଟ୍‌କା ପବନର ବେଗ ୪୦ରୁ ୫୦ କିମି ପ୍ରତି ଘଣ୍ଟା ରହିପାରେ ବୋଲି ପୂର୍ବାନୁମାନ କରାଯାଇଛି । ସେପଟେ ରାଜ୍ୟରେ ବିଶେଷ କରି ପଶ୍ଚିମ ଓଡିଶାରେ

▶▶ ୬

## ଭାରତ-ଆମେରିକା ବାଣିଜ୍ୟ ଚୁକ୍ତି ସ୍ଥଗିତ

**ନୂଆଦିଲ୍ଲୀ, ୱାଶିଂଟନ୍, ୧୩ା୩/ଏଜେନ୍ସି:**

ଆମେରିକା ଓ ଭାରତ ମଧ୍ୟରେ ବାଣିଜ୍ୟ ରାଜିନାମା ନେଇ ଗତ ମାସରେ ସହମତି ହୋଇଥିଲା । କିନ୍ତୁ ଏବେ ଯେତେବେଳେ ଆମେରିକା ପ୍ରାୟ ୧୬ ଦେଶଙ୍କ ବିରୋଧରେ ଅନୁଚିତ କାରବାର ଅଭିଯୋଗ ଆଣିଛି ଏବଂ ଏହାର ତଦନ୍ତ ନିର୍ଦ୍ଦେଶ ଦେଇଛି ସେତେବେଳେ ଭାରତ ଏବେ ଏହି ଚୁକ୍ତିକୁ ସାମୟିକ ସ୍ଥଗିତ ରଖିଛି । ରିପୋର୍ଟ ଅନୁସାରେ ଆମେରିକାର ଟ୍ରମ୍ପ୍ ସରକାର କିଛି ଦେଶଙ୍କ ବିରୋଧରେ ଆମେରିକା ସହ ଅନୁଚିତ ବାଣିଜ୍ୟ କାରବାର କରୁଥିବା ଅଭିଯୋଗ ଆଣିବା ସହ ଏହା ପ୍ରମାଣିତ ହେଲେ ଉକ୍ତ ଦେଶଗୁଡ଼ିକ ଉପରେ ଅଧିକ ଶୁଳ୍କ ଲଗାଇବାର ଧମକ ଦେଇଥିଲା । ଏପରିକି ଏହି ଅଭିଯୋଗ ଉପରେ ତଦନ୍ତ କରିବା ପାଇଁ ମଧ୍ୟ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରିଛି । ଏଭଳି ସ୍ଥିତିରେ ଭାରତ ମଧ୍ୟ ନିଜ ଆଡୁ ଉକ୍ତ ରାଜିନାମାକୁ ସ୍ଥଗିତ ରଖିଛି । ଏହାର ଅର୍ଥ ବର୍ତ୍ତମାନ ସମୟରେ ବାଣିଜ୍ୟ ଚୁକ୍ତିରେ ଭାରତ ସ୍ୱାକ୍ଷର କରିବ ନାହିଁ । ଚଳିତ ବର୍ଷ ଫେବ୍ରୁଆରିରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ନିଜ ଭାରତ ରଣନୀତି ବଦଳାଇ କୋହଳ ମନୋଭାବ ପୋଷଣ

▶▶ ୬

### ଭାରତ ପାଇଁ ଆଶ୍ୱସ୍ତି, ଦୂର ହେବ ଗ୍ୟାସ୍ ସଙ୍କଟ

# ହର୍ମୁଜ୍‌ରେ ଦୁଇ ଗ୍ୟାସ୍ ଟ୍ୟାଙ୍କର୍‌କୁ ଛାଡ଼ିବ ଇରାନ୍

**ତେହରାନ୍, ନୂଆଦିଲ୍ଲୀ, ୧୩ା୩/ଏଜେନ୍ସି:**

ଭାରତ ପାଇଁ ଏକ ବଡ଼ ଆଶ୍ୱସ୍ତିଜନକ ଖବର ସାମ୍ନାକୁ ଆସିଛି । ରିପୋର୍ଟ ଅନୁସାରେ ଇରାନ୍ ଦୁଇଟି ଭାରତୀୟ ଗ୍ୟାସ୍ ବୋଝେଇ ଟ୍ୟାଙ୍କରକୁ ହର୍ମୁଜ୍ ପ୍ରଣାଳୀ ଦେଇ ଯିବାକୁ ଅନୁମତି ଦେବ । ରଏଟର୍ସ ନ୍ୟୁଜ୍ ଏଜେନ୍ସି ଏହାର ରିପୋର୍ଟରେ ଏପରି ଦାବି କରିଛି । ସୂତ୍ର ଅନୁଯାୟୀ, ରିପୋର୍ଟରେ କୁହାଯାଇଛି ଯେ ଦୁଇଟି ଭାରତୀୟ ଏଲ୍‌ପିଜି ଟ୍ୟାଙ୍କର ଖୁବ୍ ଶୀଘ୍ର ହର୍ମୁଜ୍ ପ୍ରଣାଳୀ ଦେଇ ଭାରତ ପାଇଁ ଯାତ୍ରା କରିବ । ଭାରତ ଏବଂ ଇରାନ୍ ମଧ୍ୟରେ ଉତ୍ତମ ବୁଝାମଣା ତଥା ବନ୍ଧୁତାପୂର୍ଣ୍ଣ ସମ୍ପର୍କକୁ ସମ୍ମାନ ଜଣାଇ ଇରାନ୍ ସରକାର ଏହି ନିଷ୍ପତ୍ତି ନେଇଥିବା ରଏଟର୍ସ ଉଲ୍ଲେଖ କରିଛି ।

ଅନ୍ୟପକ୍ଷେ ଏହି ସୂଚନା ଆସିବାର କିଛି ଘଣ୍ଟା ପୂର୍ବରୁ, ନୂଆଦିଲ୍ଲୀରେ ଅବସ୍ଥାପିତ ଇରାନ ରାଷ୍ଟ୍ରଦୂତ ମହମ୍ମଦ୍ ଫଥାଲି କହିଥିଲେ, 'ଭାରତ ଆମର ବନ୍ଧୁ, ତେଣୁ ଆମେ ସୁରକ୍ଷିତ ପଥ ପ୍ରଦାନ କରିବୁ ।' ସେ କହିଥିଲେ ଯେ, ଭାରତ ସହ ଇରାନ୍‌ର ଦୀର୍ଘ ବର୍ଷର ବନ୍ଧୁତା ରହିଆସିଛି । ଉଭୟ ଦେଶ ପରସ୍ପରକୁ ସମ୍ମାନ ତଥା ସହଯୋଗ ଦେଇଆସିଛନ୍ତି । ଭାରତ ଏବଂ ଇରାନର ଦୀର୍ଘ ସମୟ ଧରି ବନ୍ଧୁତ୍ୱପୂର୍ଣ୍ଣ ସମ୍ପର୍କ ଏବଂ ପାରସ୍ପରିକ ବିଶ୍ୱାସ ରହିଛି । ଭାରତ ସହ ଇରାନ୍‌ର କୌଣସି ବିଦ୍ୱେଷ ନାହିଁ । ଭାରତ ସର୍ବଦା ଇରାନ ସରକାର ତଥା ନାଗରିକଙ୍କ ପ୍ରତି ସୌହାର୍ଦ୍ଦ୍ୟପୂର୍ଣ୍ଣ ତଥା ବନ୍ଧୁତାପୂର୍ଣ୍ଣ ଆତିଥେୟତା ଦେଇଆସିଛି । ଏସବୁକୁ ଦୃଷ୍ଟିରେ ରଖି ହର୍ମୁଜ୍ ପ୍ରଣାଳୀ ଦେଇ ଭାରତକୁ ସୁରକ୍ଷିତ ମାର୍ଗ ପ୍ରଦାନ କରାଯିବ ।



**ନୂଆଦିଲ୍ଲୀରେ ଇରାନ୍ ରାଷ୍ଟ୍ରଦୂତ ଦେଇଥିଲେ ଇଙ୍ଗିତ**

ଭାରତ ଅଭିମୁଖେ ଆସୁଥିବା ତଥା ଭାରତୀୟ ପତାକା ଥିବା ଜାହାଜଗୁଡ଼ିକୁ ହର୍ମୁଜ୍‌ରେ ସୁରକ୍ଷିତ ଭାବେ ଆଗକୁ ବଢ଼ିବାକୁ ସୁଯୋଗ ମିଳିବ, ଏଥିରେ କୌଣସି ଦ୍ୱିଧା ନାହିଁ । ନୂଆଦିଲ୍ଲୀରେ କିଛି ଗଣମାଧ୍ୟମ ପ୍ରତିନିଧିଙ୍କ ପ୍ରଶ୍ନର ଉତ୍ତରରେ ସେ ଏପରି କହିଥିଲେ । ଫଥାଲି ଏହି ସମୟରେ ସୂଚନା ଦେଇଥିଲେ ଯେ, ଆଗାମୀ କିଛି ଘଣ୍ଟା ମଧ୍ୟରେ ସବୁକିଛି ସ୍ପଷ୍ଟ

▶▶ ୬

### ଆମେରିକାର ଦାବି

## କୋମାରେ ମୋଜତବା



ଯୁଦ୍ଧର ୧୪ତମ ଦିନରେ ଆମେରିକା ପକ୍ଷରୁ ଦାବି କରାଯାଇଛି ଯେ, ଇରାନ୍‌ର ନୂତନ ସର୍ବୋଚ୍ଚ ନେତା ଆୟୋତୋଲ୍ଲା ମୋଜତବା ଖାମନେଇ ଆକ୍ରମଣ ସମୟରେ ଗୁରୁତର ହୋଇଛନ୍ତି । ଆମେରିକା ପ୍ରତିରକ୍ଷା ମନ୍ତ୍ରୀ ପେଟେ ହେଗ୍‌ସେଥ୍ ଏପରି ବିବୃତ୍ତି ଦେବାପରେ ଅନେକ ଗଣମାଧ୍ୟମ ରିପୋର୍ଟରେ ମଧ୍ୟ ସମାନ ଦାବି କରାଯାଇଛି । ଇରାନର ନୂତନ ସର୍ବୋଚ୍ଚ ନେତା ମୋଜତାବା ଖାମନେଇ ଗୁରୁତର ଆହତ ଏବଂ କୋମାରେ ଅଛନ୍ତି ବୋଲି ଅନେକ ଅନ୍ତର୍ଜାତୀୟ ଗଣମାଧ୍ୟମ ରିପୋର୍ଟ କହିଛନ୍ତି । ଏପରିକି କିଛି ଗଣମାମଧ ଏହା ମଧ୍ୟ ଉଲ୍ଲେଖ କରିଛନ୍ତି ଯେ,

▶▶ ୬

## ଏସ୍ଆଇଆର୍ ପାଇଁ ରାଜ୍ୟସ୍ତରୀୟ ପ୍ରଶିକ୍ଷଣ ଉଦ୍‌ଯାପିତ

# ଜଣେ ବି କେହି ଯୋଗ୍ୟ ଭୋଟର୍ ବାଦ୍ ପଡ଼ିବେ ନାହିଁ: ସିଇଓ

**ଭୁବନେଶ୍ୱର,୧୩।୩/ଏନ୍ଏନ୍ଏସ୍:** ଭୋଟରମାନଙ୍କର ଦାବି ଓ ଆପତ୍ତି ଶୁଣାଣି ପାଇଁ ବିଭିନ୍ନ ସ୍ଥାନରେ ଶିବିର ଆୟୋଜନ କରାଯିବ। ଯାହା ମାଧ୍ୟମରେ ସହଜ ପହଞ୍ଚ ସହିତ ସମୟୋପଯୋଗୀ ଅଭିଯୋଗ ନିରାକରଣ ସୁନିଶ୍ଚିତ ହେବ। ନିର୍ବାଚନ ଅଧିକାରୀକାରୀମାନେ କ୍ଷେତ୍ର ପରିଦର୍ଶନ କରି ସ୍ଥିତି ସମୀକ୍ଷା କରିବା ପାଇଁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି। ଏହି ଶିବିରଗୁଡ଼ିକର ତାରିଖ, ସମୟ ଓ ସ୍ଥାନ ସମ୍ବନ୍ଧରେ ଭୋଟର ଓ ସମ୍ପୃକ୍ତ ହିତାଧିକାରୀମାନଙ୍କୁ ପୂର୍ବରୁ ସୂଚନା ଯୋଗାଇଦିଆଯିବ। ଜଣେ ବି କେହି ଯୋଗ୍ୟ ଭୋଟର ବାଦ୍ ପଡ଼ିବେ ନାହିଁ ବୋଲି ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ (ସିଇଓ) ଆର୍. ଏସ୍. ଗୋପଲନ ପରାମର୍ଶ ଦେଇଛନ୍ତି।

ରାଜ୍ୟରେ ହେବାକୁ ଥିବା ଆଗାମୀ ସ୍ୱତନ୍ତ୍ର ସଘନ ସଂଶୋଧନ (ଏସଆଇଆର) କାର୍ଯ୍ୟକ୍ରମକୁ ସୁଚାରୁ ଭାବେ କାର୍ଯ୍ୟନ୍ୱୟ କରିବା ଉଦ୍ଦେଶ୍ୟରେ ନିର୍ବାଚନ ଅଧିକାରୀମାନଙ୍କ ପାଇଁ ଚାରିଦିନିଆ ରାଜ୍ୟ ସ୍ତରୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ମଙ୍ଗଳବାରଠାରୁ ଆରମ୍ଭ ହୋଇ ଶୁକ୍ରବାର ଶେଷ ହୋଇଛି। ଏହି ପ୍ରଶିକ୍ଷଣ ୧୦ ମାର୍ଚ୍ଚ ଠାରୁ ୧୩ ମାର୍ଚ୍ଚ ୨୦୨୬ ପର୍ଯ୍ୟନ୍ତ ଭୁବନେଶ୍ୱରର ଗୋଠପାଟଣା ସ୍ଥିତ ରେଭେନ୍ୟୁ ଅଫିସର୍ସ ଟ୍ରେନିଙ୍ଗ ଇନଷ୍ଟିଚ୍ୟୁଟ୍ (ଆରଓଟିଆଇ)ରେ ଆୟୋଜିତ ହୋଇଥିଲା। ଶେଷ ତଥା ଚତୁର୍ଥ ଦିନ ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଆରଏସ ଗୋପଲନ ଯୋଗଦେଇ ସ୍ୱତନ୍ତ୍ର ସଘନ ସଂଶୋଧନ ବିଷୟ ଉପରେ ଗୁରୁତ୍ୱପୂର୍ଣ୍ଣ ଦିଗ ଉପରେ ଆଲୋଚନା କରିଥିଲେ। ଶେଷ ଦିନର ପ୍ରଶିକ୍ଷଣରେ ଖୋର୍ଦ୍ଧା, ଗଂଜାମ,ନୟାଗଡ଼, ଗଜପତି, ରାୟଗଡା, କୋରାପୁଟ, ମାଲକାନଗିରି ଜିଲ୍ଲାର ନିର୍ବାଚନ ପଞ୍ଜିକରଣ ଅଧିକାରୀ (ଇଆରଓ), ଅତିରିକ୍ତ ନିର୍ବାଚନ ପଞ୍ଜିକରଣ ଅଧିକାରୀ (ଏଇଆରଓ) ଓ ଡେପୁଟି କଲେକ୍ଟର (ନିର୍ବାଚନ) ମାନେ ଯୋଗଦେଇଥିଲେ। ପ୍ରଶିକ୍ଷଣ ସମୟରେ ସ୍ୱତନ୍ତ୍ର ସଘନ ସଂଶୋଧନ ପ୍ରକ୍ରିୟା, ଭୋଟର ତାଲିକା ସଂଶୋଧନ ପଦ୍ଧତି, ପୁରୁଣା ଭୋଟର ତାଲିକା ସହିତ ମତଦାତାଙ୍କ ମ୍ୟାପିଂ, ତଥ୍ୟ ସଂଗ୍ରହ ଏବଂ କ୍ଷେତ୍ରସ୍ତରରେ କାର୍ଯ୍ୟନ୍ୱୟ ସମ୍ପର୍କିତ ବିଭିନ୍ନ ପ୍ରସଙ୍ଗ ଉପରେ ଅଧିକାରୀମାନଙ୍କୁ ଅବଗତ କରାଯାଇଥିଲା। କାର୍ଯ୍ୟକ୍ରମରେ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଆର ଏସ ଗୋପଲନଙ୍କ ସମେତ ଅତିରିକ୍ତ ସିଇଓ ସୁଶାନ୍ତ କୁମାର ମିଶ୍ର, ଡେ଼ପୁଟି ସିଇଓ ଡ଼. ଲକ୍ଷ୍ମୀ ପ୍ରସାଦ ସାହୁ ଓ ପ୍ରମୁଖ ଉପସ୍ଥିତ ଥିଲେ।

## ବରପୁତ୍ର ଐତିହ୍ୟ ଗ୍ରାମ ଯୋଜନା

# ପ୍ରଥମ ପର୍ଯ୍ୟାୟରେ ୨୫ ନାମ ସାମିଲ୍

**ଭୁବନେଶ୍ୱର,୧୩।୩/ଏନ୍ଏନ୍ଏସ୍:** ବରପୁତ୍ର ଐତିହ୍ୟ ଗ୍ରାମ ଯୋଜନାର କାର୍ଯ୍ୟକାରୀ ନିମନ୍ତେ ଗଠିତ ହୋଇଥିବା ରାଜ୍ୟ ସ୍ତରୀୟ ପ୍ରକଳ୍ପ ପରିଚାଳନା କମିଟିର ପ୍ରଥମ ବୈଠକ ଆଜି ଅନୁଷ୍ଠିତ ହୋଇଯାଇଛି। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ଅଧ୍ୟକ୍ଷତାରେ ସଂସ୍କୃତି ବିଭାଗ ସମ୍ମିଳନୀ କକ୍ଷରେ ଏହି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ବରପୁତ୍ର ଐତିହ୍ୟ ଗ୍ରାମ ଯୋଜନାର କାର୍ଯ୍ୟକାରିତାକୁ ନେଇ ବିଭିନ୍ନ ଜିଲ୍ଲାର ଜିଲ୍ଲାପାଳମାନଙ୍କ ସହ ଆଭାସୀ ମାଧ୍ୟମରେ ଆଲୋଚନା କରିଥିଲେ। ବରପୁତ୍ର ଐତିହ୍ୟ ଗ୍ରାମ ଯୋଜନାରେ ବରପୁତ୍ରମାନଙ୍କ ବାସଗୃହକୁ ସଂଗ୍ରହାଳୟ ଭାବେ ବିକାଶ କରାଯିବ। ଏଥିସହ ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରାଯିବ। ବାଖ୍ୟାନ କେନ୍ଦ୍ର, ଗ୍ରନ୍ଥାଗାର, ସମ୍ମିଳନୀ କକ୍ଷ, ମୁକ୍ତାକାଶ ରଙ୍ଗମଞ୍ଚ, ଶିଶୁ ଉଦ୍ୟାନ ସ୍ଥାପନ ସହ ଅନ୍ୟାନ୍ୟ ଆନୁଷଙ୍ଗିକ ବ୍ୟବସ୍ଥା କରାଯିବ। ସ୍ଥାନୀୟ ଜୀବିକାକୁ ପ୍ରୋତ୍ସାହନ ଦେବା ପାଇଁ ସ୍ଥାନୀୟ ପ୍ରସିଦ୍ଧ ବ୍ୟଞ୍ଜନ, ହସ୍ତକଳା ଓ ହସ୍ତଶିଳ୍ପ ଉତ୍ପାଦ ଆଦିର ବିକ୍ରୟ କେନ୍ଦ୍ର ସ୍ଥାପନ କରାଯିବ। ବରପୁତ୍ରମାନଙ୍କର ଜୀବନୀ ଉପରେ ବିଭିନ୍ନ ସମ୍ମିଳନୀ, ଚର୍ଚ୍ଚା, ଆଲୋଚନା ସଭା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇ ବରପୁତ୍ରମାନଙ୍କର ଆଦର୍ଶ ଓ ମୂଲ୍ୟବୋଧର ପ୍ରଚାର ଓ ପ୍ରସାର କରାଯିବ। ପ୍ରଥମ ପର୍ଯ୍ୟାୟରେ ବରପୁତ୍ର ଐତିହ୍ୟ ଗ୍ରାମ ଯୋଜନାରେ ୨୫ଜଣ ବରପୁତ୍ରଙ୍କ ନାମ ନିର୍ଦ୍ଧାରିତ ହୋଇଛି। ପ୍ରତ୍ୟେକ ବରପୁତ୍ରଙ୍କ ଜନ୍ମ ସ୍ଥାନର ଉନ୍ନତିକରଣ ନିମନ୍ତେ ସର୍ବାଧିକ ୧୫ କୋଟି ଟଙ୍କା ପର୍ଯ୍ୟନ୍ତ ଖର୍ଚ୍ଚ କରାଯିବ।

### ଖର୍ଚ୍ଚ ହେବ ୧୫ କୋଟି



ପ୍ରଥମ ପର୍ଯ୍ୟାୟରେ ସାମିଲ ହୋଇଥିବା ୨୫ଜଣ ବରପୁତ୍ରମାନଙ୍କ ଗ୍ରାମର ବିକାଶ ପାଇଁ ସର୍ବାଧିକ ୩୪୫ କୋଟି ଟଙ୍କା ଖର୍ଚ୍ଚ ହେବ। କୋରାପୁଟ ଜିଲ୍ଲାର ସହିଦ ଲକ୍ଷ୍ମଣ ନାୟକ, ପୁରୀ ଜିଲ୍ଲାର ଆଚାର୍ଯ୍ୟ ହରିହର ଦାସ ଓ ପଣ୍ଡିତ କୃପାସିନ୍ଧୁ ମିଶ୍ର, ପୁରୀ ଜିଲ୍ଲା ବୀରହରେକୃଷ୍ଣପୁରର ଜୟୀ ରାଜଗୁରୁ, ପୁରୀ ଜିଲ୍ଲା ଗଡ଼ରୋଡ଼ଙ୍ଗର ବକ୍ସି ଜଗବନ୍ଧୁ, ପୁରୀ ଜିଲ୍ଲା ସତ୍ୟବାଦୀ ଅଞ୍ଚଳର ପଣ୍ଡିତ ନୀଳକଣ୍ଠ ଦାସ, କୋରାପୁଟ ଜିଲ୍ଲାର ଲକ୍ଷ୍ମୀ ଇନ୍ଦିରା ପଣ୍ଡା, କଳାହାଣ୍ଡି ଜିଲ୍ଲାର ସହିଦ ରେଣ୍ଡୋ ମାଝୀ, କଟକ ଜିଲ୍ଲାର ମା ରମାଦେବୀ ଓ କର୍ମବୀର ଗୌରୀଶଙ୍କର, ବାଲେଶ୍ୱର ଜିଲ୍ଲାର ଫକୀର ମୋହନ ସେନାପତି, ଗଞ୍ଜାମ ଜିଲ୍ଲାର ଚକରା ବିଶୋଇ ଓ ରାମଚନ୍ଦ୍ର ମର୍ଦ୍ଦରାଜ ଦେଓ, ଢେଙ୍କାନାଳ ଜିଲ୍ଲାର ସହିଦ ବାଜି ରାଉତ, ଗଜପତି ଜିଲ୍ଲାର କୃଷ୍ଣଚନ୍ଦ୍ର ଗଜପତି, ମୟୂରଭଞ୍ଜ ଜିଲ୍ଲାର ଶ୍ରୀ ରାମଚନ୍ଦ୍ର ଭଞ୍ଜଦେଓ ଓ ପଣ୍ଡିତ ରଘୁନାଥ ମୁର୍ମୁ, ଖୋର୍ଦ୍ଧା ଜିଲ୍ଲାର ଗୋଦାବରୀଶ ମିଶ୍ର, ସମ୍ବଲପୁର ଜିଲ୍ଲାର ବୀର ସୁରେନ୍ଦ୍ର ସାଏ, ବରଗଡ଼ ଜିଲ୍ଲାର ଗଙ୍ଗାଧର ମେହେର ଓ ସହିଦ ମାଧୋ ସିଂ, ଭଦ୍ରକ ଜିଲ୍ଲାର ଲକ୍ଷ୍ମୀକାନ୍ତ ମହାପାତ୍ର ଓ ଡ଼. ହରେକୃଷ୍ଣ ମହତାବ, କେଉଁଝର ଜିଲ୍ଲାର ବିପ୍ଳବୀ ଧରଣୀଧର ଭୂୟାଁ, ବଲାଙ୍ଗୀର ଜିଲ୍ଲାର ସହିଦ ଧରମ ସିଂ ମାଝୀ ମାନ୍ଧାତା ଆଦିଙ୍କ ଗ୍ରାମକୁ ବରପୁତ୍ର ଐତିହ୍ୟ ଗ୍ରାମ ଯୋଜନାର ପ୍ରଥମ ପର୍ଯ୍ୟାୟରେ ସାମିଲ କରାଯାଇଛି। ଆଜିର ବୈଠକରେ ସଂସ୍କୃତି ମନ୍ତ୍ରୀ ଶ୍ରୀ ସୂରଜ ଜିଲ୍ଲାପାଳମାନଙ୍କୁ ବରପୁତ୍ରମାନଙ୍କ ଗ୍ରାମ ବା ନିକଟବର୍ତ୍ତୀ ଅଞ୍ଚଳରେ ୨-୩ ଏକର ଜାଗା ଚିହ୍ନଟ କରି ସଂସ୍କୃତି ବିଭାଗକୁ ଯଥାଶୀଘ୍ର ଜଣାଇବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ବରପୁତ୍ରମାନଙ୍କର ଗ୍ରାମର ବିକାଶ ଏବଂ ଯୋଜନା ଅନ୍ତର୍ଗତ ଅନ୍ୟାନ୍ୟ ସମସ୍ତ ଆନୁଷଙ୍ଗିକ କାର୍ଯ୍ୟରେ ବରପୁତ୍ରମାନଙ୍କ ପରିବାର, ସମ୍ପର୍କୀୟ ଏବଂ ସ୍ଥାନୀୟ ଜନସାଧାରଣଙ୍କ ମତାମତକୁ ପ୍ରାଧାନ୍ୟ ଦିଆଯିବ। ବରପୁତ୍ର ଐତିହ୍ୟ ଗ୍ରାମ ଯୋଜନା ଅନ୍ତର୍ଗତ ପ୍ରତ୍ୟେକଟି କାର୍ଯ୍ୟ ଯଥା ବରପୁତ୍ରମାନଙ୍କ ନେଇ ନିର୍ମିତ ହେବାକୁ ଥିବା ସଂଗ୍ରହାଳୟ, ବ୍ୟାଖ୍ୟାନ କେନ୍ଦ୍ର, ଗ୍ରନ୍ଥାଗାର ଆଦିର ସୁପରିଚାଳନା, ରକ୍ଷଣାବେକ୍ଷଣ, ସ୍ଥାନୀୟ ଲୋକକଳା ଓ ସଂସ୍କୃତିର ପ୍ରଚାର ଓ ପ୍ରସାର ଏବଂ ସ୍ଥାନୀୟ ଲୋକମାନଙ୍କର ଅଂଶଗ୍ରହଣକୁ ଜିଲ୍ଲାପାଳମାନେ ସୁନିଶ୍ଚିତ କରିବେ।ବରପୁତ୍ର ଐତିହ୍ୟ ଗ୍ରାମ ଯୋଜନାରେ ଅନ୍ତର୍ଭୁକ୍ତ ହୋଇଥିବା ଗ୍ରାମ ଗୁଡ଼ିକୁ ଯେପରି ପର୍ଯ୍ୟଟନ ସ୍ଥଳୀ ରୂପେ ବିକାଶ କରାଯାଇପାରିବ ଏବଂ ସ୍ଥାନୀୟ ହସ୍ତକଳା ଓ ହସ୍ତଶିଳ୍ପ ସାମଗ୍ରୀର ବିକ୍ରୟ ସହ ଲୋକମାନଙ୍କ ପାଇଁ ନୂତନ ଜୀବିକା ଯେପରି ସୃଷ୍ଟି ହୋଇପାରିବ ସେ ସମ୍ବନ୍ଧରେ ସଂସ୍କୃତି ମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ। ବରପୁତ୍ର ଐତିହ୍ୟ ଗ୍ରାମ ଯୋଜନାର କାର୍ଯ୍ୟକାରିତା ପାଇଁ ବିଭିନ୍ନ ବିଭାଗ ସମନ୍ୱୟ ରକ୍ଷା କରି ସମସ୍ତ କାର୍ଯ୍ୟକୁ ତ୍ୱରାନିତ୍ୱ କରିବା ପାଇଁ ସଂସ୍କୃତି ମନ୍ତ୍ରୀ ଶ୍ରୀ ସୂରଜ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। 'ବରପୁତ୍ର ଐତିହ୍ୟ ଗ୍ରାମ ଯୋଜନା ଆମ ବରପୁତ୍ରମାନଙ୍କର ଜୀବନର ମୂଲ୍ୟବୋଧକୁ ଉଜ୍ଜୀବିତ କରି ରଖିବାରେ ଏକ ପ୍ରମୁଖ ଭୂମିକା ନିର୍ବାହ କରିବ। ଆମ ଯୁବପିଢ଼ି ବରପୁତ୍ରମାନଙ୍କ ତ୍ୟାଗ ଓ ବଳିଦାନ ସମ୍ପର୍କରେ ଅବଗତ ହେବା ସହ ବରପୁତ୍ରମାନଙ୍କ ଜୀବନ ଆଦର୍ଶରେ ଅନୁପ୍ରାଣିତ ହୋଇପାରିବେ।ଏହାସହ ଆମ ଲୋକକଳା ଓ ଲୋକସଂସ୍କୃତିର ବହୁଳ ପ୍ରଚାର ଓ ପ୍ରସାର ହୋଇପାରିବ', ବୋଲି ସଂସ୍କୃତି ମନ୍ତ୍ରୀ ଶ୍ରୀ ସୂରଜ କହିଛନ୍ତି। ଆଜିର ବୈଠକରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ଶାସନ ସଚିବ ଡ଼ା. ବିଜୟ କେତନ ଉପାଧ୍ୟାୟ, ପର୍ଯ୍ୟଟନ ବିଭାଗର ନିର୍ଦ୍ଦେଶକ ଦୀପଙ୍କର ମହାପାତ୍ର, ସଂସ୍କୃତି ବିଭାଗର ସ୍ୱତନ୍ତ୍ର ଶାସନ ସଚିବ ଦେବ ପ୍ରସାଦ ଦାଶ, ପୂର୍ତ୍ତ ବିଭାଗ, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ, ଯୋଜନା ଓ ସଂଯୋଜନା ବିଭାଗ, ହସ୍ତତନ୍ତ , ବୟନ ଓ ହସ୍ତଶିଳ୍ପ ବିଭାଗ, ଓଡ଼ିଶା ରାଜ୍ୟ ପ୍ରତ୍ନତତ୍ତ୍ୱର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

# ଡାକ୍ତର କୃଷ୍ଣକେଶବ ଷଡ଼ଙ୍ଗୀଙ୍କ ଦୁଇଟି ପୁସ୍ତକ ଲୋକାର୍ପିତ

**ଭୁବନେଶ୍ୱର,୧୩।୩/ଏନ୍ଏନ୍ଏସ୍:** ସଂସ୍କୃତ ଓ ଓଡିଆ ଭାଷା ପରସ୍ପର ପରିପୂରକ। ଉଭୟ ଭାଷାର ଚାତୁରୀ ଓ ମାଧୁରୀ ଅନନ୍ୟ। ଏହି ଉଭୟ ଭାଷାରେ ଡାକ୍ତର କୃଷ୍ଣକେଶବ ଷଡଙ୍ଗୀଙ୍କ ଯଥେଷ୍ଟ ପ୍ରବେଶ ଓ ପଟୁତା ରହିଛି ବୋଲି ମତ ପ୍ରକାଶ ପାଇଛି। ମାର୍ଚ୍ଚ ୧୩ତାରିଖ ସନ୍ଧ୍ୟାରେ ଗୀତଗୋବିନ୍ଦସଦନରେ ଡାକ୍ତର କୃଷ୍ଣକେଶବ ଷଡ଼ଙ୍ଗୀଙ୍କ ଦୁଇଟି ପୁସ୍ତକର ଲୋକାର୍ପଣ ଉତ୍ସବ ଆୟୋଜିତ ହୋଇଯାଇଛି। ସଂସ୍କୃତଭାଷାରେ ରଚିତ କାବ୍ୟ 'ମହାକୁମ୍ଭପଦ୍ୟମ୍'ରେ ଓଡିଆ-ଇଂରାଜୀ-ହିନ୍ଦୀ-ଅର୍ଥଯୁକ୍ତ ଛନ୍ଦୋବଦ୍ଧ ୧୦୪ଟି ଶ୍ଳୋକରେ ଭାରତୀୟସଂସ୍କୃତିରେ କୁମ୍ଭମେଳାର ଗରିମା, କୁମ୍ଭମେଳାର ତଥ୍ୟ ଓ ଦୃଶ୍ୟାବଳୀର ସବିସ୍ତର ବର୍ଣ୍ଣନା ଥିବାବେଳେ ଓଡିଆଭାଷାରେ ରଚିତ 'ଚିତ୍ରା ଚତୁର୍ଦ୍ଦଶୀ'ରେ ସଂସ୍କୃତି-ସାହିତ୍ୟ-ଦର୍ଶନ-ଆଧାରରେ ପ୍ରସ୍ତୁତ ସୁନିର୍ବାଚିତ ୧୦୧ଟି ଚତର୍ଦ୍ଦଶପଦୀ କ୍ଷୁଦ୍ର କବିତା ବା ସନେଟ୍ ସ୍ଥାନ ପାଇଛି। ଏହି ସଭାରେ ମୁଖ୍ୟଅତିଥିଭାବରେ ଯୋଗଦେଇ ଜାତୀୟ ମାନବାଧିକାର ଆୟୋଗର ସଦସ୍ୟ ଡକ୍ଟର ନ୍ୟାୟମୂର୍ତ୍ତି ବିଦ୍ୟୁତ୍ ରଞ୍ଜନ ଷଡଙ୍ଗୀ ପୁସ୍ତକ ଦୁଇଟିର ଉପାଦେୟତା ବ୍ୟକ୍ତ କରିବା ସହିତ ଲେଖକ ଡାକ୍ତର ଷଡଙ୍ଗୀଙ୍କ ସାରସ୍ୱତପ୍ରତିଭାର ଉଚ୍ଚ ପ୍ରଶଂସା କରିଥିଲେ। ବରେଣ୍ୟ ଅତିଥି ତଥା ଦୈନିକ 'ନିତିଦିନ'ର ସମ୍ପାଦକ ମନୋଜ କୁମାର ମହାପାତ୍ର କୁମ୍ଭମେଳାର ବର୍ଣ୍ଣନା ଓ ଓଡିଆ କବିତା ସର୍ଜନାରେ ସମୃଦ୍ଧ ପୁସ୍ତକଦ୍ୱୟ କବି ଡାକ୍ତର ଷଡଙ୍ଗୀଙ୍କ ଉଭୟ ସଂସ୍କୃତ ତଥା ଓଡିଆ ଭାଷାରେ ଥିବା ସହଜ ସାବଲୀଳ ଦକ୍ଷତାର ପ୍ରମାଣ ବୋଲି କହିଥିଲେ। ସଂସ୍କୃତରେ ରଚିତ 'ମହାକୁମ୍ଭପଦ୍ୟମ୍' ପୁସ୍ତକର ସମୀକ୍ଷା କରି ତିରୁପତିସ୍ଥ ରାଷ୍ଟ୍ରିୟ ସଂସ୍କୃତ ବିଶ୍ୱବିଦ୍ୟାଳୟର ପ୍ରାଧ୍ୟାପକ ଡକ୍ଟର ଭାରତଭୂଷଣ ରଥ ଶ୍ଳୋକଗୁଡିକର ଶବ୍ଦସଂଯୋଜନା, ଅର୍ଥଗୌରବ ଓ ମାଧୁର୍ଯ୍ୟ ସମ୍ବନ୍ଧରେ ବିଶଦ ଆଲୋଚନା କରିଥିଲେ। ସେହିପରି ଓଡିଆ କବିତା ପୁସ୍ତକ 'ଚିତ୍ରା ଚତୁର୍ଦ୍ଦଶୀ'ରେ ସ୍ଥାନିତ ସନେଟ୍ ଗୁଡିକର ଭାବ-ଭାଷା-ଶୈଳୀ ତଥା ଉପଧାମିଳନର ଚମତ୍କାର ସଂଯୋଗ ସମ୍ପର୍କରେ ବିସ୍ତୃତ ସମୀକ୍ଷାତ୍ମକ ଆଲୋଚନା କରିଥିଲେ ଭୁବନେଶ୍ୱର ସ୍ଥିତ ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନର ସହକାରୀ ପ୍ରାଧ୍ୟାପକ ତଥା ବିଶିଷ୍ଟ ଭାଷାବିଜ୍ଞାନୀ ଡକ୍ଟର ଦେବାଶିଷ ମହାପାତ୍ର। ସଭାର ସଭାପତି ଏବଂ କବି ତଥା ପ୍ରକାଶକ ଡାକ୍ତର କୃଷ୍ଣକେଶବ ଷଡଙ୍ଗୀ ପୁସ୍ତକଦ୍ୱୟର ରଚନା ତଥା ପ୍ରକାଶନର ପୃଷ୍ଠଭୂମି ସହ ଉଭୟର କାବ୍ୟିକବୈଶିଷ୍ଟ୍ୟ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ସଂସ୍କୃତକାବ୍ୟର ହିନ୍ଦୀ ଅନୁବାଦରେ ସହଯୋଗ କରିଥିବା ନାରାୟଣ ଦାସ ମାଓ୍ୱତଓ୍ୱାଲଙ୍କ ସହିତ ଉତ୍ସାହଦାତା ନୀଳାଦ୍ରିମୋହନ ଶତପଥୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସୁଶ୍ରୀ ଅନନ୍ୟା ମିଶ୍ରଙ୍କ ସଂଯୋଜନାରେ ସଭାର ପ୍ରାରମ୍ଭରେ 'ନାଦବ୍ରହ୍ମ' ଅନୁଷ୍ଠାନପକ୍ଷରୁ ଶ୍ୱେତାରାଣୀ ନାୟକ, ମହାପାତ୍ର ମିନତି ଭଞ୍ଜ ଓ ମର୍ଦ୍ଦଳବାଦକ ପ୍ରଫେସର ଜଗନ୍ନାଥ କୁଅଁର ସରସ୍ୱତୀବନ୍ଦନା ଓ ଜଗନ୍ନାଥ ଜଣାଣ ପରିବେଷଣ କରିଥିବା ବେଳେ ମେଧିର ଷଡଙ୍ଗୀ ଶ୍ଳୋକପାଠ କରିଥିଲେ ଓ ଶେଷରେ ଗିରିଜା ପ୍ରସାଦ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ ।




## ଆଇଆଇଟି ଭୁବନେଶ୍ୱରରେ ଜାତୀୟ ଶିକ୍ଷକ ସମ୍ମିଳନୀ

# ବ୍ୟକ୍ତି ଓ ଜାତିର ଭବିଷ୍ୟତ ଗଢ଼ିବାରେ ଶିକ୍ଷା ହିଁ ମୁଖ୍ୟ ମାଧ୍ୟମ: ରାଜ୍ୟପାଳ



**ଭୁବନେଶ୍ୱର,୧୩।୩/ଏନ୍ଏନ୍ଏସ୍:** ବ୍ୟକ୍ତି, ସମାଜ ଓ ଜାତିର ଭବିଷ୍ୟତ ଗଢ଼ିବାରେ ଶିକ୍ଷା ମୁଖ୍ୟ ଭୂମିକା ନିଭାଏ ବୋଲି ରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟି କହିଛନ୍ତି। ଶୁକ୍ରବାର ଆଇଆଇଟି ଭୁବନେଶ୍ୱରରେ ଆୟୋଜିତ ନ୍ୟାସନାଲ୍ ପ୍ରୋଫେସନାଲ୍ ଷ୍ଟାଣ୍ଡାର୍ଡସ୍ ଫର୍ ଟିଚର୍ସ ଓ ନ୍ୟାସନାଲ୍ ମିଶନ୍ ଫର୍ ମେଣ୍ଟରିଙ୍ଗର ଦେଶବ୍ୟାପୀ କାର୍ଯ୍ୟାନ୍ୱୟନ ପାଇଁ ହିତଧାରୀମାନଙ୍କ କ୍ଷମତାବୃଦ୍ଧି ସମ୍ପର୍କିତ ଜାତୀୟ ସମ୍ମିଳନୀ-୨୦୨୬ ର ଉଦଘାଟନୀ ସମାରୋହରେରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଜ୍ୟପାଳ ଏହା କହିଛନ୍ତି।

ଏହି ସମ୍ମିଳନୀରେ ଅରୁଣାଚଳ ପ୍ରଦେଶ, ଆସାମ, ବିହାର, ଝାଡ଼ଖଣ୍ଡ, ମଣିପୁର, ମେଘାଳୟ, ମିଜୋରାମ, ନାଗାଲ୍ୟାଣ୍ଡ, ଓଡ଼ିଶା, ସିକ୍କିମ, ତ୍ରିପୁରା ଓ ପଶ୍ଚିମବଙ୍ଗ ରାଜ୍ୟରୁ ଶିକ୍ଷାବିତ, ଶିକ୍ଷକ, ପ୍ରଶାସକ, ନୀତିନିର୍ଦ୍ଧାରକ ଓ ଶିକ୍ଷାନୁଷ୍ଠାନର ପ୍ରତିନିଧିମାନେ ଯୋଗ ଦେବା ସହିତ ବିଦ୍ୟାଳୟ ଶିକ୍ଷା ଓ ରାଜ୍ୟ ଶିକ୍ଷା ଗବେଷଣା ଏବଂ ତାଲିମ ପରିଷଦର ନିର୍ଦ୍ଦେଶକ, ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ର ଅଧ୍ୟକ୍ଷ, ରାଜ୍ୟ ନୋଡାଲ୍ ଅଧିକାରୀ, କେନ୍ଦ୍ରୀୟ ବିଦ୍ୟାଳୟ, ନବୋଦୟ ବିଦ୍ୟାଳୟ, ସିବିଏସଇ ଓ ରାଜ୍ୟ ବୋର୍ଡ ବିଦ୍ୟାଳୟର ଅଧ୍ୟକ୍ଷ ଓ ଶିକ୍ଷକମାନଙ୍କ ଉପସ୍ଥିତି ଭାରତର ଶିକ୍ଷା ପରିବେଶର ବିବିଧତା ଓ ସମନ୍ୱୟକୁ ପ୍ରକାଶ କରିଛି ବୋଲି ରାଜ୍ୟପାଳ ମତ ପ୍ରକାଶ କରିଥିଲେ। ଏହି ଅବସରରେ ଉଦ୍‌ବୋଧନ ଦେଇ ରାଜ୍ୟପାଳ କହିଥିଲେ ଯେ ଶିକ୍ଷକମାନେ ଛାତ୍ରଛାତ୍ରୀଙ୍କ ମନୋଭାବ, ଜିଜ୍ଞାସା ଓ ଦାୟିତ୍ୱବୋଧ ଗଢ଼ି ତୋଳି ଦେଶର ଭବିଷ୍ୟତ ନିର୍ମାଣ କରନ୍ତି। ଭାରତର ପ୍ରାଚୀନ ଗୁରୁ–ଶିଷ୍ୟ ପରମ୍ପରା ଜ୍ଞାନ, ମୂଲ୍ୟବୋଧ ଓ ଚରିତ୍ର ଗଢ଼ିବାରେ ଶିକ୍ଷକଙ୍କ ମହତ୍ତ୍ୱକୁ ପ୍ରତିପାଦନ କରେ ଓ ବର୍ତ୍ତମାନ ବିଶ୍ୱ ଦ୍ରୁତ ଗତିରେ ପରିବର୍ତ୍ତନଶୀଳ ହେଉଥିବାରୁ ଶିକ୍ଷା ବ୍ୟବସ୍ଥା ମଧ୍ୟ ସମୟୋଚିତ ଭାବେ ପରିବର୍ତ୍ତିତ ହେବା ଆବଶ୍ୟକ। ପ୍ରଯୁକ୍ତି, କୃତ୍ରିମ ବୁଦ୍ଧିମତା, ଡିଜିଟାଲ୍ ସଂଯୋଗ ଓ ବିଶ୍ୱ ସଂଯୋଜନ ନୂତନ ସୁଯୋଗ ଓ ଆହ୍ୱାନ ସୃଷ୍ଟି କରୁଛି। ଏହି ପରିପ୍ରେକ୍ଷିତରେ ଛାତ୍ରଛାତ୍ରୀଙ୍କୁ କେବଳ ପରୀକ୍ଷା ପାଇଁ ନୁହେଁ ବରଂ ନବସୃଜନ, ଉଦ୍ୟମିତା ଓ ବିଶ୍ୱସ୍ତରୀୟ ଆହ୍ୱାନ ପାଇଁ ପ୍ରସ୍ତୁତ କରିବା ଦରକାର ବୋଲି ରାଜ୍ୟପାଳ ମତ ପ୍ରକାଶ କରିଥିଲେ। ରାଜ୍ୟପାଳ ଆହୁରି ମଧ୍ୟ କହିଥିଲେ ଯେ ଯଦିଓ ଜାତୀୟ ଶିକ୍ଷା ନୀତି–୨୦୨୦ କାର୍ଯ୍ୟକାରୀ ହେବାର ପାଞ୍ଚ ବର୍ଷରୁ ଅଧିକ ସମୟ ଅତିକ୍ରମ କରିଛି, ତଥାପି ଏହା ମନେ ରଖିବା ଉଚିତ୍ ଯେ ଶିକ୍ଷା ସଂସ୍କାର କେବଳ ନୀତି ଦସ୍ତାବିଜ୍ ମାଧ୍ୟମରେ ହାସଲ ହୋଇନଥାଏ। ପ୍ରକୃତ ପରିବର୍ତ୍ତନ କେବଳ ଶିକ୍ଷକମାନଙ୍କୁ ଆବଶ୍ୟକୀୟ ଦକ୍ଷତା, ମାନଦଣ୍ଡ ଏବଂ ବୃତ୍ତିଗତ ସହାୟତା ପ୍ରଦାନ କରାଯିବା ଦ୍ୱାରା ହିଁ ସମ୍ଭବ ହୋଇଥାଏ। ଏହିପରି ସମ୍ମିଳନୀ ଏହି କାରଣରୁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏହା ନୀତିକୁ ବ୍ୟବହାରିକତା ସହିତ ମିଶାଇବାର ଏକ ମଞ୍ଚ ସୃଷ୍ଟି କରେ ବୋଲି ରାଜ୍ୟପାଳ ଅବତାରଣା କରିଥିଲେ। ଏହି ସମ୍ମିଳନୀରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ବାର୍ତ୍ତା ଓ କେନ୍ଦ୍ର ଶିକ୍ଷା ରାଷ୍ଟ୍ରମନ୍ତ୍ରୀ ଜୟନ୍ତ ଚୌଧୁରୀଙ୍କ ଭିଡ଼ିଓ ବାର୍ତ୍ତା ପ୍ରଦର୍ଶିତ ହୋଇଥିଲା। ଏହି ଅବସରରେ ଆଇଆଇଟି ଭୁବନେଶ୍ୱରର କଣ୍ଟିନ୍ୟୁଇଂ ଏଜୁକେସନ୍, ଡିନ୍ ପ୍ରଫେସର ଭି. ପାଣ୍ଡୁରଙ୍ଗା ସ୍ୱାଗତ ଭାଷଣ ଦେଇଥିବା ବେଳେ ଜାତୀୟ ଶିକ୍ଷକ ଶିକ୍ଷା ପରିଷଦର ଏକାଡ଼େମିକ ଉପଦେଷ୍ଟା ଡି. କେ. ଚତୁର୍ବେଦୀ, ଆଇଆଇଟି ଭୁବନେଶ୍ୱରର ନିର୍ଦ୍ଦେଶକ ପ୍ରଫେସର ଶ୍ରୀପଦ କର୍ମଲକର ଓ ଜାତୀୟ ଶିକ୍ଷକ ଶିକ୍ଷା ପରିଷଦର ଅଧ୍ୟକ୍ଷ ପ୍ରଫେସର ପଙ୍କଜ ଆରୋରା ବକ୍ତବ୍ୟ ପ୍ରଦାନ କରିଥିଲେ। ଆଇଆଇଟି ଭୁବନେଶ୍ୱର କୋଅର୍ଡିନେଟର ଡ଼. ଭେନୁଗୋପାଲ ଆରୁମୁରୁ ଧନ୍ୟବାଦ ଅର୍ପଣ କରିଥିଲେ।

# ମଣିପାଲ୍ ହସ୍ପିଟାଲ୍ ପକ୍ଷରୁ 'କେ ଆଣ୍ଡ୍ ଡି ପର୍‌ଫର୍ମାନ୍ସ ରିଭ୍ୟୁ' ଅଭିଯାନ ଆରମ୍ଭ

**ଭୁବନେଶ୍ୱର,୧୩।୩/ଏନ୍ଏନ୍ଏସ୍:** ବିଶ୍ୱ କିଡ୍‌ନୀ ଦିବସ ଅବସରରେ ମଣିପାଲ ହସ୍ପିଟାଲ ଭୁବନେଶ୍ୱର ପକ୍ଷରୁ କିଡନୀ ସ୍ୱାସ୍ଥ୍ୟ ପ୍ରତି ସଚେତନତା ସୃଷ୍ଟି ଲକ୍ଷ୍ୟରେ 'କେ ଆଣ୍ଡ ଡି ପରଫୋରମାନ୍ସ ରିଭ୍ୟୁ' ନାମକ ଏକ ସ୍ୱତନ୍ତ୍ର ଅଭିଯାନ ଶୁଭାରମ୍ଭ ହୋଇଛି। କେବଳ ଚିକିତ୍ସା ନୁହେଁ ବରଂ ରୋଗର ପ୍ରତିରୋଧ ଓ ଆଗୁଆ ସ୍ୱାସ୍ଥ୍ୟ ପରୀକ୍ଷା ଉପରେ ଏହି କାର୍ଯ୍ୟକ୍ରମରେ ଗୁରୁତ୍ୱ ଦିଆଯାଉଛି।

ଗତ ୧୨ ତାରିଖରେ ହସ୍ପିଟାଲ ପରିସରରେ ଆୟୋଜିତ ଏକ ସ୍ୱତନ୍ତ୍ର ଅଧିବେଶନରେ ଅନେକ ଜନସାଧାରଣ ଯୋଗଦେଇ ନିଜର ମୌଳିକ ସ୍ୱାସ୍ଥ୍ୟ ପରୀକ୍ଷା କରାଇବା ସହ କିଡ୍‌ନୀ ସୁରକ୍ଷା ସମ୍ପର୍କରେ ବିଶେଷଜ୍ଞଙ୍କଠାରୁ ପରାମର୍ଶ ଗ୍ରହଣ କରିଥିଲେ। ଏହି ଅଭିଯାନକୁ ଅଧିକ ଜନମୁଖୀ କରିବା ପାଇଁ 'କିଡ୍' ଓ 'ନି' ନାମକ ଦୁଇଟି ମାସକଟ୍ ଉନ୍ମୋଚିତ ହୋଇଛି, ଯେଉଁମାନେ ଆସନ୍ତା ଏକ ସପ୍ତାହ ଧରି ଭୁବନେଶ୍ୱର ଓ କଟକର ବିଭିନ୍ନ ସ୍ଥାନରେ ବୁଲି ଲୋକଙ୍କୁ ସଚେତନ କରିବେ। ଏହି ମାସକଟ୍‌ମାନଙ୍କ ନିକଟରେ ଥିବା କ୍ୟୁଆର୍ କୋଡ୍ ସ୍କାନ୍ କରି ସାଧାରଣ ଲୋକେ ନିଜ କିଡନୀ ସ୍ୱାସ୍ଥ୍ୟର ସ୍ଥିତି ବିଷୟରେ ଜାଣିପାରିବେ। ସ୍ୱାସ୍ଥ୍ୟ ପରୀକ୍ଷାକୁ ସହଜ କରିବା ପାଇଁ ହସ୍ପିଟାଲ ପକ୍ଷରୁ ବେସିକ୍, ଇଣ୍ଟରମିଡିଏଟ୍ ଓ ଆଡ୍‌ଭାନ୍ସଡ୍ ଭଳି ତିନୋଟି ସ୍ତରର ସ୍ୱତନ୍ତ୍ର କିଡନୀ ସ୍କ୍ରିନିଂ ପ୍ୟାକେଜ୍ ଘୋଷଣା କରାଯାଇଛି, ଯାହା ଆସନ୍ତା ମାର୍ଚ୍ଚ ୩୧ ତାରିଖ ପର୍ଯ୍ୟନ୍ତ ଉପଲବ୍ଧ ରହିବ। ଖ୍ୟାତନାମା ବିଶେଷଜ୍ଞ ଡାକ୍ତର ମାନସ ରଞ୍ଜନ ପ୍ରଧାନ, ଡାକ୍ତର ସୁବୋଧ ଦାଶ, ଡାକ୍ତର ସାଇ ପ୍ରସାଦ ସାହୁ ଏବଂ ଡାକ୍ତର ସୁକାନ୍ତ କିଶୋର ଦାଶଙ୍କ ନେତୃତ୍ୱରେ ଏହି ଅଭିଯାନ ପରିଚାଳିତ ହେଉଛି। କିଡନୀ ରୋଗର ପ୍ରାଥମିକ ଲକ୍ଷଣ ସହଜରେ ଜଣାପଡୁ ନଥିବାରୁ ନିୟମିତ ବ୍ୟବଧାନରେ ପରୀକ୍ଷା କରାଇବାକୁ ଡାକ୍ତରୀ ଦଳ ପରାମର୍ଶ ଦେଇଛନ୍ତି।



# ବର୍ଷକରେ ପୂର୍ବତଟ ରେଳପଥର ୫୦୦ ନିୟୁତ ଟନ୍ ମାଲ୍ ପରିବହନ

**ଭୁବନେଶ୍ୱର,୧୩।୩/ଏନ୍ଏନ୍ଏସ୍:** ଗୋଟିଏ ବର୍ଷରେ ୫୦୦ ନିୟୁତ ଟନ୍ ମାଲ ପରିବହନ କରିବାରେ ଭାରତୀୟ ରେଳବାଇ ଇତିହାସରେ ଏକମାତ୍ର ରେଳ ଜୋନ୍ ହୋଇ ପୂର୍ବ ତଟ ରେଳପଥ ଏକ ଐତିହାସିକ ମାଇଲଖୁଣ୍ଟ ହାସଲ କରିଛି। ଏହି ଉଲ୍ଲେଖନୀୟ ପ୍ରଦର୍ଶନ ଜୋନ୍‌ର ଦୃଢ଼ ପରିଚାଳନା ଦକ୍ଷତା ଏବଂ ଦେଶର ପଣ୍ୟ ପରିବହନରେ ଏହାର ଗୁରୁତ୍ୱପୂର୍ଣ୍ଣ ଅବଦାନକୁ ପ୍ରତିଫଳିତ କରୁଛି। ବର୍ଷକ ମଧ୍ୟରେ ପୂର୍ବ ତଟ ରେଳପଥ ୨୬୨.୯ ନିୟୁତ ଟନ୍ ଲୋଡିଂ ପରିଚାଳନା କରି ୧୦.୪% ଅଭିବୃଦ୍ଧି ହାସଲ କରିଛି, ସେହି ସମୟ ମଧ୍ୟରେ ଅନଲୋଡିଂ ୨୩୭.୬ ମେଟ୍ରିକ ଟନରେ ପହଞ୍ଚିଛି, ଯାହା ପୂର୍ବ ଅବଧି ତୁଳନାରେ ୯% ପ୍ରତିଶତ ଅଭିବୃଦ୍ଧି ଦର୍ଶାଉଛି। ଉଭୟ ଲୋଡିଂ ଏବଂ ଅନଲୋଡିଂରେ ସନ୍ତୁଳିତ ଅଭିବୃଦ୍ଧି ସମଗ୍ର ଜୋନରେ ଦୃଢ଼ ଲଜିଷ୍ଟିକ୍ସ ନେଟଓ୍ୱାର୍କ ଏବଂ ଦକ୍ଷ ପଣ୍ୟ ପରିବହନ ପରିଚାଳନାକୁ ଦର୍ଶାଉଛି। ଏହି ଉଲ୍ଲେଖନୀୟ ପ୍ରଦର୍ଶନ ରେଳ ଅଧିକାରୀ ଏବଂ କର୍ମଚାରୀଙ୍କ ଉତ୍ସର୍ଗୀକୃତ ପ୍ରୟାସ, ଉନ୍ନତ ପରିଚାଳନାଗତ ଦକ୍ଷତା, ଶିଳ୍ପ ସଂସ୍ଥାମାନଙ୍କ ସହିତ ବର୍ଦ୍ଧିତ ସମନ୍ୱୟ ଏବଂ ଅନୁକୂଳ ପଣ୍ୟ ପରିବହନ ପରିଚାଳନା ରଣନୀତି ଗୁଡ଼ିକୁ ପ୍ରତିଫଳିତ କରୁଛି। କୋଇଲା, ଲୁହାପଥର, ଇସ୍ପାତ, ସିମେଣ୍ଟ ଏବଂ ଅନ୍ୟାନ୍ୟ ଅତ୍ୟାବଶ୍ୟକୀୟ ସାମଗ୍ରୀ ସହିତ ବଲ୍କ ସାମଗ୍ରୀ ଗୁଡିକ ଏହି ରେକର୍ଡ ଲୋଡିଂରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ରଖିଛନ୍ତି। ପଣ୍ୟ ପରିବହନରେ ଏହି ଉଲ୍ଲେଖନୀୟ ପ୍ରଦର୍ଶନ ଦେଶର ଅର୍ଥନୀତିକୁ ସୁଦୃଢ଼ କରିବା ଏବଂ ଏହାର ଆଭ୍ୟନ୍ତରୀଣ ଅଞ୍ଚଳରେ ଶିଳ୍ପ ଅଭିବୃଦ୍ଧିକୁ ସମର୍ଥନ କରିବାରେ ପୂର୍ବତଟ ରେଳପଥର ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ସ୍ପଷ୍ଟ କରେ। ନିରନ୍ତର ତଦାରଖ, ଅଭିନବ କାର୍ଯ୍ୟକ୍ଷମ ଅଭ୍ୟାସ ଏବଂ ରେଳ କର୍ମଚାରୀଙ୍କ ଉତ୍ସର୍ଗୀକୃତ ପ୍ରୟାସ ଏହି ମାଇଲଖୁଣ୍ଟ ହାସଲ କରିବାରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଛି। ପୂର୍ବତଟ ରେଳପଥ ଅତ୍ୟାବଶ୍ୟକୀୟ ସାମଗ୍ରୀର ସୁଗମ ଏବଂ ନିର୍ଭରଯୋଗ୍ୟ ପରିବହନ ସୁନିଶ୍ଚିତ କରି ଶିଳ୍ପ, ବନ୍ଦର ଏବଂ ବ୍ୟବସାୟକୁ ସମର୍ଥନ କରିବାରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଆସୁଛି। ମାଲ ପରିବହନ ସେବାକୁ ଆହୁରି ସୁଦୃଢ଼ କରିବା ଏବଂ ଅଞ୍ଚଳର ଆର୍ଥିକ ଅଭିବୃଦ୍ଧିରେ ଯୋଗଦାନ ଦେବା ପାଇଁ ଏହି ଅଞ୍ଚଳ ପ୍ରତିବଦ୍ଧ। ଅତ୍ୟାବଶ୍ୟକ ସାମଗ୍ରୀ ଗୁଡିକର ସୁଗମ ଏବଂ ନିର୍ଭରଯୋଗ୍ୟ ପରିବହନ ସୁନିଶ୍ଚିତ କରି ଶିଳ୍ପ, ବନ୍ଦର ଏବଂ ବ୍ୟବସାୟକୁ ସମର୍ଥନ କରିବାରେ ପୂର୍ବତଟ ରେଳପଥ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଆସୁଛି। ଏହି ଜୋନ୍ ପଣ୍ୟ ପରିବହନ ସେବାକୁ ଆହୁରି ମଜବୁତ କରିବା ଏବଂ ଏହି ଅଞ୍ଚଳର ଅର୍ଥନୈତିକ ଅଭିବୃଦ୍ଧିରେ ଯୋଗଦାନ କରିବାକୁ ପ୍ରତିବଦ୍ଧ। ଏହି ମାଇଲଖୁଣ୍ଟ ପୂର୍ବତଟ ରେଳପଥ ପାଇଁ ଏକ ଉଲ୍ଲେଖନୀୟ ସଫଳତା ଏବଂ ଭାରତୀୟ ରେଳପଥର ଇତିହାସରେ ମଧ୍ୟ ଏକ ଗର୍ବର ମୁହୂର୍ତ୍ତ ଭାବେ ରହିବ।



# 'ଗ୍ଲୋବାଲ୍ ସମିଟ୍ ଅନ୍ ବ୍ଲୁ ଇକୋନୋମି ୨୦୨୬' ଉଦ୍‌ଘାଟିତ

**ଭୁବନେଶ୍ୱର,୧୩।୩/ଏନ୍ଏନ୍ଏସ୍:** ଲୋକସେବା ଭବନ କନଭେନସନ ସେଣ୍ଟରଠାରେ 'ଗ୍ଲୋବାଲ ସମିଟ୍ ଅନ୍ ବ୍ଲୁ ଇକୋନୋମି ୨୦୨୬' ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ଏହାକୁ ଉଦ୍‌ଘାଟନ କରି 'ବିକଶିତ ଓଡ଼ିଶା ଆଟ୍ ଦି ରେଟ୍୨୦୩୬' ଅଧୀନରେ ରାଜ୍ୟର ଦୂରଦୃଷ୍ଟି ଉପସ୍ଥାପନ କରିଛନ୍ତି। ରାଜ୍ୟର ୫୭୫ କିଲୋମିଟର ବେଳାଭୂମି ଓ ସାମୁଦ୍ରିକ ସମ୍ପଦର ବିନିଯୋଗ କରି ୨୦୪୭ ସୁଦ୍ଧା ଦେଶର ଜିଡିପିରେ ୫% ଅବଦାନ ରଖିବାକୁ ଓଡ଼ିଶା ଲକ୍ଷ୍ୟ ରଖିଥିବା ସେ ସୂଚନା ଦେଇଛନ୍ତି। ଏହି ଅବସରରେ ଭାରତ ସରକାରଙ୍କ ପୃଥିବୀ ବିଜ୍ଞାନ ମନ୍ତ୍ରଣାଳୟର ସଚିବ ଡକ୍ଟର ଏମ୍. ରବିଚନ୍ଦ୍ରନ କହିଛନ୍ତି ଯେ ବିଶ୍ୱର ୯୫% ସମୁଦ୍ର ଏବେ ବି ଅନୁସନ୍ଧାନ ଅପେକ୍ଷାରେ ଅଛି। ସାମୁଦ୍ରିକ ପ୍ରଦୂଷଣ ଓ ଜଳବାୟୁ ପରିବର୍ତ୍ତନ ଭଳି ଆହ୍ୱାନର ସାମ୍ନା କରି ସମ୍ପଦର ସ୍ଥାୟୀ ବ୍ୟବହାର ପାଇଁ ସେ ଗୁରୁତ୍ୱ ଦେଇଥିଲେ। ଭାରତରେ ତିମୋର-ଲେଷ୍ଟେର ରାଷ୍ଟ୍ରଦୂତ କାର୍ଲିଟୋ ନୁନେସ ନୀଳ ଅର୍ଥନୀତି ପାଇଁ ଆନ୍ତର୍ଜାତୀୟ ସହଯୋଗ ଉପରେ ମତ ରଖିଥିଲେ। ବାଣିଜ୍ୟ ଓ ପରିବହନ ବିଭାଗ ପ୍ରମୁଖ ଶାସନ ସଚିବ ଏନ୍.ବି.ଏସ୍. ରାଜପୁତ ଓଡ଼ିଶାର ଉପକୂଳବର୍ତ୍ତୀ ଜୀବିକା ଓ ମତ୍ସ୍ୟ ଚାଷର ବିକାଶ ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମ ଆରମ୍ଭରେ ବିସିଆଇସି ଫାଉଣ୍ଡେସନ୍‌ର ଅଧ୍ୟକ୍ଷ ଡକ୍ଟର ମୃତ୍ୟୁଞ୍ଜୟ ସୁଆର ସ୍ୱାଗତ ଭାଷଣ ଦେଇଥିଲେ। ଏହି ଦୁଇଦିନିଆ ସମ୍ମିଳନୀ 'ଭୁବନେଶ୍ୱର ସିଟି ନଲେଜ୍ ଇନୋଭେସନ କ୍ଲଷ୍ଟର' ଓ ଓଡ଼ିଶା ସରକାରଙ୍କ ବାଣିଜ୍ୟ ବିଭାଗର ମିଳିତ ସହଯୋଗରେ ଆୟୋଜିତ ହେଉଛି। ଉଦ୍ ?ଘାଟନୀ ସମାରୋହରେ 'ବ୍ଲୁ ଇକୋନୋମି ଟେକ୍ନୋଲୋଜି କନ୍ସୋର୍ଟିଅମ' ଉନ୍ମୋଚିତ ହେବା ସହ ୨୬ଟି ଷ୍ଟାର୍ଟଅପ୍ ସେମାନଙ୍କ ନବସୃଜନ ପ୍ରଦର୍ଶନ କରିଥିଲେ। ଏଥିରେ ୫୦୦ରୁ ଅଧିକ ପ୍ରତିନିଧି ଅଂଶଗ୍ରହଣ କରିଛନ୍ତି।

**୨ ଦିନ ପରେ ରାଜ୍ୟସଭା ନିର୍ବାଚନ**

# ସମୟ ଗଡୁଛି, ସନ୍ଦେହ ବଢୁଛି

ରାଜ୍ୟସଭା ନିର୍ବାଚନକୁ ଆଉ ମାତ୍ର ୨ ଦିନ ବାକି ଅଛି। ସମୟ ଯେତିକି ଗଡୁଛି, ବିରୋଧୀ ବିଜେଡି ଓ କଂଗ୍ରେସରେ ସନ୍ଦେହ ସେତିକି ବଢୁଛି। ରାଜ୍ୟସଭା ନିର୍ବାଚନକୁ ନେଇ ରାଜ୍ୟ ରାଜନୀତିରେ ହାଇଭୋଲଟେଜ୍ ଡ୍ରାମା ଦେଖିବାକୁ ମିଳିଛି । ଆସନ୍ତା ମାର୍ଚ୍ଚ ୧୬ତାରିଖରେ ରାଜ୍ୟସଭା ଭୋଟ୍ ଗ୍ରହଣ ପାଇଁ କାଉଣ୍ଟଡାଉନ୍ ଆରମ୍ଭ ହୋଇଯାଇଥିବାବେଳେ ଦୁଇ ପ୍ରମୁଖ ବିରୋଧୀ ବିଜେଡି ଓ କଂଗ୍ରେସକୁ ଏବେ 'କ୍ରସଭୋଟିଂ ଓ ହର୍ସଟ୍ରେଡିଂ' ଭୟ ଘାରିବାରେ ଲାଗିଛି। ନିଜ ନିଜର ବିଧାୟକମାନଙ୍କୁ ଏକଜୁଟ କରି ରଖି ମିଳିତ ପ୍ରାର୍ଥୀ ଡାକ୍ତର ଦତ୍ତେଶ୍ୱର ହୋତାଙ୍କୁ ଜିତାଇବା ପାଇଁ ଉଭୟ ଦଳ ଏବେ ଜୋର୍‌ଦାର୍ କସରତ ଚଳାଇଛନ୍ତି। ଉଭୟ ବିଜେଡି ଏବଂ କଂଗ୍ରେସ ନିଜ ବିଧାୟକମାନଙ୍କୁ ଏକାଠି ରଖିବା ପାଇଁ ତିନି ଧାଡ଼ିଆ ହ୍ୱିପ ଜାରି କରିଥିଲେ ମଧ୍ୟ କିଛି ବିଧାୟକଙ୍କ ଉପରେ ଭରସା କରିପାରୁନି ଉଭୟ ଦଳ। ଘୋଡ଼ା ବେପାର ଭୟରେ ୮ କଂଗ୍ରେସ ବିଧାୟକ ବେଙ୍ଗାଲୁରୁ ଯାଇଥିବାବେଳେ ବିଜେଡି ପକ୍ଷରୁ ବିଧାୟକଙ୍କୁ ଆଜିଠାରୁ ପ୍ରଶିକ୍ଷଣ ଦିଆଯାଉଛି।

## ନିଜ ହ୍ୱିପ୍ ନିଜେ ଭାଙ୍ଗିଲା କଂଗ୍ରେସ

**ଭୁବନେଶ୍ୱର,୧୩।୩/ଏନ୍‌ଏନ୍‌ଏସ୍:** ହ୍ୱିପ୍ କରିଥିଲା ଦଳ କିନ୍ତୁ ନିଜେ ମାନିଲାନି। ଯିଏ 'ହ୍ୱିପ୍' କଲେ ସିଏ ଭାଙ୍ଗିଲେ। ରାଜ୍ୟସଭା ନିର୍ବାଚନ ପାଇଁ ରାଜଧାନୀ ନଛାଡ଼ିବାକୁ କଂଗ୍ରେସ ଜାରି କରିଥିଲା 'ହ୍ୱିପ୍'। ହେଲେ ହ୍ୱିପ୍ ର ଦିନକ ପରେ ହିଁ ୮ ବିଧାୟକ ରାଜଧାନୀ ଭୁବନେଶ୍ୱର ଛାଡ଼ି ବେଙ୍ଗାଲୁରୁ ଯାଇଛନ୍ତି। ରାଜ୍ୟସଭା ନିର୍ବାଚନ ପାଇଁ କଡ଼ା ନିର୍ଦ୍ଦେଶ ଦେଇଥିଲା, ୧୩ ତାରିଖରୁ ୧୬ ଯାଏଁ ଦଳର ସମସ୍ତ ବିଧାୟକଙ୍କୁ ଏଠି ରହିବାକୁ କୁହାଯାଇଥିଲା। କଂଗ୍ରେସ ଦଳ ମୁଖ୍ୟ ସଚେତକ ରାଜନ ଏକ୍କା 'ହ୍ୱିପ୍' କରିଥିଲେ କିନ୍ତୁ ସେ ନିଜେ ବେଙ୍ଗାଲୁରୁ ଯାଇଛନ୍ତି। ଗୁରୁବାର ସନ୍ଧ୍ୟାରେ ୬ଜଣ ଓ ଶୁକ୍ରବାର ସକାଳେ ଆଉ ୨ଜଣ ବିଧାୟକଙ୍କୁ ମିଶାଇ ବାଙ୍ଗାଲୁରୁର ଓ୍ୱାଣ୍ଡରଲା ରିସୋର୍ଟରେ ରହୁଥିବା ଓଡ଼ିଶାର କଂଗ୍ରେସ ବିଧାୟକଙ୍କ ସଂଖ୍ୟା ୮ରେ ପହଞ୍ଚିଛି। କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡ଼ାମ ରାଜ୍ୟସଭା ନିର୍ବାଚନରେ ଘୋଡ଼ାବେପାରରୁ ବର୍ତ୍ତିବା ପାଇଁ ଦଳୀୟ ବିଧାୟକମାନେ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡଗେ ଓ ରାହୁଲ ଗାନ୍ଧିଙ୍କୁ ଭେଟିବାକୁ ଯାଇଥିବା କହିଥିବାବେଳେ ତାରା ବାହିନୀପତି ବିଧାୟକମାନେ ବୁଲିବାକୁ ଯାଇଥିବା କହିଛନ୍ତି।

ରାଜ୍ୟସଭା ନିର୍ବାଚନ ପୂର୍ବରୁ ତେଜିଛି ରିସର୍ଟ ପଲିଟିକ୍ସ। ବେଙ୍ଗାଲୁରୁରେ ପହଞ୍ଚିବା ପରେ ୮ କଂଗ୍ରେସ ବିଧାୟକଙ୍କୁ ରାମନଗର ସ୍ଥିତ ଏକ ଘରୋଇ ରିସୋର୍ଟସ୍ ରେ ନେଇ ରଖିଛି ଦଳ। କଂଗ୍ରେସ ବିଧାୟକଙ୍କୁ ଭେଟିଛନ୍ତି କର୍ଣ୍ଣାଟକ ଉପମୁଖ୍ୟମନ୍ତ୍ରୀ ଡି.କେ ଶିବକୁମାର। ଓଡ଼ିଶା ବିଧାୟକଙ୍କ ସହ ଆଲୋଚନା କରିଛନ୍ତି । ଘୋଡ଼ା ବେପାର ଆଶଙ୍କା ଥିବାରୁ ଓଡ଼ିଶାର କଂଗ୍ରେସ ବିଧାୟକ ଆସିଛନ୍ତି ବୋଲି ସେ କହିଛନ୍ତି। କଂଗ୍ରେସ ବିଧାୟକ ପ୍ରଫୁଲ୍ଲ ପ୍ରଧାନ, ଅଶୋକ ଦାସ, ପବିତ୍ର ସାଉଁଣ୍ଟା, କାଡ୍ରାକା ଆପାଲା ସ୍ୱାମୀ, ମଙ୍ଗୁ ଖିଲ, ରାଜନ ଏକକା, ସତ୍ୟଜିତ ଗମାଙ୍ଗୋ ପ୍ରମୁଖ ୮ ଜଣ କଂଗ୍ରେସ ବିଧାୟକଙ୍କୁ ବେଙ୍ଗାଲୁରୁକୁ ନିଆଯାଇଛି। ସେମାନଙ୍କ ସହ ପିସିସି ସଭାପତି ଭକ୍ତ ଦାସ ବି ସେଠାକୁ ଯାଇଛନ୍ତି। ନିର୍ବାଚନର ଗୋଟିଏ ଦିନ ପୂର୍ବରୁ ସମସ୍ତଙ୍କୁ ଓଡ଼ିଶା ଅଣାଯିବ ବୋଲି ସୂଚନା ମିଳିଛି।

**ଭୁବନେଶ୍ୱର ଛାଡି ବେଙ୍ଗାଲୁରୁରେ ୮ ବିଧାୟକ**

**ନିର୍ବାଚନ ପୂର୍ବରୁ ତେଜିଲା ରିସର୍ଟ ପଲିଟିକ୍ସ**

**କଂଗ୍ରେସ ବିଧାୟକଙ୍କୁ ଭେଟିଲେ କର୍ଣ୍ଣାଟକ ଉପମୁଖ୍ୟମନ୍ତ୍ରୀ**

ଅନ୍ୟପକ୍ଷରେ କର୍ଣ୍ଣାଟକ ଉପମୁଖ୍ୟମନ୍ତ୍ରୀ ଡିକେ ଶିବକୁମାର ଆଜି ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ଓଡ଼ିଶାର ବିଧାୟକମାନେ ବେଙ୍ଗାଲୁରୁରେ ରହିଥିବାକୁ ସ୍ୱୀକାର କରିଥିଲେ। ସେ କହିଥିଲେ ଯେ, ଓଡ଼ିଶା ବିଧାୟକମାନଙ୍କୁ ବେଙ୍ଗାଲୁରୁକୁ ସେ ଡାକି ନାହାନ୍ତି। ଓଡ଼ିଶା ପିସିସି ସଭାପତି ତାଙ୍କୁ ଫୋନ୍ କରି ବିଧାୟକମାନେ ବେଙ୍ଗାଲୁରୁ ଆସିବାକୁ ଚାହୁଁଥିବା ଓ ସେମାନଙ୍କ ରହଣି ପାଇଁ ସୁବିଧା କରିବାକୁ ଅନୁରୋଧ କରିଥିଲେ। ବିଧାୟକମାନେ ମହୀଶୂର ବୁଲିବାକୁ ଇଚ୍ଛା ପ୍ରକାଶ କରିଥିବାରୁ ସେମାନଙ୍କ ପାଇଁ ବ୍ୟବସ୍ଥା କରାଯାଇଛି। କଂଗ୍ରେସର ମୋଟ ୧୪ଜଣ ବିଧାୟକ ଥିବାବେଳେ ରାମଚନ୍ଦ୍ର କାଡ଼ାମ, ତାରା ବାହିନୀପତି, ରମେଶ ଜେନା, ସୋଫିଆ ଫିର୍ଦ୍ଦୋଷ ଓ ସାଗର ଦାସ ବେଙ୍ଗାଲୁରୁ ଯାଇନାହାନ୍ତି।

## 'ମୁଁ ଯିବାର କିଛି ଆବଶ୍ୟକତା ନାହିଁ'

**ଭୁବନେଶ୍ୱର,୧୩।୩/ଏନ୍‌ଏନ୍‌ଏସ୍:** ତେବେ କଂଗ୍ରେସ ବିଧାୟକଙ୍କ ବେଙ୍ଗାଲୁରୁ ଗସ୍ତକୁ ନାପସନ୍ଦ କରିଛନ୍ତି କଂଗ୍ରେସ ବିଧାୟକ ସୋଫିଆ ଫିର୍ଦ୍ଦୋଷ। ବାହାରକୁ ଯିବାର କ'ଣ ଆବଶ୍ୟକତା ରହିଛି ବୋଲି ପ୍ରଶ୍ନ କରିଛନ୍ତି ସୋଫିଆ। ସେ କହିଛନ୍ତି ଯେ ଆମେ ନିର୍ବାଚିତ ଲୋକ ପ୍ରତିନିଧି, କଟକ ଭଳି ଶିକ୍ଷିତ ସହରରୁ ଆସିଛୁ। ମୁଁ ଗଣମାଧ୍ୟମରୁ ଏ ବିଷୟରେ ଶୁଣିଲି। ମୋତେ କିଛି କୁହାଯାଇନାହିଁ ବୋଲି ସେ କହିଛନ୍ତି। ଆମେ ବି ନିଜେ ନିଜେ ନିଷ୍ପତ୍ତି ନେଇଛୁ। ମୋର ଯିବାରେ କ'ଣ ଆବଶ୍ୟକତା ରହିଛି, କଟକ ଭଳି ବୁଦ୍ଧିଜୀବୀ ଲୋକେ ଭୋଟ୍ ଦେଇ ପଠାଇଛନ୍ତି। ତେଣୁ ଭୋଟ୍ ବେଳେ ଏସବୁ କାହିଁକି କରିବି ବୋଲି ସୋଫିଆ କହିଛନ୍ତି।



## ବିଜେପି ଜାରି କଲା ହ୍ୱିପ୍

**ଭୁବନେଶ୍ୱର,୧୩।୩/ଏନ୍‌ଏନ୍‌ଏସ୍:** ରାଜ୍ୟସଭା ନିର୍ବାଚନ ପାଇଁ ବିଜେପି ପକ୍ଷରୁ ଶୁକ୍ରବାର ହ୍ୱିପ୍ ଜାରି କରାଯାଇଛି। ସରକାରୀ ଦଳ ମୁଖ୍ୟ ସଚେତକ ସରୋଜ ପ୍ରଧାନ ଦଳୀୟ ବିଧାୟକଙ୍କ ପାଇଁ ହ୍ୱିପ୍ ଜାରି କରିଛନ୍ତି। ଆସନ୍ତା ୧୬ ତାରିଖରେ ସମସ୍ତେ ଯେପରି ବିଧାନସଭାରେ ଉପସ୍ଥିତ ରହିବେ, ସେଥିପାଇଁ ହ୍ୱିପ୍ ଜାରି କରିବା ସହ ଦଳୀୟ ବିଧାୟକଙ୍କୁ ନିର୍ଦ୍ଦେଶ ଦେଇଛି ବିଜେପି।

## ବିଜେଡିର 'ନବୀନ ନିବାସ ପାଠଶାଳା'

**ଭୁବନେଶ୍ୱର,୧୩।୩/ଏନ୍‌ଏନ୍‌ଏସ୍:** ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ଦଳୀୟ ବିଧାୟକମାନଙ୍କୁ ଚିଠି ଲେଖି ନବୀନ ନିବାସରେ ଆଜିଠୁ ୧୫ତାରିଖ ପର୍ଯ୍ୟନ୍ତ ତିନିଦିନ ଧରି ରାଜ୍ୟସଭା ନିର୍ବାଚନ ସଂକ୍ରାନ୍ତ ପ୍ରଶିକ୍ଷଣ ଶିବିରରେ ଉପସ୍ଥିତ ରହିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଦଳ ମାର୍ଚ୍ଚ ୧୧ତାରିଖରେ ତିନିଧାଡ଼ିଆ ହ୍ୱିପ ଜାରି କରିଥିଲା। ଆଉ ଗତକାଲି ସନ୍ଧ୍ୟାରେ ବରିଷ୍ଠ ନେତାମାନଙ୍କ ସହ ବୈଠକ ପରେ ନବୀନ ଦଳର ସମସ୍ତ ବିଧାୟକଙ୍କୁ ଚିଠି ଲେଖି ମାର୍ଚ୍ଚ ୧୩ରୁ ୧୫ତାରିଖ ସନ୍ଧ୍ୟା ସାଢ଼େ ୫ଟାରୁ ସାଢ଼େ ୭ଟା ପର୍ଯ୍ୟନ୍ତ ନିଶ୍ଚିତ ଭାବେ ନବୀନ ନିବାସରେ ଉପସ୍ଥିତ ରହିବାକୁ କହିଛନ୍ତି।କେବଳ ସେତିକି ନୁହେଁ, ଆଜି ଓ ଆସନ୍ତାକାଲି ସନ୍ଧ୍ୟାରେ ନବୀନ ନିବାସରେ ଆୟୋଜିତ ପ୍ରଶିକ୍ଷଣ ଶିବିର ବା ପାଠଶାଳାରେ ସମସ୍ତ ବିଧାୟକଙ୍କ ଉପସ୍ଥିତିକୁ ବାଧ୍ୟତାମୂଳକ କରାଯାଇଛି। ଆଉ ୧୫ତାରିଖ ସନ୍ଧ୍ୟାରେ ବିଧାୟକ ଦଳ ବୈଠକ ଅନୁଷ୍ଠିତ ହେବ ବୋଲି କୁହାଯାଇଛି। ଏହି ବୈଠକଗୁଡ଼ିକୁ 'ପ୍ରାୟୋରିଟି' ବା ସର୍ବୋଚ୍ଚ ପ୍ରାଥମିକତା ଭାବେ ଗ୍ରହଣ କରିବାକୁ ନବୀନ ପଟ୍ଟନାୟକ ସମସ୍ତ ବିଧାୟକଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।



## ବିଧାୟକଙ୍କୁ ଜଗୁଛନ୍ତି ମୁଖିଆ

**ଭୁବନେଶ୍ୱର,୧୩।୩/ଏନ୍‌ଏନ୍‌ଏସ୍:** ରାଜ୍ୟସଭା ନିର୍ବାଚନ ପର୍ଯ୍ୟନ୍ତ, ସବୁ ବିଧାୟକଙ୍କୁ ଏକଜୁଟ୍ ରଖି ସମର୍ଥିତ ପ୍ରାର୍ଥୀଙ୍କ ସପକ୍ଷରେ ଭୋଟ୍ କରାଇବା ବିଜେଡି ସଭାପତିଙ୍କ ପାଇଁ ବଡ଼ ଆହ୍ୱାନ ପାଲଟିଛି। ଆଉ ଯାହା ନବୀନଙ୍କ ରାଜନୈତିକ କ୍ୟାରିୟର ଭିତରେ କେବେ ଦେଖିବାକୁ ମିଳିନଥିଲା, ତାହା ଏବେ ଦେଖିବାକୁ ମିଳୁଛି। ବିଜେଡି କ୍ଷମତାରେ ଥିବାବେଳେ ଏହି ସବୁ ବିଧାୟକମାନେ ବ୍ଲକ ଅଧ୍ୟକ୍ଷ, ଜିଲ୍ଲା ପରିଷଦ ଅଧ୍ୟକ୍ଷ ନିର୍ବାଚନ ପୂର୍ବରୁ ନିର୍ବାଚିତ ସଭ୍ୟଙ୍କୁ ଜଗୁଥିଲେ। କିନ୍ତୁ କ୍ଷମତାରୁ ଯିବା ପରେ ଏବେ ସେହି ବିଧାୟକମାନଙ୍କୁ ନିଜେ ସୁପ୍ରିମୋଙ୍କୁ ଜଗିବାକୁ ପଡୁଛି। କ୍ରସ ଭୋଟିଂ ଭୟରେ ଅସନ୍ତୁଷ୍ଟ ଓ ସନ୍ଦେହରେ ଥିବା ବିଧାୟକଙ୍କ ସହ ନବୀନ ସିଧାସଳଖ କଥା ହେଉଛନ୍ତି। ଅସନ୍ତୁଷ୍ଟଙ୍କୁ ମନାଇବାକୁ ଉଦ୍ୟମ କରୁଛନ୍ତି। ଏହି କ୍ରମରେ ଦଳୀୟ ହ୍ୱିଇପ୍ ଜାରି କରିଥିଲେ ବି ବିଧାନସଭାରେ ଉପସ୍ଥିତ ରହୁନଥିବାରୁ ଆଜି ସୋର ବିଧାୟକ ମାଧବ ଧଡ଼ାଙ୍କୁ ଡାକି କଥା ହୋଇଛନ୍ତି।

## 'ବିଧାୟକଙ୍କ ସ୍ୱାଧୀନ ମତକୁ କ୍ଷୁଣ୍ଣ କରନ୍ତୁ ନାହିଁ'

**ଭୁବନେଶ୍ୱର,୧୩।୩/ଏନ୍‌ଏନ୍‌ଏସ୍:** ଦୁଇ ବିରୋଧୀଙ୍କ ଛନକାକୁ ଦେଖି କଟାକ୍ଷ କରିଛି ବିଜେପି । ବିଧାୟକ ବାବୁ ସିଂହ କହିଛନ୍ତି, କଂଗ୍ରେସ ବିଧାୟକ ବେଙ୍ଗାଲୁରୁ ଯିବାର ଅର୍ଥ ହେଲା ବିଧାୟକମାନେ ସଭାପତିଙ୍କ କଥାକୁ ମାନୁ ନାହାନ୍ତି ବା ତାଙ୍କ କଣ୍ଟ୍ରୋଲରେ ନାହାନ୍ତି। ସେ କହିଛନ୍ତି ଯେ ବିଧାୟକମାନଙ୍କୁ ଛାଡ଼ି ଦିଅନ୍ତୁ, ଯିଏ ଯାହାର ନିଷ୍ପତ୍ତି ନେବେ। ସେମାନେ ଦୁଇ ଅଢ଼େଇ ଲକ୍ଷ ଲୋକଙ୍କ ନେତୃତ୍ୱ ନେଉଛନ୍ତି। ରାଜ୍ୟର ବିକାଶ କଥା ଚିନ୍ତା କରୁଛନ୍ତି। ତେଣୁ ବିଧାୟକମାନଙ୍କ ସ୍ୱାଧୀନ ମତକୁ କ୍ଷୁଣ୍ଣ କରନ୍ତୁ ନାହିଁ ବୋଲି ଶ୍ରୀ ସିଂ କହିଛନ୍ତି।



## 'ଆମ ବିଧାୟକ ବୁଲିବାକୁ ଯାଇଛନ୍ତି'

**ଭୁବନେଶ୍ୱର,୧୩।୩/ଏନ୍‌ଏନ୍‌ଏସ୍:** କଂଗ୍ରେସ ବିଧାୟକ ବେଙ୍ଗାଲୁରୁ ଯିବା ନେଇ ଭିନ୍ନ ବୟାନ ଦେଇଛନ୍ତି କଂଗ୍ରେସ ବିଧାୟକ ତାରା ବାହିନୀପତି। ସେ କହିଛନ୍ତି ।ମ ବିଧାୟକ ନିଜ ଇଚ୍ଛାରେ ବୁଲିବାକୁ ଯାଇଛନ୍ତି। ଦୁଇ ଦିନ ପରେ ଆସିବେ, ବହୁତ ଦିନ ହେଲା କୁଆଡେ ଯାଇ ନଥିଲେ। ଏଥିରେ କିଛି ରାଜନୈତିକ ଅଭିଶନ୍ଧି ନାହିଁ। ଆମ ବିଧାୟକଙ୍କ ଉପରେ ବିଶ୍ୱାସ ଅଛି। ଘୋଡ଼ା ବେପାରରେ ସାମିଲ ହେବେନି ବୋଲି ଶ୍ରୀ ବାହିନୀପତି କହିଛନ୍ତି।

## ରବୀନ୍ଦ୍ର ଆସିଲେ, ଜୀବନ ଛାଡ଼ିଲେ

**ବାଲେଶ୍ୱର,୧୩।୩/ଏନ୍‌ଏନ୍‌ଏସ୍:** ବାଲେଶ୍ୱରର ପୂର୍ବତନ ସଦର ବିଧାୟକ ଜୀବନ ପ୍ରଦୀପ ଦାଶ ବିଜେପିରୁ ଇସ୍ତଫା ଦେଇଛନ୍ତି। ଶୁକ୍ରବାର ବାଲେଶ୍ୱର ସହର ରାଣୀପାଟଣାସ୍ଥିତ କଲ୍ୟାଣ ମଣ୍ଡପରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ସେ ଏହି ଘୋଷଣା କରିଛନ୍ତି। ବାଲେଶ୍ୱରର ପୂର୍ବତନ ସାଂସଦ ରବୀନ୍ଦ୍ର ଜେନା ବିଜେପିରେ ସାମିଲ ହେବାର ଦୁଇ ଦିନ ପରେ ସେ ଇସ୍ତଫା ଦେଇଛନ୍ତି। ରବୀନ୍ଦ୍ର ଜେନାଙ୍କୁ ଦଳରେ ସାମିଲ କରାଯିବାରୁ ସେ କ୍ଷୁବ୍ଧ ହୋଇ ଇସ୍ତଫା ଦେବା ସହ ବିଜେପି ଉପରେ ଖୁବ୍ ବର୍ଷିଛନ୍ତି।

ସୂଚନା ଅନୁସାରେ ଶ୍ରୀ ଦାଶ ପ୍ରଥମେ ବିଜେପିର ସଭ୍ୟ ଥିଲେ। ପରବର୍ତ୍ତୀ ସମୟରେ ସେ ବିଜୁ ଜନତା ଦଳରେ ଯୋଗ ଦେଇଥିଲେ। ଦୀର୍ଘବର୍ଷର ବ୍ୟବଧାନ ପରେ ଶ୍ରୀ ଦାଶ ୨୦୨୧ରେ ପୁଣି ବିଜେପିକୁ ଫେରିଥିଲେ। ଗତ ୫ ବର୍ଷଧରି ଦଳର ନିର୍ଦ୍ଦେଶ ମୁତାବକ ଦଳୀୟ କାର୍ଯ୍ୟ ମଧ୍ୟ କରୁଥିଲେ। କିନ୍ତୁ ପୂର୍ବତନ ବାଲେଶ୍ୱର ସାଂସଦ ଇଂ. ରବୀନ୍ଦ୍ର କୁମର ଜେନାଙ୍କ ବିଜେପିରେ ଯୋଗଦାନକୁ ସହଜରେ ସେ ଗ୍ରହଣ କରିପାରିନାହାନ୍ତି।



**ବିଜେପିକୁ କଲେ ବାଏ ବାଏ, ଖୁବ୍ ବର୍ଷିଲେ**

**ରବୀନ୍ଦ୍ରଙ୍କ ପାଇଁ ମୋ ସହମତି ମଗାଯାଇନି: ପ୍ରତାପ**

ସେ କହିଛନ୍ତି ଯେ ଓଡ଼ିଶାରେ ୨୦୨୪ ନିର୍ବାଚନରେ ପାର୍ଟି କ୍ଷମତାକୁ ଆସିଲା ପରେ ଏହାର ଯେଉଁ ନୈତିକ ପତନ ହୋଇଛି, ମୁଁ ନିଜକୁ ସେଥିରେ ସହମତ କରିପାରୁ ନାହିଁ। ଜଣେ ଚିଟ୍‌ଫଣ୍ଡ ଅଭିଯୁକ୍ତ, ଯାହାଙ୍କ ଉପରେ ସିବିଆଇ କେସ୍ ଚାଲିଛି, ଯିଏ ଜାମିନରେ ଅଛନ୍ତି, ତାଙ୍କୁ ଦଳରେ ସାମିଲ କରି ଦଳ ତା'ର 'ମୂଲ୍ୟବୋଧ ରାଜନୀତି' ବିଚାରଠାରୁ ବହୁ ଦୂରକୁ ଚାଲି ଯାଇଛି। କ୍ଷମତାର ମୋହର ଅନ୍ଧ ହୋଇ, ଅହଙ୍କାରର ବଶବର୍ତ୍ତୀ ହୋଇ ରାଜ୍ୟ ନେତୃବୃନ୍ଦ ସମଗ୍ର ନୈତିକତା ହରାଇଛନ୍ତି। ଉକ୍ତ ବ୍ୟକ୍ତିଙ୍କ ଘରେ ସିବିଆଇ ରେଡ୍ କଥା ସମସ୍ତେ ଜାଣିଛନ୍ତି। ସେ ଆହୁରି କହିଛନ୍ତି, ଆଗାମୀ ରାଜ୍ୟସଭା ନିର୍ବାଚନରେ ତୃତୀୟ ପ୍ରାର୍ଥୀ ପାଇଁ ଆବଶ୍ୟକ ସଂଖ୍ୟା ନ ଥିବା ସମୟରେ ଘୋଡ଼ା ବେପାରକୁ ପ୍ରଶ୍ରୟ ଦେଇ ଗଣତନ୍ତ୍ରକୁ ହତ୍ୟା କରାଯାଇଛି। ବିଜେପିର ବିଚାର 'ଗଣତନ୍ତ୍ର'ର ସୁରକ୍ଷା। କିନ୍ତୁ ଦଳର ଆଭ୍ୟନ୍ତରୀଣ ଗଣତନ୍ତ୍ର ଲୋପ ପାଇସାରିଛି। ନେତାଙ୍କ କଥାରେ ସଭାପତି ଚୟନ କରାଯାଉଛି। ଏବେ ରାଜ୍ୟସଭା ନିର୍ବାଚନରେ ପାର୍ଟି ସମସ୍ତ ନୀତି ଓ ନୈତିକତା ହରାଇଛି। ଏଭଳି ପରିସ୍ଥିତିରେ ମୁଁ ଅଧିକ ସମୟ ଏ ଦଳରେ ରହିପାରୁ ନାହିଁ। ତେଣୁ ଭାରତୀୟ ଜନତା ପାର୍ଟିରୁ ସାଧାରଣ ସଦସ୍ୟ ପଦରୁ ଇସ୍ତଫା ଦେଇଛି।

ଅନ୍ୟପକ୍ଷରେ ସାଂସଦ ପ୍ରତାପ ଷଡ଼ଙ୍ଗୀ ମଧ୍ୟ ରବୀନ୍ଦ୍ର ଜେନାଙ୍କ ବିଜେପିରେ ମିଶ୍ରଣ ନେଇ କେହି ମୋ ସହମତି ମାଗି ନାହାନ୍ତି କହି ଅସନ୍ତୋଷ ଝାଡ଼ିଛନ୍ତି। ଶ୍ରୀ ଷଡ଼ଙ୍ଗ କହିଛନ୍ତି ବିଜେପିରେ ରବୀନ୍ଦ୍ରଙ୍କ ମିଶ୍ରଣ ନେଇ ଖାଲି ସୂଚନା ଦିଆଯାଇଛି, ମୋ ସହମତି ମଗାଯାଇନି। ମୁଁ ଜାଣିନି କ'ଣ ହୋଇଛି ବୁଝାମଣା। ଏମିତିକି ରବୀନ୍ଦ୍ର ସାମିଲ ହେବା ପରେ ଯେ ଦଳର ଲାଭ ହେବ ସେ ସମ୍ଭାବନା ବି ଦେଖୁନି କହି ସବୁଠୁ ଗୁରୁତ୍ୱପୂର୍ଣ୍ଣ ହେଲା ଶୁଦ୍ଧତା ରକ୍ଷା କରିବା କହି ପରୋକ୍ଷରେ ରବୀନ୍ଦ୍ରଙ୍କ ଚିଟଫଣ୍ଡ୍ ଲିଙ୍କକୁ ଇଙ୍ଗିତ କରିଛନ୍ତି। କେବଳ ସେତିକି ନୁହେଁ ବାଲେଶ୍ୱର ବିଜେପିରେ ଅସନ୍ତୁଷ୍ଟ ଥିବା ନେତା ଏପରିକି ଜୀବନ ପ୍ରଦୀପଙ୍କୁ ଦଳ ନଛାଡ଼ିବାକୁ ବୁଝାଇଛି ବୋଲି କହିଛନ୍ତି ପ୍ରତାପ।

## ବାଲିଘାଟ ଜଗିବେ ଓଡ଼ିଶା ଶିଳ୍ପ ସୁରକ୍ଷା ବଳ

**ଭୁବନେଶ୍ୱର,୧୩।୩/ଏନ୍‌ଏନ୍‌ଏସ୍:** ବେଆଇନୟ୍ ବାଲି ଚୋରାଚାଲାଣ ରୋକିବା ପାଇଁ ସରକାର କଠୋର ହୋଇଛନ୍ତି। ବିଭିନ୍ନ ଜିଲ୍ଲାରେ ବାଲିଘାଟ ଜଗିବା ଦାୟିତ୍ୱ ଓଡ଼ିଶା ଶିଳ୍ପ ସୁରକ୍ଷା ବଳ (ଓଆଇଏସଏଫ୍)କୁ ପ୍ରଦାନ କରାଯିବ। ଏଥିପାଇଁ ଖଣି ବିଭାଗ ପକ୍ଷରୁ ଗୃହ ବିଭାଗକୁ ଅନୁରୋଧ କରାଯାଇଛି। ଶୁକ୍ରବାର ବିଧାନସଭାରେ ଖଣି ମନ୍ତ୍ରୀ ବିଭୂତି ଭୂଷଣ ଜେନା ଏହି ସୂଚନା ଦେଇଛନ୍ତି। ମନ୍ତ୍ରୀ କହିଛନ୍ତି ଯେ, ୨୦୨୪-୨୫ରେ ସରକାର ନିଲାମ ହୋଇଥିବା ବାଲିଘାଟରୁ ୧୧୨.୧୪ କୋଟି ଟଙ୍କାର ରାଜସ୍ୱ ପାଇଥିବା ବେଳେ ଚୋରା କାରବାର କରୁଥିବା ଲୋକଙ୍କଠାରୁ ୬୪.୦୪ କୋଟି ଟଙ୍କାର ଜୋରିମାନା ଆଦାୟ କରାଯାଇଛି। ଏନେଇ ୧୧,୨୨୩ ଥର ଚଢ଼ଉ କରାଯାଇ ୧୦,୪୦୫ ଗାଡ଼ି ଜବତ କରାଯାଇଛି ଏବଂ ୧୧୦୧ ଜଣଙ୍କୁ ଗିରଫ କରାଯାଇଛି। ବେଆଇନ ବାଲିଘାଟକୁ ନେଇ ଅପରାଧୀମାନେ ରକ୍ତମୁଖା ହେଉଛନ୍ତି। ଓଏମ୍‌ଏମ୍‌ସି-୨୦୧୬ ନିୟମକୁ ସଂଶୋଧନ କରି ଖଣି ବିଭାଗର ଅଧିକାରୀଙ୍କ ବ୍ୟତୀତ ଅତିରିକ୍ତ ତହସିଲଦାର, ପୋଲିସ ସବ୍‌ଇନ୍ସପେକ୍ଟର ଓ ତାଙ୍କ ଉପରିସ୍ଥ ଅଧିକାରୀଙ୍କୁ ଚଢ଼ଉ ଓ ବେଆଇନ ଖଣିଜ ଜବତ କରିବା ପାଇଁ କ୍ଷମତା ଦେବାକୁ ପଦକ୍ଷେପ ନିଆଯାଇଛି। ଜିଲ୍ଲାସ୍ତରରେ ଖଣି ଅଧିକାରୀଙ୍କୁ ସ୍ୱତନ୍ତ୍ର ଭାବେ ସୁରକ୍ଷା ବଳ ଯୋଗାଇ ଦେବା ପାଇଁ ବିଭାଗ ଯୋଜନା କରିଛି। ଏଥିପାଇଁ ୫୭ ସେକ୍ସନ ଓଆଇଏସ୍‌ଏଫ୍ ନିୟୋଜନ କରିବା ପାଇଁ ଗୃହ ବିଭାଗକୁ ଅନୁରୋଧ କରାଯାଇଛି। ମନ୍ତ୍ରୀ କହିଛନ୍ତି ଯେ, ଓଡ଼ିଶାରୁ କିଛି ପଡ଼ୋଶୀ ରାଜ୍ୟ ଓ ବିଦେଶକୁ ବି ବାଲି ରପ୍ତାନି ହେଉଛି। ୨୦୨୩-୨୪ ଓ ୨୦୨୪-୨୫ରେ କଟକ, ଜଗତସିଂହପୁର, କେନ୍ଦ୍ରାପଡ଼ା, ଯାଜପୁର, ଢେଙ୍କାନାଳରୁ ଆଣ୍ଡାମାନ ନିକୋବର ଦ୍ୱୀପପୁଞ୍ଜକୁ ବାଲି ରପ୍ତାନି କରାଯାଇଛି। ଗଜପତି, ରାୟଗଡ଼ାରୁ ଆନ୍ଧ୍ରପ୍ରଦେଶକୁ ବାଲି ରପ୍ତାନି କରାଯାଇଥିବା ବେଳେ ଯାଜପୁରରୁ ପଶ୍ଚିମବଙ୍ଗ ଓ ଝାଡ଼ଖଣ୍ଡକୁ ବାଲି ରପ୍ତାନି ହୋଇଛି। ଏ ବାବଦରେ ରାଜ୍ୟ ସରକାର ରାଜସ୍ୱ ପାଇଛନ୍ତି। ରାଜ୍ୟର ବିଭିନ୍ନ ଜିଲାରେ ଏବେ ୯୯୪ଟି ବାଲିଘାଟ ନିଲାମ ହୋଇଥିବା ବେଳେ ଶତାଧିକ ବାଲିଘାଟ ନିଲାମ ହୋଇପାରି ନାହିଁ। ତେଣୁ ରାଜ୍ୟ ସରକାର ଏହାକୁ ନିୟନ୍ତ୍ରିତ କରିବା ନିମନ୍ତେ ଗୁରୁତ୍ତର ସହ ବିଚାର କରୁଛନ୍ତି ବୋଲି ମନ୍ତ୍ରୀ ସ୍ପଷ୍ଟ କରିଛନ୍ତି।

## ଶିଳ୍ପ ବିଭାଗ ପାଇଁ ୧୫୧୭ କୋଟିର ଖର୍ଚ୍ଚଦାବି ପାରିତ

**ଭୁବନେଶ୍ୱର,୧୩/୩,ଏନ୍‌ଏନ୍‌ଏସ୍:** ରାଜ୍ୟର ଶିଳ୍ପ ରଣନୀତି 'ବିକଶିତ ଓଡ଼ିଶା ୨୦୩୬'ର ଦୀର୍ଘକାଳୀନ ପରିକଳ୍ପନା ସହିତ ଜଡ଼ିତ, ଯେଉଁଥିରେ ସ୍ଥାୟୀ ଏବଂ ସାମଗ୍ରିକ ଅଭିବୃଦ୍ଧି ମାଧ୍ୟମରେ ଓଡ଼ିଶାକୁ ଏକ ସମୃଦ୍ଧ, ଶିଳ୍ପ କ୍ଷେତ୍ରରେ ଅଗ୍ରଣୀ ଏବଂ ନିଯୁକ୍ତିଭିତ୍ତିକ ଅର୍ଥନୀତିରେ ପରିଣତ କରିବାକୁ ଲକ୍ଷ୍ୟ ରଖାଯାଇଛି। 'ଉତ୍କର୍ଷ ଓଡ଼ିଶା – ମେକ୍ ଇନ୍ ଓଡ଼ିଶା' ପାଇଁ ୧୨୫ କୋଟି ଟଙ୍କା ଏବଂ ଶିଳ୍ପ ପ୍ରକଳ୍ପ ପାଇଁ ଜମିର ଉପଲବ୍ଧତା ସୁନିଶ୍ଚିତ କରିବାକୁ ସରକାର 'ଲ୍ୟାଣ୍ଡ ବ୍ୟାଙ୍କ' ଯୋଜନା ଅଧୀନରେ ୧୦୧.୭୨ କୋଟି ଟଙ୍କାର ବ୍ୟବସ୍ଥା କରିଛନ୍ତି। ଶିଳ୍ପ ଏବଂ ଚଳଚ୍ଚିତ୍ର ନୀତି ପ୍ରୋତ୍ସାହନ ପାଇଁ ୧୨୩.୨୦ କୋଟି ଟଙ୍କାର ବ୍ୟୟ ଅଟକଳ ପ୍ରସ୍ତାବିତ ହୋଇଛି, ବୃହତ ଶିଳ୍ପଗୁଡ଼ିକ ପାଇଁ ସୁଧ ସବସିଡି ଏବଂ ଓଡ଼ିଶା ରାଜ୍ୟ ଚଳଚ୍ଚିତ୍ର ନୀତି ଅଧୀନରେ ବିଭିନ୍ନ ପ୍ରୋତ୍ସାହନମୂଳକ ଯୋଜନା ସାମିଲ ଅଛି।

ଶୁକ୍ରବାର ଶିଳ୍ପ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ବିଧାନସଭାରେ ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ଶିଳ୍ପ ବିଭାଗର ୧୫୧୭ କୋଟିର ବଜେଟ୍ ଆକଳନ ଉପସ୍ଥାପନ କରି ଏହା ପ୍ରକାଶ କରିଛନ୍ତି। ଏହା ଶିଳ୍ପ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବା, ପୁଞ୍ଜିନିବେଶ ଆକର୍ଷିତ କରିବା ଏବଂ ବ୍ୟାପକ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ସରକାରଙ୍କ ଲକ୍ଷ୍ୟ। ଏହି ଅବସରରେ ଶିଳ୍ପ ମନ୍ତ୍ରୀ, ରାଜ୍ୟର ଅର୍ଥନୈତିକ ଅଭିବୃଦ୍ଧି କ୍ଷେତ୍ରରେ ବିଭାଗର ଭୂମିକା ନେଇ ସୂଚନା ଦେଇଛନ୍ତି। ପୁଞ୍ଜିନିବେଶକୁ ପ୍ରୋତ୍ସାହନ ଦେବା, ଶିଳ୍ପ ଭିତ୍ତିଭୂମି ନିର୍ମାଣ, ପ୍ରକଳ୍ପ ସହାୟତା ଏବଂ ପ୍ରଗତିଶୀଳ ନୀତିଗତ ଢାଞ୍ଚାର କାର୍ଯ୍ୟକାରିତା ମାଧ୍ୟମରେ ଓଡ଼ିଶାକୁ ଭାରତର ଏକ ପ୍ରମୁଖ ଶିଳ୍ପ କେନ୍ଦ୍ର ଭାବେ ଗଢି ତୋଳିବାକୁ ବିଭାଗ ପକ୍ଷରୁ କରାଯାଉଥିବା ଉଦ୍ୟମ ନେଇ ସେ ସୂଚନା ଦେଇଛନ୍ତି। ଗତ ବର୍ଷକ ମଧ୍ୟରେ ଓଡିଶା ସରକାର ରାଜ୍ୟକୁ ପୁଞ୍ଜିନିବେଶ ନେଇ ଅନେକ ପଦକ୍ଷେପ ନେଇଛନ୍ତି। ଓଡ଼ିଶା-ଟେକ୍ସ ୨୦୨୫, ଓଡ଼ିଶା ଫାର୍ମା ସମ୍ମିଳନୀ ଏବଂ ରାଉରକେଲାରେ ଆୟୋଜିତ 'ଏଣ୍ଟରପ୍ରାଇଜ୍ ଓଡ଼ିଶା' ଭଳି ଜାତୀୟସ୍ତରର କାର୍ଯ୍ୟକ୍ରମ ମାଧ୍ୟମରେ ସରକାର ପୁଞ୍ଜିନିବେଶ ଆକର୍ଷଣ ଉଦ୍ୟମକୁ ବହୁଗୁଣିତ କରିଛନ୍ତି। ୨୦୨୫ ମସିହା ମଧ୍ୟରେ ଓଡ଼ିଶା ସରକାର ୧.୭୮ ଲକ୍ଷ କୋଟି ଟଙ୍କାରୁ ଅଧିକ ପୁଞ୍ଜିନିବେଶରେ ୮୦ଟି ଶିଳ୍ପ ପ୍ରକଳ୍ପର ଶିଳାନ୍ୟାସ ଓ ଉଦଘାଟନ କରିଛନ୍ତି, ଯାହା ୧.୪୩ ଲକ୍ଷରୁ ଅଧିକ ଲୋକଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି କରିଛି।

ମନ୍ତ୍ରୀ କହିଛନ୍ତି ଯେ, 'ଉତ୍କର୍ଷ ଓଡ଼ିଶା–ମେକ୍ ଇନ୍ ଓଡ଼ିଶା କନକ୍ଲେଭ୍ ୨୦୨୫' ରାଜ୍ୟର ପୁଞ୍ଜିନିବେଶ ଯାତ୍ରାରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ସାବ୍ୟସ୍ତ ହୋଇଛି। ଏହି ସମ୍ମିଳନୀରେ ୨୦ଟି କ୍ଷେତ୍ରରେ ୧୬.୭୩ ଲକ୍ଷ କୋଟି ଟଙ୍କାର ନିବେଶ ପ୍ରସ୍ତାବ ସହିତ ୫୯୩ଟି ନିବେଶ ପ୍ରସ୍ତାବ ଆସିଛି, ଯାହା ପ୍ରାୟ ୧୨.୮୮ ଲକ୍ଷ ନିଯୁକ୍ତି ସୁଯୋଗ ସମ୍ଭାବନା ସୃଷ୍ଟି କରିଛି। ଜୁନ୍ ୨୦୨୪ ପରଠାରୁ, ରାଜ୍ୟସ୍ତରୀୟ ସିଙ୍ଗଲ୍ ଓ୍ୱିଣ୍ଡୋ କ୍ଲିୟରାନ୍ସ ଅଥରିଟି ଏବଂ ଉଚ୍ଚସ୍ତରୀୟ କ୍ଲିୟରାନ୍ସ ଅଥରିଟି ୮.୧୫ ଲକ୍ଷ କୋଟି ଟଙ୍କାର ପ୍ରସ୍ତାବିତ ପୁଞ୍ଜିନିବେଶ ସହିତ ୩୯୨ଟି ପ୍ରକଳ୍ପକୁ ଅନୁମୋଦନ କରିଛନ୍ତି, ଯାହା ମାଧ୍ୟମରେ ୫ଲକ୍ଷରୁ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି ହେବାର ସମ୍ଭାବନା ରହିଛି।



ମନ୍ତ୍ରୀ କହିଛନ୍ତି ଯେ, ଓଡ଼ିଶାର ଶିଳ୍ପ ବ୍ୟବସ୍ଥାକୁ ମଜଭୁତ କରିବା ପାଇଁ ସରକାର ୨୦୨୬-୨୭ ଆର୍ଥିକ ବର୍ଷରେ କାର୍ଯ୍ୟକ୍ରମ ବ୍ୟୟ ଅଧୀନରେ ମୋଟ ୧,୨୦୦ କୋଟି ଟଙ୍କା ଓ ପ୍ରତିଷ୍ଠାନ ଓ ପରିଚାଳନା ଖର୍ଚ୍ଚ ବାବଦକୁ ୭.୨୯ କୋଟି ଟଙ୍କାର ବଜେଟ୍ ବ୍ୟୟ ଅଟକଳ ପ୍ରସ୍ତାବ ରଖିଛନ୍ତି। ଏଥିରେ ଏସଆଇଡିବିଆଇ କ୍ଲଷ୍ଟର ବିକାଶ କାର୍ଯ୍ୟକ୍ରମ ଏବଂ ଦୀନ ଦୟାଲ କର୍ମଚାରୀ ନିବାସ ଅଧୀନରେ ଶିଳ୍ପ ଶ୍ରମିକଙ୍କ ପାଇଁ ହଷ୍ଟେଲ ନିର୍ମାଣ ନିମନ୍ତେ ୨୪୩ କୋଟି ଟଙ୍କା, ଶିଳ୍ପାଞ୍ଚଳଗୁଡ଼ିକର ଉନ୍ନତୀକରଣ ପାଇଁ ଶିଳ୍ପ ଭିତ୍ତିଭୂମି ରକ୍ଷଣାବେକ୍ଷଣ ପାଣ୍ଠି ବାବଦକୁ ୧୬୦ କୋଟି ଟଙ୍କା ଏବଂ ପାଇପଲାଇନ ଓ ବିଦ୍ୟୁତ ଯୋଗାଣ ଭଳି ବାହ୍ୟ ଭିତ୍ତିଭୂମିର ବିକାଶ ପାଇଁ ଶିଳ୍ପ ଭିତ୍ତିଭୂମି ବିକାଶ ପାଣ୍ଠି ଅଧୀନରେ ୧୫୦ କୋଟି ଟଙ୍କା ରହିଛି।

ମନ୍ତ୍ରୀ କହିଛନ୍ତି ଯେ, କ୍ଷେତ୍ରଭିତ୍ତିକ ପଦକ୍ଷେପଗୁଡ଼ିକ ମଧ୍ୟରେ ଅନୁଗୋଳସ୍ଥିତ ଆଲୁମିନିୟମ୍ ପାର୍କର ସମ୍ପ୍ରସାରଣ ପାଇଁ ୯୦ କୋଟି ଟଙ୍କା, ଶିଳ୍ପ କରିଡରର ବିକାଶ ପାଇଁ ୪୦ କୋଟି ଟଙ୍କା ଏବଂ କଳିଙ୍ଗ ଷ୍ଟୁଡିଓର ପୁନଃବିକାଶ ତଥା ଓଡ଼ିଶା ଚଳଚ୍ଚିତ୍ର ବିକାଶ ନିଗମକୁ ଅନୁଦାନ ବାବଦରେ ୪୫ କୋଟି ଟଙ୍କାର ପ୍ରସ୍ତାବ ରଖାଯାଇଛି। ଅନ୍ୟାନ୍ୟ ଆବଣ୍ଟନ ମଧ୍ୟରେ ଟେକ୍ସଟାଇଲ୍ ପାର୍କ ପାଇଁ ୨୨ କୋଟି ଟଙ୍କା, ମେଗା ଫୁଡ୍ ପାର୍କ ପାଇଁ ୨୦ କୋଟି ଟଙ୍କା ଏବଂ ପାରାଦୀପସ୍ଥିତ ପ୍ଲାଷ୍ଟିକ୍ ପାର୍କ ପାଇଁ ୧୫ କୋଟି ଟଙ୍କା ରହିଛି। ନୂତନ ପଦକ୍ଷେପଗୁଡ଼ିକ ମଧ୍ୟରେ ଓଡ଼ିଶା ରେୟାର୍ ଆର୍ଥ ମିନେରାଲ୍ କରିଡରର ବିକାଶ ପାଇଁ ୧୦ କୋଟି ଟଙ୍କା ଏବଂ ପ୍ରମୁଖ ଶିଳ୍ପ କ୍ଲଷ୍ଟରଗୁଡ଼ିକରେ ଶିଳ୍ପ ଟାଉନସିପ୍ ନିର୍ମାଣ ପାଇଁ ୧୦ କୋଟି ଟଙ୍କାର ବ୍ୟବସ୍ଥା କରାଯାଇଛି। ଏଥିସହିତ ପୁଞ୍ଜିନିବେଶ ସହାୟତା ପ୍ରକ୍ରିୟାକୁ ଅଧିକ ଶକ୍ତିଶାଳୀ କରିବାକୁ ଜିଲ୍ଲା ପୁଞ୍ଜିନିବେଶ ପ୍ରୋତ୍ସାହନ ଏଜେନ୍ସି ପାଇଁ ୨୧ କୋଟି ଟଙ୍କା, ପୁଞ୍ଜିନିବେଶ ପ୍ରୋତ୍ସାହନ ପରାମର୍ଶଦାତା ସେବା ପାଇଁ ୮.୪୦ କୋଟି ଟଙ୍କା, ଇପିକଲ୍‌ର ସିଙ୍ଗଲ୍ ଓ୍ୱିଣ୍ଡୋ ସେବା ପାଇଁ ୩.୭୦ କୋଟି ଟଙ୍କା ଏବଂ ନୂଆଦିଲ୍ଲୀସ୍ଥିତ ଓଡ଼ିଶା ପୁଞ୍ଜିନିବେଶ ଓ ରପ୍ତାନି ପ୍ରୋତ୍ସାହନ କାର୍ଯ୍ୟାଳୟର ସୁଦୃଢ଼ୀକରଣ ପାଇଁ ୨୦ ଲକ୍ଷ ଟଙ୍କାର ବଜେଟ୍ ବ୍ୟବସ୍ଥା କରାଯାଇଛି। ରାଜ୍ୟ ସରକାର ଶିଳ୍ପ ଶ୍ରମିକମାନଙ୍କୁ ସହାୟତା ଏବଂ ଶିଳ୍ପ ସମ୍ପ୍ରସାରଣ ସୁନିଶ୍ଚିତ କରିବା ପାଇଁ ପ୍ରମୁଖ ଶିଳ୍ପ କ୍ଲଷ୍ଟରଗୁଡ଼ିକ ନିକଟରେ ଶିଳ୍ପ ଟାଉନସିପ୍ ଏବଂ ଶ୍ରମିକ ହଷ୍ଟେଲ ବିକାଶ ମାଧ୍ୟମରେ ଶ୍ରମିକ କଲ୍ୟାଣ ତଥା ଶିଳ୍ପ ସହରୀକରଣ ଉପରେ ବିଶେଷ ଧ୍ୟାନ ଦେଉଛନ୍ତି। ଶିଳ୍ପଗୁଡ଼ିକୁ ସହାୟତା ପ୍ରଦାନ ଏବଂ ପୁଞ୍ଜିନିବେଶକୁ ପ୍ରୋତ୍ସାହିତ କରିବା ପାଇଁ ସରକାର ଶିଳ୍ପ ନୀତି ପ୍ରସ୍ତାବ ୨୦୨୨ ଅଧୀନରେ ଏସଜିଏସଟି ଫେରସ୍ତ, ବିଦ୍ୟୁତ୍ ଶୁଳ୍କ ଛାଡ଼, ପୁଞ୍ଜିନିବେଶ ସବସିଡି, ନିଯୁକ୍ତି ଖର୍ଚ୍ଚ ସବସିଡି ଏବଂ ଷ୍ଟାମ୍ପ ଡ୍ୟୁଟି ଛାଡ଼ ଭଳି ପ୍ରତିଯୋଗିତାମୂଳକ ପ୍ରୋତ୍ସାହନ ଜାରି ରଖିଛନ୍ତି ବୋଲି ମନ୍ତ୍ରୀ ପ୍ରକାଶ କରିଛନ୍ତି। ଶେଷରେ ବାଚନିକ ଭୋଟରେ ଖର୍ଚ୍ଚଦାବି ପାରିତ ହୋଇଛି।

## ପୁଣି ଜଣେ ଦାଦନ ଶ୍ରମିକଙ୍କ ମୃତ୍ୟୁ

**କନ୍ଧମାଳ, ୧୩।୩/ଏନ୍ଏନ୍ଏସ୍:** କନ୍ଧମାଳ ଜିଲ୍ଲାରେ ଦିନକୁ ଦିନ ଦାଦନ ଯନ୍ତ୍ରଣା ବଢ଼ିବାରେ ଲାଗିଛି । ଜିଲ୍ଲାରେ କର୍ମ ନିଯୁକ୍ତିର ଅଭାବ ପାଇଁ ପେଟ ପାଟଣା ପାଇଁ ବାହାର



ରାଜ୍ୟକୁ ଦାଦନ ଖଟିବାକୁ ଯାଇ ଶବ ହୋଇ ଫେରୁଛନ୍ତି ଅନେକ ଦାଦନ ଶ୍ରମିକ । ଏଭଳି ଅନେକ ଘଟଣା ଜିଲ୍ଲାରେ ଘଟି ସାରିଥିବା ବେଳେ ପୁଣି ଏକ ଯୁବ ଦାଦନ ଶ୍ରମିକଙ୍କ ମୃତ୍ୟୁ ହୋଇଥିବା ସୂଚନା ମିଳିଛି । ଯୁବ ଦାଦନ ଶ୍ରମିକଙ୍କ ନା କୁରୁପତି ଦିଗାଲ ଏଲିଆସ ବୁଲୁ ବୋଲି ଜଣାପଡିଥିବା ବେଳେ ତାଙ୍କ ଘର କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ କେଳାପଡା ପଞ୍ଚାୟତର ଗୁରୁପଡା ଗାଁରେ ବୋଲି ଜଣାପଡିଛି । ସୂଚନା ଅନୁସାରେ ମୃତ ଶ୍ରମିକ ଜଣକ ଗତ ଛଅ ମାସ ତଳେ ତାମିଲନାଡୁ ରାଜ୍ୟର ତିରିପୁର ଅଂଚଳକୁ କାମ କରିବାକୁ ଯାଇଥିଲେ । ସେଠି ଏକ ୱେଲଡିଙ୍ଗ ଦୋକାନରେ ଶ୍ରମିକ ଭାବରେ କାମ କରୁଥିଲେ । ଗତ ବୁଧବାର ହଠାତ ତାଙ୍କର ଶରୀର ଅସୁସ୍ଥ ହୋଇପଡ଼ିଥିଲା । ତାଙ୍କ ସହକର୍ମୀ ମାନେ ତାଙ୍କୁ କୋଏମ୍ବାଟୁରରେ ଥିବା ମେଡିକାଲ କଲେଜ ଓ ହସ୍ପିଟାଲକୁ ଚିକିତ୍ସା ପାଇଁ ନେଇଥିଲେ । ଚିକିତ୍ସିତ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା । ଖବର ଜଣାପଡିବା ପରେ ପରିବାରରେ ଶୋକର ଛାୟା ଖେଳିଯାଇଥିବା ବେଳେ ବର୍ତ୍ତମାନ ମୃତ ଶ୍ରମିକଙ୍କ ମୃତଦେହ ସେହି ମେଡିକାଲର ଶବ ସଂରକ୍ଷଣ ଗୃହରେ ଥିବା ଜଣାପଡ଼ିଛି । ଶ୍ରମିକଙ୍କ ପରିବାର ଅତି ଗରିବ ଶ୍ରେଣୀର ହୋଇଥିବାରୁ ତାମିଲନାଡୁରୁ ଶବ ଗାଁକୁ ଆଣିବା ତାଙ୍କ ପକ୍ଷେ ସମ୍ଭବ ହୋଇପାରୁନାହିଁ । ଫଳରେ ମୃତ ଶ୍ରମିକଙ୍କ ଶବ କିଭଳି ଭାବରେ ନିଜ ଗାଁକୁ ଆସିପାରିବ ସେନେଇ ପ୍ରଶାସନକୁ ଗୁହାରି କରିଛନ୍ତି ମୃତ ଶ୍ରମିକଙ୍କ ପରିବାର ଲୋକେ ।

## ଲୋକ ଅଧିକାର ଯାତ୍ରାର ଅଭିଯାତ୍ରୀ ଦଳଙ୍କୁ ସମ୍ବର୍ଦ୍ଧନା

**ବ୍ରହ୍ମପୁର, ୧୩।୩/ଏନ୍ଏନ୍ଏସ୍:** ସରକାରଙ୍କ କର୍ପୋରେଟ୍ କମ୍ପାନୀ ସପକ୍ଷବାଦୀ ଜନ ବିରୋଧୀ ବିକାଶ ନୀତି ସମ୍ପର୍କରେ ରାଜ୍ୟବାସୀଙ୍କ ମଧ୍ୟରେ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଲୋକ ଶକ୍ତି ଅଭିଯାନ, ଏନଏପିଏମ୍ ଓ ସେଣ୍ଟର ଫର୍ କ୍ଲାଇମେଟ୍ ଜଷ୍ଟିସ ପକ୍ଷରୁ ଆରମ୍ଭ ହୋଇଥିବା ଲୋକ ଅଧିକାର ଯାତ୍ରାର ଅଭିଯାତ୍ରୀ ଦଳଙ୍କୁ ଆଜି ବ୍ରହ୍ମପୁରରେ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି । ଗତ ଫେବୃଆରୀ ୨୫ ତାରିଖରୁ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜନ୍ମସ୍ଥାନ ସ୍ଥାନ ସତ୍ୟଭମାପୁର ଠାରୁ ବାହାରିଥିବା ଯାତ୍ରା ରାଜ୍ୟର ୧୮ଟି ଜିଲ୍ଲା ପରିକ୍ରମା କରି ଆଜି ବ୍ରହ୍ମପୁରରେ ପହଞ୍ଚିବା ପରେ ସ୍ଥାନୀୟ ବୁଦ୍ଧିଜୀବୀ ଓ ଋଷିକୁଲ୍ୟା ନଦୀ ସୁରକ୍ଷା କ୍ରୀୟାନୁଷ୍ଠାନ କମିଟିର କର୍ମକର୍ତ୍ତାମାନେ ଅଭିଯାତ୍ରୀ ଦଳକୁ ସମ୍ବର୍ଦ୍ଧିତ କରିଥିଲେ । ଏହି ଅବସରରେ ସ୍ଥାନୀୟ ସଂକଳ୍ପ ସ୍କୁଲ ଠାରେ କ୍ରୀୟାନୁଷ୍ଠାନ କମିଟି ପକ୍ଷରୁ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା । ବରିଷ୍ଠ ଲେଖିକା ଡ. ବିଧୁପ୍ରଭା ରଥଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସଭାରେ ବିଶିଷ୍ଟ ପରିବେଶବିତ୍ ପ୍ରଫୁଲ୍ଲ ସାମନ୍ତରା, ଋଷିକୁଲ୍ୟା ନଦୀ ସୁରକ୍ଷା କ୍ରୀୟାନୁଷ୍ଠାନ କମିଟିର ଆବାହକ ସୁଧୀର ରାଉତ, ଅନ୍ୟତମ ବରିଷ୍ଠ ସଦସ୍ୟ ଶ୍ୟାମସୁନ୍ଦର ଖାଡଙ୍ଗା, ପଶ୍ଚିମ ଓଡିଶାର ବରିଷ୍ଠ କ ?ଷକ ନେତା ଲିଙ୍ଗରାଜ, ଅଖିଳ ଭାରତ କିଶାନ୍ ମଜଦୁର ସଭାର ଜାତୀୟ ସମ୍ପାଦକ ଭାଲଚନ୍ଦ୍ର ଷଡ଼ଙ୍ଗୀ, ଏନଏପିଏମର ରାଜ୍ୟ ଆବାହକ ନରେନ୍ଦ୍ର ମହାନ୍ତି, ଆଦିବାସୀ ନେତା ନାଚିକା ଲିଙ୍ଗା, ମାନବବାଦୀ ହେତୁବାଦୀ ସଂଗଠନର ସମ୍ପାଦକ କେ ନନ୍ଦେଶୁ ସେନାପତି, ଏଆଇକେକେଏସର ନେତା ସମ୍ପାଦକ ଶଙ୍କର ଇନକିଲାବ୍, ଏଆଇଡିଏସଓର ରାଜ୍ୟନେତା ସୋମନାଥ ବେହେରା, ଋଷିକୁଲ୍ୟା ରୟତ ମହାସଭା ସମ୍ପାଦକ ସିମାଞ୍ଚଳ ନାହାକ ପ୍ରମୁଖ ଯୋଗ ଦେଇଥିଲେ । ସେମାନେ ବକ୍ତବ୍ୟରେ ସରକାରଙ୍କ କର୍ପୋରେଟ୍ ସପକ୍ଷବାଦୀ ବିକାଶ ନୀତିକୁ ତୀବ୍ର ସମାଲୋଚନା କରିଥିଲେ । ଘରୋଇ କମ୍ପାନୀଙ୍କୁ ପାଣି ଯୋଗାଇ ଦେବା ପାଇଁ ପିପଳପଙ୍କା ଠାରେ ଋଷିକୁଲ୍ୟା ନଦୀର ଉପରମୁଣ୍ଡରେ ଯେଉଁ ଡେମ୍ କରିବାକୁ ଯାଉଛନ୍ତି, ତାରି ଫଳରେ ନଦୀ ସମ୍ପୂର୍ଣ୍ଣ ମରିଯିବା ସହ ଜିଲ୍ଲାର ଲକ୍ଷ ଲକ୍ଷ ଲୋକଙ୍କ ପିଇବା ପାଣି ଓ ଜଳସେଚନ ବ୍ୟବସ୍ଥା ଭୟଙ୍କର ଭାବେ କ୍ଷତିଗ୍ରସ୍ତ ହେବ ବୋଲି କହିଥିଲେ । ତେଣୁ ସରକାର ଏହାର ପୁର୍ନବିଚାର କରିବାକୁ ଦାବି କରିଥିଲେ ।

## ସରକାରୀ ଶିକ୍ଷକ ପ୍ରଶିକ୍ଷଣ ମହାବିଦ୍ୟାଳୟରେ ବାର୍ଷିକ ଚିତ୍ରକଳା ପ୍ରଦର୍ଶନୀ



**ଫୁଲବାଣୀ, ୧୩।୩/ଏନ୍ଏନ୍ଏସ୍:** ଫୁଲବାଣୀ ସରକାରୀ ଶିକ୍ଷକ ପ୍ରଶିକ୍ଷଣ ମହାବିଦ୍ୟାଳୟରେ ୨୦୨୬ ବର୍ଷ ନିମନ୍ତେ ବାର୍ଷିକ ଚିତ୍ରକଳା ପ୍ରଦର୍ଶନୀ "ରଙ୍ଗ ମଞ୍ଜରୀ" ଅଧ୍ୟକ୍ଷ ମଧୁପ ସୁନାଙ୍କ ଅଧ୍ୟକ୍ଷତାରେ ସମ୍ପନ୍ନ ହୋଇଥିଲା । ଏହି ପ୍ରଦର୍ଶନୀକୁ ମହାବିଦ୍ୟାଳୟର କଳା ପ୍ରଶିକ୍ଷକ ସମରେନ୍ଦ୍ର ବେହେରାଙ୍କ ଉଦ୍ୟମରେ ଆୟୋଜନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଦୁଇ ବର୍ଷର ଛାତ୍ରଛାତ୍ରୀ ନିଜନିଜ ଚିତ୍ରକଳା ପ୍ରତିଭା ପ୍ରଦର୍ଶନ କରିଥିଲେ ଏବଂ ବିଭିନ୍ନ ସୃଜନଶୀଳ ଚିତ୍ରକଳା କୃତି ପ୍ରଦର୍ଶିତ ହୋଇଥିଲା । ଏହି ଅବସରରେ ମୁଖ୍ୟ ଅତିଥି ଭାବେ ଦିଲ୍ଲୀପ କୁମାର ମଲ୍ଲିକ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଚିତ୍ରକଳାର ଗୁରୁତ୍ୱ ଓ ସୃଜନଶୀଳତା ବିଷୟରେ ଉଦ୍ବୋଧନ ଦେଇଥିଲେ । ମୁଖ୍ୟ ବକ୍ତା ଭାବେ ଅକ୍ଷୟ କୁମାର ସେଠୀ ଯୋଗଦେଇ ଚିତ୍ରକଳା ମାଧ୍ୟମରେ ଶିକ୍ଷାରେ ସୃଜନଶୀଳତା ବିକାଶ କିପରି ସମ୍ଭବ ତାହା ଉପସ୍ଥାପନ କରିଥିଲେ । କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ମହାବିଦ୍ୟାଳୟର ଅନ୍ୟାନ୍ୟ ପ୍ରାଧ୍ୟାପକ ଓ ପ୍ରାଧ୍ୟାପିକା ମନୋଜ କୁମାର ଲେଙ୍କା, ଡ. ଉଷାରାଣୀ ଖୁଣ୍ଟିଆ, ଡ. ଦୋଳ ଗୋବିନ୍ଦ ସାହୁ, ଡ. ରଶ୍ମୀ ରଞ୍ଜନ ପୁହାଣ, ଡ. ଅକ୍ଷୟ କୁମାର ସ୍ୱାଇଁ, ଅଭିଷେକ ପ୍ରଧାନ, ଶଶିକାନ୍ତ ବେହେରା, ଅସୀମା ରୟ, ଶ୍ରଦ୍ଧାଞ୍ଜଳି ସାସିନି ସହଯୋଗ କରିଥିଲେ ଏବଂ ଛାତ୍ରଛାତ୍ରୀଙ୍କ ଚିତ୍ରକଳା କୃତିକୁ ସମସ୍ତେ ପ୍ରଶଂସା କରିଥିଲେ । ପାଞ୍ଚ ଦିନ ଧରି ଏହି ଚିତ୍ରକଳା ପ୍ରଦର୍ଶର୍ନୀ ଅନୁଷ୍ଠିତ ହେବ ବୋଲି ସୂଚନା ଦିଆଯାଇଛି ।

## ମ୍ୟୁଲ୍ ଆକାଉଣ୍ଟ୍ କାର୍‌ବାର୍ ଅଭିଯୋଗରେ ୨ ଗିରଫ

**ଆସିକା, ୧୩।୩/ଏନ୍ଏନ୍ଏସ୍:** ସାଇବର ଅପରାଧ ଉପରେ ରୋକ୍ ଲଗାଇବା ପାଇଁ ଆରମ୍ଭ ହୋଇଥିବା ଅପରେସନ୍ ସାଇବର କବଚ ଅଭିଯାନ ସାରା ରାଜ୍ୟରେ ଜାରି ରହିଛି । ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ (ଡିଜିପି) ଯୋଗେଶ୍ ବାହାଦୁର ଖୁରାନିଆଙ୍କ ପରାମର୍ଶ ଏବଂ ଗଞ୍ଜାମ ଆରକ୍ଷୀ ଅଧୀକ୍ଷକ ଶୁଭେନ୍ଦୁ କୁମାର ପାତ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆସିକା ଉପଖଣ୍ଡ ପୁଲିସ ଅଧିକାରୀ ସନ୍ତୋଷ କୁମାର ଜେନା ଓ ଥାନା ଅଧିକାରୀ ସୁଧିର କୁମାର ସାହୁଙ୍କ ନେତୃତ୍ୱରେ ଆସିକା ପୁଲିସ ପକ୍ଷରୁ ଅପରେସନ୍ ସାଇବର କବଚ ଅଭିଯାନକୁ ଶତ ପ୍ରତିଶତ ସଫଳତାର ସହ କାର୍ଯ୍ୟକାରୀ କରିବା ପାଇଁ ବ୍ୟାପକ ପଦକ୍ଷେପ ମାନ ଗ୍ରହଣ କରାଯାଉଛି । ମ୍ୟୁଲ୍ ଆକାଉଣ୍ଟ ଖୋଲି ବେଆଇନ ଭାବେ ଟଙ୍କା କାରବାର କରିଥିବା ଅଭିଯୋଗରେ ଆସିକା ପୁଲିସ ପୂର୍ବରୁ ୬ ଜଣଙ୍କୁ ଗିରଫ କରିଥିଲା । ଗତ ୧୧ ତାରିଖ ଦିନ ଆସିକା ଥାନା କେସ୍ ନମ୍ବର ୯୫/୨୦୨୬ ରେ ଗାଙ୍ଗପୁର ଥାନା ଅନ୍ତର୍ଗତ ବାଙ୍ଗରଡା ଗ୍ରାମର ଯୋଗେନ୍ଦ୍ର ବେହେରା ଏବଂ ବେଲଗୁଣ୍ଠା ଥାନା ଅନ୍ତର୍ଗତ ନାୟକପଡା ଗ୍ରାମର ମନୋଜ କୁମାର ବେହେରାଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିବା ଜଣାପଡିଛି । ଏହି ଘଟଣାରେ ଗିରଫ ଦୁଇ ଅଭିଯୁକ୍ତଙ୍କ ଠାରୁ ଦୁଇଟି ମୋବାଇଲ୍ ଫୋନ୍ ଜବତ କରାଯାଇଥିବା ବେଳେ ସେମାନେ ୨୦୨୪-୨୫ ଆର୍ଥିକ ବର୍ଷରେ ବେଆଇନ ବ୍ୟାଙ୍କ ଖାତା ଖୋଲି ୧୮ ଲକ୍ଷ ଟଙ୍କା କାରବାର କରିଛନ୍ତି ବୋଲି ଆସିକା ଥାନା ଅଧିକାରୀ ସୁଧିର କୁମାର ସାହୁ ସୂଚନା ଦେଇଛନ୍ତି । ଆସିକା ପୁଲିସ ପକ୍ଷରୁ ଜାରି ରହିଥିବା ଅପରେସନ୍ ସାଇବର କବଚ ଅଭିଯାନକୁ ସଚେତନ ନାଗରିକ ମହଲରେ ସ୍ୱାଗତ ଓ ଉଚ୍ଚ ପ୍ରଶଂସା କରାଯାଉଛି ।

# ଖାଉଟିଙ୍କ ଚିନ୍ତା ବଢ଼ାଉଛି ଅତ୍ୟାବଶ୍ୟକୀୟ ସାମଗ୍ରୀର ଦରବୃଦ୍ଧି

**ବ୍ରହ୍ମପୁର, ୧୩।୩/ଏନ୍ଏନ୍ଏସ୍:** ମଧ୍ୟପ୍ରାଚ୍ୟରେ ଚାଲିଥିବା ଯୁଦ୍ଧର ପ୍ରଭାବ ଏବେ ଅତ୍ୟାବଶ୍ୟକୀୟ ସାମଗ୍ରୀ ଉପରେ ପଡିବାରେ ଲାଗିଛି । ବ୍ରହ୍ମପୁର ସହରରେ ଦିନକୁ ଦିନ ବଜାର ଦରର ଅନିୟନ୍ତ୍ରିତ ବୃଦ୍ଧି ସାଧାରଣ ଖାଉଟିଙ୍କ ପାଇଁ ବଡ଼ ଚିନ୍ତାର କାରଣ ହୋଇଛି । ସହରର ବିଭିନ୍ନ ଗଳିକନ୍ଦିରେ ଥିବା ଛୋଟ ଦୋକାନ ଠାରୁ ଆରମ୍ଭ କରି ବଡ଼ ବ୍ୟବସାୟୀ ପର୍ଯ୍ୟନ୍ତ ଅନେକ ସ୍ଥାନରେ ଅହେତୁକ ଭାବେ ଅତ୍ୟାବଶ୍ୟକୀୟ ସାମଗ୍ରୀର ଦର ବୃଦ୍ଧି ହେଉଥିବା ଦେଖାଯାଉଛି । କେତେକ ଅସାଧୁ ବ୍ୟବସାୟୀ ଓ କଳାବଜାରୀମାନେ ଭୟ ଛାଡ଼ି ମନଇଚ୍ଛା ଦର ବଢ଼ାଇ ଲାଭ ଉଠାଉଥିବା ଅଭିଯୋଗ ହେଉଛି । ଖାଉଟି ସିଧାସଳଖ ଅତ୍ୟଧିକ ଆର୍ଥିକ ବୋଝର ଶିକାର ହେଉଛି । ଘରୋଇ ଗ୍ୟାସ ଦର ସିଲିଣ୍ଡର ପିଛା ସରକାର ୬୦ ଟଙ୍କା ବୃଦ୍ଧି କରିଥିବା ବେଳେ ପେଟ୍ରୋଲ ଓ ଡିଜେଲ ଦର ଅପରିବର୍ତ୍ତିତ ରହିଛି । ତଥାପି ପରିବାପତ୍ର ଠାରୁ ଆରମ୍ଭ କରି ନିତିଦିନିଆ ଆବଶ୍ୟକ ସାମଗ୍ରୀ ପର୍ଯ୍ୟନ୍ତ ଦର ବଢି ଚାଲିଛି । ଏହା ସହ ଟିଫିନ୍ ସାମଗ୍ରୀର ଦରରେ ମଧ୍ୟ ଅସାମାନ୍ୟ ବୃଦ୍ଧି ଦେଖାଯାଉଛି । ହୋଟେଲଗୁଡିକରେ ଇଡିଲି, ପୁରୀ ଆଦି ଗୋଟିଏ ପିଛା ୫ ଟଙ୍କାରେ ମିଳୁଥିବା ବେଳେ କେତେକ ସ୍ଥାନରେ ଏବେ ୭ରୁ ୧୦ ଟଙ୍କାରେ ବିକ୍ରି ହେଉଛି । ସେହିପରି ଦୋସା ଯାହା କିଛି ଦିନ ପୂର୍ବରୁ ୩୦ ଟଙ୍କାରେ ମିଳୁଥିଲା, ଆଜି ତାହା ୫୦ରୁ ୬୦ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି ପାଇଛି । ଏହି ଅସାମାନ୍ୟ ଦର ବୃଦ୍ଧି କେବଳ ଟିଫିନ୍ ସାମଗ୍ରୀରେ ସୀମିତ ନୁହେଁ; ବଜାରର ଅନେକ ଆବଶ୍ୟକ ସାମଗ୍ରୀରେ ମଧ୍ୟ ଏହାର ପ୍ରଭାବ ଦେଖାଯାଉଛି । ଖାଇବା ତେଲଠାରୁ ଆରମ୍ଭ କରି ପ୍ଲାଷ୍ଟିକରେ ପ୍ରସ୍ତୁତ ବିଭିନ୍ନ ସାମଗ୍ରୀ ଏବଂ ଅନେକ ଅତ୍ୟାବଶ୍ୟକୀୟ ସାମଗ୍ରୀର ଦର ବୃଦ୍ଧି ଖାଉଟିଙ୍କୁ ଚିନ୍ତାରେ ପକାଇଛି । ବିଶେଷ କରି ଗରିବ ଓ ସାଧାରଣ ଲୋକଙ୍କୁ ଅଧିକ ବାଧୁଥିବା ବେଳେ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି । ଏହି ପରିସ୍ଥିତିକୁ ରାଜ୍ୟ ସରକାର ଓ ଯୋଗାଣ ବିଭାଗ ଗୁରୁତର ସହ ନେଇ ବଜାର ଉପରେ କଡା ନଜର ରଖିବାକୁ ଦାବି ହେଉଛି । ଅନାବଶ୍ୟକ ଭାବେ ଦର ବଢ଼ାଇଥିବା ବ୍ୟବସାୟୀଙ୍କ ଉପରେ ଯଥୋଚିତ କାର୍ଯ୍ୟାନୁଷ୍ଠାନ ନେବାକୁ ସାଧାରଣରେ ଦାବି ହେଉଛି ।

### ପ୍ରଧାନମନ୍ତ୍ରୀ କିଷାନ ସମ୍ମାନନିଧିର ୨୨ତମ କିସ୍ତି ପ୍ରଦାନ

## ଅନ୍ନଦାତାଙ୍କ ଖାତାକୁ ଗଲା ୩୩ କୋଟି ୫୪ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା

**ଛତ୍ରପୁର, ୧୩।୩/ଏନ୍ଏନ୍ଏସ୍:** ଦେଶର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସାମର ରାଜଧାନୀ ଗୁଆହାଟୀରୁ ଡ଼ିବିଟି ମାଧ୍ୟମରେ ପ୍ରଧାନମନ୍ତ୍ରୀ କିଷାନ ସମ୍ମାନନିଧି ଯୋଜନାର ୨୨ତମ କିସ୍ତି ଦେଶର ଅନ୍ନଦାତା ଭାଇଭଉଣୀମାନଙ୍କୁ ପ୍ରଦାନ କରିଛନ୍ତି । ଏହି ଅବସରରେ ସ୍ଥାନୀୟ ଋଷିକୁଲ୍ୟା ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ଭି. କୀର୍ତ୍ତି ଭାସନଙ୍କ ଅଧ୍ୟକ୍ଷତାରେ ପିଏମ୍ କିଷାନ ଉତ୍ସବ ଦିବସ ପାଳନ କରାଯାଇଥିଲା । ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ଉଦବୋଧନର ସିଧା ପ୍ରସାରଣ କୃଷକ ଭାଇଭଉଣୀମାନଙ୍କ ପାଇଁ ଉପଲବ୍ଧ କରାଯାଇଥିଲା ।



ଚାଷୀଙ୍କୁ ସଶକ୍ତ ଏବଂ କୃଷିକୁ ସମୃଦ୍ଧ କରିବା ଲକ୍ଷ୍ୟରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଆଜି ଗଞ୍ଜାମ ଜିଲ୍ଲାର ୧,୬୭,୭୪୬ କୃଷକ ପରିବାରଙ୍କୁ ୩୩ କୋଟି ୫୪ ଲକ୍ଷ ୯୨ ହଜାର ଟଙ୍କାର ସହାୟତା ରାଶି ଡ଼ିବିଟି ମାଧ୍ୟମରେ ପ୍ରଦାନ କରିଛନ୍ତି । ଆସିକା ବ୍ଲକରେ ୮୧୦୨ ଜଣ ଚାଷୀଙ୍କ ଖାତାକୁ ଆର୍ଥିକ ସହାୟତା ଯାଇଥିବା ବେଳେ ବେଗୁନିଆପଡାରେ ୮୪୬୩, ବେଲଗୁଣ୍ଠରେ ୬୬୫୪, ଭଞ୍ଜନଗରରେ ୫୭୮୯, ବୁଗୁଡାରେ ୭୨୦୭, ଛତ୍ରପୁରରେ ୪୨୫୧, ଚିକିଟିରେ ୫୩୦୪, ଧରାକୋଟରେ ୬୨୨୩, ଦିଗପହଣ୍ଡିରେ ୧୪୧୫୩, ଗଞ୍ଜାମ ବ୍ଲକରେ ୫୪୪୬, ହିଞ୍ଜିଳୀକାଟୁରେ ୬୩୭୮, ଜଗନ୍ନାଥପ୍ରସାଦରେ ୮୮୫୨, କବିସୂର୍ଯ୍ୟନଗରରେ ୬୧୨୩, ଖଲ୍ଲିକୋଟରେ ୧୦୦୬୩, କୁକୁଡାଖଣ୍ଡିରେ ୫୪୬୦, ପାତ୍ରପୁରରେ ୭୫୩୦, ପୋଲସରାରେ ୮୬୩୩, ପୁରୁଷୋତ୍ତମପୁରରେ ୮୫୧୧, ରଙ୍ଗେଇଲୁଣ୍ଡାରେ ୫୪୫୪, ସାନଖେମୁଣ୍ଡିରେ ୧୧୧୭୮, ସେରଗଡରେ ୯୮୦୩ ଏବଂ ସୁରଡା ବ୍ଲକରେ ୮୧୬୯ କୃଷି ପରିବାର ଏହି ଯୋଜନାରେ ଲାଭାନ୍ୱିତ ହୋଇଛନ୍ତି । ଆଜି ପ୍ରଧାନମନ୍ତ୍ରୀ ଦେଶର ୯.୩୨ କୋଟି ଅନ୍ନଦାତାଙ୍କ ଆକାଉଣ୍ଟକୁ ୨୨ ତମ କିସ୍ତି ହସ୍ତାନ୍ତର କରିଛନ୍ତି । ଏହି କ୍ରମରେ ଓଡ଼ିଶାର ୩୪ ଲକ୍ଷରୁ ଅଧିକ କୃଷକ ପରିବାର ଉପକୃତ ହୋଇଛନ୍ତି । ପ୍ରଧାନମନ୍ତ୍ରୀ କିଷାନ ସମ୍ମାନନିଧି ଯୋଜନା ମାଧ୍ୟମରେ ଜମି ଥିବା ଚାଷୀମାନଙ୍କୁ ପ୍ରତିବର୍ଷ ତିନୋଟି କିସ୍ତିରେ ୨୦୦୦ ଟଙ୍କା କରି ସର୍ବମୋଟ ୬୦୦୦ ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି । ଏହି ସହାୟତା ଚାଷୀଭାଇଭଉଣୀମାନଙ୍କୁ ଚାଷ ଋତୁ ପୂର୍ବରୁ ବିହନ, ସାର ଓ ଔଷଧ କ୍ରୟ କରିବାରେ ସାହାଯ୍ୟ କରୁଛି । ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମରେ ଜିଲ୍ଲାପାଳଙ୍କ ସମେତ ଜିଲ୍ଲା ପରିଷଦର ଭାରପ୍ରାପ୍ତ ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ବିଜୟ କୁମାର ବେହେରା, ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ଅଜୟ କୁମାର କର, ଉପ ଉଦ୍ୟାନ କୃଷି ନିର୍ଦ୍ଦେଶକ ଡ଼ଃ କନ୍ଧ ଜେନା ଓ ବରିଷ୍ଠ କୃଷି ବୈଜ୍ଞାନିକ ଡ. ସୁଜିତ କୁମାର ନାଥଙ୍କ ସମେତ ଗଞ୍ଜାମ ଜିଲ୍ଲାର ବିଭିନ୍ନ ବ୍ଲକରୁ ପ୍ରାୟ ୨୫୦ରୁ ଉର୍ଦ୍ଧ୍ୱ ହିତାଧିକାରୀ ଓ କ୍ଷେତ୍ରସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ ।

## ଗ୍ୟାସ୍ ଡିପୋରେ ଗ୍ରାହକଙ୍କ ଲମ୍ବା ଲାଇନ୍

**ଆସିକା, ୧୩।୩/ଏନ୍ଏନ୍ଏସ୍:** ମଧ୍ୟପ୍ରାଚ୍ୟର ଯୁଦ୍ଧର ପ୍ରଭାବରେ ଦେଖାଦେଇଥିବା ଜଳେଣୀ ଗ୍ୟାସ ଅଭାବର ପ୍ରଭାବ ସିଧାସଳଖ ଏଲ୍‌ପିଜି ଗ୍ରାହକଙ୍କ ଉପରେ ପଡିଥିବା ପରିଲକ୍ଷିତ ହୋଇଛି । ଘରୋଇ ସିଲିଣ୍ଡର ଦର ୬୦ ଟଙ୍କା ବଢିବା ଏବଂ ବାଣିଜ୍ୟିକ ଏଲ୍‌ପିଜି ଦର ପ୍ରାୟ ୧୧୦ ଟଙ୍କା ବୃଦ୍ଧି ପାଇବା ପରେ ରୋଷେଇଶାଳାରେ ଚଡକ ପଡିଯାଇଥିବା ଦେଖିବାକୁ ମିଳିଛି । ଆସିକା ସହର ତଥା ଏହାର ଆଖପାଖ ଅଞ୍ଚଳର ଅଧିକାଂଶ ଗ୍ରାହକଙ୍କ ଏଲ୍‌ପିଜି ଘରୋଇ ରନ୍ଧନ ଗ୍ୟାସ ସରିଯିବାର ଆଶଙ୍କା ଦେଖାଦେଇଥିବା ଜଣାପଡିଛି । ଶୁକ୍ରବାର ପୂର୍ବାହ୍ନରୁ ଦୀର୍ଘ ସମୟ ଧରି ଆସିକା ହିନ୍ଦୁସ୍ଥାନ ପେଟ୍ରୋଲିୟମର ଗ୍ୟାସ୍ ଡିପୋ ସମ୍ମୁଖରେ ଘରୋଇ ଗ୍ୟାସ୍ ସିଲିଣ୍ଡର ନେବା ପାଇଁ ବୁକିଂ କରିଥିବା ଗ୍ରାହକଙ୍କ ଲମ୍ବା ଲାଇନ୍ ଦେଖିବାକୁ ମିଳିଥିଲା । ଆସିକା ହିନ୍ଦୁସ୍ଥାନ ପେଟ୍ରୋଲିୟମ୍ ରନ୍ଧନ ଗ୍ୟାସ ବିତରଣକାରୀ ସଂସ୍ଥାର କର୍ତ୍ତୃପକ୍ଷ ଡିପୋ ନିକଟରେ ଉପସ୍ଥିତ ରହି ଶୃଙ୍ଖଳିତ ଭାବେ ନୀତିନିୟମ ଅନୁଯାୟୀ ଗ୍ରାହକମାନଙ୍କୁ ଘରୋଇ ରନ୍ଧନ ଗ୍ୟାସ ବିତରଣ କରୁଥିଲେ । ବ୍ୟବସାୟିକ ଗ୍ୟାସ ସିଲିଣ୍ଡର ବୁକିଂ ଗତ କିଛି



ଦିନ ହେଲା ବନ୍ଦ ହୋଇଯାଇଥିବା ଯୋଗୁଁ ହୋଟେଲ୍ ଓ ରେଷ୍ଟୁରାଣ୍ଟ ଶିଳ୍ପ ବର୍ତ୍ତମାନ ସୁଦ୍ଧା କିଛିମାତ୍ରାରେ ବାଧାପ୍ରାପ୍ତ ହୋଇଥିବା ଜଣାପଡିଛି । ଇରାନ୍ ଯୁଦ୍ଧରେ ଭାରତରେ ରନ୍ଧନ ଗ୍ୟାସ ଯୋଗାଣ କ୍ଷେତ୍ରରେ ଏକ ବଡ ସଂକଟ ସୃଷ୍ଟି ହୋଇଛି । ଆସିକା ଅଞ୍ଚଳରେ ବର୍ତ୍ତମାନ ସୁଦ୍ଧା ଏଲ୍‌ପିଜି ସଂକଟ ସେତେଟା ଦେଖାଦେଇନଥିଲେ ମଧ୍ୟ ଆଗାମୀ କିଛି ଦିନ ପରେ କାଳେ ଗ୍ୟାସ ସିଲିଣ୍ଡର ସଂକଟ ଦେଖାଦେବା ଆଶଙ୍କାରେ ରନ୍ଧନ ଗ୍ୟାସ ସିଲିଣ୍ଡର ନେବାକୁ ଡିପୋ ନିକଟରେ ବହୁ ଗ୍ରାହକଙ୍କ ଏକପ୍ରକାର ପ୍ରତିଯୋଗିତା ଲାଗିଥିବା ପରିଲକ୍ଷିତ ହୋଇଥିଲା । ଡୋମେଷ୍ଟିକ୍ ବା ଘରୋଇ ଗ୍ୟାସ ସିଲିଣ୍ଡରକୁ ଉପଭୋକ୍ତାଙ୍କ ନିକଟରେ ପହଞ୍ଚାଇବା ପାଇଁ ଆସିକା ଏଚ୍‌ପି ଗ୍ୟାସ ବିତରଣକାରୀ ସଂସ୍ଥା ପକ୍ଷରୁ ସମସ୍ତ ପ୍ରୟାସ ଜାରି ରହିଥିବା ଦେଖିବାକୁ ମିଳିଛି । ଗ୍ୟାସ ବୁକିଂର ସମୟ ଅବଧି ୨୧ ଦିନ ପରିବର୍ତ୍ତେ ଏଣିକି ୨୫ ଦିନରେ ଥରେ ଗ୍ୟାସ ବୁକିଂ କରିବାକୁ ଘୋଷଣା ହୋଇଛି ।

## ଦରବୃଦ୍ଧିକୁ ନେଇ କଂଗ୍ରେସର ରାସ୍ତାରୋକ

**ବ୍ରହ୍ମପୁର, ୧୩।୩/ଏନ୍ଏନ୍ଏସ୍:** ରନ୍ଧନ ଗ୍ୟାସ୍ ଓ ଅନ୍ୟାନ୍ୟ ନିତ୍ୟବ୍ୟବହାର୍ଯ୍ୟ ସାମଗ୍ରୀର ଦରବୃଦ୍ଧି ପ୍ରତିବାଦରେ ଆନ୍ଦୋଳନକୁ



ଓହ୍ଲାଇଛି ଗଞ୍ଜାମ ଜିଲ୍ଲା କଂଗ୍ରେସ (ପୂର୍ବ) କମିଟି । ଜିଲ୍ଲା କଂଗ୍ରେସ ସଭାପତି (ପୂର୍ବ) ରଶ୍ମୀ ରଞ୍ଜନ ପଟ୍ଟନାୟକଙ୍କ ନିର୍ଦ୍ଦେଶରେ ବହୁ ଦଳୀୟ ନେତା ଓ କର୍ମୀ ପ୍ରତିବାଦ ସଭା ସହ ରାସ୍ତାରୋକ କରିଥିଲେ । ଅତ୍ୟାବଶ୍ୟକୀୟ ସାମଗ୍ରୀର ଦରଦାମ ବୃଦ୍ଧିକୁ ନେଇ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଉପରେ ବର୍ଷିଥିଲେ । ରନ୍ଧନ ଗ୍ୟାସ ଓ ଅନ୍ୟାନ୍ୟ ନିତ୍ୟ ବ୍ୟବହାର୍ଯ୍ୟ ଜିନିଷର ଅହେତୁକ ଦରଦାମ ବୃଦ୍ଧି ସାଧାରଣ ଜନତାଙ୍କ ପାଇଁ ଚିନ୍ତାର କାରଣ ହୋଇଛି । ସରକାର ତୁରନ୍ତ ଦର ନିୟନ୍ତ୍ରଣ କରିବାକୁ ଦଳ ପକ୍ଷରୁ ଦାବି କରାଯାଇଥିଲା । ବରିଷ୍ଠ କଂଗ୍ରେସ ନେତା ବୃନ୍ଦାବନ ଖଟେଇଙ୍କ ନେତୃତ୍ୱରେ ଶହ ଶହ ମହିଳା, ଯୁବ, ଛାତ୍ର ଓ କଂଗ୍ରେସ କର୍ମୀ ଦୀର୍ଘ ସମୟ ଧରି ରାସ୍ତା ଅବରୋଧ କରିବା ସହ ଯୁଦ୍ଧ ବାହାନାରେ କେନ୍ଦ୍ର ଓ ରାଜ୍ୟ ସରକାର ଗ୍ୟାସ ସିଲିଣ୍ଡର ପିଛା ୬୦ ଟଙ୍କା ବୃଦ୍ଧି ବନ୍ଦ କରିବା, କଳା ବଜାରୀ ରୋକିବାକୁ ଦାବି ହୋଇଥିଲା । ପ୍ରତିବାଦ ସଭାରେ ବରିଷ୍ଠ କଂଗ୍ରେସ ନେତା ଯୋଗୀ ବେହେରା, ତ୍ରିନାଥ ବେହେରା, ଉପସଭାପତି ଅଶୋକ ପଟ୍ଟନାୟକ, ବୃନ୍ଦାବନ ଖଟେଇ, ମହିଳା ସଭାପତି ବନଜା ପଣ୍ଡା, ରଶ୍ମିତା ସାହୁ, ଗୀତାଞ୍ଜଳି ସାହୁ, କୁଷ୍ଣ ଗୌଡ, ପ୍ରହଲ୍ଲାଦ ଗୌଡ, ରାମ ସାହୁ, ଅରୁଣ ପଟ୍ଟନାୟକ, କାଳି ପ୍ରସାଦ ପାଢୀଙ୍କ ସମେତ ବହୁ କର୍ମୀ ସାମିଲ ହୋଇଥିଲେ ।

## ୭୨ ବର୍ଷ ପରେ ବିଦ୍ୟାଳୟ ଦେଖିଲା ବିଦ୍ୟୁତ୍ ଆଲୋକ

**ଫୁଲବାଣୀ, ୧୩।୩/ଏନ୍ଏନ୍ଏସ୍:** ବିଦ୍ୟାଳୟ ସ୍ଥାପନାର ୭୨ ବର୍ଷ ପରେ ସମ୍ଭବ ହୋଇଛି ବିଦ୍ୟୁତ ସଂଯୋଗ । ଫୁଲବାଣୀ ବ୍ଲକ କଟ୍ରିଙ୍ଗିଆ ପଞ୍ଚାୟତର କାତାକେରୀ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଗତ ୧୯୫୪ ମସିହାରେ ସ୍ଥାପନ ହୋଇଥିଲା । ଏହି ପୁରାତନ



ବିଦ୍ୟାଳୟରେ ରହିଛି ଅନେକ ସମସ୍ୟା । ତେବେ ବିଦ୍ୟୁତ ସଂଯୋଗ ହୋଇ ପାରି ନ ଥିବାରୁ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସମେତ ଛାତ୍ରଛାତ୍ରୀ ଅସୁବିଧା ଭୋଗୁଥିଲେ । ଶେଷରେ ପ୍ରଧାନ ଶିକ୍ଷକ ରାଧାନାଥ ସାହୁଙ୍କ ଉଦ୍ୟମ ତଥା କଟ୍ରିଙ୍ଗିଆ ସରପଞ୍ଚ ପ୍ରତିଭା କହଁର, ଫୁଲବାଣୀ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୌମ୍ୟରଞ୍ଜନ ପାତ୍ର, ଗୋଷ୍ଠୀ ଶିକ୍ଷା ଅଧିକାରୀ ରଞ୍ଜନ କହଁର ଓ ସ୍ଥାନୀୟ ସମାଜସେବୀ ଘନକୁମାର ଶବରଙ୍କ ସହଯୋଗ କ୍ରମେ ଆଜି ଏହି ବିଦ୍ୟାଳୟକୁ ବିଦ୍ୟୁତ ସଂଯୋଗ କରାଯାଇଛି । ଦୁର୍ଗମ ଅଞ୍ଚଳରେ ଥିବା ଏହି ବିଦ୍ୟାଳୟ ଦେଖିଛି ବିଦ୍ୟୁତ ଆଲୋକ । ସୂଚନାଯୋଗ୍ୟ, କିଛି ଦିନ ତଳେ ବିଦ୍ୟାଳୟ ପରିଦର୍ଶନରେ ଆସିଥିବା ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ଏହି ସମସ୍ୟା ସମ୍ପର୍କରେ ଅବଗତ କରାଯିବା ପରେ ସେ ଏହାର ସମାଧାନ ପାଇଁ ପ୍ରତିଶ୍ରୁତି ଦେଇଥିଲେ । ସେହି ଅନୁସାରେ ପ୍ରକ୍ରିୟା ଆରମ୍ଭ ପରେ ଆଜି ବିଦ୍ୟୁତ ବିଭାଗ କର୍ମଚାରୀ ଆସି ବିଦ୍ୟାଳୟକୁ ବିଦ୍ୟୁତ ସଂଯୋଗ କରିଛନ୍ତି । ଏହାକୁ ନେଇ ବିଦ୍ୟାଳୟର ଶିକ୍ଷକ, ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀଙ୍କ ସମେତ ଗ୍ରାମବାସୀ ଖୁସି ପ୍ରକଟ କରିବା ସହିତ ସ୍ଥାନୀୟ ସରପଞ୍ଚ ଓ ପ୍ରଶାସନକୁ କୃତଜ୍ଞତା ଜଣାଇଛନ୍ତି ।

## ମହିଳା ବନ୍ଧୁତ୍ୱପୂର୍ଣ୍ଣ ପଞ୍ଚାୟତ ଚୟନ ପ୍ରକ୍ରିୟା ଦୌଡ଼ରେ ଗୁଡିପଦର ପଞ୍ଚାୟତ



**ପାତ୍ରପୁର, ୧୩।୩/ଏନ୍ଏନ୍ଏସ୍:** ପାତ୍ରପୁର ବ୍ଲକ ସୀମାନ୍ତ ଗୁଡିପଦର ପଞ୍ଚାୟତ ମହିଳା ଫ୍ରେଣ୍ଡଲି ପଞ୍ଚାୟତ ଚୟନ ପ୍ରକିୟା ଦୌଡରେ ରହିଛି । ଏଥିଲାଗି ଶୁକ୍ରବାର ଗୁଡିପଦର ପଞ୍ଚାୟତକୁ ଏକ କେନ୍ଦ୍ରୀୟ କମିଟି ସଦସ୍ୟ ପହଞ୍ଚି ପରିଦର୍ଶନ କରିଥିବା ଦେଖିବାକୁ ମିଳିଛି । ସୂଚନା ଅନୁସାରେ ଚଳିତ ବର୍ଷ ପାତ୍ରପୁର ବ୍ଲକର ମହିଳା ଫ୍ରେଣ୍ଡଲି ପଞ୍ଚାୟତ ଚୟନ ପ୍ରକ୍ରିୟାରେ ୨୩ ଗୋଟି ପଞ୍ଚାୟତର ସବିଶେଷ ତଥ୍ୟ କେନ୍ଦ୍ର ସରକାରଙ୍କ ପାଖରେ ପ୍ରଦାନ କରାଯାଇଥିଲା । ଏଥିଲାଗି ରହିଥିବା ନଅ ଗୋଟି ନିୟମକୁ ପର୍ଯ୍ୟାଲୋଚନା କରି କେନ୍ଦ୍ର ସରକାର ତରଫରୁ ମହିଳା ଫ୍ରେଣ୍ଡଲି ପଞ୍ଚାୟତ ଭାବେ ଗୁଡ଼ିପଦର ଫଚାୟତକୁ ଚୟନ କରାଯାଇଛି । ଆଜି କେନ୍ଦ୍ରୀୟ କମିଟି ସଦସ୍ୟ ଏସଆଇଆରଡି ବିଜୟ କୁମାର, ପ୍ରଦୀପ ମହାପାତ୍ର, ସିଡିଓ ବିଜୟ କୁମାର ବେହେରା, ଡିପିଏମ ଜଗନ୍ନାଥ ସାହୁ ପ୍ରମୁଖ ପହଞ୍ଚିବା ପରେ ଗୁଡିପଦର ପଞ୍ଚାୟତ ତରଫରୁ ବହୁ ମହିଳା ପହଞ୍ଚି ସ୍ୱାଗତ କରିଥିଲେ । ପରବର୍ତ୍ତୀ ସମୟରେ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ କେନ୍ଦ୍ରୀୟ କମିଟି ପଞ୍ଚାୟତ ପରିଦର୍ଶନ କରିବା ସହିତ ସମସ୍ତ ଫାଇଲ ଅନୁଧାନ କରିଥିଲେ । ଏଥି ସହିତ ଗୁଡିପଦର ପଞ୍ଚାୟତର ଉଭୟ ଗ୍ରାମ ତଥା ଗୁଡିପଦର ଓ ବଳରାମପୁର ଗ୍ରାମ ପରିଦର୍ଶନ କରି ଫେରିଥିଲେ । କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ପାତ୍ରପୁର ଅଧ୍ୟକ୍ଷା ୱାଇ. ସଞ୍ଜୁକ୍ତା ରେଡି, ସରପଞ୍ଚ ଜି. ଶ୍ରୀଦେବୀ ସେଠୀ, ଏବିଡିଓ ବିଜୟ କୁମାର ପ୍ରଧାନ, ସିପି ଦେବାଶିଷ ପ୍ରଧାନ, ବିଏସଏସଓ ସ୍ନେହାଶିଷ ପଟ୍ଟନାୟକ, ଏପିଓ ପ୍ରଣତି ପୁରୋହିତ, ସ୍ଥାନୀୟ ପିଇଓ ମୋହନ ରାଓଙ୍କ ସମେତ ବ୍ଲକ ସରକାରୀ କର୍ମଚାରୀ ମାନେ ଉପସ୍ଥିତ ଥିଲେ ।

## ଜମି ବିକ୍ରି ନାମରେ ଠକେଇ, ୨ ଗିରଫ

**ରଙ୍ଗେଇଲୁଣ୍ଡା, ୧୩।୩/ଏନ୍ଏନ୍ଏସ୍:** ପୂର୍ବରୁ ବିକ୍ରି ହୋଇସାରିଥିବା ଏକ ଜମିକୁ ବେଆଇନ ଭାବେ ବିକ୍ରି କରିବା ସହ ଏହା ବାବଦରେ ପ୍ରାୟ ୭୫ ଲକ୍ଷ ଟଙ୍କା ଜମି ବିକ୍ରି ଦଲାଲ ନେଇଯାଇଥିବା ମାମଲାରେ ପୁଲିସ ଆଜି ଦୁଇ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଗିରଫ ଅଭିଯୁକ୍ତ ମାନେ ହେଲେ ବ୍ରହ୍ମପୁର ବଡ ବଜାର ଥାନା ଅନ୍ତର୍ଗତ ଶଙ୍ଖାରୀ ସାହିର ସୋମେନ୍ଦ୍ର କୁମାର ସାହୁ ଏବଂ ସଦର ଥାନା ଅନ୍ତର୍ଗତ ରାଇଖୋଳର ଶିବଶଙ୍କର ଚୈଧୁରୀ ବୋଲି ପୁଲିସ ସୂଚନା ଦେଇଛି । ଅଭିଯୋଗ ଅନୁଯାୟୀ ଗୋପାଳପୁର ଥାନା ଅନ୍ତର୍ଗତ ଅନ୍ତରବାଟିଆରେ ପି. ସତ୍ୟନାରାୟଣଙ୍କ ନାମରେ ଥିବା ଦୁଇଟି ଜମିକୁ ଗତ ୨୦୨୨ ରେ ସୋମେନ୍ଦ୍ର କୁମାର ସାହୁ ଏବଂ ହିମାଂଶୁ ଶେଖର ପାତ୍ରଙ୍କୁ ବିକ୍ରି କରାଯାଇଥିଲା । ଜମି ବିକ୍ରି ପରେ ସୋମେନ୍ଦ୍ର କିଣିଥିବା ଜମିକୁ ୧୯୭୦-୧୯୭୨ରେ ରଙ୍ଗେଇଲୁଣ୍ଡା ଅଞ୍ଚଳର ଜୈନିକ ବ୍ୟକ୍ତି କିଣିଥିବା ଜାଣିବା ପରେ ଚଞ୍ଚକତା କରି ସୋମେନ୍ଦ୍ର ନିଜ ନାମରେ ଥିବା ଜମିକୁ ହିମାଂଶୁ ଶେଖର ପାତ୍ରଙ୍କୁ ବିକ୍ରି କରି ଦେଇଥିଲେ । ହିମାଂଶୁ ଗତ ୨୦୨୫ରେ କିଣିଥିବା ଜମି ନିକଟକୁ ଯାଇ ମାପଚୁପ କରିବା ବେଳେ ପୂର୍ବରୁ କିଣିଥିବା ଜମି ମାଲିକ ସେଠାରେ ପହଞ୍ଚି ତାହା ସେ ୧୯୭୦ରେ କିଣିଥିବା ଦସ୍ତାବିଜ ଦେଖାଇଥିଲେ । ଏହା ଜଣାପଡିବା ପରେ ହିମାଂଶୁ ଜମି କିଣାବିକା ବାବଦରେ ପ୍ରାୟ ୭୫ ଲକ୍ଷ ଠକେଇର ଶିକାର ହୋଇଥିବା ଜାଣିପାରି ସୋମେନ୍ଦ୍ର ଏବଂ ଶିବଶଙ୍କରଙ୍କୁ ଟଙ୍କା ଫେରାଇବାକୁ କହି ଆସୁଥିଲେ । କିନ୍ତୁ ଉଭୟ ଧରାଛୁଆଁ ଦେଉନଥିଲେ କି ଟଙ୍କା ଫେରସ୍ତ କରୁନଥିଲେ । ହିମାଂଶୁ ଜମି କିଣା ନେଇ ଠକେଇର ଶିକାର ହୋଇଥିବା ନେଇ ଗୋଲନ୍ଥରା ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ । ପୁଲିସ ପକ୍ଷରୁ ଅଭିଯୋଗ ନେଇ ୫୪୭/୨୫ ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା । ଆଜି ଉଭୟ ସୋମେନ୍ଦ୍ର ଓ ଶିବଶଙ୍କରଙ୍କୁ ପୁଲିସ୍ ଗିରଫ କରି କୋର୍ଟ ଚାଲାଣ କରିଛି ।

## ଯକ୍ଷ୍ମାରୋଗୀଙ୍କୁ ପୁଷ୍ଟିକର ଖାଦ୍ୟ ପ୍ୟାକେଟ୍ ବଣ୍ଟନ

**ଆସିକା, ୧୩।୩/ଏନ୍ଏନ୍ଏସ୍:** ଆସିକା ସମବାୟ ଚିନିଶିଳ୍ପ ପକ୍ଷରୁ ଆସିକା ଏନ୍ଏସି ଅଞ୍ଚଳର ୧୪ ଜଣ ଯକ୍ଷ୍ମାରୋଗୀଙ୍କୁ ପୁଷ୍ଟିକର ଖାଦ୍ୟ ପ୍ୟାକେଟ୍ ବଣ୍ଟନ କରାଯାଇଥିବା ଜଣାପଡିଛି । ଆସିକା ଉପଖଣ୍ଡ ଚିକିତ୍ସାଳୟ ପରିସରରେ ଏହି ଅବସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମବାୟ ଚିନିଶିଳ୍ପର ପରିଚାଳନା ନିର୍ଦ୍ଦେଶକ ଡଃ ସୁଶାନ୍ତ କୁମାର ପଣ୍ଡା ଓ ମେଡିକାଲ୍ ଅଧୀକ୍ଷକ ଡାକ୍ତର ବାଲ୍‌ଗୋପାଳ ବେହେରା ଏବଂ ହସପିଟାଲ୍ ପରିଚାଳକ ବିଶ୍ୱଜିତ୍ ପ୍ରଧାନ ଯୋଗଦେଇ ଉପସ୍ଥିତ ଯକ୍ଷ୍ମାରୋଗୀଙ୍କ ସୁବିଧା ଓ ଅସୁବିଧା ପଚାରି ବୁଝିବା ସାଙ୍ଗକୁ ସେମାନଙ୍କ ସୁସ୍ଥ ଓ ନିରାମୟ ଜୀବନ କାମନା କରିଥିଲେ । ଏହି ଅବସରରେ ଆସିକା ଏନ୍ଏସି ଅଞ୍ଚଳର ୧୪ ଜଣ ଯକ୍ଷ୍ମାରୋଗୀଙ୍କୁ ସମବାୟ ଚିନିଶିଳ୍ପ ପକ୍ଷରୁ ପୁଷ୍ଟିକର ଖାଦ୍ୟ ପ୍ୟାକେଟ୍ ବଣ୍ଟନ କରାଯିବା ସାଙ୍ଗକୁ ନିୟମିତ ଔଷଧ ଓ ପୁଷ୍ଟିକର ଖାଦ୍ୟ ଖାଇବା ପାଇଁ ପରାମର୍ଶ ଦିଆଯାଇଥିଲା । ଆସିକା ସମବାୟ ଚିନିଶିଳ୍ପ ପକ୍ଷରୁ



ଯକ୍ଷ୍ମାରୋଗୀଙ୍କ ସକାଶେ ପୁଷ୍ଟିକର ଖାଦ୍ୟ ପ୍ୟାକେଟ୍ ବଣ୍ଟନ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ସମବାୟ ଚିନିଶିଳ୍ପର ଷ୍ଟେନୋ ବିଶ୍ୱନାଥ ପାଣିଗ୍ରାହୀ ଓ କର୍ମଚାରୀ କୈଳାଶ ଚନ୍ଦ୍ର ଗୌଡ, ଆସିକା ଉପଖଣ୍ଡ ଚିକିତ୍ସାଳୟର ସହରାଞ୍ଚଳ ତଥ୍ୟ ପରିଚାଳକ ସୁନିଲ୍ କୁମାର ଘଡେଇ, ଯକ୍ଷ୍ମା ବିଭାଗର ବରିଷ୍ଠ ଚିକିତ୍ସା ପରିଦର୍ଶକ ସଙ୍ଗୀତାରାଣୀ ସ୍ୱାଇଁ ଓ ବରିଷ୍ଠ ଯକ୍ଷ୍ମୀ ନିଦାନ ପରିଦର୍ଶକ ବିଶ୍ୱଜିତ୍ ସାମନ୍ତରାୟଙ୍କ ସମେତ ସ୍ୱାସ୍ଥ୍ୟ ବିଭାଗର ବହୁ କର୍ମଚାରୀ ଉପସ୍ଥିତ ଥିଲେ ।

## ବୁକିଂ ହେଉନି ଘରୋଇ ଗ୍ୟାସ୍, ଚିନ୍ତାରେ ଲୋକେ

**ବୁଗୁଡ଼ା, ୧୩।୩/ଏନ୍ଏନ୍ଏସ୍:** ମଧ୍ୟପ୍ରାଚ୍ୟରେ ଯୁଦ୍ଧ ଯୋଗୁଁ ପଲ୍ଲୀରୁ ଦିଲ୍ଲୀ ଯାଏଁ ଗ୍ୟାସ ସଂକଟ ଦେଖାଦେଇଛି । ବୁଗୁଡାରେ ଚାରିଦିନ ହେଲା ଘରୋଇ ଓ କମର୍ସିଆଲ ଗ୍ୟାସ ସଙ୍କଟ ମଧ୍ୟ ଘନେଇବାରେ ଲାଗିଛି । ଏଠାକାର ଜଳଖିଆ ହୋଟେଲ ଓ ବଡ଼ବଡ଼ ରେଷ୍ଟୁରାଣ୍ଟକୁ କମର୍ସିଆଲ ଗ୍ୟାସ ଚାରିଦିନ ହେଲା ଯୋଗାଯାଉନାହିଁ । ଯାହାଫଳରେ ସେମାନଙ୍କ ନିକଟରେ ଗଚ୍ଛିତ ଥିବା ଗ୍ୟାସ ଯେକୌଣସି



ମୁହୂର୍ତ୍ତରେ ସରିଗଲେ ବ୍ୟବସାୟ ବନ୍ଦ ହେବାର ଆଶଙ୍କା କରାଯାଉଛି । ସେହିପରି ଘରୋଇ ଗ୍ୟାସ ବୁକିଂ ମଧ୍ୟ ସହଜରେ ହେଉନାହିଁ । ଗ୍ୟାସ ନେବାର ୨୫ ଦିନ ପରେ ପରବର୍ତ୍ତୀ ଗ୍ୟାସ ପାଇବା ପାଇଁ ବୁକିଂ କରିବା ନେଇ ବର୍ତ୍ତମାନ ସରକାର ଏବେ ଏହି ବ୍ୟବସ୍ଥା କରିଛନ୍ତି । ତେବେ ଚାରିଦିନ ହେଲା ଅଧିକାଂଶ ଗ୍ରାହକ ଗ୍ୟାସ ବୁକିଂ ପାଇଁ ପ୍ରୟାସ କରିବା ସତ୍ତ୍ୱେ ଅନ୍‌ଲାଇନ୍‌ରେ ବୁକିଂ ହେଉନାହିଁ । ଯାହାକୁ ନେଇ ଘରୋଇ ଲୋକେ ବେଶ ଚିନ୍ତାରେ ରହିଛନ୍ତି । ଅନ୍ୟପକ୍ଷରେ ଅଧିକ ଦାମରେ ଗ୍ୟାସର ଚୋରା ବେପାର ହେଉଥିବା ଅଭିଯୋଗ ଉଠୁଛି । ସାଧାରଣ ଘରୋଇ ଲୋକଟିଏ ଗ୍ୟାସ ପାଇବା ନିମନ୍ତେ ବୁକିଂ ପରେ ସପ୍ତାହେ ପର୍ଯ୍ୟନ୍ତ ଅପେକ୍ଷା କରୁଥିବା ବେଳେ ବର୍ତ୍ତମାନ ଗ୍ୟାସ୍ ପ୍ରଦାନରେ ବ୍ୟାପକ ହେରାଫେରି ହେଉଥିବା ଅଭିଯୋଗ ହେଉଛି । ଘରୋଇ ଗ୍ୟାସର ମୂଲ୍ୟ ୬୦ ଟଙ୍କା ସିଲିଣ୍ଡର ପିଛା ବୃଦ୍ଧି ପାଇବା ପରଠାରୁ ସହରରେ ଗ୍ୟାସ ଯୋଗାଣରେ ବିଳମ୍ବ ହେଉଛି । ପୂର୍ବରୁ ବୁକିଂର ୪୮ ଘଣ୍ଟା ମଧ୍ୟରେ ଗ୍ୟାସ ଆସୁଥିଲା ବେଳେ ଏବେ ଘରୋଇ ହିତାଧିକାରୀ ସହଜରେ ଗ୍ୟାସଟିଏ ପାଇପାରୁନଥିବା ଅଭିଯୋଗ କରିଛନ୍ତି । ଏଣୁ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏଥି ପ୍ରତି ଦୃଷ୍ଟି ଦେଇ ପ୍ରତିକାର ବ୍ୟବସ୍ଥା କରିବାକୁ ସାଧାରଣରେ ଦାବି ହେଉଛି ।

ନିତିଦିନ NITIDIN



## ଅଜଣା ଗାଡ଼ି ଧକ୍କାରେ ଯୁବକଙ୍କ ମୃତ୍ୟୁ



**ଚାନ୍ଦୋଳ, ୧୩।୩/ଏନ୍ଏନ୍ଏସ୍:** ଡେରାବିଶ ଥାନା ଅନ୍ତର୍ଗତ ୫୩ ନମ୍ବର ଜାତୀୟ ରାଜପଥର ଲକ୍ଷ୍ମୀନାରାୟଣପୁର ଛକ ନିକଟସ୍ଥ ଓଭରବ୍ରିଜ ନିକଟରେ ଏକ ଅଜଣା ଗାଡି ଧକ୍କାରେ ଗତ ବୁଧବାର ବିଳମ୍ବିତ ରାତିରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତ ଯୁବକ ଜଣକ ହେଲେ ଲକ୍ଷ୍ମୀନାରାୟଣପୁର ପଞ୍ଚାୟତ ଅଧିନ ଗୁଆମାଳ ଗ୍ରାମର ଗଣେଶ୍ୱର ବେହେରାଙ୍କ ପୁଅ ଦୀପକ କୁମାର(୨୬) ବୋଲି ଜଣାପଡ଼ିଛି। ମୃତ ଦିପକ ଜଣେ ପରିଶ୍ରମୀ ଯୁବକ ଥିଲେ। ସେ ନିଜ ପରିବାର ପ୍ରତିପୋଷଣ ପାଇଁ ଏକ ଘରୋଇ କମ୍ପାନୀରେ କାର୍ଯ୍ୟ କରିବା ସହ ରାତିରେ ବିଭିନ୍ନ ବିବାହ ଓ ଅନ୍ୟାନ୍ୟ ଉତ୍ସବରେ ଫଟୋଗ୍ରାଫର ଭାବେ କାର୍ଯ୍ୟ କରି ଆସୁଥିଲେ। ବୁଧବାର ବିଳମ୍ବିତ ରାତିରେ ନିକଟସ୍ଥ ବଳଭଦ୍ରପୁରର ଏକ ଭୋଜି ଉତ୍ସବ କାର୍ଯ୍ୟ ସାରି ଏକ ବୁଲେଟ ନଂ -( ଓଡି ୦୫ ସିଇ ୭୨୩୪) ଯୋଗେ ନିଜର ଦୁଇ ଫଟୋଗ୍ରାଫର ସାଙ୍ଗଙ୍କୁ ଆଣିବା ପାଇଁ ଲକ୍ଷ୍ମୀନାରାୟଣପୁରକୁ ଜାତୀୟ ରାଜପଥରେ ଯାଉଥିବା ବେଳେ ପଛପଟୁ ଦ୍ରୁତ ଗତିରେ ଆସି ଏକ ଅଜଣା ଗାଡି ତାଙ୍କୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଖବର ପାଇଁ ଡେରାବିଶ ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତ ଯୁବକଙ୍କ ଶବକୁ ଜବତ କରିବା ସହ ଦୁର୍ଘଟଣା ଗ୍ରସ୍ତ ବୁଲେଟକୁ ମଧ ଜବତ କରିଥିଲା। ଗୁରୁବାର ମୃତକଙ୍କ ଶବ ବ୍ୟବଚ୍ଛେଦ କରାଯାଇ ତାଙ୍କ ପରିବାରକୁ ହସ୍ତାନ୍ତର କରାଯାଇଛି। ସୂଚନାଯୋଗ୍ୟ ଯୁବକଙ୍କ ଆଜି ଜନ୍ମଦିନ ହୋଇଥିବା ବେଳେ ଜନ୍ମଦିନର ଗୋଟିଏ ଦିନ ପୂର୍ବରୁ ଯୁବକଙ୍କ ଏପରି ଅକାଳ ବିୟୋଗ ଖବର ଜଣାପଡିବା ପରେ ଅଞ୍ଚଳରେ ଶୋକ ଛାୟା ଖେଳିଯାଇଛି। ପରିବାର ପକ୍ଷରୁ ଦିଆଯାଇଥିବା ଅଭିଯୋଗ ଆଧାରରେ ଥାନା ପକ୍ଷରୁ ୫୬/୨୬ରେ ଦୁର୍ଘଟଣା ମାମଲା ରୁଜୁ କରାଯାଇ ଅଧିକ ତଦନ୍ତ ଜାରି ରଖାଯାଇଥିବା ନେଇ ପୁଲିସ ସୂଚନାରୁ ଜଣାଯାଇଛି।

## ଜିଲ୍ଲାସ୍ତରୀୟ ଜମି ମୂଲ୍ୟାଙ୍କନ କମିଟି ବୈଠକ



**କେନ୍ଦ୍ରାପଡା, ୧୩।୩/ଏନ୍ଏନ୍ଏସ୍:** କେନ୍ଦ୍ରାପଡା ଜିଲ୍ଲାସ୍ତରୀୟ ଜମି ମୂଲ୍ୟାଙ୍କନ କମିଟି ବୈଠକ ଜିଲ୍ଲାପାଳ ରଘୁରାମ ଆର ଆୟାରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି।ଏଥିରେ ଅତିରିକ୍ତ ଜିଲ୍ଲପାଳ ରବିନ୍ଦ୍ର କୁମାର ମଲିକ (ରାଜସ୍ୱ), ଉପଜିଲ୍ଲପାଳ ଅରୁଣ କୁମାର ନାୟକ, ଜିଲ୍ଲା ସବ୍ ରେଜିଷ୍ଟ୍ରାର, ଜିଲ୍ଲାର ସମସ୍ତ ତହସିଲଦାର, ଆଡସିନାଲ ତହସିଲଦାର, ରାଜସ୍ୱ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ। ଜମି ମୂଲ୍ୟାଙ୍କନ ପାଇଁ କୌଣସି ଆପତି ଅଭିଯୋଗ ଥିଲେ ତାହା ୧୪ ଦିନ ଭିତରେ ଜବାବ ଦେବାକୁ ଅନୁରୋଧ କରାଯାଇ ଥିଲା। ଏଥିରେ ମୋଟ୍ ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ୨୦ ଗୋଟି ଅଭିଯୋଗ ଆସିଥିଲା। ପ୍ରତ୍ୟେକ ଅଭିଯୋଗଗୁଡିକୁ ପୁଙ୍ଖାନୁପୁଙ୍ଖ ଭାବେ ସମୀକ୍ଷା କରି କମିଟିର ସୁପାରିଶ କ୍ରମେ ବିହିତ କାର୍ଯ୍ୟାନୁଷ୍ଠାନ ନିଆଯାଇଛି।

## ଘରୁ କଳାକନା ବୁଲାଇଲେ ଦୁର୍ବୃତ୍ତ

**ତାଳଚେର, ୧୩।୩/ଏନ୍ଏନ୍ଏସ୍:** ଦୁଇମାସ ନପୁରୁଣୁ ଲୋକଙ୍କ ମନରୁ ଭୟ ନଯାଣୁ ତାଳଚେର ବ୍ଲକ ଅର୍ନ୍ତଗତ କଙ୍କିଳି ପଞ୍ଚାୟତ ନୂଆଁସାହିରେ ବିଳମ୍ବିତ ରାତ୍ରୀରେ ତାଲା ଭାଙ୍ଗି ଘର ମାଲିକଙ୍କ ଛାତିକୁ ଇଟାରେ ମରଣାତ୍ମକ ଅକ୍ରମଣ କରି କରୁ କଳାକନା ବୁଲାଇ ଦେଇଥିବା ଘଟଣା ତାଳଚେର ଅଞ୍ଚଳରେ ସ୍ଥାନୀୟ ପୁଲିସ ପାରିବାପଣିଆ ପ୍ରତି ପ୍ରଶ୍ନବାଚୀ ସୃଷ୍ଟି କରିଛି। ପ୍ରକାଶ ଗତକାଲି ବିଳମ୍ବିତ ରାତ୍ରୀରେ ଘରେ କେବଳ ଏକାକି ଘର ମାଲିକ ବୋଧି ବିଶ୍ୱାଳ (୬୫) ଥିବା ବେଳେ ଏହାର ସୁଯୋଗ ନେଇ ଦୃବୃତମାନେ ସୁନା, ଗହଣା, କାଗଜପତ୍ର ଇତ୍ୟାଦି ଲୁଟିନେଇଥିବା ପରିବାର ସୂତ୍ରରୁ ଜଣାପଡ଼ିଛି। ଏହାର ପ୍ରାୟ ଦୁଇମାସ ପୂର୍ବରୁ ସେହି ଗ୍ରାମର ବିଜୁ ସାହୁ ଘରୁ ଏଭଳି ଭାବେ ଲୁଟପାଟ୍ କରି ଥିବା ଘଟଣା ଲୋକଙ୍କ ମନରୁ ନଲିଭୁଣୁ ପୁନଶ୍ଚ ଏହି ଘଟଣା ଲୋକଙ୍କ ମନରେ ଭୟର ବାତାବରଣ ଖେଳିଯାଇଛି। ତେବେ ସମାନଢ଼ଙ୍ଗରେ ଦୃର୍ବୃତମାନେ କିପରି ଭାବେ ଘରେ କେହି ନଥିବା ସୁଯୋଗେ ଉକ୍ତି ଏପରି ଘଟଣା ଘିଆଉଛନ୍ତି ତାକୁ ନେଇ ସେହି ଅଂଚଳରେ ବିଭିନ୍ନ କଳ୍ପନାଜଳ୍ପନା ବୃଦ୍ଧି ପାଇବା ସହ ସ୍ଥାନୀୟ ପୁଲିସ୍ ପ୍ରତି ଆତ୍ମବିଶ୍ୱାସ କମିବାରେ ଲାଗିଛି। ପୂର୍ବରୁ ଏହି ଘଟଣାରେ ପୁଲିସ୍ ଦୁର୍ବୃତ୍ତମାନଙ୍କର ଟେର ପାଇନଥିବା ବେଳେ ଏବେ ଏହି ଘଟଣାରେ ପୁଲିସର ଭୁମିକା ଉପରେ ଉଠିଛି ପ୍ରଶ୍ନବାଚୀ।

## ରାଜସ୍ୱ ଅଧିକାରୀଙ୍କ ସମୀକ୍ଷା ବୈଠକ

**କେନ୍ଦ୍ରାପଡା, ୧୩।୩/ଏନ୍ଏନ୍ଏସ୍:** କେନ୍ଦ୍ରାପଡା ଜିଲ୍ଲା କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଜିଲ୍ଲାସ୍ତରୀୟ ରାଜସ୍ୱ ଅଧିକାରୀଙ୍କ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଜିଲ୍ଲାପାଳ ରଘୁରାମ ଆର ଆୟାର, ଅତିରିକ୍ତ ଜିଲ୍ଲପାଳ ରବିନ୍ଦ୍ର କୁମାର ମଲିକ (ରାଜସ୍ୱ), ଉପଜିଲ୍ଲପାଳ ଅରୁଣ କୁମାର ନାୟକଙ୍କ ସମେତ ଜିଲ୍ଲାର ସମସ୍ତ ତହସିଲଦାର, ଆଡସିନାଲ ତହସିଲଦାର ଓ ରାଜସ୍ୱ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଖଜଣା ଆଦାୟ ସଂପର୍କରେ ସମୀକ୍ଷା କରାଯାଇଥିଲା। ଏଥିରେ ଯେଉଁ ଯେଉଁ ତହସିଲ କାର୍ଯ୍ୟାଳୟ ଗୁଡିକର କମ୍ ରାଜସ୍ୱ ଆଦାୟ ହୋଇଛି, ସେମାନଙ୍କୁ ମାର୍ଚ୍ଚ ୩୧ ତାରିଖ ସୁଦ୍ଧା ଧାର୍ଯ୍ୟ ଲକ୍ଷ୍ୟ ପୁରଣ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ତାହା ସହିତ ବସୁନ୍ଧରା ଯୋଜନାରେ ସର୍ଭେ କାର୍ଯ୍ୟକ୍ରମ ଶେଷ କରିବା, ଜମି ପଟା ବଣ୍ଟନ, ପଟା ସଂଶୋଧନ ଇତ୍ୟାଦି ସମ୍ପର୍କରେ ସମୀକ୍ଷା କରାଯାଇଥିଲା।

## ବୋଟ୍‌ରେ ମତ୍ସ୍ୟଜୀବୀଙ୍କ ମୃତ୍ୟୁ

**ରାଜନଗର, ୧୩।୩/ଏନ୍ଏନ୍ଏସ୍:** ରାଜନଗର ବ୍ଲକ୍ ତାଳଚୁଆ ସାମୁଦ୍ରିକ ଥାନା ଅଞ୍ଚଳର ମା'ସର୍ବ ମଙ୍ଗଳା ବୋଟରେ କାର୍ଯ୍ୟରତ ଜଣେ ମତ୍ସ୍ୟଜୀବୀ ମୃତ୍ୟୁବରଣ କରିଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ତାଳଚୁଆ ଜେଟିଠାରୁ ପ୍ରାୟ ୫ଶହ ମିଟର ଦୂର ନଦୀ ମଧ୍ୟରେ ଟିକାୟତ ନଗରର ଗଙ୍ଗାଧର ମାଇତି(୫୬) ଶୁକ୍ରବାର ସକାଳୁ ମୃତ୍ୟୁବରଣ କରୁଥିବା ଦେଖିବାକୁ ମିଳିଥିଲା। ପୁଲିସ ବୋଟରୁ ଶବକୁ ଜବତ କରିବା ସହ ସାମୁଦ୍ରିକ ଥାନାରେ ୫/୨୬ରେ ଅପମୃତ୍ୟୁ ମାମଲା ରୁଜୁ କରିଛ। ଶନିବାର ଶବ ବ୍ୟବଛେଦ କରାଯିବ ବୋଲି ଆଇଆଇସି ସନ୍ଧ୍ୟାରାଣୀ ଜେନା ସୂଚନା ଦେଇଛନ୍ତି।

## ଜନ୍ମମାଟିକୁ ଫେରିଲା ଦାଦନ ଶ୍ରମିକଙ୍କ ମୃତଦେହ



**ରାଜନଗର, ୧୩।୩/ଏନ୍ଏନ୍ଏସ୍:** ହାଇଦ୍ରାବାଦରୁ ଓଡ଼ିଆ ଦାଦନ ଶ୍ରମିକଙ୍କ ମୃତଦେହ ଗାଁ ମାଟିକୁ ଫେରିଛି। ପରିବାରର ଏକମାତ୍ର ରୋଜଗାରକ୍ଷମ ବ୍ୟକ୍ତିର ମୃତ୍ୟୁରେ ଖାଲି ପରିବାର ଲୋକ ନୁହନ୍ତି, ଗାଁର ଲୋକମାନଙ୍କ ଆଖିରେ ଲୁହ। ଶୋକାକୁଳ ପରିବେଶ। ଏଭଳି ଘଟଣା ଦେଖାଦେଇଛି, ରାଜନଗର ବ୍ଲକ ବ୍ରାହ୍ମଣସାହି ପଞ୍ଚାୟତ ଗଜରାଜପୁର ଗ୍ରାମରେ। ଏହି ଗ୍ରାମର ନରହରି ଦାସଙ୍କ ପୁଅ ନୃସିଂହ ଦାସ(୪୬) ହାଇଦ୍ରାବାଦକୁ ଦାଦନ ଖଟିବାକୁ ଯାଇଥିଲେ। ନୃସିଂହ ବଚୁପଲୀ ଥାନା ଅନ୍ତର୍ଗତ ଗୋପନପାଲୀରେ ରହୁଥିଲେ। ମଙ୍ଗଳବାର ଦିନ ରାତିରେ ଶୋଇଥିଲେ। ବୁଧବାର ସକାଳେ ସେଠାରେ ରହୁଥିବା ଅନ୍ୟ ଶ୍ରମିକମାନେ କାମକୁ ଯାଇଥିଲେ। ମଧ୍ୟାହ୍ନରେ ବସାକୁ ଫେରି ନୃସିଂହ ଶୋଇଥିବା ଦେଖି ଡାକିଥିଲେ ମଧ ସେ ଉଠିନଥିଲେ। ଏହା ଦେଖି ଶ୍ରମିକମାନେ ସ୍ଥାନୀୟ ଥାନାକୁ ଜଣାଇବା ସହିତ ତାଙ୍କୁ ନେଇଥିବା ଠିକାଦାର ପ୍ରତାପ ମଲିକଙ୍କୁ ମଧ ଜଣାଇଥିଲେ। ମୃତ ଶ୍ରମିକଙ୍କ ସ୍ତ୍ରୀ ମିନତୀ ଦାସ ହାଇଦ୍ରାବାଦ ଯାଇ ଶବ ଧରି ଶୁକ୍ରବାର ସନ୍ଧ୍ୟାରେ ପହଞ୍ଚିବା ପରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ଗାଁ ମଶାଣିରେ ଶେଷକୃତ୍ୟ ସମ୍ପନ୍ନ କରାଯାଉଛି। ମୃତ ନୃସିଂହଙ୍କର ବାର ଓ ଆଠ ବର୍ଷର ଦୁଇ ପୁଅ ଅଛନ୍ତି। ଦରିଦ୍ର ପରିବାରକୁ ସମସ୍ତ ପ୍ରକାର ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ନିବେଦନ କରିଛନ୍ତି।

## ପିଏମ୍ କିଷାନ ଯୋଜନାରେ ୧.୨୬ ଲକ୍ଷ ଚାଷୀ ଉପକୃତ




**କେନ୍ଦ୍ରାପଡା, ୧୩।୩/ଏନ୍ଏନ୍ଏସ୍:** କେନ୍ଦ୍ରାପଡା ଜିଲ୍ଲାରେ ପିଏମ କିଷାନ ଉତ୍ସବ ଦିବସ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ କେନ୍ଦ୍ରାପଡା ଜିଲ୍ଲାର ୧ଲକ୍ଷ ୨୬ ହଜାର ୨୫୦ ଜଣ କିଷାନ ଉପକୃତ ହୋଇଛନ୍ତି । ପ୍ରତ୍ୟେକ କିଷାନଙ୍କର ବ୍ୟାଙ୍କ ଖାତାକୁ ୨ ହଜାର ଟଙ୍କା ଲେଖାଏଁ ଆସିଛି। ଏଥିରେ କେନ୍ଦ୍ରାପଡା ଜିଲ୍ଲା ଆଳି ବ୍ଲକର ୧୩ ହଜାର ୨୨୨, ଡେରାବିଶ ବ୍ଲକର ୧୩ ହଜାର ୮୦୪, ଗରଦପୁର ବ୍ଲକର ୧୩ ହଜାର ୧୧୨, କେନ୍ଦ୍ରାପଡା ବ୍ଲକର ୧୩ ହଜାର ୪୧୪, ମହାକାଳପଡା ବ୍ଲକର ୨୨ ହଜାର ୪୮୯, ମାର୍ଶାଘାଇ ବ୍ଲକର ୧୨ ହଜାର ୨୦୮, ପଟ୍ଟାମୁଣ୍ଡାଇ ବ୍ଲକର ୧୧ ହଜାର ୨୬୫, ରାଜକନିକା ବ୍ଲକର ୧୪୦୦୭, ରାଜନଗର ବ୍ଲକର ୧୨ ହଜାର ୭୨୯ ଜଣ ଏହିଭଳି ମୋଟ୍ ଜିଲ୍ଲାରେ ୧ଲକ୍ଷ ୨୬ ହଜାର ୨୫୦ ଜଣ ଚାଷୀଙ୍କ ଖାତାକୁ ୨ ହଜାର ଟଙ୍କା ଲେଖାଏଁ ମୋଟ୍ ୨୫ କୋଟି ୨୫ ଲକ୍ଷ ଟଙ୍କା ଚାଷୀଙ୍କ ବ୍ୟାଙ୍କ ଖାତାକୁ ଆସିଛି । ଆୟୋଜିତ ଏହି ଜିଲ୍ଲାସ୍ତରୀୟ ଉତ୍ସବରେ କେନ୍ଦ୍ରାପଡା ଜିଲ୍ଲାପାଳ ରଘୁରାମ ଆର ଆୟାର, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଉମେଶ ଚନ୍ଦ୍ର ମଲିକ, ସିଡିଭିଓ ଡାକ୍ତର ପ୍ରଭଞ୍ଜନ କବି, ଏଡିଓ ମାନସୀ ମଧୁଭାସିନୀ ପସୟତ ଜିଲ୍ଲା ଉଦ୍ୟାନ କୃଷି ବିଭାଗ ସହକାରୀ ନିର୍ଦ୍ଦେଶକ ଦେବଦାସ ଦତ, କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ଡାକ୍ତର ସୁସ୍ମିତା ମହାନ୍ତି, ମାର୍ଶାଘାଇ କୃଷି ଅଧିକାରୀ ହେମନ୍ତ କୁମାର ସାମଲ ପ୍ରମୁଖଙ୍କ ସମେତ ଜିଲ୍ଲାର ବହୁ ଚାଷୀ ଉପସ୍ଥିତ ଥିଲେ।

## ଚୋରା ଗ୍ୟାସ୍ ଫିଲିଙ୍ଗ ଦୋକାନରେ ଚଢଉ

**ତାଳଚେର, ୧୩।୩/ଏନ୍ଏନ୍ଏସ୍:** ଆଜି କୌଣସି ସୂତ୍ରରୁ ଖବରପାଇ ଯୋଗାଣ ବିଭାଗ ପକ୍ଷରୁ ଏକ ଟିମ ତାଳଚେର ପୁଲିସ୍ ଓ ଡେପୁଟି କଲେକ୍ଟର ଧର୍ମେନ୍ଦ୍ର ଶତପଥୀଙ୍କ ଉପସ୍ଥିତିରେ ତାଳଚେର ବାଇପାସ୍ ଛକ ଠାରେ ଅତର୍କିତ ରାଜଗୁରୁ ଗ୍ୟାସ୍ ସଲ୍ୟୁସନ୍‌ରୁ ୫ କେଜର ୧୯ଗୋଟି ଚୋରାଗ୍ୟାସ୍ ଓ ସେହି ନିକଟରେ ରହିଥିବା ୧୪କେଜି ୬ଟି ଗ୍ୟାସ୍ ସିଲିଣ୍ଡର ଜବତ କରି ଏକ ମକଦ୍ଦମା ରୁଜୁ କରିଥିବା ବିଭାଗୀୟ ସୂତ୍ରରୁ ଜଣାପଡ଼ିଛି। ସେମାନେ ଅନେକ ଦିନରୁ ଚୋରାରେ ବଡ଼ ସିଲିଣ୍ଡର ଆଣି ୫କେଜି ଟାଙ୍କିରେ ଭର୍ତ୍ତି କରି ଲୋକଙ୍କୁ ଉଚ୍ଚାଦରରେ ବିକ୍ରି କରୁଥିଲେ।

## ପରମାନନ୍ଦ ମହାନ୍ତିଙ୍କ ୧୧୦ତମ ଜୟନ୍ତୀ



**ରସୁଲପୁର, ୧୩।୩/ଏନ୍ଏନ୍ଏସ୍:** ଯାଜପୁର ଜିଲ୍ଲା ରସୁଲପୁର ବ୍ଲକ୍ ସମ୍ମିଳନୀ କକ୍ଷରେ ସ୍ୱର୍ଗତ ପରମାନନ୍ଦ ମହାନ୍ତିଙ୍କ ୧୧୦ତମ ଜୟନ୍ତୀ ଉତ୍ସବ କୁଆଖିଆ ପ୍ରେସ୍ କ୍ଲବ୍ ପକ୍ଷରୁ ପାଳିତ ହୋଇଯାଇଛି। ପ୍ରେସ୍ କ୍ଲବ୍‌ର ସଭାପତି ବିଶ୍ୱନାଥ ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଜୟନ୍ତୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଓଡିଶାର ପୁର୍ବତନ ଅର୍ଥ, ଶିକ୍ଷା ଓ ସ୍ୱାସ୍ଥ୍ୟ ମନ୍ତ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ଘଡାଇ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି ଜୟନ୍ତୀ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଶ୍ରୀ ଘଡାଇ ପରମାନନ୍ଦ ମହାନ୍ତିଙ୍କ ରାଜନୈତିକ ବିଚାରଧାରା , ସାମାଜିକ ସଂସ୍କାର ଓ ଗ୍ରାମୀଣ ନ୍ୟାୟ ଉପରେ ସାରଗର୍ଭକ ବକ୍ତବ୍ୟ ପ୍ରଦାନ କରିଥିଲେ। ଶ୍ରୀ ଘଡାଇ ନିଜ ବକ୍ତବ୍ୟରେ ପରମାନନ୍ଦ ମହାନ୍ତିଙ୍କୁ ଗାନ୍ଧୀ ବିଚାର ଧାରାର ଯୋଗ୍ୟ ପୁରୁଷ ଭାବେ ବର୍ଣ୍ଣନା କରିଥିଲେ। ପୁର୍ବତନ ଅର୍ଥମନ୍ତ୍ରୀ ଶ୍ରୀ ପଞ୍ଚାନନ କାନୁନ୍‌ଗୋ ମୁଖ୍ୟ ବକ୍ତା ଭାବେ ଯୋଗଦେଇ ପରମାନନ୍ଦ ବାବୁଙ୍କ ସମାଜବାଦୀ ବିଚାର ଉପରେ ବକ୍ତବ୍ୟ ପ୍ରଦାନ କରିବା ସହ ଆଜିର ଯୁବ ସମାଜ ଭାରତୀୟ ମୁକ୍ତି ଆନ୍ଦୋଳନ ସମ୍ପର୍କରେ ଅଧିକ ମାତ୍ରାରେ ଅବଗତ ହେବାପାଇଁ ଆହ୍ୱାନ୍ ଦେଇଥିଲେ। ଯାଜପୁର ଜିଲ୍ଲାର ପ୍ରତ୍ୟେକ ବ୍ଲକ୍‌ରେ ସ୍ୱାଧୀନତା ସଂଗ୍ରାମୀଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରାଯିବାକୁ ସେ ସରକାରଙ୍କୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଯାଜପୁର ଜିଲ୍ଲାର ଜିଲ୍ଲାପାଳ ଅମ୍ବର କୁମାର କର ଯୋଗଦେଇ ନିଜର ବକ୍ତବ୍ୟରେ ସ୍ୱାଧୀନତା ଆନ୍ଦୋଳନ ଓ ଯାଜପୁର ବିଷୟରେ ନିଜର ବକ୍ତବ୍ୟ ରଖିଥିଲେ। ସମ୍ମାନୀତ ଅତିଥି ଭାବେ ପରମାନନ୍ଦ ବାବୁଙ୍କ ଜ୍ୟେଷ୍ଠ ପୁତ୍ର ଅଚ୍ୟୁତାନନ୍ଦ ମହାନ୍ତି ଯୋଗଦେଇ ନିଜ ବାପା ସାଆନ୍ତ ଜେଜେବାପାଙ୍କ ଜମିଦାରୀ ପ୍ରଥା ବିରୁଦ୍ଧରେ ଆନ୍ଦୋଳନ କରିଥିବା ବିଷୟ ଉପସ୍ଥାପିତ କରିଥିଲେ। ଏହି ଅବସରରେ ଅଧ୍ୟାପକ ବିରଞ୍ଚି ନାରାୟଣ ଦାସଙ୍କ ଦ୍ୱାରା ସଙ୍କଳିତ ପୁସ୍ତକ 'ଗାନ୍ଧୀ ମଣିଷ ପରମାନନ୍ଦ'କୁ ଅତିଥିମାନେ ସଭାରେ ଉନ୍ମୋଚନ କରିଥିଲେ। ଚଳିତ ବର୍ଷ ପ୍ରେସ୍ କ୍ଲବ୍ ପକ୍ଷରୁ ପରମାନନ୍ଦ ସ୍ମୃତି ସମ୍ମାନ-୨୦୨୬ ଯୁବ ସମାଜସେବୀ ଜନ୍ମେଞ୍ଜୟ ସାହୁଙ୍କୁ ପ୍ରଦାନ କରାଯିବା ସହ ଅତିଥିମାନଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା।

## ପୁଲିସ କବ୍‌ଜାରେ ଚୋର

**ରାଜନଗର, ୧୩।୩/ଏନ୍ଏନ୍ଏସ୍:** ରାଜନଗର ବ୍ଲକ୍‌ର ବିଭିନ୍ନ ସ୍ଥାନରେ ପ୍ରାୟ ତିନି ବର୍ଷରୁ ଉର୍ଦ୍ଧ୍ୱ ହେବ ଚୋରୀ ବୃଦ୍ଧି ପାଇଥିଲା। ଥାନାରେ ଏନେଇ ବାରମ୍ବାର ଅଭିଯୋଗ ହୋଇଆସୁଥିଲା। ଏପରିକି ଥାନା ପାଚେରୀକୁ ଲାଗିଥିବା ପ୍ରତିଭା କ୍ଲଥ ଷ୍ଟୋର, ଥାନା ଗେଟ ସମ୍ମୁଖରେ ଥିବା ଗାୟତ୍ରୀ ସପିଙ୍ଗ ସେଣ୍ଟର, କନକଦୁର୍ଗା ହାର୍ଡୱାର ଷ୍ଟୋର, ରାଜନଗର ତହସିଲ କାର୍ଯ୍ୟାଳୟରୁ ପାଣି ମଟର, ଶୈଳେନ୍ଦ୍ର ନାରାୟଣ ସଂସ୍କୃତ ବିଦ୍ୟାପୀଠରୁ ସିଲିଣ୍ଡର, ଚୁଲା, ଠାକୁର ଅଭିରାମ ପରମହଂସଦେବଙ୍କ ଆଶ୍ରମ ନିକଟରେ ଥିବା ରବିନାରାୟଣ ଦାସଙ୍କ ଘରୁ ଏଲଇଡି ଟିଭି, ମହିମା ଅଲେଖ ଭେରାଇଟ ଷ୍ଟୋରରୁ ଦେଢ ଲକ୍ଷଟଙ୍କାରୁ ଉର୍ଦ୍ଧ୍ୱ ସାମଗ୍ରୀ, ହାଟପଟିର ବିଭିନ୍ନ ଦୋକାନରୁ ଚୋରୀ, ସାନବଡଗୋପାଳପୁର ବଜାରର ଅନ୍ନପୂର୍ଣ୍ଣା ରାଉତଙ୍କ ଗ୍ରୋସରୀ ଦୋକାନରୁ ଲକ୍ଷେ ଟଙ୍କାରୁ ଉର୍ଦ୍ଧ୍ୱ ସାମଗ୍ରୀ, ଗଜରାଜପୁର ଇସ୍କନ ମନ୍ଦିରରୁ ଚୋରୀ, ଗୋସିଗାଁ ମହିମା ଆଶ୍ରମରୁ ଚୋରୀ, ରାଜନଗର ବାଇପାସ ସଂଜୟ ମହାନ୍ତିଙ୍କ ଟାଇଲ ଦୋକାନରୁ ଚୋରୀ, ହଂସୁଆ ପୋଲ ଗଡାଣୀରେ ଥିବା ବଜରଙ୍ଗୀ ଭେରାଇଟ୍ ଷ୍ଟୋରରୁ ଚୋରୀ ପ୍ରଭୃତି ୫୦ରୁ ଉର୍ଦ୍ଧ୍ୱ ସ୍ଥାନରେ ହୋଇଥିବା ଚୋରୀ ଘଟଣା ପୁଲିସ ପାଇଁ ମୁଣ୍ଡବ୍ୟଥାର କାରଣ ପାଲଟିଥିଲା। ପୁଲିସ ଏହି ଚୋରୀରେ ସଂପୃକ୍ତ ଥିବା ତିନିଜଣଙ୍କୁ ଥାନାକୁ ଆଣି ଅଟକ ରଖି ପଚରା ଉଚରା କରୁଛି। ନିକଟରେ ଘଟିଥିବା ଏକ ଚୋରୀ ଘଟଣାରେ ସିସିଟିଭି ହାର୍ଡଡିସ୍କରୁ ଦେଖିବାକୁ ମିଳିଥିଲା ଯେ, କ୍ୟାମେରାକୁ ଧରିବାକୁ ଯାଇଥିବା ଚୋର ରେନିକୋଟରେ ସଂପୂର୍ଣ୍ଣ ଘୋଡାଇ ହୋଇଥିଲା। ତାର ହାତ ଓ ଗୋଡରୁ ଚିହ୍ନିବା ପରେ ସନ୍ଦେହରେ ତାକୁ ଥାନାକୁ ଆଣି ପଚରା ଉଚରା କରିବା ପରେ ସତ ବାହାରିଥିଲା। ତା ସହିତ ଚୋରୀରେ ସଂପୃକ୍ତ ଥିବା ଚୋରକୁ ପୁଲିସ ଥାନାକୁ ଆଣି ଅଟକ ରଖି ପଚରା ଉଚରା କରୁଛି । ସବୁଠାରୁ ବଡକଥା ହେଲା, ଏହି ଚୋରୀ ଜିନିଷକୁ ଯାହା ନିକଟରେ ରଖୁଥିଲେ ଓ ବାହାରକୁ ନେଇ ବିକ୍ରି କରୁଥିଲେ ତାକୁ ମଧ ପୋଲିସ ଥାନାକୁ ଆଣି ଅଟକ ରଖି ପଚରା ଉଚରା କରୁଥିବା ଜଣାପଡିଛି । ପୁଲିସ ଏନେଇ ମୁହଁ ଖୋଲୁନଥିଲେ ମଧ ଦୀର୍ଘଦିନ ଧରି ଚାଲିଥିବା ଚୋରୀ ଘଟଣାରେ ଏମାନଙ୍କ ବ୍ୟତୀତ ଆଉ କେଉଁମାନେ ସଂପୃକ୍ତ ଅଛନ୍ତି, ସେମାନଙ୍କୁ ଧରିବା ପାଇଁ ଜୋରଦାର ପ୍ରୟାସ ଚଳାଇଥିବା ସୂଚନା ମିଳିଛି।

## କୋର୍ଟଚାଲାଣ ହେଲେ ଡକାୟତ ଗ୍ୟାଙ୍ଗ୍



**କାମାକ୍ଷାନଗର, ୧୩।୩/ଏନ୍ଏନ୍ଏସ୍:** କାମାକ୍ଷାନଗର ଥାନା ଅଞ୍ଚଳ ଦେଇ ଯାଇଥିବା ୫୩ ନମ୍ବର ଜାତୀୟ ରାଜପଥରୁ ଗତ ୭ ତାରିଖରେ ଏକ ହାଇୱା ଚୋରି କରିଥିବା ତିନିଜଣିଆ ଡକାୟତ ଗ୍ୟାଙ୍ଗକୁ ଗିରଫ କରି କୋର୍ଟଚାଲାଣ କରିଛି କାମାକ୍ଷାନଗର ପୁଲିସ। ଏହାକୁ ନେଇ ପ୍ରେସମିଟରେ ସୂଚନା ଦେଇଛନ୍ତି କାମାକ୍ଷାନଗର ଏସଡିପିଓ ରଜନୀକାନ୍ତ ସାମଲ। ଚୋରି ହୋଇଥିବା ହାଇୱା ସହ ଚୋରି ରେ ବ୍ୟବହୃତ ଏକ ମୋଟରସାଇକେଲ ଓ ତିନୋଟି ମୋବାଇଲକୁ ଜବତ କରିଛି ପୁଲିସ। ପ୍ରକାଶ, ଗତ ୭ ତାରିଖରେ ଅନଗୁଳ ଜିଲ୍ଲା ଖମାର ଠାରେ ଥିବା ଏକ କ୍ରସରରୁ ଏକ ହାଇୱାରେ ଚିପ୍ସ ବୋଝେଇ ହୋଇ କାମାକ୍ଷାନଗର ଆସିଥିଲା। ସେଠାରେ ଡକାୟତମାନେ ଡ୍ରାଇଭରକୁ ମାଡ଼ମାରିବା ସହ ହାତଗୋଡ଼ ବାନ୍ଧି ନିକଟରେ ଥିବା ଜଙ୍ଗଲରେ ଫିଙ୍ଗି ଦେଇ ହାଇୱାକୁ ଚୋରି କରିନେଇଥିଲେ। ଯାହାକୁ ନେଇ କ୍ରସରର ମ୍ୟାନେଜର କାମାକ୍ଷାନଗର ଥାନାରେ ଏକ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ କାମାକ୍ଷାନଗର ପୁଲିସ ଅଧିକ ତଦନ୍ତ କରି ହାଇୱାକୁ କେନ୍ଦ୍ରାପଡ଼ା ଜିଲ୍ଲା ନିକିରାଇ ଥାନା ଅଞ୍ଚଳରୁ ଜବତ କରିଥିବା ବେଳେ ଚୋରିରେ ସମ୍ପୃକ୍ତ ତିନି ଜଣ ଡକାୟତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ତିନିଜଣ ହେଲେ ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ଥାନା ବ୍ରାହ୍ମଣବେଡିଆ ଗ୍ରାମ ର ଶ୍ରବଣ ନାଏକ, ସରାଙ୍ଗ ଗ୍ରାମର ବିଶ୍ୱଜିତ ନାଏକ, ଅନଗୁଳ ଜିଲ୍ଲା ଖମାର ଥାନା ମଗରମୁହାଣ ଗ୍ରାମର ସନ୍ତୋଷ ଦାସ ହୋଇଥିବା ଜଣାପଡିଛି। ଏମାନଙ୍କ ନିକଟରୁ ଏକ ମୋଟରସାଇକେଲ ଓ ତିନୋଟି ମୋବାଇଲକୁ ମଧ୍ୟ ପୁଲିସ ଜବତ କରିଛି। ଗିରଫ ତିନିଜଣ ଡକାୟତଙ୍କ ନାଁ ରେ ଢେଙ୍କାନାଳ ଓ ଅନଗୁଳ ଜିଲ୍ଲାର ବିଭିନ୍ନ ଥାନାରେ ଏକାଧିକ ମାମଲା ରୁଜୁ ହୋଇଥିବା ପୁଲିସ ଜାଣିବାକୁ ପାଇଛି। ଯାହାକୁ ନେଇ କାମାକ୍ଷାନଗର ଏସଡିପିଓ ରଜନୀକାନ୍ତ ସାମଲ ଏକ ପ୍ରେସମିଟରେ ସୂଚନା ପ୍ରଦାନ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ କାମାକ୍ଷାନଗର ଥାନା ଅଧିକାରୀ ଜିତେନ୍ଦ୍ର କୁମାର ମଲ୍ଲିକ ପ୍ରେସମିଟରେ ଉପସ୍ଥିତ ଥିଲେ।

## ରନ୍ଧନ ଗ୍ୟାସ୍ ଦର୍‌ବୃଦ୍ଧି ପ୍ରତିବାଦରେ କଂଗ୍ରେସର ଆନ୍ଦୋଳନ



**ଜଗତସିଂହପୁର, ୧୩।୩/ଏନ୍ଏନ୍ଏସ୍:** ରନ୍ଧନ ଗ୍ୟାସ୍‌ର ଦରବୃଦ୍ଧି ତଥା ସୃଷ୍ଟି ହୋଇଥିବା ଅଚଳାବସ୍ଥା ପ୍ରତିବାଦରେ ଶୁକ୍ରବାର ଜଗତସିଂହପୁର ଜିଲ୍ଲା କଂଗ୍ରେସ ରାଜା ରାସ୍ତାକୁ ଓହ୍ଲାଇ ଆନ୍ଦୋଳନ କରିଛି। ସ୍ଥାନୀୟ ଟାଉନ ହଲ ଠାରେ ଜିଲ୍ଲା ସଭାପତି ଦେବ ପ୍ରସାଦ ନାୟକଙ୍କ ନେତୃତ୍ୱରେ ବହୁ କଂଗ୍ରେସ ଏକ ପ୍ରତିବାଦ ସଭା କରିବା ସହିତ ବିକ୍ଷୋଭ ଶୋଭା ଯାତ୍ରାରେ ବାହାରି ସନ ବଜାର ବସଷ୍ଟାଣ୍ଡ ଠାରେ ପହଞ୍ଚି ଥିଲେ। ମଧ୍ୟପ୍ରାଚ୍ୟରେ ଯୁଦ୍ଧ ଲାଗି ରହିବ ନେଇ ଚାରିଆଡ଼େ ଗ୍ୟାସର କଳା ବଜାରି ବଢିବା ସହିତ ଦର ବଢିବା ନେଇ ଅଭାବି ବିକ୍ରି ଦେଖାଦେଇଛି। ଯାହାଦ୍ୱାରା ସାଧାରଣ ଲୋକ ଗ୍ୟାସ କିଣିବା କଷ୍ଟକର ହୋଇପଡିଛି। ତେଣୁ ଗ୍ୟାସ ଜାଳିବା ଆଉ ସମ୍ଭବପର ନୁହେଁ।ମୋଦି ସରକାର ଗ୍ୟାସର ହତ୍ୟା କରିଥିବାରୁ ଏହାର ପ୍ରତିବାଦରେ ପ୍ରତିତାକାତ୍ମକ ଭାବେ କୋକଇ ରେ ଏକ ଗ୍ୟାସ ସିଲିଣ୍ଡର କୁ କାନ୍ଧେଇ 'ରାମ ନାମ ସତ୍ୟ ହେ ହରି ନାମ ସତ୍ୟ ହେ' ସ୍ଲୋଗାନ ଦେଇ ସରକାରଙ୍କ ବିରୁଦ୍ଧରେ ଅଭିନବ ନାରା ବାଜି କରିଛନ୍ତି। ତତସହିତ ଏଲପିଜି ଗ୍ୟାସର ଦର ନିୟନ୍ତ୍ରଣ କରିବା , ଜିଲ୍ଲାରେ ରନ୍ଧନ ର୍ୟାସ୍ କଳାବଜାରିକୁ ରୋକି ଅଭାବି ବିକ୍ରିକୁ ନିୟନ୍ତ୍ରଣ କରିବା ପାଇଁ ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଏହି ଆନ୍ଦୋଳନରେ ତିର୍ତ୍ତୋଲ ନିର୍ବାଚନ ମଣ୍ଡଳୀ କଂଗ୍ରେସ ନେତା ଇଂ ହିମାଂଶୁ ଭୂଷଣ ମଲ୍ଲିକ, ରାଜ୍ୟ ମହିଳା କଂଗ୍ରେସ ଉପସଭାପତି ପ୍ରତିମା ମଲ୍ଲିକ, ଜିଲ୍ଲା କଂଗ୍ରେସ କମିଟି ଉପସଭାପତି ଅମ୍ବିକା ପ୍ରସାଦ ଦାସ, ଧ୍ୱଜରାଜ ଖଣ୍ଡୁଆଳ, ଅଶ୍ୱିନୀ ସ୍ୱାଇଁ, ସାଧାରଣ ସମ୍ପାଦକ ଶୁଭ ନାରାୟଣ ନାୟକ, ଧନଞ୍ଜୟ ସୁତାର , ସମ୍ପାଦକ ରୂପଶ୍ରୀ ରାଗିଣୀ ଦାଶ, ବସନ୍ତ ନାୟକ, ଦିଲ୍ଲିପ ମାହାର , ଜିତୁ ନାରାୟଣ ସାହୁ , ନଗର କଂଗ୍ରେସ ସଭାପତି ପ୍ରଶାନ୍ତ ମହାପାତ୍ର, ଜଗତସିଂହପୁର ବ୍ଲକ କଂଗ୍ରେସ ସଭାପତି ଜ୍ଞାନ ରଞ୍ଜନ ପୃଷ୍ଟି, ତିର୍ତ୍ତୋଲ ବ୍ଲକ କଂଗ୍ରେସ ସଭାପତି ସଫି ଆଜମ, ରଘୁନାଥପୁର ବ୍ଲକ କଂଗ୍ରେସ ସଭାପତି ଆର୍ତ୍ତତ୍ରାଣ ପଣ୍ଡା, ପାରାଦୀପ ନଗର କଂଗ୍ରେସ ସଭାପତି କେଦାରନାଥ ବିଶ୍ୱାଳ, ଏସି ସେଲ ସଭାପତି ଲକ୍ଷ୍ମୀଧର ମଲ୍ଲିକ, ମହନି ଚରଣ ରାଉତ, ନିହାର ରଞ୍ଜନ ଦାସ, ନାରାୟଣ ନାୟକ, ସରସ୍ୱତୀ ସାହୁ, ଅନୁସୁୟା ପ୍ରଧାନ, ବଗୁଲା ରାଏ, ରାଜକିଶୋର ସାହୁ, ଉମେଶ ସ୍ୱାଇଁ, ଦେବ ପ୍ରସାଦ ମହାପାତ୍ର, ରଞ୍ଜନ ସାହୁ, ପରେଶ ପାତ୍ର , କୃଷ୍ଣ ଚନ୍ଦ୍ର ସ୍ୱାଇଁ, ବ୍ରଜ କିଶୋର ମଲ୍ଲିକ , ସୟଦ ସାୟକ ରସୁଲ, ପବିତ୍ର କୁମାର ପାଳ, ଦେବବ୍ରତ ତ୍ରିପାଠୀ, ପ୍ରିତମ ପରିଜା, ସୋରୂପ କାନୁନ୍‌ଗୋ, ରଞ୍ଜିତ କୁମାର ସେଠୀ, ସାଇ ପ୍ରଭଞ୍ଜନ ମହାପାତ୍ରଙ୍କ ସମେତ ଶତାଧିକ ଯୋଗ ଦେଇଥିଲେ।

## ସେବା ଓ ଆଧ୍ୟାତ୍ମିକ କ୍ଷେତ୍ରରେ ଉଦାହରଣ ବ୍ୟାସ ଫାଉଣ୍ଡେସନ



**ପାରାଦୀପ, ୧୩।୩/ଏନ୍ଏନ୍ଏସ୍:** ସମଗ୍ର ଜୀବଜଗତରେ ମନୁଷ୍ୟ ଶ୍ରେଷ୍ଠ ଜୀବ, ବୁଦ୍ଧି, ବିଦ୍ୟା, ଜ୍ଞାନ ଦେଇ ମଣିଷକୁ ସୃଷ୍ଟି କରିଛନ୍ତି ପରମାତ୍ମା। କେବଳ ଜନ୍ମ ନେଇ ଘର ସଂସାରରେ ବ୍ରତୀ ରହିଲେ ମନୁଷ୍ୟ ଜୀବନ ସାର୍ଥକ ହୁଏନାହିଁ। ସେବା ଓ ସମର୍ପଣ ଭାବନେଇ କାର୍ଯ୍ୟ କଲେ ମନୁଷ୍ୟ ଜୀବନ ସାର୍ଥକ ହୋଇଥାଏ।ପାରାଦୀପର ସେବା ଓ ଆଧ୍ୟାତ୍ମିକ ଧର୍ମୀ ସଂଗଠନ ବ୍ୟାସ ଫାଉଣ୍ଡେସନର ଷଷ୍ଠତମ ବାର୍ଷିକ ଉତ୍ସବ ଅବସରରେ ଉପସ୍ଥିତ ଜ୍ଞାନୀ, ଗୁଣି ଓ ବିଦ୍ୱାନ ବ୍ୟକ୍ତି ବିଶେଷମାନଙ୍କ ମନୁଷ୍ୟ ଜୀବନର ଉଦ୍ଦେଶ୍ୟ ବିଷୟରେ ଆଲୋକପାତ କରିଥିଲେ। ପାରାଦୀପ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ଆୟୋଜିତ ବ୍ୟାସ ଫାଉଣ୍ଡେସନର ବାର୍ଷିକ ଉତ୍ସବ ଅବସରରେ ପାରାଦୀପ ସମେତ ଜଗତସିଂହପୁର ଜିଲ୍ଲାର ଜ୍ଞାନୀ ଗୁଣି ବ୍ୟକ୍ତି ବିଶେଷ ଯୋଗଦେବା ସହିତ ସମାଜର ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ କରି ପ୍ରଶଂସିତ ହୋଇଥିବା ବ୍ୟକ୍ତି ବିଶେଷ ଓ ସଂଗଠନମାନଙ୍କୁ ମାନପତ୍ର ଓ ଉପଢୌକନ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା। ବ୍ୟାସ ଫାଉଣ୍ଡେସନ ଗଠନ କରିବାରେ ଜଣେ ନାରୀଙ୍କ ଭୂମିକାକୁ ସମସ୍ତ ଉପସ୍ଥିତ ଅତିଥି ମାନେ ପ୍ରଶଂସା କରିବା ସହିତ ସେଦିନର ସ୍ନେହମୟୀ ଆଚାର୍ଯ୍ୟ ଲଗାଇଥିବା ଛୋଟ ଚାରାଟି ଆଜି ମହାଦ୍ରୁମ ଭଳି ତାର କାୟା ବିସ୍ତାର କରିବା ସହିତ ସେବା କ୍ଷେତ୍ରରେ କେବଳ ଜଗତସିଂହପୁର ଜିଲ୍ଲା ନୁହେଁ ସାରା ଓଡ଼ିଶାରେ ଆଜି ସ୍ନେହମୟୀ ଓ ବ୍ୟାସ ଫାଉଣ୍ଡେସନ ତାର ପରିଚୟ ହାସଲ କରିପାରିଛି। ଅନେକ ମାନସିକ ବିକାର ବ୍ୟକ୍ତି ବିଶେଷଙ୍କୁ ନୂଆ ଜୀବନ ପ୍ରଦାନ କରିଛନ୍ତି ସ୍ନେହମୟୀ। ଏହି ଅବସରରେ ଅନୁଷ୍ଠାନର ତ୍ରୟୋମାସିକ ପତ୍ରିକା ଗୀତା ଜ୍ଞାନଞ୍ଜନର ଉନ୍ମୋଚନ କରିଥିଲେ ଉପସ୍ଥିତ ଅତିଥି ବୃନ୍ଦ। ପରିଶେଷରେ ପାରାଦୀପର ଜଣାଶୁଣା ସାଂସ୍କୃତିକ ଅନୁଷ୍ଠାନ ଆଦିଦେବ ଏଣ୍ଟରଟେନମେଣ୍ଟର କୁନିକୁନି କଳାକାରମାନଙ୍କ ଚମତ୍କାର ନୃତ୍ୟ ଉପସ୍ଥିତ ଅତିଥି ଓ ଦର୍ଶକଙ୍କ ମଧ୍ୟରେ ବେଶ ଆଦୃତି ଲାଭ କରିଥିଲା।

**ନିତି ଭାରତୀ** | ଶତ୍ରୁତା ଏବଂ ବିବାଦଠାରୁ ଦୂରେଇ ରହିଲେ ଈଶ୍ୱର ସୁରକ୍ଷା ପ୍ରଦାନ କରିଥାନ୍ତି । - **ଶିରିଡ଼ି ସାଇବାବା**

NITIDIN
ନିତିଦିନ
ଶନିବାର , ୧୪ ମାର୍ଚ୍ଚ ୨୦୨୬

# ଘୋଡ଼ା ଛ'ଟଙ୍କାକୁ ଦାନା ନ'ଟଙ୍କା



ନିରଞ୍ଜନ ସାହୁ

ଭାରତବର୍ଷର ମହାଲେଖାପାଳ, ଯାହାଙ୍କୁ ଆମେମାନେ ସିଏଜି ବୋଲି କହିବାରେ ଅଭ୍ୟସ୍ତ, ସେ ଦୁଇ ହଜାର ଚବିଶ-ପଚିଶରେ ଯେଉଁ ରିପୋର୍ଟ ମାନନୀୟା ରାଷ୍ଟ୍ରପତିଙ୍କୁ ପ୍ରଦାନ କରିଛନ୍ତି, ସେଥିରେ ବହୁ ଚମକପ୍ରଦ କଥା ରହିଛି । ଫି' ବର୍ଷ ଶହ ଶହ କୋଟିର ଅପବ୍ୟୟ ଲୋକଲୋଚନକୁ ଆସେ । ବେଳେବେଳେ ସେଗୁଡ଼ିକ ଉପରେ ମଧ୍ୟ ପାର୍ଲାମେଣ୍ଟରେ ବିତର୍କ ହୁଏ । କିଛି ଦିନ ପାଇଁ ଚର୍ଚ୍ଚା ଲାଗି ରହେ ଦୂରଦର୍ଶନରେ ଏବଂ ଗଣମାଧ୍ୟମରେ ଏବଂ କ୍ରମେ କ୍ରମେ ତାହା ଶୀତଳ ହୋଇଯାଏ ଓ ଶୀତଳ ଭଣ୍ଡାରକୁ ଚାଲିଯାଏ ଆଲୋଚନାର ଖୋରାକ ଯୋଗାଉ ଥିବା କଥାଟି ।

ଏଥର ଲୋଖାପାଳଙ୍କ ରିପୋର୍ଟର ବିଶେଷ କଥାଟି ହେଲା, ଆମର ପ୍ରତିରକ୍ଷା ବିଭାଗ କୁଆଡ଼େ ଆଲୋଚ୍ୟ ବର୍ଷରେ ଓକିଲ ଖର୍ଚ୍ଚ ବାବଦରେ ଖର୍ଚ୍ଚ କରିଛନ୍ତି ଦୁଇ ଶହ ଚଉରାଳିଶ କୋଟି ଟଙ୍କା । ଯଦି ସରକାର ବିଭିନ୍ନ କୋର୍ଟ କଚେରୀରେ ଏଇ କେସ୍‌ରେ ରାଜି ହୋଇ ଯାଇଥାନ୍ତେ, ତା'ହେଲେ ତାଙ୍କୁ ଦେବାକୁ ପଡ଼ିଥାନ୍ତା ମୋଟ ଶହେ ପାଞ୍ଚ କୋଟି ଟଙ୍କା । ଆଗ କାଳରେ ଯେଉଁ ରୁଢ଼ି ପ୍ରୟୋଗଟି ଥିଲା 'ଘୋଡ଼ା ଛ'ଟଙ୍କାକୁ ଦାନା ନ'ଟଙ୍କା' ବୋଧହୁଏ ଏଇଭଳି ଏକ ପରିପ୍ରେକ୍ଷୀରେ ପ୍ରୟୋଗ କରାଯିବା ପାଇଁ ଯେମିତି ସୃଷ୍ଟି ହୋଇଥିଲା ।

ଆଲୋଚ୍ୟ ପ୍ରସଙ୍ଗଟି ହେଉଛି ସେନାବାହିନୀରେ କାର୍ଯ୍ୟରତ ସେନାନୀମାନେ ଏଇସବୁ ମାମଲା ସରକାରଙ୍କ ବିରୋଧରେ ଦାଏର କରିଥିଲେ, କାରଣ ସେମାନେ ଅନୁଭବ କରିଥିବେ ସେମାନଙ୍କର କିଛି ନ୍ୟାଯ୍ୟ ଦାବି କର୍ତ୍ତୃପକ୍ଷ ଗ୍ରହଣ କରି ନାହାନ୍ତି ବୋଲି । ଆମେ ଅନେକ ସମୟରେ, ବିଶେଷତଃ ଜାତୀୟ ଦିବସମାନଙ୍କର ସେନାବାହିନୀର ସେବା ଓ ତ୍ୟାଗ ବିଷୟରେ ବହୁ ଆଲୋଚନା ଶୁଣୁ । ସେମାନେ କିପରି ପ୍ରତିକୂଳ ପରିସ୍ଥିତିରେ ନିଜ ଜୀବନକୁ ବାଜି ଲଗେଇ ଆମର ସୀମାନ୍ତକୁ ଜଗିଛନ୍ତି, ତାହା କହି ଲୁହ ବୁହାଇବାର ଅଭିନୟ କରୁ । ବେଳେବେଳେ ଅଭିନୟ ବି ସତ ଭଳି ଲାଗେ- ମାତ୍ର ବାସ୍ତବତା କ'ଣ, ତାହା ପ୍ରତିଫଳିତ ହୋଇଛି ସିଏଜିଙ୍କ ରିପୋର୍ଟରେ । ସଂକ୍ଷେପରେ କହିବାକୁ ଗଲେ, ଶହେ ପାଞ୍ଚ କୋଟି ଟଙ୍କା ବଞ୍ଚାଇବାକୁ ଯାଇ ସରକାରଙ୍କୁ ଖର୍ଚ୍ଚ କରିବାକୁ ପଡ଼ିଛି ଦୁଇ ଶହ ଚଉରାଳିଶ କୋଟି ଟଙ୍କା । ଏହା ପଢ଼ିଲେ ଲାଗିବ, ବାସ୍ତବରେ କ'ଣ ଆମେ ଆମର ସେନାବାହିନୀରେ କାର୍ଯ୍ୟରତ ଯବାନ ବା ଅନ୍ୟ କର୍ମକର୍ତ୍ତାମାନଙ୍କ ପ୍ରତି ସମ୍ବେଦନଶୀଳ ନୋହୁ ?

ଆମର ସବୁ ଦୋଷ ସରକାର ମୁଣ୍ଡାନ୍ତି ଏବଂ ତାହା ଗଣତନ୍ତ୍ରର ଧାରା । ମାତ୍ର ସରକାରଙ୍କର ବିଭିନ୍ନ ବିଭାଗର ବିଭିନ୍ନ ସ୍ତରରେ ଥିବା କର୍ମଚାରୀ ଓ ଅଧିକାରୀମାନେ ସରକାରଙ୍କର ଅଧିକାରପ୍ରାପ୍ତ କ୍ଷମତାକୁ ପ୍ରୟୋଗ କରନ୍ତି । ଯଦି କେତେବେଳେ କିଛି ପ୍ରସଙ୍ଗ ଆସେ, ସେମାନେ ତାକୁ ଅସ୍ୱୀକାର କରିବା ପାଇଁ ବିଭିନ୍ନ ତର୍କ ଏବଂ କୌଶଳ ଅବଲମ୍ବନ କରନ୍ତି । ବେଳେବେଳେ ଉପରିସ୍ଥ ଅଧିକାରୀ କିଛି କାମ କରି ପକାନ୍ତି, ଯାହା କୋର୍ଟଙ୍କ ସାମ୍ନାରେ ତାଙ୍କ ପକ୍ଷପାତିତାକୁ ଧରା ପକେଇ ଦିଏ ଏବଂ ପୂର୍ବ ଆଦେଶ ରଦ୍ଦ କରିବାକୁ ନ୍ୟାୟାଳୟ ଆଦେଶ ଦେଇଥାନ୍ତି ।

ଆମର ନ୍ୟାୟ ବ୍ୟବସ୍ଥା ଏତେ ଜଟିଳ ଯେ ଜଣେ ସାଧାରଣ ଲୋକ ସେଥିରୁ ଉପକାର ପାଇବା କାଠିକର ପାଠ ପାଲଟେ । ଯଦି ଆପଣ ତଳ କୋର୍ଟରୁ କିଛି ଆଦେଶ ଆଣିବେ, ତା'ହେଲେ ବଡ଼ବାବୁମାନେ ଫନ୍ଦି ଫିକର କରିବେ ଏବଂ ତାକୁ ଉପର କୋର୍ଟକୁ ନେବାର ବ୍ୟବସ୍ଥା କରିବେ । ବେଳେବେଳେ ହାଇକୋର୍ଟ ଏବଂ ସୁପ୍ରିମକୋର୍ଟରେ କେସ୍ ଲଢ଼ିବାକୁ ଯେଉଁ ଓକିଲମାନେ ନିଯୁକ୍ତ ହୁଅନ୍ତି, ସେମାନେ ଗୋଟିଏ ଗୋଟିଏ ଥର କୋର୍ଟରେ ଠିଆ ହୋଇ ପକ୍ଷ ରଖିବାକୁ ଲକ୍ଷ ଲକ୍ଷ ଟଙ୍କା ନିଅନ୍ତି । ଯଦି କୌଣସି କାରଣରୁ କେସ୍‌ର ତାରିଖ ଗଡ଼ିଲା, ତା'ହେଲେ କେସରେ ନିର୍ଣ୍ଣାୟକ ଆଦେଶ କେବେ ମିଳିବ, ସେକଥା କେହି କହି ପାରନ୍ତି ନାହିଁ । କେସ୍‌ରେ ହାରିଲେ ବି ଓକିଲ ଫି'ରେ ଟଙ୍କାଟିଏ କମେ ନାହିଁ । ଯେଉଁ ଅଧିକାରୀମାନଙ୍କ ଜିଦ୍ ଫଳରେ ଉପର କୋର୍ଟରେ ମକଦ୍ଦମା ଚାଲେ, ସେମାନଙ୍କ ଉପରେ କେବେ ବିପଦ ପଡ଼େନି, ମାନେ କେବେ ସେମାନଙ୍କ ଉପରେ ଦାୟିତ୍ୱ ନ୍ୟସ୍ତ କରାଯାଏ ନାହିଁ । ସରକାରଙ୍କର ଯେଉଁ କ୍ଷତି ହୁଏ, ତାକୁ ଯଦି ଭରଣା କରିବାର ଦାୟିତ୍ୱ ସେମାନଙ୍କ ଉପରେ ଲଦା ଯାଆନ୍ତା, ତା'ହେଲେ ହୁଏତ ପରିସ୍ଥିତି ଅନ୍ୟ ପ୍ରକାରର ହୁଅନ୍ତା ।

ଅବଶ୍ୟ ଯେଉଁ କଥାଟି ଆଜିର ଆଲୋଚ୍ୟ ବିଷୟ ଯଦି ସେଇ କଥାଟି କୌଣସି ପଦାଧିକାରୀଙ୍କୁ ପଚାରିବେ, ସେ ଯାହା ଆପଣଙ୍କୁ ବୁଝେଇ ଦେବେ, ସେଥିରେ ଆପଣଙ୍କ ଅକଲ ଗୁଡୁମ୍ ହୋଇଯିବ ! ସେ କହିବା ଆରମ୍ଭ କରିବେ- ଆଜ୍ଞା, ଯଦି ଏଇ କେସ୍‌କୁ ସରକାର ଥରେ ରାଜି ହୋଇଯିବେ, ତା'ହେଲେ ଅନୁରୂପ ଦାବି ଆହୁରି ଦଶ ଗୁଣ କିମ୍ବା କୋଡ଼ିଏ ଗୁଣ ବାହାରିବ । ଆଜି ସିନା ଶହେ ପାଞ୍ଚ କୋଟି ଦିଆ ହେବ ବୋଲି ଆପଣ ଆମକୁ ଏତେ ତାଚ୍ଛଲ୍ୟ କରୁଛନ୍ତି, କାଲି ଯେତେବେଳେ ସରକାରଙ୍କୁ ହଜାର ହଜାର କୋଟି ଦେବାକୁ ପଡ଼ିବ, ସେତେବେଳେ କ'ଣ କହିବେ ? ତାଙ୍କ କହିବାର ଅର୍ଥ ହେଲା, ସେମାନେ ଟଙ୍କାକୁ ଆଖି ଆଗରେ ରଖି କେସ୍‌କୁ ଉପର କୋର୍ଟକୁ ନିଅନ୍ତି ନାହିଁ, ବରଂ ଅନୁସୃତି ନୀତି କିପରି ସ୍ୱଷ୍ଟ ଭାବରେ ପାଳିତ ହେବ, ତାହା ସେମାନେ ଦେଖନ୍ତି । ତା' ଛଡ଼ା କୋର୍ଟମାନେ ସବୁବେଳେ ଏକା ରକମର ଆଦେଶ ଦିଅନ୍ତି ନାହିଁ । ଯଦି ସରକାରଙ୍କ ଆଭିମୁଖ୍ୟ ଉପର କୋର୍ଟ ଗ୍ରହଣ କରନ୍ତି, ତା'ହେଲେ ଦେଶ ଉପକୃତ ହେବ ।

ସିଏଜି ହେଉଛନ୍ତି ଦେଶର ଏକ ସାମ୍ବିଧାନିକ ପଦବୀ । ତାଙ୍କୁ ତ ଆଜିକାଲି ଲୋକେ ଯାହା ତାହା କହୁଛନ୍ତି । ଦେଖୁ ନାହାନ୍ତି, ଇଲେକ୍ସନ୍ କମିଶନଙ୍କୁ କିପରି ନିମ୍ନ ସ୍ତରର ସମାଲୋଚନା କରାଯାଉଛି ଏସ୍‌ଆଇଆର୍ ସଂକ୍ରାନ୍ତରେ । କଥା ଯାଇ ପଡ଼ିବ- ଅଡିଟର ଯାହା ଲେଖିଦେବ, ସେଇଟା କ'ଣ ଦେଶର ଭାଗ୍ୟ ଆଉ ଭବିଷ୍ୟତ ପାଲଟି ଯିବ ? ଅଡିଟରମାନଙ୍କ ବିଷୟରେ କେତେ କଥା ଶୁଣାଯାଏ । କାହା ବିଷୟରେ ବା ନ ଶୁଣାଯାଏ ଆମ ଦେଶରେ ! ନ୍ୟାୟମୂର୍ତ୍ତିଙ୍କୁ ଛାଡୁ ନାହାନ୍ତି ଆମ ଦେଶର ଲୋକେ । ସାମାଜିକ ଗଣମାଧ୍ୟମରୁ ଆଲୋଚନା ଯଦି ଦେଖୁଥିବେ, ତା'ର ସତ୍ୟାସତ୍ୟ ଜାଣୁଥିବେ ।

ଧରି ନିଅନ୍ତୁ, ସିଏଜି ୟୁପିଏ ସରକାର ବେଳେ ଯେଉଁ ଟୁ-ଜି ସ୍ପେକ୍ଟ୍ରମ୍ ବିଷୟରେ ରିପୋର୍ଟ ଦେଇଥିଲେ, ସେକଥା ଦେଶ ଭୁଲିନାହିଁ । ସେଥିରେ ଦେଶର କେତେ କ୍ଷତି ହୋଇଛି ବୋଲି ସିଏଜିଙ୍କ ରିପୋର୍ଟ ଦର୍ଶାଇ ଥିଲା ମନେ ପଡୁଛି ? ଦୁଇ ହଜାର ଆଠ ମସିହାରେ ପ୍ରକାଶିତ ଏହି ରିପୋର୍ଟରେ ମୋଟ କ୍ଷତି ଏକ ଲକ୍ଷ ଛଅସ୍ତରୀ ହଜାର କୋଟି ଟଙ୍କା ହୋଇଥିବା ବର୍ଷ ବର୍ଷ ଧରି କେସ୍ ଚାଲିଲା ଦୁଇ ହଜାର ସତରରେ ମାନ୍ୟବର ସୁପ୍ରିମ୍‌କୋର୍ଟ କହିଲେ ଯେ ଏଇ ମାମଲାର ଆଧାର ନାହିଁ କହିଲା ବେଳେ ଅବଶ୍ୟ ଏହା ସତ ଯେ ସିଏଜି ରିପୋର୍ଟରେ ଯାହା ଲେଖାଯାଏ, ସେଗୁଡ଼ିକ ତ୍ରିକାଳ ସତ୍ୟ ବୋଲି ଗ୍ରହଣ କରାଯାଇ ପାରିବ ନାହିଁ । ମାତ୍ର ସେଥିରେ ବହୁ ଆପାତତଃ ପ୍ରମାଣଯୋଗ୍ୟ ତଥ୍ୟ ଥାଏ- ଏକଥା ଅସ୍ୱୀକାର କରାଯାଇ ପାରିବ ନାହିଁ ।

ଛୋଟ ଛୋଟ କର୍ମଚାରୀମାନେ ଅନେକ ସମୟରେ ସରକାରୀ ସ୍ତରର ଉପରେ ଥିବା ବାବୁମାନଙ୍କର ମନମୁଖୀ ଶାସନର ଚାପ ଓ ତାପ ସହନ୍ତି । ସେମାନେ କୋର୍ଟରୁ କିଛି ସୁବିଧାଜନକ ଆଦେଶ ପାଇଲା ପରେ ବି ତାଙ୍କ ଦୁଃଖ ମୋଚନ ହୁଏନି । ତା' ଉପର, ତା' ଉପର ପର୍ଯ୍ୟାୟକୁ ଖୁସିରେ ଯାଆନ୍ତି ସରକାର ଏବଂ ତାଙ୍କ ତହବିଲରୁ ଖର୍ଚ୍ଚ କରନ୍ତି । କେଉଁ ମାମଲାରେ ସରକାର ଉପର କୋର୍ଟକୁ ଯିବେ ଓ କେଉଁଥିରେ ଯିବେ ନାହିଁ, ତାହା ସରକାରଙ୍କ ଇଚ୍ଛାଧୀନ ବ୍ୟାପାର ହୋଇଥିବାରୁ ସେଥିରେ କଡ଼ାକଡ଼ି ଭାବରେ ତୁଙ୍ଗ ସରକାରୀ ଅଧିକାରୀଙ୍କୁ ଦାୟୀ କରାଯାଇ ପାରେ ନାହିଁ । ସେମାନେ ସହଜରେ ଖସି ଯାଆନ୍ତି । ଏଇ ବ୍ୟବସ୍ଥା କିପରି ଅଧିକ ସ୍ୱଚ୍ଛ ଓ ଫଳପ୍ରଦ ହୋଇ ପାରିବ, ତାହା ଆଜିର ଆଲୋଚନାର ପ୍ରସଙ୍ଗ । ଏହା ସ୍ୱଚ୍ଛ ହେଲେ ଅଯଥା ଫାଇଲ ଚାଷ ବହୁ ପରିମାଣରେ କମିବା ସହିତ ଅଦରକାରୀ ବ୍ୟୟରୁ ମଧ୍ୟ ସରକାର ରକ୍ଷା ପାଇ ପାରିବେ । ତା' ନହେଲେ ଛ'ଟଙ୍କାର ଘୋଡ଼ାକୁ ନ'ଟଙ୍କାର ଦାନା ହିଁ ହେବ ଏକମାତ୍ର ଫଳ ।■

**(ଲେଖକ ଭାରତୀୟ ପ୍ରଶାସନିକ ସେବାର ପୂର୍ବତନ ଅଧିକାରୀ । ମତାମତ ବ୍ୟକ୍ତିଗତ ।)**
**ମୋ: ୯୪୩୮୪୮୨୯୧୧**



# ବାହା ହେବିନି କି ମାଆ ହେବିନି



ବିଜୟ ଦାସ

ଏଥି ସହିତ ଆଉ ଏକ ଧାଡ଼ି ଯୋଡ଼ିବା ବିଧେୟ । ତାହା ହେଉଛି- ବାହା ହେବିନି କି ବାପା ହେବିନି । ଏଥର ଠିକ୍ ହେଲା । କାରଣ ଉଭୟ ପୁଅ ଓ ଝିଅ, ଯୁବକ ଓ ଯୁବତୀଙ୍କ ପାଇଁ ପ୍ରଯୁଜ୍ୟ ଏ ବାହାଘର । ହଠାତ୍ ଏମିତି ଏକ ପ୍ରସଙ୍ଗ ଆସିବା ଚମକପ୍ରଦ ନିଶ୍ଚୟ । କିନ୍ତୁ କଥାଟି ସମସାମୟିକ ସମସ୍ୟା । ଆମ ଦେଶର ଏକ ସର୍ଭେ ବା ଛାନବିନ୍ ପରେ ଯେଉଁ ତଥ୍ୟଟି ଆସିଛି, ତାହା ଅତ୍ୟନ୍ତ ପୀଡ଼ାଦାୟକ । ସତେଇଶ ବର୍ଷରୁ ୩୭ ବର୍ଷର ବୟସ୍କ ବର୍ଗ ହିଁ ମତାମତ ଦେଇଛନ୍ତି ଯେ ସେମାନେ ବାହା ହେବେ ନାହିଁ ଏବଂ ମାଆ କି ବାପା ହେବେ ନାହିଁ । ନୂଆ ପରିବାର ବା ସଂସାର କରିବାକୁ ସେମାନେ ଅନିଚ୍ଛୁକ । ଏହାର କାରଣ ଓ ମାନସିକତାର ମର୍ମପୂର୍ଣ୍ଣ ତର୍ଜମା ଆଜିର ଅ ଆ-ପଣକିଆରେ ।

ଦିନ ଥିଲା, ଚୀନ୍‌ର ଜନସଂଖ୍ୟା ଏତେ ମାତ୍ରାରେ ବଢ଼ିଗଲା ଯେ ସରକାର ପିଲା ଜନ୍ମ ଉପରେ ରୋକ୍ ଲଗାଇଲେ । ବିଭିନ୍ନ ପ୍ରକାର ପ୍ରତିବନ୍ଧ କରିବାର କାରଣ ହେଲା, ଜନ୍ମ ସଂଖ୍ୟା କମାଇବା ବା ଜନସଂଖ୍ୟା ବିସ୍ଫୋରଣରୁ ଦେଶକୁ ବଞ୍ଚାଇବା । ଗୋଟିଏ ପିଲାର ପିତାମାତା ହେବାକୁ ପ୍ରୋତ୍ସାହନ ଦିଆଗଲା । ଯେପରିକି ଚାକିରି କ୍ଷେତ୍ରରେ ପ୍ରାଥମିକତା, ଅନ୍ୟ ସରକାରୀ ସୁଖ ସୁବିଧାରେ ପ୍ରଥମ ଦାବିଦାର ଇତ୍ୟାଦି ଇତ୍ୟାଦି । ଫଳତଃ ନାଗରିକମାନେ ସଚେତନ ହେଲେ । ଏକ ସନ୍ତାନ କ'ଣ, ଜମାରୁ ସନ୍ତାନ ଜନ୍ମ ନ କରିବାକୁ ଆଗ୍ରହୀ ବି ହେଲେ । ସୁତରାଂ, ଆସ୍ତେ ଆସ୍ତେ ଜନସଂଖ୍ୟା ସ୍ଥିର ରହିଲା । କ୍ରମଶଃ ମୃତ୍ୟୁହାର ବଢ଼ିଲା କରୋନା ସମୟରେ । ହଁ, ଜନସଂଖ୍ୟା ବିସ୍ଫୋରଣର ଅନ୍ୟ ଏକ ମୌଳିକ କାରଣ ହେଲା, ଚିକିତ୍ସା ବିଜ୍ଞାନର ଅଗ୍ରଗତି ଓ ସଚେତନତାର ବିଜ୍ଞାପନ ଜୀବନ ଅବଧିକୁ ମଣିଷର ବଢ଼ାଇ ଚାଲିଥିଲା । ଏବେ ପରିସ୍ଥିତି ଅଲଗା ଓ ସରକାର ଜନସଂଖ୍ୟା ବୃଦ୍ଧି ଦିଗରେ ପଦକ୍ଷେପ ନେଉଛନ୍ତି । ସେହିପରି ରୁଷ୍‌ର କଥା ମଧ୍ୟ ସମାନ୍ତରାଳ । ଏଠାରେ ଯଦିଓ କାରଣ ଅଲଗା । ବିରାଟ ଭୂଖଣ୍ଡର ଅଧିକାରୀ ରୁଷ୍‌ର ଜନସଂଖ୍ୟା ଏମିତିରେ ଅପେକ୍ଷାକୃତ କମ୍ ଥିଲା । ଯଦିଓ ବିଜ୍ଞାନ ଓ ଆଧୁନିକ କୌଶଳ ସେଠାରେ ପୂର୍ଣ୍ଣ ବିକଶିତ, ତଥାପି ମାନବ ସଂସାଧନର ଆବଶ୍ୟକତା ପଡୁଛି । ବିଶେଷତଃ ୟୁକ୍ରେନ୍ ସହିତ ଯୁଦ୍ଧ ପରିପ୍ରେକ୍ଷୀରେ ଅନେକ ମାନବ ସମ୍ବଳର ବିନାଶ ଘଟିଛି । ଏଣୁ ରୁଷ୍‌ର ଜନସଂଖ୍ୟା ବୃଦ୍ଧି ନିମନ୍ତେ ପୁଟିନ୍ ସରକାର ଚିନ୍ତିତ ଓ ଚେଷ୍ଟିତ । ଏଠାରେ ବିବାହକୁ ଏଇଥିପାଇଁ ଗୁରୁତ୍ୱ ଦିଆଯାଉଛି । ପର ପିଢ଼ି ସଂଖ୍ୟାରେ ସମୃଦ୍ଧ ହେଲେ ମାନବ ସମ୍ବଳ ନିଶ୍ଚେ ବୃହତ୍ତର ହେବ । ସେହିପରି ଅନ୍ୟ କିଛି ୟୁରୋପୀୟ ଦେଶ ମଧ୍ୟ ସଂକୀର୍ଣ୍ଣ ମାନବ ସମ୍ବଳ ସମସ୍ୟାରେ ପୀଡ଼ିତ । ଆହୁରି ମଧ୍ୟ ମନସ୍ତାତ୍ତ୍ୱିକ ଓ ଶାରୀରିକ ଯୌନ ଉତ୍ତେଜନା ପାଇଁ ଶୀତଳ ଦେଶ ଅନୁକୂଳ ନୁହେଁ ବୋଲି କୁହାଯାଏ ।

ଏଥର ଆମ ଦେଶକୁ ଆସିଲେ, ସାରା ପୃଥିବୀରେ ଜନସଂଖ୍ୟା ଦୃଷ୍ଟିରୁ ସର୍ବବୃହତ୍ତମ । ଏହାର ଅନେକ କାରଣ ଅଛି । ପ୍ରଥମତଃ, ବହୁ ବିବାହ ପ୍ରଥା କିଛି ଧାର୍ମିକ ସମ୍ପ୍ରଦାୟରେ ଅଛି । ପୁନଶ୍ଚ, ଜନ୍ମ ନିୟନ୍ତ୍ରଣ ଏକ ପାପ ବୋଲି କିଛି ଧାର୍ମିକ ପରମ୍ପରାରେ ବିଜ୍ଞପିତ । ଜନ୍ମ ନିୟନ୍ତ୍ରଣର ବିଭିନ୍ନ ଉପାୟକୁ ଆପଣେଇବା ଏକ ରୁଢ଼ିବାଦୀ ପରମ୍ପରାରେ ପାପ ବୋଲି ବିଚାର କରାଯାଏ, ଯଦିଓ ରାଜାରାଜୁଡ଼ା ସମୟରେ ବହୁପତ୍ନୀକ ରାଜା, ଜମିଦାରଙ୍କର ଅନେକ ଉଦାହରଣ ଅଛି । ଏହା ସେତେବେଳର କଥା, ଯେତେବେଳେ ଭାରତ ଭୂଖଣ୍ଡର ସୀମା ବୃହତ୍ ଥିଲା ଓ ଜନସଂଖ୍ୟା ବୃଦ୍ଧି ମୁଣ୍ଡବ୍ୟଥାର କାରଣ ହିଁ ନଥିଲା । ଗରିବ ଖଟିଖିଆ ପରିବାର ବି ଭାବୁଥିଲା ମୋର ପାଞ୍ଚ ପୁଅ ହେଲେ ଦଶଟା ଖଟିବାର ହାତ ମିଳିଯିବ । ପରିବାର ଆର୍ଥିକ କ୍ଷେତ୍ରରେ, ରୋଜଗାର କ୍ଷେତ୍ରରେ ସମୃଦ୍ଧ ହୋଇଯିବ । ଏଠାରେ ଗୋଟିଏ କଥାରେ ଦୂରଦୃଷ୍ଟିର ଅଭାବ ଥିଲା । ଯେତେ ପୁଅ, ସେତେ ବର; ଯେତେ କନ୍ୟା, ସେତେ ଘର । ଅର୍ଥାତ୍ ପୁଅ କିମ୍ବା ଝିଅ ଯିଏ ବି ହେଉ, ତା'ର ସ୍ୱତନ୍ତ୍ର ପରିବାର ହେବ ଓ ବଂଶବୃଦ୍ଧି ସୁନିଶ୍ଚିତ । ଯଦି ଭୂସମ୍ପତ୍ତି ଦୁଇ ଜଣଙ୍କ ପାଇଁ ଯଥେଷ୍ଟ, ତାହା ପାଞ୍ଚ ଜଣଙ୍କ ପାଇଁ ଖଣ୍ଡ ବିଖଣ୍ଡିତ ହେବ । ନା ଘୋଡ଼େଇବାକୁ ପାଇବ ନା ପିନ୍ଧିବାକୁ । ଯେଉଁ ଦରିଦ୍ରକୁ, ସେହି ଦରିଦ୍ର । ବରଂ ଦାରିଦ୍ର୍ୟ ଆହୁରି ବଢ଼ିଯିବ ।

'ଆମେ ଦୁଇ, ଆମର ଦୁଇ' ନାରା ପରେ ପୁଅ ହେଉ କି ଝିଅ ହେଉ 'ଆମର ଏକ୍, ସୁଖ ସଂସାରର ସପନ ଦେଖ୍ ।' ଜନ୍ମ ନିୟନ୍ତ୍ରଣର ସଫଳ ରୂପାୟନ ହେଲା ଓ ହୋଇ ଚାଲିଲା । ଫଳତଃ, ଜନସଂଖ୍ୟାରେ ବିରାମ ଲାଗିଲା । ଖୁବ୍ ଭଲ କଥା । ତଥାପି ଗୋଟିଏ ଗୋଷ୍ଠୀ ଏଯାବତ୍ ଧାର୍ମିକ କାରଣରୁ ଜନ୍ମସଂଖ୍ୟା ବୃଦ୍ଧିରେ ସକ୍ରିୟ । ଏହାର ମୁଖ୍ୟ କାରଣ, ଅନ୍ୟ ଧର୍ମାବଲମ୍ବୀଙ୍କ ଦବ୍‌ଦବାକୁ ଅତିକ୍ରମ କରିବା । ଏହି ଧାର୍ମିକ ଗୋଷ୍ଠୀଗତ ପ୍ରତିଯୋଗିତାରେ ଦେଶ କିନ୍ତୁ ଜନସଂଖ୍ୟା ବିସ୍ଫୋରଣ ପାଇଁ ତଯାର । ଯେତିକି ଚୁନାକୁ ସେତିକି ପିଠାର ମୂଲ୍ୟବୋଧ ଏବେ ମୂଲ୍ୟହୀନ ଲାଗିଲା । ମୋ ଘରେ ଚୁନା ନଥାଉ, ପର ଘରର ପିଠାକୁ ଚୋରି କରିବା, ହରଣ କରିବା, ଜୋର ଜବରଦସ୍ତ ଅକ୍ତିଆର କରିବାର ବିଶୃଙ୍ଖଳା ଆସିଲା । ଏହା ବେକାରୀ ସମସ୍ୟାର ପାର୍ଶ୍ୱ ପ୍ରତିକ୍ରିୟା ନିଶ୍ଚୟ । ଅନ୍ୟାୟ ଅନୀତି ହିଂସା, ଦ୍ୱେଷ ବ୍ୟାପିବାର ଅନ୍ୟ ଏକ କାରଣ ।

ପୁଣି ଜୀବନ ଅବଧି ବଢ଼ିବାକୁ ଲାଗିଲା, ଚିକିତ୍ସା ବିଜ୍ଞାନର ବରଦାନ ହେତୁ । ବୟୋଜ୍ୟେଷ୍ଠ ଓ ବୃଦ୍ଧମାନଙ୍କ ଜୀବନ ଅବଧି ବଢ଼ିବା କାରଣରୁ କିଛି ମାତ୍ରାରେ ସେମାନଙ୍କର ବୋଝ ମଧ୍ୟ ବୟସ୍କ ପିଢ଼ି ଉପରେ ପଡ଼ିଲା । ଏହା ମଧ୍ୟ ସତ୍ୟ ନୁହେଁ ଯେ ବୟୋଜ୍ୟେଷ୍ଠ ଓ ବୃଦ୍ଧମାନଙ୍କର ଭୂମିକା ଦେଶ ଗଠନରେ କମ୍ । ହୁଏତ ଶାରୀରିକ ଦୁର୍ବଳତା ଆସିପାରେ, ମାତ୍ର ମାନସିକ ଦୃଢ଼ତା ମାର୍ଗଦର୍ଶନ କରାଇବାରେ ସକ୍ଷମ ଓ ସଫଳ । ଏହି ଜନସଂଖ୍ୟା ବୃଦ୍ଧି ବା କ୍ଷରଣର ଚର୍ଚ୍ଚା ଭିତରେ ଆମେ ଏବେ ଏକ ନୂଆ ଅଧ୍ୟାୟର ଅୟମାରମ୍ଭ ଦେଖୁଛେ, ଯାହାକି ଉପରୋକ୍ତ ପୃଷ୍ଠଭୂମି ଉପରେ ଏକ ମୁଖ୍ୟ ପ୍ରସଙ୍ଗ, ଯାହା ପରିବାର ଗଠନର ପରମ୍ପରାକୁ ଭାଙ୍ଗି ଦେବାକୁ ବସିଛି । ଆଧୁନିକତାର ଦ୍ୱାହି ଦେଇ ଯାହା ଯାହା ଘଟାଉଛନ୍ତି ନୂଆ ପିଢ଼ି, ତାହା ଚିନ୍ତାଜନକ । ଏଠି ବାହା ହେବାର ନାହିଁ କି ମାଆ ବାପା ହେବାର ନାହିଁ ଚିନ୍ତାଧାରା କୌଣସି ସନ୍ନ୍ୟାସ ଯୁଗକୁ ଇଙ୍ଗିତ କରୁନାହିଁ । ମୁନି ଋଷିମାନଙ୍କର ବିଶାଳ ଅଭ୍ୟୁଦୟକୁ ବୁଝାଉ ନାହିଁ । ବରଂ ଦୈହିକ କାମନାକୁ ଚରିତାର୍ଥ କରିବାର ଏକ ଅଶାଳୀନ ଲାଳସାକୁ ଜନ୍ମ ଦେଉଛି । ଯୁବକ ହୁଅନ୍ତୁ ବା ଯୁବତୀ ହୁଅନ୍ତୁ, କାମନା ବାସନା, ଯୌନ ସମ୍ଭୋଗ ଇତ୍ୟାଦିକୁ ଏକ ପଣ୍ୟବସ୍ତୁ ଭାବେ ବ୍ୟବହାର କରିବାକୁ ଇଚ୍ଛୁକ, ଯେଉଁଥିପାଇଁ ଗୋଟିଏ ଯୁବକର ଅନେକ ପ୍ରେମିକା ଓ ଗୋଟିଏ ଯୁବତୀର ଅନେକ ପ୍ରେମିକର ଧାରା ଆସ୍ତେ ଆସ୍ତେ ଦାନା ବାନ୍ଧୁଛି ।

ପରକୀୟା ପ୍ରୀତି ହେଉ କି ଖୁଲମଖୁଲା ଏକାଠି ରହିବା (ଲିଭିଂ ଟୁଗେଦର)ର ଧାରା ହେଉ, ଏହା ହିଁ ସମାଜର ବାସ୍ତବିକତା । ସାଥୀରେ ରହିବା, ଶାରୀରିକ ସୁଖ ମେଣ୍ଟାଇବା; ନା ତୋ ଦାୟିତ୍ୱ ମୋର, ନା ମୋ ଦାୟିତ୍ୱ ତୋର । ସନ୍ତାନ ଜନ୍ମ କରିବାର ପ୍ରସଙ୍ଗ ତ ଉଠିବାର ନାହିଁ । ଏହି ଅତ୍ୟାଧୁନିକ ଚିନ୍ତାଧାରା କେବଳ ଶିକ୍ଷିତ ଯୁବ ପିଢ଼ିଙ୍କର ନୁହେଁ, ଅର୍ଦ୍ଧଶିକ୍ଷିତ, ଏପରିକି ଅଶିକ୍ଷିତ ଯୁବ ସମାଜରେ ମଧ୍ୟ ବଳବତ୍ତର । କେବଳ ଲାଳସାକୁ, ଭଅଁରର ମାନସିକତାକୁ, ପ୍ରଜାପତିର ରସିକତାକୁ କାରଣ କହିଲେ ଯଥେଷ୍ଟ ହେବ ନାହିଁ । ଚାଲନ୍ତୁ ବିଭିନ୍ନ ଶ୍ରେଣୀଭୁକ୍ତ ବୟସ୍କମାନଙ୍କର ମାନସିକତା ଏବଂ ବାଧ୍ୟବାଧକତାକୁ ତର୍ଜମା କରିବା ।

ଶିକ୍ଷିତ, ଅତିଶିକ୍ଷିତ ଯୁବକ ଯୁବତୀମାନେ ନିଶ୍ଚେ ଜ୍ଞାନୀ ଓ ମେଧାବୀ । ପିତାମାତାଙ୍କ ପ୍ରରୋଚନାରେ ତଥା ନିଜର ବଡ଼ ହେବାର ଅଭୀପ୍ସାରେ ଯେତେବେଳେ ଯୁବକଟି ଶିକ୍ଷା ଓ ଉଚ୍ଚ ଲକ୍ଷ୍ୟ ଦିଗରେ ଉଚ୍ଚଶିକ୍ଷା ଗ୍ରହଣ କରେ, ସେତେବେଳେ ବୟସ ବଢ଼ି ବଢ଼ି ଚାଲିଥାଏ । ଏମିତିକି ଜଣେ ପିଏଚ୍.ଡି. ସାରିବାକୁ ହେଲେ ପ୍ରାୟ ୩୦ ବର୍ଷ ବୟସର ହୋଇଯାଏ । ଯଦି ମନ ମୁତାବକ ଚାକିରିବାକିରି ନହେଲା, ତା'ହେଲେ ସେ ଭାଙ୍ଗିପଡ଼େ । ଏହା ମଧ୍ୟରେ ସେମାନଙ୍କର ଯୌବନର ଉଦ୍ଦାମତା ନଥାଏ । ଏହି ସମୟରେ ବିବାହ କରିବାକୁ ଏବଂ ସଂସାର କରିବାକୁ, ଆଉ ଗୋଟେ ପରିବାର ସଂରଚନା କରିବାକୁ ସେ ଅନିଚ୍ଛୁକ ହୁଏ । ପାଠ ପଢ଼ି ପଢ଼ି ବୟସ ଗଡ଼ିଲା ତ ପ୍ରେମ ପ୍ରୀତି ସଂସାରକୁ ମନ ବଳିଲା ନାହିଁ । ଆଉ କିଛି ଉଚ୍ଚଶିକ୍ଷିତ ଉଚ୍ଚପଦସ୍ଥ ଯୁବ ପିଢ଼ି ମଧ୍ୟ ଆତଙ୍କିତ ବିବାହ ବିଚ୍ଛେଦକୁ ନେଇ । ଅସଲରେ ମନ ନ ମିଳିବା, ପରସ୍ପର ପ୍ରତି ଅସହନଶୀଳତା ହିଁ ବିବାହ ବିମୁଖତାର କାରଣ । ଦାୟିତ୍ୱବୋଧ ବେଶୀ ଯଦି କର୍ମସଂସ୍ଥାନ ପ୍ରତି ଅଧିକ ଓ ପରିବାର ପ୍ରତି କମ୍, ତେବେ ମଧ୍ୟ ସଂସାର ବିମୁଖତା ଆଣିଦିଏ । କ୍ରମବର୍ଦ୍ଧିଷ୍ଣୁ ଚାପ ମଧ୍ୟ ଅନ୍ୟ ଏକ କାରଣ । ସେହିପରି ଅର୍ଦ୍ଧଶିକ୍ଷିତ ଯୁବ ମାନସରେ ମଧ୍ୟ ସଠିକ୍ କର୍ମ ସଂସ୍ଥାନ ନ ପାଇବା ଏକ ମୁଖ୍ୟ କାରଣ ପରିବାର ସର୍ଜନା ନ କରିବାର ।

ଥରେ ଜାପାନ୍‌ରେ ଏପରି ଏକ ସ୍ଥିତି ଜନ୍ମିଥିଲା । ଏହାର କାରଣ ଭିନ୍ନ ଥିଲା । ଗୃହାଭାବ ହିଁ ମୁଖ୍ୟ କାରଣ ଥିଲା । କାରଣ, ଗୋଟିଏ ଛୋଟ ଘରେ ଅନେକ ସଦସ୍ୟଙ୍କ ସହାବସ୍ଥାନ ନିଶ୍ଚେ ଦମ୍ପତିଙ୍କ ପାଇଁ ସଠିକ୍ ନଥିଲା । ଏଣୁ ବିବାହ ପ୍ରତି ବିତୃଷ୍ଣା ଆସି ଯାଉଥିଲା ଯୁବ ସମାଜରେ । ଆମ ସମାଜରେ ଏବେ କ୍ୱଚିତ୍ ଯୌଥ ପରିବାରର ସ୍ଥିତି ଉପଲବ୍ଧ । ଏକକ ପରିବାର ପାଇଁ ନିଶ୍ଚେ ଆଧୁନିକ ପିଢ଼ି ତତ୍ପର । ଏଠାରେ ପରିବାରର ପୂର୍ବ ସଂସ୍କୃତି ଓ ସଂଜ୍ଞା ବିଲୁପ୍ତପ୍ରାୟ । ଏକକ ପରିବାରରୁ ଏକା ଏକା ରହିବାର ପରମ୍ପରା ଆରମ୍ଭ ହେବାକୁ ଯାଉଛି, ଯାହା ଖୁବ୍ ଭୟଙ୍କର । ସାମାଜିକ ନୀତି ନିୟମ ସମ୍ବିଧାନଠାରୁ ବହୁ ଦୂରକୁ ଚାଲି ଯିବାକୁ ବସିଛି ।

କେବଳ ସମସ୍ୟାଗୁଡ଼ିକ ଉତ୍ଥାପନ କରିଦେଲେ ଚିନ୍ତାଶୀଳ ନାଗରିକମାନଙ୍କ କର୍ତ୍ତବ୍ୟ ଶେଷ ହୁଏନାହିଁ । ଏହାର ସମାଧାନର ଉପାୟ ବାହାର କରିବା ମଧ୍ୟ ଦରକାର । ପରିବାର ନିୟନ୍ତ୍ରଣ ନିଶ୍ଚେ ଆମ ଦେଶରେ ସମୟର ଡାକରା । ଏହାର ଅର୍ଥ ନୁହେଁ ଯେ ପରିବାର ଗଢ଼ିବା ନାହିଁ । ପର ପିଢ଼ି ନ ଆସିଲେ ମାନବ ସମାଜ ତ ଦିନେ ଧ୍ୱଂସ ଅବା ସଂକୀର୍ଣ୍ଣ ହୋଇଯିବ ! ବୟସ ବୃଦ୍ଧି ଯଦି ବିମୁଖତାର ଏକ କାରଣ, ଆମେ ସଠିକ୍ ବୟସରେ ଘର ସଂସାର କରିବାର ଆବଶ୍ୟକତା ରହିଛି । ତେଣିକି କର୍ମ ସଂସ୍ଥାନର ସଠିକ୍ ନିରୂପଣ ହୋଇଥାଉ ବା ହୋଇ ନଥାଉ । ଏହା ନୁହେଁ ଯେ ଜଣେ ବିବାହିତ ପୁରୁଷ ବା ମହିଳା ଜୀବନର ଲକ୍ଷ୍ୟ ସାଧନ କରି ପାରିବ ନାହିଁ । ଆମେ ପୁରାତନ କଥା 'ବର ତିରିଶିକୁ କନିଆ ଦଶା'ରେ ଏକମତ ନୋହୁ । ଯଦି ସମାନତା ଆସିଛି ପୁରୁଷ ଓ ନାରୀ ଭିତରେ, ସମାନ ବୟସ ବା ପାଖାପାଖି ବୟସର ଜୀବନ ସାଥୀ ବାଛି ନେବାରେ ଅସୁବିଧା ନାହିଁ । ତା' ନହେଲେ ଯୌନତା, କାମନା ଏପରି ଏକ ନିଆଁ, ଯାହା ଧୂମାୟିତ କରେ ସାରା ସଂସାରକୁ, ନୈତିକତାକୁ । ତାହା ହେଲେ ବିଶୃଙ୍ଖଳାର ଭୂମିକମ୍ପରେ ନିଜେ ସମାଜ ଟଳମଳ ହେବ । ବିବାହ ଏକ ଧାର୍ମିକ, ନୈତିକ ଆଚାର । ଏ ସବୁର ବିଚାର ନିଶ୍ଚେ ଆମେ ଯୁବପିଢ଼ି ଉପରେ ଛାଡ଼ିଦେବା ।■

**ପୋଖରୀପୁଟ, ଭୁବନେଶ୍ୱର**
**ମୋ: ୯୩୪୮୮୯୩୭୫୨**

## ସମ୍ପାଦକଙ୍କୁ ପତ୍ର

### ଫଳ ପଚାଇବାର ବିକଳ୍ପ ଉପାୟ ଆପଣାଯାଉ

ଫଳମୂଳ ପ୍ରାୟତଃ ଅନ୍ୟ ରାଜ୍ୟରୁ ଆମ ରାଜ୍ୟକୁ ଆମଦାନୀ କରା ଯାଇଥାଏ । ଶହଶହ କିଲୋମିଟର ଦୂରରୁ ପ୍ୟାକିଂ ହୋଇ ଅଣା ଯାଉ ଥିବାରୁ ବ୍ୟବସାୟୀମାନେ କଞ୍ଚା ଥିବା ଅବସ୍ଥାରେ ଫଳମୂଳ ଆଣିବାକୁ ପସନ୍ଦ କରିଥାନ୍ତି । ଘରେ ପହଞ୍ଚିଲା ପରେ ଅନେକ ଫଳ ବ୍ୟବସାୟୀ କଦଳୀ, ଆମ୍ବ ଭଳି ଫଳକୁ ଶୀଘ୍ର ପଚାଇବା ପାଇଁ କ୍ୟାଲସିୟମ କାର୍ବାଇଡ୍ ଭଳି ମାରାତ୍ମକ କର୍କଟ ରୋଗ ସୃଷ୍ଟିକାରୀ ରାସାୟନିକ ଦ୍ରବ୍ୟର ମାତ୍ରାଧିକ ବ୍ୟବହାର କରୁଛନ୍ତି । ଏ ଦିଗରେ ସାଧାରଣ ଲୋକ ସଚେତନ ନ ଥିବାରୁ ବିନା ବାଧାରେ ଏହି ବିଷଯୁକ୍ତ ଫଳ କିଣି ଖାଉଛନ୍ତି । ତେଣୁ ଲାଭଖୋର ବ୍ୟବସାୟୀମାନେ ଲୋକଙ୍କ ମୂଲ୍ୟବାନ ଜୀବନ ସହିତ ନ ଖେଳି ଫଳ ପଚାଇବାର ବିକଳ୍ପ ପନ୍ଥା ଅବଲମ୍ବନ କରିବା ଦରକାର । ପ୍ରଶାସନ ମଧ୍ୟ ଏଥି ପ୍ରତି ଦୃଷ୍ଟି ଦେଇ କ୍ୟାଲସିୟମ କାର୍ବାଇଡ୍‌ର ମାତ୍ରାଧିକ ବ୍ୟବହାର ପ୍ରତି ଅଙ୍କୁଶ ଲଗାଇବା ଜରୁରୀ ।

**ବୈଷ୍ଣବ ମେହେର, ସିନାପାଲି, ନୂଆପଡ଼ା**

# ବିରୋଧୀମାନଙ୍କ ବିଶ୍ୱାସର ପ୍ରଶ୍ନ

ଲୋକସଭାର ବାଚସ୍ପତି ଓମ୍ ବିର୍ଲାଙ୍କ ବିରୁଦ୍ଧରେ ବିରୋଧୀମାନଙ୍କ ଦ୍ୱାରା ଆଗତ ଅନାସ୍ଥା ପ୍ରସ୍ତାବ ଆଶାନୁରୂପ ଭାବରେ ଗତ ବୁଧବାର ଦିନ ଟ୍ରେଜେରୀ ବେଞ୍ଚର ଭୋଟ୍ ଦ୍ୱାରା କାଟ୍ ଖାଇ ଯାଇଛି । ଏବେ ଏହି ଅଧ୍ୟାୟର ପରିସମାପ୍ତି ଘଟିଛି ସତ, କିନ୍ତୁ ପ୍ରଶ୍ନଟିଏ ରହିଯାଇଛି ଯେ ସଦନର କାର୍ଯ୍ୟରେ ଉନ୍ନତି ଘଟାଇବା ନିମନ୍ତେ ଏହି ପ୍ରସ୍ତାବ କେଉଁ ଉଦ୍ଦେଶ୍ୟ ସାଧନ କରିଛି ! ଅନାସ୍ଥା ପ୍ରସ୍ତାବ ଉପରେ ଆଲୋଚନା କାଳରେ ସବୁ ସମୟରେ ବିରୋଧୀମାନେ ଗୁରୁତ୍ୱାରୋପ କରିଥିଲେ ଯେ ସେମାନେ ବାଚସ୍ପତିଙ୍କ ବିରୁଦ୍ଧରେ ଏହି ଅନାସ୍ଥା ପ୍ରସ୍ତାବ ଆଣିବାକୁ ବାଧ୍ୟ ହୋଇଥିଲେ, ଯାହା ଲୋକସଭାର ଇତିହାସରେ ଥିଲା ଏଭଳି ତୃତୀୟ ପ୍ରସ୍ତାବ, କାରଣ ଶ୍ରୀଯୁକ୍ତ ବିର୍ଲା ସେମାନଙ୍କର ବୈଧାନିକ ଅଧିକାରକୁ ବିଚାରକୁ ନ ନେଇ ସଦନକୁ ଚଳାଉ ଥିଲେ । ସେମାନେ ନିର୍ଦ୍ଦିଷ୍ଟ ଭାବରେ ଦର୍ଶାଇ ଥିଲେ ଯେ ଅନେକ କ୍ଷେତ୍ରରେ ସଦନରେ ବିରୋଧୀ ଦଳର ନେତା ରାହୁଲ ଗାନ୍ଧୀ କିଛି କହିବା ବେଳେ ବାରମ୍ବାର ବାଧା ସୃଷ୍ଟି କରାଯାଉଥିଲା । ସେମାନଙ୍କର ବ୍ୟକ୍ତିଗତ ଭାବରେ ବାଚସ୍ପତିଙ୍କ ପ୍ରତି ଉଚ୍ଚ ସମ୍ମାନବୋଧ ରହିଛି, ପରନ୍ତୁ ତାଙ୍କ ହାତ ଶାସକ ଦଳ ଦ୍ୱାରା ବନ୍ଧା ଯାଇଛି ବୋଲି ଇସାରା କରିଥିଲେ, ଆଉ ସେଥିପାଇଁ ତାଙ୍କର ନିଷ୍ପତ୍ତିଗୁଡ଼ିକ ଗଣତାନ୍ତ୍ରିକ ନୀତି ନିୟମ ଓ ସଦନର କାର୍ଯ୍ୟ ପଦ୍ଧତିକୁ ହେୟଜ୍ଞାନ କରୁଛି । ସେମାନେ ଯୁକ୍ତି ଦର୍ଶାଇ ଥିଲେ ଯେ ଏହି ପ୍ରସ୍ତାବ 'ସମ୍ବିଧାନକୁ ରକ୍ଷା କରିବା' ଉଦ୍ଦେଶ୍ୟରେ ଅଣା ଯାଇଥିଲା ଏବଂ ଏହା କେବଳ ବାଚସ୍ପତିଙ୍କୁ ନିଜ ପଦରୁ ହଟାଇବା ପାଇଁ ଅଭିପ୍ରେତ ନଥିଲା, ବରଂ 'ଲୋକସଭା ଓ ଦେଶର ଆତ୍ମା, ମର୍ଯ୍ୟାଦା ଏବଂ ସ୍ୱାଧୀନତାର ପୁନରୁଦ୍ଧାର' ପାଇଁ ଉଦ୍ଦିଷ୍ଟ ଥିଲା ।

ବିଜେପି ଏବଂ ଏନ୍‌ଡିଏ ପାଇଁ ଶ୍ରୀଯୁକ୍ତ ବିର୍ଲା ହେଉଛନ୍ତି ଗଣତାନ୍ତ୍ରିକ ଭାବନାର ପ୍ରତୀକ । ସେମାନେ ଶ୍ରୀଯୁକ୍ତ ବିର୍ଲାଙ୍କ ନିଷ୍ପକ୍ଷତା ଉପରେ ପ୍ରଶ୍ନ ଉଠାଇ ଥିବାରୁ ବିରୋଧୀ ଦଳମାନଙ୍କୁ କଡ଼ା ସମାଲୋଚନା କରିଥିବା ବେଳେ ଦର୍ଶାଇ ଥିଲେ ଯେ ଏହି ଅନାସ୍ଥା ପ୍ରସ୍ତାବ ସମ୍ପୂର୍ଣ୍ଣ ତ୍ରୁଟିପୂର୍ଣ୍ଣ ଥିଲା, କିନ୍ତୁ ବାଚସ୍ପତି ଏହାକୁ ସଂଶୋଧନ କରିଥିଲେ । ସେମାନେ ଯୁକ୍ତି ଦର୍ଶାଇ ଥିଲେ ଯେ 'ପାରସ୍ପରିକ ବିଶ୍ୱାସ' ଆଧାରରେ ସଦନରେ ସମସ୍ତ କାର୍ଯ୍ୟ ସମ୍ପାଦନ କରାଯାଇଥାଏ; ଏବଂ ଜଣେ ବାଚସ୍ପତି ବସ୍ତୁତଃ 'ଉଭୟ ଶାସକ ଓ ବିରୋଧୀ ଦଳଙ୍କ ପ୍ରତିନିଧିତ୍ୱ କରି ଏହାର ନିରପେକ୍ଷ ଅଭିରକ୍ଷକ ହୋଇଥାନ୍ତି ।' ସେମାନେ ବିରୋଧୀ ଦଳର ନେତାଙ୍କ ଉପରେ ଆକ୍ରମଣକୁ କେନ୍ଦ୍ରୀଭୂତ କରିବା ଉପରେ ଏପରି ଗୁରୁତ୍ୱ ଦେଇଥିଲେ ଯେ ଜଣେ କଂଗ୍ରେସ ନେତା ତା'ର ଉତ୍ତର ଦେବାକୁ ଯାଇ କହିଥିଲେ କି ଏହା ବାଚସ୍ପତିଙ୍କ ବିରୁଦ୍ଧରେ ଅନାସ୍ଥା ପ୍ରସ୍ତାବ ନା ଶ୍ରୀଯୁକ୍ତ ଗାନ୍ଧୀଙ୍କ ଉପରେ ଏହି ପ୍ରସ୍ତାବ ଅଣାଯାଇଛି ! ଏକଥା ସ୍ପଷ୍ଟ ଯେ ବିରୋଧୀମାନେ ବାଚସ୍ପତିଙ୍କୁ ତାଙ୍କ ପଦରୁ ହଟାଇବାର ଏକ ବାସ୍ତବବାଦୀ ଲକ୍ଷ୍ୟ ନେଇ ଏହି ପ୍ରସ୍ତାବ ଆଣି ନଥିଲେ, କାରଣ ସେଥିପାଇଁ ଆବଶ୍ୟକ ସଦନରେ ସେମାନଙ୍କ ସାମ୍ମୁଖ୍ୟର ସଂଖ୍ୟା ଗରିଷ୍ଠତା ନାହିଁ । ସେମାନେ ଏପରି କରି ସଦନର ସବୁ ସଦସ୍ୟଙ୍କର ଏହି ପ୍ରସଙ୍ଗ ପ୍ରତି ଧ୍ୟାନ ଆକର୍ଷଣ କରିବାକୁ ଚାହୁଁଥିଲେ ଏବଂ ସମଗ୍ର ଦେଶ ସମ୍ମୁଖରେ ମଧ୍ୟ ସେମାନଙ୍କର ଅଭିଯୋଗକୁ ଉପସ୍ଥାପନ କରିବାକୁ ଚାହୁଁଥିଲେ ଯେ ସେମାନେ ଶ୍ରୀଯୁକ୍ତ ବିର୍ଲାଙ୍କର ପକ୍ଷପାତିତା ପ୍ରତି ସଦା ସର୍ବଦା ଅଭିଯୋଗ ଉଠାଇ ଆସୁଛନ୍ତି, କେବଳ ସଦନର ଏଇ ଅଧିବେଶନ କାଳରେ ନୁହେଁ, ବରଂ ପୂର୍ବରୁ ମଧ୍ୟ ସେମାନେ ଏହା କରି ଆସୁଛନ୍ତି, କାରଣ ସେ ବିରୋଧୀ ଦଳଙ୍କ ଅଧିକାରକୁ ସୁରକ୍ଷା ପ୍ରଦାନ କରିବା ଦିଗରେ କମ୍ ଉତ୍ସାହ ପ୍ରଦର୍ଶନ କରିବା ସହିତ ବିରୋଧୀ ଦଳର ନେତାଙ୍କ ପ୍ରତି ପକ୍ଷପାତିତାପୂର୍ଣ୍ଣ ବ୍ୟବହାର ଦେଖାଇଥାନ୍ତି ।

ପୂର୍ବର ଦୁଇ ଗୋଟି ଲୋକସଭାରେ ବିରୋଧୀ ଦଳର କେହି ନେତା ନଥିଲେ, କାରଣ କୌଣସି ଦଳ ନିକଟରେ ସେଥିପାଇଁ ଆବଶ୍ୟକ ସଂଖ୍ୟା ଗରିଷ୍ଠତା ନଥିଲା । କିନ୍ତୁ ଚଳିତ ଥର ଏହି ସଦନରେ ଜଣେ ମାନ୍ୟତାପ୍ରାପ୍ତ ବିରୋଧୀ ଦଳର ନେତା ଅଛନ୍ତି, ଯାହା ସଦନରେ ନିଜର ପତିଆରାକୁ ଜାହିର କରିବା ପାଇଁ ବିରୋଧୀ ଦଳମାନଙ୍କୁ ସାହସ ଯୋଗାଇ ଥିଲା । ବର୍ତ୍ତମାନ ସେମାନେ ନିଜର ଯୁକ୍ତି ଦର୍ଶାଇ ସାରିଥିବାରୁ, ସମୟ ଉପଗତ ହୋଇଛି ସଦନ ଯେଉଁ ଉଦ୍ଦେଶ୍ୟରେ ପ୍ରତିଷ୍ଠିତ, ସେହି କାର୍ଯ୍ୟକୁ ସେମାନେ ଫେରିବା ଉଚିତ: ଅର୍ଥାତ୍ ଲୋକମାନଙ୍କ ଜୀବନ ଜୀବିକାକୁ ପ୍ରଭାବିତ କରୁଥିବା ପ୍ରସଙ୍ଗଗୁଡ଼ିକ ଉପରେ ଏବଂ ବ୍ୟବସ୍ଥାପିକାର ଯଥୋଚିତ କାର୍ଯ୍ୟ ଉପରେ ବିତର୍କ କରିବା ଆବଶ୍ୟକ । ସେମାନେ ସଂସଦକୁ ଏକ ଖେଳଘରରେ ପରିଣତ କରିବା ଭଳି ସେମାନଙ୍କର କାର୍ଯ୍ୟ ଉପରେ ଚିନ୍ତା କରିବା ଉଚିତ ଏବଂ ତା' ପରିବର୍ତ୍ତେ ସେମାନେ ସରକାରକୁ ସର୍ବସାଧାରଙ୍କ ନିକଟରେ ଉତ୍ତରଦାୟୀ କରିବାର ଏକ ପ୍ରକୃଷ୍ଟ ମଞ୍ଚ ଭାବରେ ବ୍ୟବହାର କରିବା ଉଚିତ । ଏକଥା ଗୁରୁତ୍ୱପୂର୍ଣ୍ଣ ଯେ ଶାସକ ସାମ୍ମୁଖ୍ୟ ଗଣତାନ୍ତ୍ରିକ ମଞ୍ଚ ସଂସଦ ଅପର ପକ୍ଷର ମନୋବସ୍ଥାକୁ ଆକଳନ କରିବା ପାଇଁ ଏକ ସର୍ବୋତ୍କୃଷ୍ଟ ସାଧନ ପ୍ରଦାନ କରୁଛି, ଯାହା ଗଣତାନ୍ତ୍ରିକ କାର୍ଯ୍ୟ ଧାରାରେ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଏହା ଲୋକସଭାରେ ବିରୋଧୀ ଦଳମାନଙ୍କର ସଂଖ୍ୟା ଓ ଶକ୍ତିକୁ ସମ୍ମାନ ପ୍ରଦର୍ଶନ କରିବାକୁ ଶିକ୍ଷାଲାଭ କରିବା ଉଚିତ, ଯାହା ପୂର୍ବାପେକ୍ଷା ଚଳିତ ଥର ଯଥେଷ୍ଟ ଅଧିକ ରହିଛି । ଏହା ଆଦୌ ଆକସ୍ମିକ ନୁହେଁ, ବରଂ ଲୋକମାନଙ୍କ ଇଚ୍ଛାର ଏକ ପ୍ରତିଫଳନ । ଆଉ ଯେତେଦୂର ଶ୍ରୀଯୁକ୍ତ ବିର୍ଲାଙ୍କ କଥା ଉଠେ, ସେ ବିରୋଧୀମାନଙ୍କୁ ପୁନଃଆଶ୍ୱାସନା ପ୍ରଦାନ କରିଛନ୍ତି ଯେ ବାଚସ୍ପତି ଆସନ କୌଣସି ଜଣେ ବ୍ୟକ୍ତିବିଶେଷଙ୍କର ସମ୍ପତ୍ତି ନୁହେଁ), ବରଂ ସଦନର ସମ୍ମାନର ଏକ ପ୍ରତୀକ । ଏହା ହେଉଛି ଗଣତନ୍ତ୍ରର ଆତ୍ମା ଏବଂ ପ୍ରତ୍ୟେକ ସଦସ୍ୟ- ବାଚସ୍ପତି, ଟ୍ରେଜେରୀ ବେଞ୍ଚ୍ ଏବଂ ବିରୋଧୀ ଦଳମାନେ ଏହାକୁ ରକ୍ଷା କରିବା ପାଇଁ ସର୍ବଦା ତତ୍ପର ହେବା ଚାହି ।■

# ଚତୁର୍ବର୍ଗ

ଚତୁର୍ବର୍ଗ କହିଲେ ଧର୍ମ, ଅର୍ଥ, କାମ, ମୋକ୍ଷକୁ ବୁଝାଇ ଥାଏ । ଧର୍ମଯୁକ୍ତ ଅର୍ଥ ଓ ଧର୍ମଯୁକ୍ତ କାମ ମଣିଷକୁ ମୋକ୍ଷ ମାର୍ଗକୁ ନେଇଥାଏ । ଜୀବନରେ ଧର୍ମକୁ ଛାଡ଼ି 'ଅର୍ଥ' ଓ 'କାମ' ବିପଦ ସୃଷ୍ଟିକରେ । ଅଧଃପତନର କାରଣ ହୁଏ । ଏହାର ଏକ ଉଦାହରଣ ।

ରାମାୟଣରେ ଅନେକ ଚରିତ୍ର ଭିତରୁ ଅନସୂୟାଙ୍କୁ 'ଧର୍ମ'ର ପ୍ରତୀକ ଭାବରେ ନିଆଯାଉ । ପ୍ରଭୁ ଶ୍ରୀରାମ, ଲକ୍ଷ୍ମଣ, ସୀତା ଚଉଦ ବର୍ଷ ବନବାସରେ ଥାଆନ୍ତି । ପହଞ୍ଚିଲେ ଅତ୍ରି ମୁନିଙ୍କ ଆଶ୍ରମରେ । ସେଇଠି ରହୁଥିଲେ ଅତ୍ରିଙ୍କ ପତ୍ନୀ ଅନସୂୟା । ଯାହା ଭିତରେ ଅସୂୟା (ଈର୍ଷା) ନଥାଏ, ସେ ଅନସୂୟା । ଅନସୂୟା ସୀତାଙ୍କୁ ପତିବ୍ରତା ଧର୍ମ ବିଷୟରେ ଅନେକ ବୁଝାଇ ଥିଲେ । ଆଉ ପତିଙ୍କ ଅନୁଗାମୀ ହୋଇ ଚଳିବାକୁ ପରାମର୍ଶ ଦେଇଥିଲେ । କିନ୍ତୁ ଦଣ୍ଡକାରଣ୍ୟରେ ସୀତା ସୁନାମୃଗ ଦେଖି ଲୋଭୀ ହେଲେ । କ୍ଷଣକ ପାଇଁ ସ୍ୱାମୀଙ୍କଠାରୁ ସୁନାକୁ ବଡ଼ ଭାବିନେଲେ । ଫଳରେ ସୀତାଙ୍କୁ ରାବଣ ହରଣ କରିନେଲା । ପ୍ରଭୁଙ୍କୁ ବାଦ୍ ଦେଇ ଯେଉଁ ଧର୍ମ ଆଚରଣ କରାଯାଏ, ତାହା ବିପଦର କାରଣ ହୋଇଥାଏ ।

'ଅର୍ଥ'ର ପ୍ରତୀକ ରୂପରେ ମନ୍ଥରାଙ୍କୁ ନିଆଯାଉ । ମନ୍ଥରା କୈକେୟୀଙ୍କର ଦାସୀ ଥିଲେ । ଶ୍ରୀରାମଙ୍କ ରାଜ ସିଂହାସନ ଖବର ପାଇ କୈକେୟୀଙ୍କୁ କୁମନ୍ତ୍ରଣା ଦେଲେ- 'ଅଯୋଧ୍ୟା ରାଜ ସିଂହାସନରେ କୌଶଲ୍ୟା ପୁତ୍ର ରାମଙ୍କର ଯେତିକି ଅଧିକାର ଅଛି, ତୁମ ପୁତ୍ର ଭରତଙ୍କର ବି ସେତିକି ଅଧିକାର ଅଛି । ତେଣୁ ଅଯୋଧ୍ୟା ସିଂହାସନରେ ଭରତ ବସିବା ଉଚିତ୍ ।' କୁମନ୍ତ୍ରଣା ବେଳେବେଳେ ଭଲ ମଣିଷ ଭିତରେ ବି ବିଷ ବୁଣିଦିଏ । ରାତିକ ଭିତରେ ସବୁ ଓଲଟପାଲଟ ହୋଇଗଲା । ରାଜ ପୋଷାକ ପିନ୍ଧି ସିଂହାସନରେ ଅସୀନ ହେବାକୁ ଥିବା ଶ୍ରୀରାମ ବଳ୍କଳ ପିନ୍ଧି ବନକୁ ଗଲେ । ମନ୍ଥରାଙ୍କ ପ୍ରରୋଚନାରେ ଶ୍ରୀରାମ ନୁହେଁ; ସିଂହାସନ (ଧନ ବା ଅର୍ଥ) ବଡ଼ ହେଲା । ଫଳରେ ଅଯୋଧ୍ୟାକୁ ବିପଦ ମାଡ଼ି ଆସିଥିଲା । ଦଶରଥ ଦେହତ୍ୟାଗ କଲେ, ଭରତ ସିଂହାସନରେ ବସିଲେନି । ଅର୍ଥାତ୍ ପ୍ରଭୁଙ୍କୁ ଛାଡ଼ି 'ଅର୍ଥ' ମଧ୍ୟ ବିପଦ ସୃଷ୍ଟିକରେ ।



ପଦାରବିନ୍ଦ

ରାବଣର ଭଉଣୀ ସୂର୍ପଣଖାକୁ 'କାମ'ର ପ୍ରତୀକ ଭାବରେ ନିଆଯାଉ । ଶ୍ରୀରାମଙ୍କ ରୂପରେ ମୁଗ୍ଧ ହେଲା । ବିଧବା ସୂର୍ପଣଖା ଶ୍ରୀରାମଙ୍କୁ ବିବାହ କରିବାକୁ କୁମାରୀର ଅଭିନୟ କଲା । ପ୍ରଭୁ ଏକପତ୍ନୀ ବ୍ରତ ଧାରଣ କରିଛନ୍ତି କହି ସୂର୍ପଣଖାକୁ ଲକ୍ଷ୍ମଣଙ୍କ ପାଖକୁ ପଠାଇଲେ । ସେ ବିନା ବିଚାରରେ ଲକ୍ଷ୍ମଣଙ୍କ ପାଖକୁ ଆସି ବିବାହ କରିବାକୁ ନିବେଦନ କଲେ । ପ୍ରଭୁ ଶ୍ରୀରାମଙ୍କ ପରାମର୍ଶ କ୍ରମେ ସୂର୍ପଣଖାର କାନ (କାମନା) ଓ ନାସା (ବାସନା)କୁ ଛେଦନ କଲେ । ଅର୍ଥାତ୍ ପ୍ରଭୁଙ୍କୁ ବାଦ୍ ଦେଇ ଯେଉଁ 'କାମ' ସମ୍ପନ୍ନ ହୁଏ, ତହିଁରେ ବି ବିପଦ ଥାଏ ।

ଶବରୀଙ୍କୁ 'ମୋକ୍ଷ'ର ପ୍ରତୀକ ରୂପେ ନିଆଯାଉ । ପ୍ରଭୁ ଶ୍ରୀରାମ ଶବରୀ ପାଖରେ ପହଞ୍ଚିଲେ । ତାଙ୍କୁ ଭକ୍ତି ବିଷୟରେ ଅନେକ ଉପଦେଶ ଦେଲେ । ଶବରୀ ନିଜକୁ ପ୍ରଭୁଙ୍କ ଚରଣରେ ସମର୍ପିତ କରିଦେଲେ । ପ୍ରଭୁଙ୍କ ବ୍ୟତୀତ ଶବରୀ ନୟନ ଓ ମନରେ ଆଉ କିଛି ନଥିଲା । କେବଳ ଶ୍ରୀରାମ ତାଙ୍କ ଜୀବନର ଆଧାର ଥିଲେ । ଶ୍ୱାସ-ପ୍ରଶ୍ୱାସରେ ଶ୍ରୀରାମ ଏକମାତ୍ର ଧ୍ୟେୟ ଥିଲେ । ପ୍ରଭୁଙ୍କୁ ଛାଡ଼ି ମୋକ୍ଷର ସ୍ଥାନ ନାହିଁ । ତେଣୁ ପ୍ରଭୁଙ୍କ ପଦାରବିନ୍ଦରେ ନିଜକୁ ସମର୍ପିତ କରିଦେଲେ । ତାଙ୍କ ପାଇଁ ମୋକ୍ଷର ଦ୍ୱାର ଉନ୍ମୁକ୍ତ ହୋଇଗଲା ।■

ଲେଖା ପଠାଇବାର ଠିକଣା, ସମ୍ପାଦକ, 'ନିତିଦିନ', Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, e-mail: nitidinedit@gmail.com

# ନେପାଳବାସୀଙ୍କ ଦାଦନ ଯନ୍ତ୍ରଣା, ଗାଁ ଛାଡୁଛନ୍ତି ଲୋକେ



**ଓଡ଼ଗାଁ,୧୩।୩/ଏନ୍‌ଏନ୍‌ଏସ୍:** ନୟାଗଡ଼ ଜିଲ୍ଲା ଓଡ଼ଗାଁ ବ୍ଲକର ଦୁର୍ଗମ ଆଦିବାସୀ ଅଧ୍ୟୁଷିତ ନେପାଳ ଗାଁରେ ଦାଦନ ସମସ୍ୟା ଉତ୍କଟ ରୂପ ଧାରଣ କରିଛି। ସ୍ଥାନୀୟ ଅଞ୍ଚଳରେ ରୋଜଗାରର ଅଭାବ ଯୋଗୁଁ ପରିବାର ପ୍ରତିପୋଷଣ ପାଇଁ ଲୋକେ ବାଧ ହୋଇ ଦାଦନ ଖଟିବାକୁ ବାହାର ରାଜ୍ୟକୁ ଯାଉଛନ୍ତି। ସୂଚନା ଅନୁଯାୟୀ, ଦିନେ ଏହି ଗାଁ ଶିକ୍ଷା, ସ୍ୱାସ୍ଥ୍ୟ ଏବଂ ଗମନାଗମନ ଭଳି ମୌଳିକ ସୁବିଧାରୁ ବଞ୍ଚିତ ଥିଲା। ପୂର୍ବତନ ଜିଲ୍ଲାପାଳଙ୍କ ପଦକ୍ଷେପ ଯୋଗୁଁ ସୋଲାର ଲାଇଟ୍ ଓ ପାନୀୟ ଜଳ ଭଳି କିଛି ସୁବିଧା ମିଳିଥିଲେ ହେଁ, ସ୍ଥାୟୀ ରୋଜଗାର ଏବେ ବି ଏଠାରେ ଏକ ବଡ଼ ପ୍ରଶ୍ନବାଚୀ। ଗାଁର ମହିଳାମାନେ ପତ୍ର ସଂଗ୍ରହ କରି ଖଲି-ଠୁଙ୍ଗା ପ୍ରସ୍ତୁତ କରି ଗୁଜରାଣ ମେଣ୍ଟାଉଥିଲେ, ମାତ୍ର ଖରାଦିନ ଯୋଗୁଁ ଗଛରୁ ପତ୍ର ଝଡ଼ିବା ଫଳରେ ସେହି ରୋଜଗାର ମଧ୍ୟ ବନ୍ଦ ହୋଇଯାଇଛି। ଅନ୍ୟପଟେ, ନିକଟସ୍ଥ ସହରଗୁଡ଼ିକରେ କାମ କଲେ ଠିକାଦାରମାନେ ଟଙ୍କା ନଦେଇ ଠକୁଥିବା ଗ୍ରାମର ବାସନ୍ତୀ ଜାନି, ସବିତା ଜାନି ଓ ଯଶୋଦା ଜାନି ପ୍ରମୁଖ ଅଭିଯୋଗ କରିଛନ୍ତି। ସରକାରୀ ଚାଉଳ ୧୫ ଦିନ ବି ଯାଉନଥିବାରୁ ଭୋକ ଉପବାସରେ ରହିବା ଅପେକ୍ଷା ଦାଦନ ଖଟିବାକୁ ସେମାନେ ଶ୍ରେୟସ୍କର ମଣୁଛନ୍ତି। ନିକଟରେ ଗାଁରୁ ୮-୧୦ ଜଣ ଚେନ୍ନାଇ ଯାଇଥିବା ବେଳେ ଆଜି ପୁଣି ଏକ ଦଳ ଦାଦନ ଖଟିବାକୁ ବାହାରିଛନ୍ତି। ସରକାରଙ୍କ ମନରେଗା ଓ ଅନ୍ୟାନ୍ୟ ଶ୍ରମଭିତ୍ତିକ ଯୋଜନା ଏଠାରେ ସମ୍ପୂର୍ଣ୍ଣ ଫେଲ୍ ମାରିଥିବା ବେଳେ ଶ୍ରମ ବିଭାଗର ନିଷ୍କ୍ରିୟତାକୁ ନେଇ ଗ୍ରାମବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି।

# ଚୋରି ଅଭିଯୋଗରେ ୩ ଗିରଫ



**ମାହାଙ୍ଗା,୧୩।୩/ଏନ୍‌ଏନ୍‌ଏସ୍:** ମାହାଙ୍ଗା ଥାନା ଅଧୀନ କୁମୁଡାଜୟପୁର ଫାଣ୍ଡି ଅନ୍ତର୍ଗତ ମଧୁପୁର ପଂଚାୟତ ବେନୁପୁରା ଗ୍ରାମର ରତିକାନ୍ତ ଜେନାଙ୍କ ଗତ ୨୩ ତାରିଖ ବିଳମ୍ବିତ ରାତିରେ ତାଙ୍କ ଘରର କବାଟ ତାଲା ଭାଙ୍ଗି ଦୁର୍ବୃତ୍ତମାନେ ସୁନା ରୂପା ଅଳଙ୍କାର ସହ ନଗଦ ଟଙ୍କା ଲୁଟ କରିଥିବା ନେଇ ମାହାଙ୍ଗା ଥାନାରେ ଅଭିଯୋଗ ହୋଇଥିଲା। ଅଭିଯୋଗକୁ ଭିତ୍ତିକରି ମାହାଙ୍ଗା ଆଇଆଇସି ଯୁଗଳ କିଶୋର ଦାସଙ୍କ ନେତୃତ୍ୱରେ ଏକ ଟିମ ଗଠନ କରାଯାଇ ଏହି ଚୋରି ଘଟଣାର ଅନୁସନ୍ଧାନ କରାଯିବା ସହ ଚୋରି ଘଟଣାରେ ଜଡିତ ପଙ୍ଗାମୁଣ୍ଡାଇ ମାଟିଆପାଳ ଗ୍ରାମର ବାବୁନି ଦାସଙ୍କ ପୁଅ ଅର୍ଜୁନ ଦାସ (୨୧), ଆଳି ଥାନା ସିଙ୍ଗିଡି ଗ୍ରାମର ସନାତନ ଦାସଙ୍କ ପୁଅ ସାଜନ ଦାସ (୨୩)କୁ ଗିରଫ କରିବା ସହିତ ୨୦ ହଜାର ଟଙ୍କା, ୧୯ ଗ୍ରାମ ଓଜନର ରୁପା ଅଳଙ୍କାର, ୨ଟି ସୁନା ଚେନ୍, ୨ଟି ସୁନା ମୁଦି ଏବଂ ଏକ ମୋବାଇଲ ଫୋନ ଜବତ କରାଯାଇଛି। ଏହି ଚୋରି ଜିନିଷ କିଣିଥିବା ବଡ଼ଚଣା ଅଞ୍ଚଳର ସୁନା ବ୍ୟବସାୟୀ ମହେନ୍ଦ୍ର ସାହୁଙ୍କୁ ଗିରଫ କରାଯାଇଛି। ଗିରଫ ଦୁଇ ଅଭିଯୁକ୍ତ ଏକ ସ୍ଥାନରେ ଡକାୟତ କରିବା ପାଇଁ ପ୍ରସ୍ତୁତ ହେଉଥିବା ଖବର ପାଇ ସାଲେପୁର ଏସଡିପିଓ ବିରଞ୍ଚି ନାରାୟଣ ପତିଙ୍କ ନିର୍ଦ୍ଦେଶକ୍ରମେ ମାହାଙ୍ଗା ଆଇଆଇସି ଶ୍ରୀ ଦାସ ଓ ତାଙ୍କ ଟିମ ଚଢ଼ଉ କରି ଦୁର୍ବୃତ୍ତଙ୍କୁ କାବୁ କରିଥିବା ନେଇ ଥାନା ସୂତ୍ରରୁ ଜଣାଯାଇଛି। ଏହି ଦୁର୍ବୃତ୍ତଙ୍କ ନାମରେ ଆଳି, ନିକିରାଇ, ପଙ୍ଗାମୁଣ୍ଡାଇ, ନେମାଳ, ସାଲେପୁର ଆଦି ଥାନାରେ ୧୯ରୁ ଊର୍ଦ୍ଧ୍ୱ ଅପରାଧିକ ମାମଲା ରହିଥିବା ଏସଡିପିଓ ଶ୍ରୀ ପତି ସୂଚନା ଦେଇଛନ୍ତି। ଗିରଫ ଅଭିଯୁକ୍ତମାନଙ୍କୁ ଥାନା କେସ୍ ନଂ ୬୭/୨୬ରେ କୋର୍ଟ ଚାଲାଣ କରାଯାଇଛି।

# ସତ୍ୟବାଦୀରେ ଶୁକଳ ଦୋଳ ମେଳଣ

**ସାକ୍ଷୀଗୋପାଳ,୧୩।୩/ଏନ୍‌ଏନ୍‌ଏସ୍:** ସତ୍ୟବାଦୀ ବ୍ଲକ ଶୁକଳ ପଞ୍ଚାୟତରେ ପ୍ରସିଦ୍ଧ ୨୨୬ତମ ପାରମ୍ପରିକ ଶୁକଳ ଦୋଳ ମେଳଣ ଅନୁଷ୍ଠିତ ହୋଇଯାଇଛି। ମେଳଣର ଥାନପତି ତଥା ଗ୍ରାମର ଇଷ୍ଟଦେବ ତୃତୀୟାଦେବ ଜଗନ୍ନାଥ ଏକ ସୁସଜ୍ଜିତ ବିମାନରେ ଗ୍ରାମ ପରିକ୍ରମା କରିବା ପରେ ମେଳଣ ପଡ଼ିଆରେ ବିଜେ କରିଥିଲେ। ଘଣ୍ଟ, ମର୍ଦ୍ଦଳ, ତୂରୀ ସାଙ୍ଗକୁ ହରିବୋଲ ଓ ହୁଳହୁଳୀ ଶବ୍ଦରେ ପୂରା ଗ୍ରାମ ପ୍ରକମ୍ପିତ ହୋଇଥିଲା। ଏହି ଅବସରରେ ଶ୍ରଦ୍ଧାଳୁ ଓ ଭଗବାନଙ୍କ ମଧ୍ୟରେ ଅବିର ବୋଳାବୋଳି ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି କରିଥିଲା। ଏହି ଦୋଳ ମେଳଣ ଦୋଳ ପୂର୍ଣ୍ଣିମା ପରଠାରୁ ନବମୀ, ଦଶମୀ ଓ ଏକାଦଶୀ ପର୍ଯ୍ୟନ୍ତ ତିନି ଦିନ ଧରି ଅନୁଷ୍ଠିତ ହେବାର ପରମ୍ପରା ରହିଛି। ପଡ଼ୋଶୀ ମାର୍କଣ୍ଡପଡ଼ାର ଶ୍ରୀ ନୀଳକଣ୍ଠେଶ୍ୱର ଦେବଙ୍କ ସମେତ ପୁରୀ ଜିଲ୍ଲାର ପ୍ରାୟ ୪ଟି ବ୍ଲକରୁ ପ୍ରାୟ ୨୦୦ ଦେବାଦେବୀଙ୍କ ବିମାନ ଏଠାରେ ଏକତ୍ରିତ ହୋଇଥିଲେ। ଇତିହାସ ଅନୁସାରେ, ଏହି ପ୍ରସିଦ୍ଧ ମେଳଣର ମୁଖ୍ୟ ପୃଷ୍ଠପୋଷକ ଥିଲେ ତତ୍କାଳୀନ ଏମାର ମଠ ମହନ୍ତ ଗଦାଧର ରାମାନୁଜ ଦାସ। ମେଳଣ ପଡ଼ିଆରେ ବିଭିନ୍ନ ଘରକରଣା ସାମଗ୍ରୀ, ଖେଳନା ଓ ଖାଦ୍ୟ ବଜାରରେ ବେଶ୍ ଗହଳି ଦେଖିବାକୁ ମିଳିଥିଲା। ଏହି ଉତ୍ସବରେ ଶହ ଶହ ଶ୍ରଦ୍ଧାଳୁ ଯୋଗଦେଇ ମେଳଣକୁ ଉପଭୋଗ କରିବା ସହ ପ୍ରଭୁଙ୍କ କୃପା ଲାଭ କରିଥିଲେ।

# ଦେଶୀ ମଦ ଜବତ, ଜଣେ ଗିରଫ

**ବଲଙ୍ଗା,୧୩।୩/ଏନ୍‌ଏନ୍‌ଏସ୍:** ବଲଙ୍ଗା ଥାନା ପୁଲିସ ପକ୍ଷରୁ ଶୁକ୍ରବାର ଗୋଡ଼ିମାଳ ଛକ ନିକଟରେ ଚଢ଼ଉ କରାଯାଇ ବିପୁଳ ପରିମାଣର ଦେଶୀ ମଦ ଜବତ କରାଯାଇଛି। ଏହି ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତ ସିପକ ସାହାଣୀକୁ ପୁଲିସ ଗିରଫ କରିଛି। ମିଳିଥିବା ସୂଚନା ମୁତାବକ, ଗୋଡ଼ିମାଳ ଛକସ୍ଥିତ ନିଜ ଘରେ ସିପକ ଚୋରା ମଦ କାରବାର କରୁଥିବା ନେଇ ବଲଙ୍ଗା ଥାନା ଅଧିକାରିଣୀ ସସ୍ମିତା ସାହୁଙ୍କ ନିକଟରେ ଗୋପନ ସୂଚନା ପହଞ୍ଚିଥିଲା। ଏହା ଆଧାରରେ ପୁଲିସ ଟିମ୍ ଉକ୍ତ ସ୍ଥାନରେ ଚଢ଼ଉ କରି ୪୫ ଲିଟର ଦେଶୀ ମଦ ଜବତ କରିବା ସହ ଅଭିଯୁକ୍ତକୁ କାବୁ କରିଥିଲା। ଏ ନେଇ ବଲଙ୍ଗା ଥାନାରେ ଏକ ଅବକାରୀ ମାମଲା (ନଂ ୮୫/୨୬) ରୁଜୁ କରାଯାଇଛି। ଗିରଫ ଅଭିଯୁକ୍ତକୁ ଶୁକ୍ରବାର ଅପରାହ୍ଣରେ କୋର୍ଟ ଚାଲାଣ କରାଯାଇଥିବା ଥାନା ପକ୍ଷରୁ ସୂଚନା ଦିଆଯାଇଛି।

# ସାଇବର୍ ଠକ ଗିରଫ

## ମ୍ୟୁଲ୍ ଆକାଉଣ୍ଟ୍ ମାଧ୍ୟମରେ ହେଉଥିଲା କାରବାର

**ମୁଣ୍ଡମୁହାଣ,୧୩।୩/ଏନ୍‌ଏନ୍‌ଏସ୍:** ସାଇବର ଠକେଇ ଓ ବେଆଇନ ମ୍ୟୁଲ୍ ଆକାଉଣ୍ଟ ପରିଚାଳନା ଅଭିଯୋଗରେ ଇନ୍‌ଫୋଭ୍ୟାଲି ଥାନା ପୁଲିସ ଜଣେ ଅଭିଯୁକ୍ତକୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣକ ହେଲେ ଦେଉଳିଆ ପାଟଣା ଗ୍ରାମର ରତି ରଞ୍ଜନ ସାହୁ ଓରଫ ଶିବୁ। ପୁଲିସ ତାଙ୍କ ନିକଟରୁ ଗୋଟିଏ ମୋବାଇଲ୍ ଫୋନ୍ ଓ ବ୍ୟାଙ୍କ ଆକାଉଣ୍ଟ ଜବତ କରିବା ସହ ତାଙ୍କୁ କୋର୍ଟ ଚାଲାଣ କରିଛି। ସୂଚନା ଅନୁଯାୟୀ, ଅଭିଯୁକ୍ତ ଶିବୁ ଏକ ସଂଗଠିତ ସାଇବର ସିଣ୍ଡିକେଟ୍‌ର ସକ୍ରିୟ ସଦସ୍ୟ ଭାବେ କାର୍ଯ୍ୟ କରୁଥିଲେ। ସେ ସାଧାରଣ ଲୋକଙ୍କୁ ପ୍ରଲୋଭିତ କରି ସେମାନଙ୍କ ନାମରେ ବ୍ୟାଙ୍କ ଆକାଉଣ୍ଟ ଖୋଲୁଥିଲେ ଏବଂ ସେହି 'ମ୍ୟୁଲ୍ ଆକାଉଣ୍ଟ'ଗୁଡ଼ିକୁ ଠକେଇ ଟଙ୍କା ଗ୍ରହଣ ଓ ସ୍ଥାନାନ୍ତର ପାଇଁ ବ୍ୟବହାର କରୁଥିଲେ। ଶିବୁ 'ରଣପେ' ନାମକ ଏକ ଡିଜିଟାଲ୍ ପ୍ଲାଟଫର୍ମ ମାଧ୍ୟମରେ କ୍ରିପଟୋକରେନ୍ସି ଶୈଳୀରେ ଟଙ୍କା କାରବାର କରୁଥିଲେ। ଏଥିପାଇଁ ପଞ୍ଜାବ ନ୍ୟାସନାଲ ବ୍ୟାଙ୍କରେ ଏକ ଆକାଉଣ୍ଟ୍ ବ୍ୟବହାର କରାଯାଉଥିଲା। ଗତ କିଛି ମାସ ମଧ୍ୟରେ ଏହି କାରବାର ବାବଦରେ ସେ ପ୍ରାୟ ୪୦ ହଜାର ଟଙ୍କା କମିଶନ ରୋଜଗାର କରିଥିବା ଜଣାପଡ଼ିଛି। ବ୍ୟାଙ୍କ ଆକାଉଣ୍ଟରେ ଅସ୍ୱାଭାବିକ କାରବାର ଦେଖି କର୍ତ୍ତୃପକ୍ଷଙ୍କ ସନ୍ଦେହ ହେବାରୁ ଉକ୍ତ ଆକାଉଣ୍ଟକୁ ଫ୍ରିଜ୍ କରାଯାଇଥିଲା। ସେହି ଆକାଉଣ୍ଟରେ ଥିବା ପ୍ରାୟ ୨୦ ହଜାର ଠକେଇ ଟଙ୍କାକୁ ପୁଲିସ ଚିହ୍ନଟ କରିଛି। ଥାନା ଏସଆଇ ସୌମ୍ୟରଞ୍ଜନ ସାହୁଙ୍କ ଲିଖିତ ଅଭିଯୋଗ କ୍ରମେ ପୁଲିସ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

# କଣ୍ଟିଲୋ ମେଡିକାଲ ଛକରେ ନୂତନ ନଳକୂପ



**କଣ୍ଟିଲୋ,୧୩।୩/ଏନ୍‌ଏନ୍‌ଏସ୍:** କଣ୍ଟିଲୋ ମେଡିକାଲ ଛକ ନିକଟରେ ଦୀର୍ଘ ଦିନର ପାନୀୟ ଜଳ ସମସ୍ୟାର ସମାଧାନ ହୋଇଛି। ମେଡିକାଲକୁ ଯାଇଥିବା ରାସ୍ତାର ବାମ ପାର୍ଶ୍ୱରେ ଥିବା ଏକ ପୁରାତନ ନଳକୂପଟି ଦୀର୍ଘ ବର୍ଷ ଧରି ଅଚଳ ହୋଇ ପଡ଼ିଥିଲା। ଏହାର ଜଳ ବ୍ୟବହାର ଅନୁପଯୁକ୍ତ ହୋଇପଡ଼ିଥିବାରୁ ସ୍ଥାନୀୟ ବାସିନ୍ଦା ସ୍ୱଚ୍ଛ ପାନୀୟ ଜଳ ପାଇବାରୁ ବଞ୍ଚିତ ହେଉଥିଲେ। ଏହି ସମସ୍ୟା ନେଇ ବିଭାଗୀୟ କନିଷ୍ଠ ଯନ୍ତ୍ରୀଙ୍କୁ ବାରମ୍ବାର ଅବଗତ କରାଯାଇଥିଲେ ମଧ୍ୟ ପ୍ରାୟ ବର୍ଷେ ହେବ କୌଣସି ପଦକ୍ଷେପ ନିଆଯାଇ ନଥିଲା। ଏ ସମ୍ପର୍କରେ ବାରମ୍ବାର ଖବର ପ୍ରକାଶ ପାଇବା ପରେ ଶେଷରେ ବିଭାଗୀୟ କର୍ତ୍ତୃପକ୍ଷ ତତ୍ପରତା ପ୍ରକାଶ କରିଛନ୍ତି। ଶୁକ୍ରବାର ପୂର୍ବାହ୍ନରେ ପୁରାତନ ନଳକୂପ ସମ୍ମୁଖରେ ଏକ ନୂତନ ନଳକୂପ ଖୋଳାଯିବା କାର୍ଯ୍ୟ ଆରମ୍ଭ ହୋଇଛି। ପ୍ରଶାସନର ଏହି ପଦକ୍ଷେପ ପାଇଁ ସ୍ଥାନୀୟ ଅଧିବାସୀଙ୍କ ସମେତ ପର୍ଯ୍ୟଟକ ଓ ଶ୍ରଦ୍ଧାଳୁମାନେ ସନ୍ତୋଷ ବ୍ୟକ୍ତ କରିଛନ୍ତି।

# ଭାରତୀୟ ଷ୍ଟେଟ୍ ବ୍ୟାଙ୍କର ନୂତନ ଶାଖା ଉଦ୍‌ଘାଟିତ

**ଖୋର୍ଦ୍ଧା,୧୩।୩/ଏନ୍‌ଏନ୍‌ଏସ୍:** ଖୋର୍ଦ୍ଧା ସଦର ମହକୁମା ଅନ୍ତର୍ଗତ ଚଣ୍ଡିଚୁଆଠାରେ ଦେଶର ଅଗ୍ରଣୀ ବ୍ୟାଙ୍କ 'ଭାରତୀୟ ଷ୍ଟେଟ୍ ବ୍ୟାଙ୍କ'ର ନୂତନ ଟାଉନ୍ ଶାଖା ଉଦ୍‌ଘାଟିତ ହୋଇଯାଇଛି। ବ୍ୟାଙ୍କର ମୁଖ୍ୟ ମହାପ୍ରବନ୍ଧକ ଏ.ଡି. ରତ୍ନା ତେଜା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ଶାଖାକୁ ଶୁଭାରମ୍ଭ କରିଥିଲେ। ଏହି ଅବସରରେ ସେ କହିଥିଲେ ଯେ, ନୂତନ ଶାଖା ସ୍ଥାନୀୟ ଅଞ୍ଚଳର ବ୍ୟାଙ୍କିଙ୍ଗ୍ ସେବା ଓ ଆର୍ଥିକ କାରବାର ସମସ୍ୟା ଦୂର କରିବା ସହ ଜନସାଧାରଣଙ୍କୁ ଉନ୍ନତ ସେବା ଯୋଗାଇବାରେ ସହାୟକ ହେବ। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଉପ-ମହାପ୍ରବନ୍ଧକ ପ୍ରଶାନ୍ତ କୁମାର, କ୍ଷେତ୍ରୀୟ ପ୍ରବନ୍ଧକ ଭଗତ ବେହେରା, ନୂତନ ଶାଖା ପରିଚାଳକଙ୍କ ସମେତ ବ୍ୟାଙ୍କର କର୍ମଚାରୀ ଓ ଅଞ୍ଚଳର ମାନ୍ୟଗଣ୍ୟ ବ୍ୟକ୍ତିମାନେ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ ଯେ, ମୁଖ୍ୟ ମହାପ୍ରବନ୍ଧକ ଶ୍ରୀ ତେଜା ନୟାଗଡ଼ ଜିଲ୍ଲା ଗଣିଆଠାରେ ମଧ୍ୟ ଅନ୍ୟ ଏକ ନୂତନ ଶାଖାର ଶୁଭାରମ୍ଭ କରିଛନ୍ତି।

# ଜିଲ୍ଲାସ୍ତରୀୟ ସମବାୟ ସମ୍ମିଳନୀ

**ବାଲିପାଟଣା,୧୩।୩/ଏନ୍‌ଏନ୍‌ଏସ୍:** ବାଲିପାଟଣା ବ୍ଲକ ଅନ୍ତର୍ଗତ ସରାଟ ସମବାୟ ସମିତି କକ୍ଷରେ ଶୁକ୍ରବାର ଏକ ଜିଲ୍ଲା ସ୍ତରୀୟ ସମବାୟ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ସମବାୟ ନେତା ତଥା ଆରସିଏମ୍‌ଏସ୍ ବୋର୍ଡ ସଭ୍ୟ ପ୍ରମୋଦ ବାଘଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଖୋର୍ଦ୍ଧା ଜିଲ୍ଲା ଡିଆର୍‌ସିଏସ୍ ଅଳକାନନ୍ଦା ଜେନା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ସରାଟ ସମବାୟ ସମିତିକୁ କୃଷି କାର୍ଯ୍ୟ ପାଇଁ ଏକ ଅତ୍ୟାଧୁନିକ ଡ୍ରୋନ୍ ପ୍ରଦାନ କରାଯାଇଛି। ମୁଖ୍ୟଅତିଥି ଶ୍ରୀମତୀ ଜେନା କହିଥିଲେ ଯେ, ସମବାୟ ସମିତିଗୁଡ଼ିକ ଚାଷୀଙ୍କ ଆର୍ଥିକ ସମ୍ବଳ ବୃଦ୍ଧିରେ ପ୍ରମୁଖ ଭୂମିକା ଗ୍ରହଣ କରୁଛି। ସରକାର ଆଧୁନିକ ନାନୋ କୌଶଳ ମାଧ୍ୟମରେ ଚାଷୀଙ୍କୁ ସଶକ୍ତ କରିବାକୁ ପ୍ରତିଶ୍ରୁତିବଦ୍ଧ। ଇଫକୋର ଡେପୁଟି ଫିଲ୍ଡ ମ୍ୟାନେଜର ସୌମ୍ୟ ରଞ୍ଜନ ହାତୀ ସାଧନ ପରାମର୍ଶଦାତା ଭାବେ ଯୋଗ ଦେଇ ରାସାୟନିକ ସାର ପରିବର୍ତ୍ତେ ଡ୍ରୋନ୍ ସହାୟତାରେ ନାନୋ ୟୁରିଆ ଓ ଡିଏପି ପ୍ରୟୋଗ କରିବାର ଉପକାରିତା ଉପରେ ଆଲୋକପାତ କରିଥିଲେ। ଏହାଦ୍ୱାରା ଚାଷୀଙ୍କ ଖର୍ଚ୍ଚ କମିବା ସହ ଅଧିକ ଆର୍ଥିକ ସୁଧାର ଆସିବ ବୋଲି ସେ ମତ ଦେଇଥିଲେ। ସିନିୟର ଏଆର୍ ପ୍ରିୟବ୍ରତ ପଣ୍ଡା ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିବା ବେଳେ ଏଆରସିଏସ୍ ନିଶିକା ଦାସ, ସରାଟ ସମବାୟ ସମିତି ସଭାପତି ଭାରତ ଭୂଷଣ ମହାନ୍ତି, ଗାରେଡିପଞ୍ଚଣ ସମବାୟ ସମିତି ସଭାପତି ଅଭିମନ୍ୟୁ ନାୟକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସରାଟ ସମବାୟ ସମିତି ସମ୍ପାଦକ ପ୍ରଭୁପଦ ଜେନା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ସମ୍ମିଳନୀରେ ଜିଲ୍ଲାର ବହୁ ସମବାୟ ସଭାପତି, ସମ୍ପାଦକ ଓ ଚାଷୀମାନେ ଅଂଶଗ୍ରହଣ କରିଥିଲେ।

# ଖଣ୍ଡାଖାଇ ମନ୍ଦିରରୁ ଲକ୍ଷାଧିକ ଟଙ୍କାର ଅଳଙ୍କାର ଲୁଟ୍

**କୁଷ୍ଟେଇ,୧୩।୩/ଏନ୍‌ଏନ୍‌ଏସ୍:** କାକଟପୁର ଅଞ୍ଚଳରେ ଚୋରି ଓ ଲୁଟ୍‌ତରାଜ ଦିନକୁ ଦିନ ବଢ଼ିବାରେ ଲାଗିଛି। କାକଟପୁର ଥାନା ଅନ୍ତର୍ଗତ ଧୁରୁଜଙ୍ଗ ଗ୍ରାମର ପ୍ରସିଦ୍ଧ ଖଣ୍ଡାଖାଇ ମନ୍ଦିରରୁ ଲକ୍ଷାଧିକ ଟଙ୍କାର ସୁନା ଓ ରୁପା ଅଳଙ୍କାର ସମେତ ପିତଳ ବାସନ ଚୋରି ହୋଇଛି। ମନ୍ଦିରର ପୂଜକ ପୂଜା କରିବାକୁ ଆସିବା ବେଳେ ମୁଖ୍ୟ ଦ୍ୱାରର ତାଲା ଭଙ୍ଗା ଯାଇଥିବା ଦେଖିବାକୁ ପାଇଥିଲେ। ଗ୍ରାମବାସୀଙ୍କ ଉପସ୍ଥିତିରେ ମନ୍ଦିର ଭିତରକୁ ଯାଇ ଦେଖିବା ବେଳକୁ ଠାକୁରାଣୀଙ୍କ ରୁପା ମୁକୁଟ, ସୁନାର ମଙ୍ଗଳସୂତ୍ର, ଚକ୍ଷୁ, ଚିତା ଏବଂ ବହୁ ପରିମାଣର କଂସା ଓ ପିତଳ ବାସନ ଲୁଟ୍ ହୋଇଥିବା ଜଣାପଡ଼ିଥିଲା। ଏ ନେଇ ଗ୍ରାମବାସୀଙ୍କ ପକ୍ଷରୁ କାକଟପୁର ଥାନାରେ ଲିଖିତ ଅଭିଯୋଗ କରାଯାଇଛି। ସୂଚନାଯୋଗ୍ୟ ଯେ, ଗତ କିଛି ମାସ ମଧ୍ୟରେ ଖଣ୍ଡସିହି, ହରିନବାଟି ଓ ବାଉରୀଆକଣ ଗ୍ରାମର ବିଭିନ୍ନ ମନ୍ଦିର ଏବଂ ଏକୁଟିଆ ରହୁଥିବା ଘରୁ ଚୋରି ବଢ଼ିଚାଲିଛି। ଅଞ୍ଚଳରେ ବୃଦ୍ଧି ପାଉଥିବା ନିଶା କାରବାର ଏବଂ ବାହାରୁ ଆସୁଥିବା ଅପରିଚିତ ବ୍ୟକ୍ତିଙ୍କ ଗତିବିଧି ଯୋଗୁଁ ଏଭଳି ଘଟଣା ଘଟୁଥିବା ଚର୍ଚ୍ଚା ହେଉଛି। ବାରମ୍ବାର ଚୋରି ପୋଲିସର କାର୍ଯ୍ୟଦକ୍ଷତା ଉପରେ ଏକ ଖୋଲା ଚ୍ୟାଲେଞ୍ଜ ସୃଷ୍ଟି କରିଛି।

# ସାମନ୍ତ ଚନ୍ଦ୍ରଶେଖର ବରିଷ୍ଠ ନାଗରିକ ଫୋରମ୍‌ର ବୈଠକ

**ଖଣ୍ଡପଡ଼ା,୧୩।୩/ଏନ୍‌ଏନ୍‌ଏସ୍:** ସ୍ଥାନୀୟ ମା' ଉମାଦେବୀ ମନ୍ଦିର ପରିସରରେ ଶୁକ୍ରବାର ସାମନ୍ତ ଚନ୍ଦ୍ରଶେଖର ବରିଷ୍ଠ ନାଗରିକ ଫୋରମ୍‌ର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଫୋରମ୍‌ର ଉପସଭାପତି ବିନାୟକ ମିଶ୍ରଙ୍କ ପୌରୋହିତ୍ୟରେ ଆୟୋଜିତ ଏହି ବୈଠକରେ ନୟାଗଡ଼ ଜିଲ୍ଲା ବରିଷ୍ଠ ନାଗରିକ ସଂଘର ସଭାପତି ପ୍ରମୋଦ ପଟ୍ଟନାୟକ, ସମ୍ପାଦକ ଲକ୍ଷ୍ମୀଧର ସିଂ, ପୂର୍ବତନ ସଭାପତି ରାମଚନ୍ଦ୍ର ମହାପାତ୍ର, ନଗର ଉପସଭାପତି ଦୁର୍ଗାମାଧବ ଦାଶ, ଶିଶୁ କବି କାଶିନାଥ ଦାସ ଓ ପଣ୍ଡିତ ମନୋଜ ଦାଶ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ବୈଠକରେ ବରିଷ୍ଠ ନାଗରିକମାନଙ୍କର ବିଭିନ୍ନ ମୌଳିକ ସମସ୍ୟା ଓ ସରକାରଙ୍କ ଆଭିମୁଖ୍ୟ ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଥିଲା। ଫୋରମର ଭବିଷ୍ୟତ କାର୍ଯ୍ୟପନ୍ଥା ନିର୍ଦ୍ଧାରଣ ପାଇଁ ୧୧ ଜଣ ସଦସ୍ୟଙ୍କୁ ନେଇ ଏକ କମିଟି ଗଠନ କରାଯାଇଛି। ଏଥିରେ ବିନାୟକ ମିଶ୍ରଙ୍କ ସମେତ ବରିଷ୍ଠ ଆଇନଜୀବୀ ମାଧବ ପ୍ରସାଦ ମିଶ୍ରଙ୍କୁ ଆଇନ ଉପଦେଷ୍ଟା ଭାବେ ଦାୟିତ୍ୱ ପ୍ରଦାନ କରାଯାଇଛି। ଏହି ଅବସରରେ ୮୦ ବର୍ଷରୁ ଊର୍ଦ୍ଧ୍ୱ ବିଶିଷ୍ଟ ଚିତ୍ରଶିଳ୍ପୀ ଲଡୁକିଶୋର ସିଂହସାମନ୍ତ, ପୂର୍ବତନ ସରପଞ୍ଚ ଧନେଶ୍ୱର ମହାପାତ୍ରଙ୍କ ସମେତ ୧୦ ଜଣ ବରିଷ୍ଠ ନାଗରିକଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା। ପରିଶେଷରେ ଶିକ୍ଷାବିତ ଜଗଦୀଶ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଖଣ୍ଡପଡ଼ା ସହର ଓ ବ୍ଲକର ୨୨ଟି ପଞ୍ଚାୟତରୁ ୨୦୦ରୁ ଅଧିକ ବରିଷ୍ଠ ନାଗରିକ ଏହି ବୈଠକରେ ଉପସ୍ଥିତ ଥିଲେ।

# ରଘୁନାଥପୁରରେ ମା' ଅନନ୍ତ କୁମାରୀ ଦେବୀଙ୍କ ବାର୍ଷିକ ଯଜ୍ଞ ମହୋତ୍ସବ

**ବୟାଳିଶମୌଜା,୧୩।୩/ଏନ୍‌ଏନ୍‌ଏସ୍:** କଟକ ସଦର ବ୍ଲକ୍ ଅନ୍ତର୍ଗତ ପରମହଂସ ଗ୍ରାମପଞ୍ଚାୟତର ରଘୁନାଥପୁର ମହୁରା ସ୍ଥିତ ମା' ଅନନ୍ତ କୁମାରୀ ଦେବୀଙ୍କ ପୀଠରେ ୧୧ ତମ ବାର୍ଷିକ ଯଜ୍ଞ ମହୋତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ମହୁରା ଓ ବମ୍ଫୁରୀ ଗ୍ରାମବାସୀଙ୍କ ମିଳିତ ସହଯୋଗରେ ଆୟୋଜିତ ଏହି ଉତ୍ସବ ଚାରି ଦିନ ଧରି ଚାଲିଥିଲା। ଏହି ଅବସରରେ ପ୍ରତିଦିନ ସନ୍ଧ୍ୟାରେ ଭଜନ ସମାରୋହ ଓ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଯଜ୍ଞର କର୍ତ୍ତା ଭାବେ ସିଦ୍ଧେଶ୍ୱର ସାହୁ ଓ ସସ୍ମିତା ସାହୁ କାର୍ଯ୍ୟ ନିର୍ବାହ କରିଥିବା ବେଳେ ପୂଜକ ପ୍ରତାପ ପତି ପୂଜାର୍ଚ୍ଚନା ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ସରପଞ୍ଚ ଅଶୋକ ପାତ୍ର, ପବିତ୍ର କୁମାର ମିଶ୍ର, ରଘୁ ଦାସ, ପ୍ରଭାକର ବେହେରା, ମଦନ ଭୋଇ, ନିରଞ୍ଜନ ସାମଲଙ୍କ ସମେତ ଉଭୟ ଗ୍ରାମର ଅଧିବାସୀ ସକ୍ରିୟ ସହଯୋଗ କରିଥିଲେ।

# ପଞ୍ଚମ ଶ୍ରେଣୀ ଛାତ୍ରଛାତ୍ରୀଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

**ବୋଲଗଡ଼,୧୩।୩/ଏନ୍‌ଏନ୍‌ଏସ୍:** ବୋଲଗଡ଼ ବ୍ଲକ ବୋରିକ ନୂଆଗାଁ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଶୁକ୍ରବାର ପଞ୍ଚମ ଶ୍ରେଣୀ ବିଦ୍ୟାର୍ଥୀଙ୍କ ପାଇଁ ଏକ ବିଦାୟକାଳୀନ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ କିଶୋର କୁମାର ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସମାରୋହରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରମୋଦ କୁମାର ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ନିଷ୍ଠାର ସହ ଶିକ୍ଷା ଗ୍ରହଣ କରି ସମାଜରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବାକୁ ସେ ଛାତ୍ରଛାତ୍ରୀମାନଙ୍କୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ବିଭୁପ୍ରସାଦ ମହାପାତ୍ର ଓ ରବୀନ୍ଦ୍ର କୁମାର ନାୟକ, ସାମାଜିକ କର୍ମୀ ପ୍ରମୋଦ କୁମାର ବେହେରା, ସୁଶାନ୍ତ କୁମାର ବେହେରା ଓ ସତ୍ୟବ୍ରତ ରଥ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବିଦ୍ୟାର୍ଥୀମାନଙ୍କୁ ଶୁଭକାମନା ଜଣାଇଥିଲେ। ଛାତ୍ରଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ଗାନ କରିବା ସହ ବିଦ୍ୟାଳୟରେ ସେମାନଙ୍କର ଅନୁଭୂତି ବର୍ଣ୍ଣନା କରିଥିଲେ। ଅନୁଷ୍ଠାନ ପକ୍ଷରୁ ସମସ୍ତ ବିଦାୟୀ ଛାତ୍ରଛାତ୍ରୀଙ୍କୁ ଉପହାର ପ୍ରଦାନ କରାଯାଇଥିଲା। ବିଦ୍ୟାଳୟ ପରିଚାଳନା କମିଟି, 'ପଞ୍ଚସଖା ଶିକ୍ଷାସେତୁ'ର ସଦସ୍ୟ ଏବଂ ଅଭିଭାବକମାନେ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଶେଷରେ ଶିକ୍ଷୟିତ୍ରୀ ଲକ୍ଷ୍ମୀପ୍ରିୟା ଚମ୍ପତି ଧନ୍ୟବାଦ ଅର୍ପଣ କରିଥିଲେ।

# ସୂର୍ଯ୍ୟମନ୍ଦିର ପରିଦର୍ଶନ କଲେ ମହାରାଷ୍ଟ୍ର ରାଜସ୍ୱ ମନ୍ତ୍ରୀ



**କୋଣାର୍କ,୧୩।୩/ଏନ୍‌ଏନ୍‌ଏସ୍:** ମହାରାଷ୍ଟ୍ରର ରାଜସ୍ୱ ମନ୍ତ୍ରୀ ଚନ୍ଦ୍ରଶେଖର ବାୱାନକୁଲେ ଶୁକ୍ରବାର ଅପରାହ୍ଣରେ ବିଶ୍ୱପ୍ରସିଦ୍ଧ କୋଣାର୍କ ସୂର୍ଯ୍ୟମନ୍ଦିର ପରିଦର୍ଶନ କରିଛନ୍ତି। ମନ୍ତ୍ରୀ କୋଣାର୍କରେ ପହଞ୍ଚିବା ପରେ ପର୍ଯ୍ୟଟନ ଅଧିକାରୀ ମାନିନୀ ପରିଡ଼ା ତାଙ୍କୁ ସ୍ୱାଗତ କରି ମନ୍ଦିର ପରିସରକୁ ପାଛୋଟି ନେଇଥିଲେ। ସେଠାରେ ସ୍ଥାନୀୟ ଗାଇଡ୍ ମନ୍ତ୍ରୀଙ୍କୁ ମନ୍ଦିରର ଅପୂର୍ବ କଳା ସ୍ଥାପତ୍ୟ, କାରୁକାର୍ଯ୍ୟ ଏବଂ ଏହାର ଐତିହାସିକ ଓ ପୌରାଣିକ ପୃଷ୍ଠଭୂମି ସମ୍ପର୍କରେ ସବିଶେଷ ସୂଚନା ପ୍ରଦାନ କରିଥିଲେ। ସୂର୍ଯ୍ୟମନ୍ଦିରର ପଥରରେ ଖୋଦିତ ସୂକ୍ଷ୍ମ କାରୁକାର୍ଯ୍ୟ ଦେଖି ମନ୍ତ୍ରୀ ଶ୍ରୀ ବାୱାନକୁଲେ ଅତ୍ୟନ୍ତ ଅଭିଭୂତ ହୋଇଥିଲେ। ଏହି ଅବସରରେ ସେ କହିଥିଲେ ଯେ, କୋଣାର୍କର କାରୁକାର୍ଯ୍ୟ ଓ କୀର୍ତ୍ତିରାଜି ଭାରତର ମାନ ଓ ସମ୍ମାନର ପ୍ରତୀକ। ପ୍ରାଚୀନ ସମୟରେ ଆମ ଦେଶ ଧନ, ଜ୍ଞାନ ଓ ବିଜ୍ଞାନରେ କେତେ ସମୃଦ୍ଧ ଥିଲା, ଏହି ମନ୍ଦିର ତାହାର ଜ୍ୱଳନ୍ତ ନିଦର୍ଶନ। ଓଡ଼ିଶାର ଏହି ସମୃଦ୍ଧ ଐତିହ୍ୟକୁ ନେଇ ମୁଁ ଗର୍ବିତ ବୋଲି ସେ ଉଲ୍ଲେଖ କରିଥିଲେ। ସୂର୍ଯ୍ୟମନ୍ଦିର ପରିଦର୍ଶନ ସାରି ସେ ପୁରୀ ଅଭିମୁଖେ ଯାତ୍ରା କରିଥିଲେ।

## ରଥଯାତ୍ରା ପାଇଁ ପୁରୀ ଜିଲ୍ଲାପାଳଙ୍କ ଦ୍ୱିତୀୟ ପ୍ରସ୍ତୁତି ବୈଠକ

# ମେ ୩୧ ସୁଦ୍ଧା କାର୍ଯ୍ୟ ସାରିବାକୁ ନିର୍ଦ୍ଦେଶ



**ପୁରୀ,୧୩।୩/ଏନ୍‌ଏନ୍‌ଏସ୍:** ବିଶ୍ୱପ୍ରସିଦ୍ଧ ଘୋଷଯାତ୍ରା ପାଇଁ ପୁରୀ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ାଙ୍କ ଅଧ୍ୟକ୍ଷତାରେ ଶୁକ୍ରବାର ସର୍କିଟ୍ ହାଉସଠାରେ ଏକ ଗୁରୁତ୍ୱପୂର୍ଣ୍ଣ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ରଥଯାତ୍ରା ସମୟରେ ଭକ୍ତଙ୍କ ସୁବିଧା ଓ ସହରର ଭିତ୍ତିଭୂମି ବିକାଶ ନେଇ ଏଥିରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଥିଲା। ବୈଠକରେ ଜିଲ୍ଲାପାଳ ୱାଟ୍‌କୋ, ଓପିଟିସିଏଲ୍ ଏବଂ ପୌରସଂସ୍ଥା ଅଧିକାରୀମାନଙ୍କୁ ଆସନ୍ତା ଏକ ମାସ ମଧ୍ୟରେ ମାଷ୍ଟର ପ୍ଲାନ୍ ପ୍ରସ୍ତୁତ କରି ଟେଣ୍ଡର ପ୍ରକ୍ରିୟା ଶେଷ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସମସ୍ତ ବିଭାଗ ନିଜର କାର୍ଯ୍ୟ ସମ୍ପାଦନ କରି ଆସନ୍ତା ମେ ୩୧ ତାରିଖ ସୁଦ୍ଧା ରିପୋର୍ଟ ପ୍ରଦାନ କରିବାକୁ କୁହାଯାଇଛି। ବିଶେଷ କରି ମନ୍ଦିର ପ୍ରଶାସନ ଓ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ବିଭାଗ ସମନ୍ୱୟ ରକ୍ଷା କରି ସର୍ବସାଧାରଣ ସୂଚନା ବ୍ୟବସ୍ଥାକୁ ସୁଦୃଢ଼ କରିବାକୁ ଜିଲ୍ଲାପାଳ ପରାମର୍ଶ ଦେଇଛନ୍ତି। ଏହାବ୍ୟତୀତ ସହରରେ ଗାଡ଼ି ପାର୍କିଂ ବ୍ୟବସ୍ଥା, ଅସ୍ଥାୟୀ ଶୌଚାଳୟ, ଭକ୍ତଙ୍କ ରହଣି ସୁବିଧା, ଯାତାୟାତ ଏବଂ ଖାଦ୍ୟପେୟର ମାନ ଉପରେ ଗୁରୁତ୍ୱ ଦେବାକୁ ପୌର ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏହି ସମୀକ୍ଷା ବୈଠକରେ ପୁରୀ ଆରକ୍ଷୀ ଅଧୀକ୍ଷକ ପ୍ରତୀକ କୁମାର ସିଂହ, ଅତିରିକ୍ତ ଜିଲ୍ଲାପାଳ ଶରତ ଚନ୍ଦ୍ର ବେହେରା, ଶରତ ଚନ୍ଦ୍ର ମହାପାତ୍ର, ନୀଳମାଧବ ଭୋଇ, ମୁଖ୍ୟ ଚିକିତ୍ସାଧିକାରୀ ଅକ୍ଷୟ କୁମାର ଶତପଥୀ, ଅତିରିକ୍ତ ଏସ୍‌ପି ସୌମ୍ୟରଞ୍ଜନ ମଲ୍ଲିକ ଏବଂ ପୌର ଅଧିକାରୀ ଅଭିମନ୍ୟୁ ବେହେରାଙ୍କ ସମେତ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

# ଏଲ୍‌ପିଜି ଦର ବୃଦ୍ଧି ପ୍ରତିବାଦରେ ବିକ୍ଷୋଭ

**କଟକ,୧୩।୩/ଏନ୍‌ଏନ୍‌ଏସ୍:** ଏଲ୍‌ପିଜି ଦର ବୃଦ୍ଧି ଓ ଅଭାବୀ ବିକ୍ରି ପ୍ରତିବାଦରେ ବାରବାଟୀ-କଟକ ବିଜୁ ମହିଳା ଜନତା ଦଳର ନେତ୍ରୀ ଓ କର୍ମୀମାନେ ଶୁକ୍ରବାର ରାଜରାସ୍ତାକୁ ଓହ୍ଲାଇଛନ୍ତି। ସମ୍ପ୍ରତି ଏଲପିଜି ସିଲିଣ୍ଡର୍ ଦରବୃଦ୍ଧି ଓ ଅଭାବୀ ବିକ୍ରି ଯୋଗୁଁ ପ୍ରତିଟି ଓଡ଼ିଆଙ୍କ ହାଣ୍ଡିଶାଳରେ ଚଡ଼କ ପଡ଼ିଛି। ରନ୍ଧା ଗ୍ୟାସ ନମିଳିବାରୁ ଲୋକେ ଛାନିଆ ହେଲେଣି। ଏହି ପରିପ୍ରେକ୍ଷୀରେ ବାରବାଟୀ-କଟକ ବିଜୁ ମହିଳା ଜନତା ଦଳର ନେତ୍ରୀ ଓ କର୍ମୀମାନେ ଶୁକ୍ରବାର ସ୍ଥାନୀୟ ବକ୍ସିବଜାର ଗୋଲେଇଛକ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଯଥା ଶୀଘ୍ର ଏଲପିଜି ଯୋଗାଣ ସ୍ୱାଭାବିକ ନହେଲେ, ଦଳ ପକ୍ଷରୁ ରାଜ୍ୟବ୍ୟାପୀ ଆନ୍ଦୋଳନର ଚେତାବନୀ ଦିଆଯାଇଛି।



ବକ୍ସିବଜାର ଗୋଲେଇଛକରେ ଶୁକ୍ରବାର ପୂର୍ବାହ୍ନରେ ବିଜେଡ଼ିର ଶହଶହ ମହିଳା କର୍ମୀ ଠୁଳ ହୋଇଥିଲେ। ଏହି ଅବସରରେ ସରକାରଙ୍କ ଅବହେଳା ଓ ନିଷ୍କ୍ରିୟତା ବିରୁଦ୍ଧରେ ସ୍ଲୋଗାନ ଦେଇ ରାସ୍ତା ଉପରେ କାଠଚୁଲାରେ ରୋଷେଇ କରି ବିଜେଡିର ମହିଳାକର୍ମୀମାନେ ପ୍ରତିବାଦ କରିଥିଲେ। ମେୟର ସୁବାସ ସିଂହ, କଟକ ଜିଲ୍ଲା ସଭାପତି ପ୍ରଫୁଲ ସିଂହ ଓ ମହିଳା ବିଜେଡି ନେତ୍ରୀ ଏ ଶ୍ରୀଦେବୀ ପ୍ରମୁଖ ଆନ୍ଦୋଳନର ନେତୃତ୍ୱ ନେଇଥିଲେ। ଦଳ ପକ୍ଷରୁ କୁହାଯାଇଛି, ଗତ ମାର୍ଚ୍ଚ ୭ ତାରିଖରୁ ଘରୋଇ ରନ୍ଧନ ଗ୍ୟାସ ସିଲିଣ୍ଡର ଦର ୬୦ଟଙ୍କା ଓ ବାଣିଜ୍ୟିକ ସିଲିଣ୍ଡର ଦର ୧୧୫ ଟଙ୍କା ବୃଦ୍ଧି ପାଇଛି। ଫଳରେ ସାଧାରଣ ଜନତା, ଛୋଟ ବ୍ୟବସାୟୀ ଓ ସଂସ୍ଥାମାନଙ୍କ ଉପରେ ଅତିରିକ୍ତ ଆର୍ଥିକ ବୋଝ ପଡ଼ିଛି। ସୁଭଦ୍ରା ଯୋଜନା ନାଁରେ ମହିଳାମାନଙ୍କୁ ୫୦ହଜାର ଟଙ୍କାର ପ୍ରତିଶ୍ରୁତି ଦେଇ ମାତ୍ର ୫ ହଜାର ଟଙ୍କା ଦେଇ ଠକିଛି ବୋଲି ବିଜେଡି ପକ୍ଷରୁ ଅଭିଯୋଗ ହୋଇଛି।

ପୂର୍ବରୁ ଆନ୍ତର୍ଜାତୀୟ ବଜାରରେ ତେଲ ଦର କମିଥିଲା। କିନ୍ତୁ ଏହାର କାଣିଚାଏ ଲାଭ ସାଧାରଣ ଲୋକଙ୍କୁ ମିଳିଲାନି ବୋଲି ବିଜେଡି ପକ୍ଷରୁ କୁହାଯାଇଛି। ତେଲ କମ୍ପାନୀଙ୍କ ସ୍ୱାର୍ଥ ପାଇଁ ଡବଲ୍ ଇଞ୍ଜିନ୍ ସରକାର ଦିନରାତି ଏକ କରିଦେଇଛି ବୋଲି ବିଜେଡି ପକ୍ଷରୁ ଅଭିଯୋଗ ହୋଇଛି। ଏଥିଯୋଗୁ ଲକ୍ଷାଧିକ ଛାତ୍ରଛାତ୍ରୀ ପ୍ରଭାବିତ ହୋଇଛନ୍ତି। ହଷ୍ଟେଲ୍‌ରେ ରହୁଥିବା କମନ୍ ମେସ୍ ଖର୍ଚ୍ଚ ବୃଦ୍ଧି ପାଇଛି ଓ ମାସିକ ଖର୍ଚ୍ଚର ଭାର ମଧ ବଢ଼ି ଯାଇଛି। ଏଭଳି ସ୍ଥିତିରେ ସରକାର ଏଲପିଜି ଯୋଗାଣ ସୁନିଶ୍ଚିତ କରନ୍ତୁ, ନଚେତ ଆଗାମୀ ଦିନରେ ସାରା ରାଜ୍ୟରେ ବିଶାଳ ଆନ୍ଦୋଳନ କରାଯିବ ବୋଲି ବିଜେଡି ପକ୍ଷରୁ ଚେତାବନୀ ଦିଆଯାଇଛି। ଅନ୍ୟମାନଙ୍କ ମଧ୍ୟରେ ମହିଳା ଜିଲ୍ଲା ସଭାପତି ଅନିତା ବେହେରା, ବିଜେଡି କର୍ପୋରେଟର୍ ଇତିଶ୍ରୀ ସିଂହ, ରିତାଞ୍ଜଳି ସିଂହ, ଦିପ୍ତିମୟୀ ମୂଳିଆ ଓ ବନଲତା ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# ମା' ବାଟ ମଙ୍ଗଳାଙ୍କ ବାର୍ଷିକ ଉତ୍ସବ

**କଟକ,୧୩।୩/ଏନ୍‌ଏନ୍‌ଏସ୍:** କଟକ ମହାନଗର ନିଗମ ୫୭ ନଂ ୱାର୍ଡ ଶ୍ରୀକୋରୁଆଁ ସ୍ଥିତ ମା' ବାଟ ମଙ୍ଗଳାଙ୍କ ପୀଠରେ ୮ ତମ ବାର୍ଷିକ ଉତ୍ସବ, କଳସ ଶୋଭାଯାତ୍ରା, ଯଜ୍ଞ, ସୂର୍ଯ୍ୟ ପୂଜା, ଅଗ୍ନି ପୂଜା, ସନ୍ଧ୍ୟା ସମୟରେ ପ୍ରବଚନ, ଓଡ଼ିଶୀ ନୃତ୍ୟ, ଭଜନ ସନ୍ଧ୍ୟା ସାଙ୍ଗକୁ ଅତିଥି ସମ୍ବର୍ଦ୍ଧନା ସହିତ ଦୁଇ ଦିନ ଧରି ପ୍ରସାଦ ସେବନ କାର୍ଯ୍ୟକ୍ରମ ଶ୍ରୀକୋରୁଆଁ ଗ୍ରାମବାସୀଙ୍କ ସହଯୋଗ ଓ ମା' ବାଟ ମଙ୍ଗଳା



ପୂଜା କମିଟି, ଯୁବକ ସଂଘଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ କଟକ ସଦର ବିଧାୟକ ଇଂ ପ୍ରକାଶ ଚନ୍ଦ୍ର ସେଠୀ,ସମ୍ମାନିତ ଅତିଥି ସମାଜସେବୀ ସୁକାନ୍ତ ସେଠୀ, କର୍ପୋରେଟର୍ ପୂର୍ଣ୍ଣିମା ସାହୁ, ମନୋରଞ୍ଜନ ଦାସ, ଲିଙ୍ଗରାଜ ସାହୁ, ସାମ୍ବାଦିକ ପ୍ରତାପ ଚନ୍ଦ୍ର ସେନାପତି ଯୋଗଦେଇଥିଲେ। ଅନୁଷ୍ଠାନର ସଭାପତି ଅମୂଲ୍ୟ କୁମାର ନାୟକ ସଭାପରିଚଳନା କରିଥିବାବେଳେ ସମ୍ପାଦକ ମଞ୍ଜୁ ଦାସ ଅତିଥିମାନଙ୍କୁ ପାଛୋଟି ନେଇଥିଲେ। କମିଟିର ଉପଦେଷ୍ଟା ଦୁଃଖିଦ ଦାସ, କୋଷାଧକ୍ଷ କାହ୍ନୁ ଚରଣ ଦାସଙ୍କ ସମେତ ଦୀପକ ବେହେରା, ଜୟରାମ ନାୟକ, ରଞ୍ଜନ କର, ତ୍ରିନାଥ ସେନଗୁପ୍ତା, ଆଶିଷ ନାୟକ, ବାବୁ ଦାସ, ମନ୍ଦରଧର ଭୋଇ, କିଶାନ ନାୟକ, ମହେନ୍ଦ୍ର ବେହେରା, ନରେନ୍ଦ୍ର ବେହେରା, ଶରତ ଭୋଇଙ୍କ ସମେତ ପୂଜା କମିଟିର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ। କଣ୍ଠଶିଳ୍ପୀ କୁମାର ପିଣ୍ଟୁ ଓ ତାଙ୍କର ଅନ୍ୟ ସାଥୀମାନଙ୍କୁ ନେଇ ଭଜନ ପରିବେଷଣ କରିଥିଲେ।

# ଜାତୀୟ ଲାବୋରେଟୋରି ଟେକ୍ନିସିଆନ୍ ଦିବସ

**କଟକ,୧୩।୩/ଏନ୍‌ଏନ୍‌ଏସ୍:** ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସିଟି ହସ୍ପିଟାଲ ସମ୍ମିଳନୀ କକ୍ଷରେ ଜାତୀୟ ଭେଷଜ ପ୍ରୟୋଗଶାଳା ପ୍ରାଯୁକ୍ତିକ (ଲାବୋରେଟୋରି ଟେକ୍ନିସିଆନ)ଦିବସ ପାଳିତ ହୋଇଯାଇଛି। ରାଜ୍ୟ ସଂଘର ସାଧାରଣ ସମ୍ପାଦକ ଅନନ୍ତ ଭଦ୍ରଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି



ରୂପେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ପ୍ରଶାନ୍ତ କୁମାର ହୋତା, ମୁଖ୍ୟବକ୍ତା ଭାବେ ହସ୍ପିଟାଲ ଅଧୀକ୍ଷକ ଡାକ୍ତର ଚନ୍ଦନ କୁମାର ଗଡ଼ନାୟକ, ସମ୍ମାନିତ ଅତିଥି ନିଦାନ ବିଭାଗ ବିଶେଷଜ୍ଞ ଡାକ୍ତର ନିହାର ରଞ୍ଜନ ତ୍ରିପାଠୀ, ଡାକ୍ତର ଦେବସ୍ମିତା ଶତପଥୀ ଓ ଅନ୍ୟତମ ସମ୍ମାନିତ ଅତିଥି ରାଜ୍ୟ ସଂଘ ଉପଦେଷ୍ଟା ଅକ୍ଷୟ କୁମାର ସ୍ୱାଇଁ ପ୍ରମୁଖ ଯୋଗ ଦେଇଥିଲେ। ଭେଷଜ ପ୍ରୟୋଗଶାଳା ପ୍ରାଯୁକ୍ତିକ ଦିବସ ପାଳନ ଉପରେ ଅତିଥିମାନେ ଆଲୋକପାତ କରିଥିଲେ। ସଂଘର ସାଧାରଣ ସମ୍ପାଦକ ଶ୍ରୀ ଭଦ୍ର ଉକ୍ତ ଦିବସ ପାଳନର ଉଦ୍ଦେଶ୍ୟ ଉପରେ ତଥ୍ୟ ଉପସ୍ଥାପନା କରି କହିଥିଲେ ଯେ ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ପ୍ରାଯୁକ୍ତିକ ମାନଙ୍କର ଅନନ୍ୟ କୌଶଳ ଅବଲମ୍ବନରେ ରୋଗର ସଠିକ୍ ନିରୂପଣ କରିବା ଦ୍ୱାରା ଚିକିତ୍ସକମାନଙ୍କର ଚିକିତ୍ସା ସହଜ ହେବା ସହ ବହୁ ମୂଲ୍ୟବାନ ଜୀବନ ବଞ୍ଚିଯାଇଥାଏ। ଚିକିତ୍ସା କ୍ଷେତ୍ରରେ ଏହି ପ୍ରଚ୍ଛଦ ପଟର ବାସ୍ତବ ନାୟକମାନଙ୍କୁ ସମ୍ମାନିତ କରାଯିବା ଏହି ଦିବସର ମୂଳଲକ୍ଷ୍ୟ ବୋଲି ସେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଅବସର ନେଇଥିବା ପ୍ରାଯୁକ୍ତିକମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବରିଷ୍ଠ ପ୍ରାଯୁକ୍ତିକ ସବିତା ବେହେରା ଧନ୍ୟବାଦ ଦେଇଥିଲେ।

## ୨୫ରେ ଆଇକନିକ୍ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ପ୍ରବେଶ ପରୀକ୍ଷା

**କଟକ,୧୩।୩/ଏନ୍‌ଏନ୍‌ଏସ୍:** ନବମ ଶ୍ରେଣୀରେ ସିଧାସଳଖ ପ୍ରବେଶ ପାଇଁ ଆଇକନିକ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପ୍ରବେଶ ପରୀକ୍ଷା-୨୦୨୬ ଆସନ୍ତା ୨୫ ତାରିଖରେ ଅନୁଷ୍ଠିତ ହେବ। ଏ ନେଇ ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ପକ୍ଷରୁ ପ୍ରେସ୍ ବିଜ୍ଞପ୍ତି ମାଧ୍ୟମରେ ସୂଚନା ଦିଆଯାଇଛି। ପରୀକ୍ଷା ସକାଳ ୧୦ଟାରୁ ଆରମ୍ଭ ହୋଇ ଅପରାହ୍ନ ୧ଟା ପର୍ଯ୍ୟନ୍ତ ଚାଲିବ। ପରୀକ୍ଷାରେ ୧୦୦ଟି ପ୍ରଶ୍ନ ରହିବ, ଯାହାର ସର୍ବାଧିକ ନମ୍ବର ୧୦୦ ରହିବ। ପ୍ରବେଶ ପତ୍ରଗୁଡ଼ିକ ମାର୍ଚ୍ଚ ୧୬ ତାରିଖରୁ ବୋର୍ଡ଼ ୱେବ୍‌ସାଇଟ୍ ଡବ୍ଲୁଡବ୍ଲୁଡବ୍ଲୁ.ବିଏସଇଓଡ଼ିଶା.ଏସି.ଇନ୍‌ରେ ଉପଲବ୍ଧ ହେବ। ପ୍ରାର୍ଥୀମାନେ ସେମାନଙ୍କ ବ୍ୟକ୍ତିଗତ ତଥ୍ୟ ସହିତ ଲଗଅନ୍ କରି ଆଡ୍‌ମିଟ୍ କାର୍ଡ଼ ଡାଉନ୍‌ଲୋଡ୍ କରିପାରିବେ ବୋଲି ବୋର୍ଡ ପରୀକ୍ଷା ନିୟନ୍ତ୍ରକ ସୂଚନା ଦେଇଛନ୍ତି।

## ଓପିଜିସି ପକ୍ଷରୁ ଚକ୍ଷୁ ଚିକିତ୍ସା ଶିବିର

**ଇବ୍‌ଥର୍ମାଲ,୧୩।୩/ଏନ୍‌ଏନ୍‌ଏସ୍:** ଓଡ଼ିଶା ପାୱାର ଜେନେରେସନ୍ କର୍ପୋରେସନ୍ ଲିମିଟେଡ୍ ପକ୍ଷରୁ ସିଏସ୍‌ଆର୍ କାର୍ଯ୍ୟକ୍ରମ ଅଧୀନରେ ଝାରସୁଗୁଡା ଜିଲ୍ଲାର ଦଲଗାଁ ପଞ୍ଚାୟତ କାର୍ଯ୍ୟାଳୟରେ ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। କେୟାର ନେତ୍ରମ, ଭୁବନେଶ୍ୱର ର ସହଯୋଗରେ ଏହି



ଶିବିର ଆୟୋଜିତ ହୋଇଥିଲା। ସନ୍ତୋଷ ରୋହିଦାସ ଦଲଗାଁ ସରପଞ୍ଚ ଙ୍କ ଦ୍ୱାରା ଏହି ଶିବିର ଉଦ୍ ?ଘାଟିତ ହୋଇଥିଲା ଓ ଏହି ଅବସରରେ ଓପିଜିସିର ବରିଷ୍ଠ ଅଧିକାରୀ ହିମାଂଶୁ ଭୂଷଣ ବେହେରା ଏବଂ କେୟାର ନେତ୍ରମ୍‌ର ମେଡିକାଲ ଟିମ୍ ଉପସ୍ଥିତ ଥିଲେ। ଏହି ଶିବିର ସକାଳ ୯ଟାରୁ ଆରମ୍ଭ ହୋଇ ଅପରାହ୍ନ ୪ଟା ପର୍ଯ୍ୟନ୍ତ ଚାଲିଥିଲା। ଆଖପାଖ ୧୮ଟି ଗ୍ରାମ ଯଥା ଦଲଗାଁ, ବାସୁପଲି, ବାଲିଆମୁଣ୍ଡା ବେଜିବନ୍ଧ, ଯମୁନା, ଫଳସଡ଼ିପ, ଗୁଡ଼ିଆଳି, ଡୁଡୁଲସିଂଗା, କାର୍ପବାହାଲ, ନେଗୀପାଲି, ଖମାରଡ଼ିହି, ବନ୍ଧବାହାଲ ଆଦି ଗ୍ରାମଗୁଡ଼ିକରୁ ୨୮୮ ଜଣଙ୍କ ଚକ୍ଷୁ ପରୀକ୍ଷା କରାଯାଇଥିଲା। ସେଥି ମଧ୍ୟରୁ ୧୫୭ ମହିଳା, ୧୩୧ ପୁରୁଷ ଓ ସମୁଦାୟ ୨୫୧ ଜଣଙ୍କୁ ଦୃଷ୍ଟିଶକ୍ତି ସଂଶୋଧନ ପାଇଁ ବିନାମୂଲ୍ୟରେ ଚଷମା ଯୋଗାଇ ଦିଆଯାଇଥିଲା। ୩୫ ଜଣଙ୍କୁ ମୋତିଆବିନ୍ଦୁ ଅସ୍ତ୍ରୋପଚାର ପାଇଁ ବ୍ୟବସ୍ଥା କରାଯାଇଥିଲା। ଓପିଜିସି ସିଏସଆର ଦଳର ସଦସ୍ୟ ହିମାଂଶୁ ଭୂଷଣ ବେହେରା, ତାପସ ପଣ୍ଡା, ଅମର ସିଂ, ଏହି ଶିବିରର ସଂଯୋଜନା କରିବାରେ ସାହାଯ୍ୟ କରିଥିଲେ।

### ପିଏମ୍ କିଷାନ ଯୋଜନାର ଦ୍ୱାବିଂଶ କିସ୍ତି ପ୍ରଦାନ

# କଟକ ଜିଲ୍ଲାର ୧.୫୫ ଲକ୍ଷ ଚାଷୀ ଉପକୃତ

**କଟକ,୧୩।୩/ଏନ୍‌ଏନ୍‌ଏସ୍:** ପିଏମ୍ କିଷାନ ସମ୍ମାନନିଧି ଯୋଜନାର ଦ୍ୱାବିଂଶ କିସ୍ତି ଆଜି ପ୍ରଦାନ କରାଯାଇଛି। କଟକ ଜିଲ୍ଲାର ସମୁଦାୟ ୧ ଲକ୍ଷ ୫୫ହଜାର ୭୦୭ ଜଣ ହିତାଧିକାରୀ ଚାଷୀଙ୍କୁ ଏହି କିସ୍ତି ପ୍ରଦାନ କରାଯାଇଛି। ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସାମର ରାଜଧାନୀ ଗୁଆହାଟୀରୁ ଡ଼ିବିଟି ମାଧ୍ୟମରେ ପ୍ରଧାନମନ୍ତ୍ରୀ କିଷାନ ସମ୍ମାନନିଧି ଯୋଜନାର ଦ୍ୱାବିଂଶ କିସ୍ତି ଦେଶର ଅନ୍ନଦାତା ଭାଇଭଉଣୀଙ୍କୁ ପ୍ରଦାନ କରିଛନ୍ତି। ଏହି ଅବସରରେ ଜଗତପୁର ସ୍ଥିତ କୃଷି ଭବନ ସମ୍ମିଳନୀ କକ୍ଷରେ ପିଏମ କିଷାନ ଉତ୍ସବ ଦିବସ ପାଳନ କରାଯିବା ସହ ଜାତୀୟ ଓ ରାଜ୍ୟସ୍ତରୀୟ ସମାରୋହ ଓ ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ଉଦବୋଧନର ସିଧା ପ୍ରସାରଣ କୃଷକ ଭାଇଭଉଣୀମାନଙ୍କ ପାଇଁ ଉପଲବ୍ଧ କରାଯାଇଥିଲା।



ଚାଷୀଙ୍କୁ ସଶକ୍ତ ଏବଂ କୃଷିକୁ ସମୃଦ୍ଧ କରିବା ଲକ୍ଷ୍ୟ କ୍ରମରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଆଜି କଟକ ଜିଲ୍ଲାର ୧ ଲକ୍ଷ ୫୫ ହଜାର ୭୦୭ ଜଣ ହିତାଧିକାରୀ ଚାଷୀଙ୍କୁ ସହାୟତା ରାଶି ଡ଼ିବିଟି ମାଧ୍ୟମରେ ପ୍ରଦାନ କରିଛନ୍ତି। ଆଜି ପ୍ରଧାନମନ୍ତ୍ରୀ ଦେଶର ୯.୩୨ କୋଟି ଅନ୍ନଦାତାଙ୍କ ଆକାଉଣ୍ଟକୁ ଦ୍ୱାବିଂଶ କିସ୍ତି ହସ୍ତାନ୍ତର କରିଛନ୍ତି। ଏହି କ୍ରମରେ ଓଡ଼ିଶାର ୩୪ ଲକ୍ଷରୁ ଅଧିକ କୃଷକ ପରିବାର ଉପକୃତ ହେଉଛନ୍ତି। ପ୍ରଧାନମନ୍ତ୍ରୀ କିଷାନ ସମ୍ମାନନିଧି ଯୋଜନା କୃଷକମାନଙ୍କ କଲ୍ୟାଣ ପାଇଁ କେନ୍ଦ୍ର ସରକାରଙ୍କ ଏକ ଗୁରୁତ୍ୱପୂର୍ଣ୍ଣ ଯୋଜନା। ଏହା ଅଧୀନରେ ଜମି ଥିବା ଚାଷୀମାନଙ୍କୁ ପ୍ରତିବର୍ଷ ତିନୋଟି କିସ୍ତିରେ ୨୦୦୦ ଟଙ୍କା କରି ସର୍ବମୋଟ ୬୦୦୦ ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରାଯାଉଛି। ଏହି ସହାୟତା ଚାଷୀଭାଇଭଉଣୀମାନଙ୍କୁ ଚାଷ ଋତୁ ପୂର୍ବରୁ ବିହନ, ସାର ଓ ଔଷଧ କ୍ରୟ କରିବାରେ ସାହାଯ୍ୟ କରୁଛି। ଆଜିର ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମରେ ଜିଲ୍ଲା କୃଷି ଅଧିକାରୀଙ୍କ ଜିଲ୍ଲାର ବିଭିନ୍ନବ୍ଲକରୁ ପିଏମ କିଷାନ ଯୋଜନାର ହିତାଧିକାରୀ ଓ କ୍ଷେତ୍ରସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# ଜାତୀୟ ଓ ରାଜ୍ୟ ମହିଳା ଆୟୋଗଙ୍କ ମିଳିତ ଜନଶୁଣାଣି



**କଟକ,୧୩।୩/ଏନ୍‌ଏନ୍‌ଏସ୍:** ମହିଳାମାନଙ୍କ ବିଭିନ୍ନ ସମସ୍ୟା ଓ ଅଭିଯୋଗର ଯଥାଶିଘ୍ର ସମାଧାନ ଉଦ୍ଦେଶ୍ୟରେ ଜାତୀୟ ମହିଳା ଆୟୋଗ ଓ ଓଡ଼ିଶା ରାଜ୍ୟ ମହିଳା ଆୟୋଗଙ୍କ ମିଳିତ ଆନୁକୂଲ୍ୟରେ ଶୁକ୍ରବାର ନେତାଜୀ ସଂସ୍କୃତି ଭବନଠାରେ ସ୍ୱତନ୍ତ୍ର ଜନଶୁଣାଣି ଜଗତସିଂହପୁର ଓ କଟକ ଜିଲ୍ଲାକୁ ନେଇ ଅନୁଷ୍ଠିତ ହୋଇଯାଇଛି। ମହିଳା କମିଶନ ଅଧ୍ୟକ୍ଷା ଶୋଭନା ମହାନ୍ତିଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଶିବିରରେ ମହିଳାଙ୍କ ଘରୋଇ ହିଂସା, ନିର୍ଯ୍ୟାତନା, ବୈବାହିକ ବିବାଦ ଏବଂ ମହିଳା କଲ୍ୟାଣ ସମ୍ପର୍କିତ ଅନ୍ୟାନ୍ୟ ପ୍ରସଙ୍ଗ ସହିତ ଜଡ଼ିତ ଅଭିଯୋଗର ଶୁଣାଣି ହୋଇଥିଲା। ଶୁଣାଣି ସମୟରେ ଓଡ଼ିଶା ରାଜ୍ୟ ମହିଳା ଆୟୋଗ ଅଧ୍ୟକ୍ଷା ସୋଭନା ମହାନ୍ତିଙ୍କ ସମେତ କମିଶନଙ୍କ ସଦସ୍ୟା ପ୍ରତିଭା ଶତପଥି, ସଦସ୍ୟା ମୁକ୍ତା ସାହୁ ଓ ଉର୍ମିଳା ମହାପାତ୍ର ପ୍ରମୁଖ ଉପସ୍ଥିତ ରହି ମାମଲାଗୁଡ଼ିକର ସମାଧାନ ନିମନ୍ତେ ପକ୍ଷଗୁଡ଼ିକ ସହ ଆଲୋଚନା କରିଥିଲେ। ଜଗତସିଂହପୁର ଓ କଟକ ଜିଲ୍ଲାରୁ ସମୁଦାୟ ୫୩ଟି ଅଭିଯୋଗ ହସ୍ତଗତ ହୋଇଥିଲା। ସେଥିମଧ୍ୟରୁ ୪ଟି ମାମଲାର ସଫଳ ଆପୋଷ ସମାଧାନ କରାଯାଇଥିବାବେଳେ ୩ଟି ମାମଲାର ଅଧିକ ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ ପାଇଁ ସମ୍ପୃକ୍ତ ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କୁ ଆୟୋଗ ପକ୍ଷରୁ ସୁପାରିଶ କରାଯାଇଛି। ଏହାଛଡ଼ା ପରବର୍ତ୍ତୀ ଶୁଣାଣି ନିମନ୍ତେ ୨୯ଜଣଙ୍କୁ ନୋଟିସ ପ୍ରେରଣ କରାଯାଇଛି। ଏଥିସହିତ କମିଶନଙ୍କ ନିକଟରେ ୬ଟି ନୂତନ ମାମଲା ପଞ୍ଜୀକୃତ ହୋଇଛି। ମହିଳାମାନଙ୍କ ସୁରକ୍ଷା ଓ ସେମାନଙ୍କ ଅଧିକାର ସୁନିଶ୍ଚିତ କରିବା ପାଇଁ କମିଶନ ଏଭଳି ଶୁଣାଣି ଜରିଆରେ ନ୍ୟାୟ ପ୍ରଦାନ ପ୍ରକ୍ରିୟାକୁ ଆହୁରି ସୁଦୃଢ଼ କରୁଛନ୍ତି ବୋଲି ସୋଭନା ମହାନ୍ତି ପ୍ରକାଶ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ଇପ୍ସିତା ପ୍ରିୟଦର୍ଶିନୀ ମିଶ୍ର, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ରଶ୍ମିତା ମହାନ୍ତି ଏବଂ ଜଗତସିଂହପୁର ଓ କଟକ ଜିଲ୍ଲାର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ରହି ଶୁଣାଣି ପ୍ରକ୍ରିୟାରେ ସହଯୋଗ କରିଥିଲେ।

# ବ୍ରାଉନ୍‌ସୁଗର୍ ଜବତ, ୨ ଗିରଫ

**କଟକ,୧୩।୩/ଏନ୍‌ଏନ୍‌ଏସ୍:** ବ୍ରାଉନ୍‌ସୁଗର୍ ବେପାର ଅଭିଯୋଗରେ କଟକ ଫ୍ଲାଇଙ୍ଗ୍ ସ୍କ୍ୱାର୍ଡ଼ ଶୁକ୍ରବାର କଟକ ସଦର ଥାନା ଅନ୍ତର୍ଗତ ନଡିଆଗୁରୁଡ଼ି ଛକ ନିକଟରେ ଚଢ଼ଉ କରି ୨ ଜଣ ବ୍ରାଉନସୁଗାର ବେପାରୀଙ୍କୁ ଗିରଫ କରିଛି। ଅଭିଯୁକ୍ତ ଦୁଇ ଜଣ ହେଲେ କଟକ ସଦର ଥାନା ଅନ୍ତର୍ଗତ କୁରାଙ୍ଗ ଶାସନ ଅଞ୍ଚଳର ଆକାଶ ନାୟକ (୩୦) ଓ ଶିଶିର ନାୟକ (୩୫)। ଅଭିଯୁକ୍ତ ଦ୍ୱୟଙ୍କ ନିକଟରୁ ଅବକାରୀ ପୁଲିସ ୧୧୮ ଗ୍ରାମ ବ୍ରାଉନସୁଗର୍ ଜବତ କରିଛି। ଏହାଛଡ଼ା ସେମାନଙ୍କ ନିକଟରୁ ଗୋଟିଏ ବାଜାଜ୍ ଡିସ୍‌କଭର୍ ୧୨୫ ବାଇକ ଓ ନଗଦ ୪୪୦୦ଟଙ୍କା ଜବତ କରାଯାଇଛି। ଜବତ ବ୍ରାଉନ୍‌ସୁଗର୍‌ର ଆନୁମାନିକ ମୂଲ୍ୟ ୧୩ଲକ୍ଷ ଟଙ୍କା ହେବ ବୋଲି ଅବକାରୀ ବିଭାଗ ପକ୍ଷରୁ ଆକଳନ କରାଯାଇଛି। ଏହି ଚଢ଼ଉରେ ଅନ୍ୟମାନଙ୍କ ମଧ୍ୟରେ ଅବକାରୀ ଏସ୍‌ଆଇ ଅମିତ ବିଶ୍ୱାଳ ଏବଂ ଶେଖ୍ ସାକିଲ ଉଲ୍ଲା, ଏଏସ୍‌ଆଇ ଅଜୟ ସାହୁ ଏବଂ କର୍ଣ୍ଣ ଓରାମ, କନ୍‌ଷ୍ଟେବଲ ଗୌରାଙ୍ଗ ନାୟକ, ଅନ୍ନପୂର୍ଣ୍ଣା ଗଣ୍ଡ, ଶଙ୍କରର୍ଷଣ ରାଉତ, ପବିତ୍ର ଦାଶ, ସୁମିତ ନାୟକ ଓ ଶିବାନନ୍ଦ ଷଡଙ୍ଗୀ ପ୍ରମୁଖ ସାମିଲ ଥିଲେ। ଗିରଫ ଅଭିଯୁକ୍ତଦ୍ୱୟଙ୍କୁ କୋର୍ଟ ଚାଲାଣ କରାଯାଇଛି।

## ଗ୍ୟାସ୍ ସିଲିଣ୍ଡର୍ ସଙ୍କଟ, ଇଣ୍ଡକ୍ସନ୍ ଚୁଲାର ଚାହିଦା ବୃଦ୍ଧି

**କଟକ,୧୩।୩/ଏନ୍‌ଏନ୍‌ଏସ୍:** ମଧ୍ୟପ୍ରାଚ୍ୟରେ ସଂକଟ ଯୋଗୁ ଏବେ ଏଲପିଜି ସିଲିଣ୍ଡର ମିଳିବାରେ ଗ୍ରାହକ ସମସ୍ୟାର ସାମନା କରୁଛନ୍ତି। ଗୋଟିଏ ଥର ସିଲିଣ୍ଡର ବୁକିଂର ୨୫ ଦିନ ଯାଏ ନୂଆ ବୁକିଂ ହେବନି। ଏମିତିକି କିଛି କିଛି ସ୍ଥାନରେ ଗ୍ୟାସ ବିତରକ ଏଜେନ୍ସିଗୁଡ଼ିକ ଡେଲିଭରି ଦେବା ବନ୍ଦ କରିଦେଇଛନ୍ତି। ବିଭିନ୍ନ ସ୍ଥାନରେ ବୁକିଂ ନଂ ବନ୍ଦ ଦେଖାଉଛି। ଜରୁରୀ ସ୍ଥିତିରେ ଗ୍ୟାସ ସରିଗଲେ ନୂଆ ସିଲିଣ୍ଡର ମିଳିବା କଷ୍ଟକର ହୋଇପଡୁଛି। ଫଳରେ ସହରର ଅନେକ ଯୌଥ ପରିବାରଗୁଡ଼ିକ ନାହିଁ ନଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଅପର ପକ୍ଷରେ କଳାବଜାରୀଙ୍କ ଦୌରାତ୍ମ୍ୟ ମଧ ବଢ଼ିଛି। ଏଭଳି ସ୍ଥିତିରେ ଲୋକେ ଇଣ୍ଡକସନ ଚୁଲା ଘରେ ରଖିବାକୁ ଚାହୁଁଛନ୍ତି। ଫଳରେ ଇଣ୍ଡକ୍‌ସନ୍ ଚୁଲାର ଚାହିଦା ଏବେ ହଠାତ ବଢ଼ିଯାଇଛି। ଇଣ୍ଡକ୍‌ସନ୍ ଚୁଲା କିଣିବା ପାଇଁ ସହରର ବିଭିନ୍ନ ହୋମ ଆପଲାନ୍ସ ଦୋକାନରେ ଗ୍ରାହକମାନଙ୍କ ଭିଡ଼ ଜମୁଛି। ଏହାଛଡ଼ା ଅନ୍‌ଲାଇନ୍ ସାଇଟ୍‌ଗୁଡ଼ିକରୁ ମଧ ଗ୍ରାହକ ଏଭଳି ଚୁଲା ଅର୍ଡର କରୁଛନ୍ତି। ପୂର୍ବରୁ ଏଭଳି ଚୁଲାର ଚାହିଦା ଏତେଟା ନଥିଲା। ମାତ୍ର ସଂକଟ ସ୍ଥିତିରେ ଲୋକେ ଏବେ ଷ୍ଟୋର୍‌ଗୁଡ଼ିକରେ ଭିଡ଼ ଜମାଉଥିବା ପରିଲକ୍ଷିତ ହେଉଛି। ଫଳରେ ଗତ ୩ରୁ ୪ ଦିନ ମଧ୍ୟରେ ଇଣ୍ଡକ୍‌ସନ୍ ଚୁଲାର ହଠାତ ଚାହିଦା ବଢ଼ିଯାଇଛି। ଗ୍ୟାସ ପାଇବାରେ ସମସ୍ୟା ଯୋଗ ଏବେ ଲେକେ ଇଣ୍ଡକସନ ମୁହାଁ ହୋଇଛନ୍ତି। ଗତ କିଛିଦିନ ହେବ ଲୋକେ ଇଣ୍ଡକସନକୁ ଏଲପିଜିର ବିକଳ୍ପ ଭାବେ ଦେଖୁଛନ୍ତି। ଯୁଦ୍ଧ ସ୍ଥିତିରେ ବଜାର ଚାହିଦା ପୂରଣ କରିବା ସମ୍ପ୍ରତି କମ୍ପାନୀଙ୍କ ପାଇଁ ମଧ ଆହ୍ୱାନ ପାଲଟିଛି। ବିଶେଷ କରି ୧୪୦୦ରୁ ୨୦୦୦ ୱାର୍ଟ ପର୍ଯ୍ୟନ୍ତ ବିଭିନ୍ନ ନାମୀଦାମୀ କମ୍ପାନୀର ଇଣ୍ଡକସନ ଚୁଲା ଗ୍ରାହକମାନଙ୍କ ମଧ୍ୟରେ ବେଶ ଚାହିଦା ରହିଛି। ଇଣ୍ଡକସନ ଚୁଲାର ମୂଲ୍ୟ ୨୦୦୦ରୁ ୪୦୦୦ ଟଙ୍କା ମଧ୍ୟରେ ରହିଛି। ଘରୋଇ ଗ୍ରାହକମାନଙ୍କ ସହିତ ହୋଟେଲ ଏବଂ ରେଷ୍ଟୋରା ଗୁଡ଼ିକରେ ମଧ ଇଣ୍ଡକସନ ଚୁଲାର ଚାହିଦା ବୃଦ୍ଧି ପାଇଥିବା ପରିଲକ୍ଷିତ ହୋଇଛି।

## ଜୟୀ ରାଜଗୁରୁଙ୍କ ସ୍ମୃତିରେ କବିତା ପାଠୋତ୍ସବ



**କଟକ,୧୩।୩/ଏନ୍‌ଏନ୍‌ଏସ୍:** ଉତ୍କଳ ସାହିତ୍ୟ ସମାଜ, କଟକ ଜିଲ୍ଲା ସଂସ୍କୃତି ପରିଷଦ ଓ ସହିଦ ଜୟୀ ରାଜଗୁରୁ ସ୍ମୃତି ପରିଷଦର ମିଳିତ ଆନୁକୂଲ୍ୟରେ ସହିଦ ଜୟୀ ରାଜଗୁରୁଙ୍କ ବାରବାଟୀ ଅଭିଯାନର ୨୨୩ତମ ସ୍ମାରକୀ ସମାରୋହ ଅବସରରେ ସ୍ୱରାଜ ଆଶ୍ରମ ସଭାକକ୍ଷରେ ଏକ ଦେଶାତ୍ମବୋଧକ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଉତ୍କଳ ସାହିତ୍ୟ ସମାଜର ଉପସଭାପତି ବ୍ରହ୍ମାନନ୍ଦ ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବକୁ ଜିଲ୍ଲା ସଂସ୍କୃତି ଅଧିକାରୀ ନଳିନୀକାନ୍ତ ସାହୁ ଉଦ୍‌ଘାଟନ କରିଥିଲେ। ସ୍ମୃତି ପରିଷଦର ସାଧାରଣ ସମ୍ପାଦକ ଜଟାଧାରୀ ମିଶ୍ର ଓ ଉତ୍କଳ ସାହିତ୍ୟ ସମାଜର ସାଧାରଣ ସମ୍ପାଦକ ରାଜୀବ କୁମାର ଷଡ଼ଙ୍ଗୀ ଅତିଥି ରୂପେ ଯୋଗଦେଇ ଜୟୀ ରାଜଗୁରୁଙ୍କ ପ୍ରତି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ଉତ୍କଳ ସାହିତ୍ୟ ସମାଜର କାର୍ଯ୍ୟନିର୍ବାହିକା ସମିତି ସଦସ୍ୟା ଡକ୍ଟର ବୈଜୟନ୍ତୀମାଳା ଶତପଥୀ ଓ ଗୀତାଞ୍ଜଳି ପୃଷ୍ଟି କବିତାଗୁଡ଼ିକୁ ସଂଯୋଜନା କରିଥିଲେ। ଅର୍ଦ୍ଧଶତାଧିକ କବି ସ୍ୱରଚିତ କବିତା ପାଠ କରିଥିଲା ବେଳେ ସେମାନଙ୍କୁ ପ୍ରଶଂସାପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା।

# ଜିଲ୍ଲାରେ ଏସ୍‌ଆଇଆର୍ ପାଇଁ ପ୍ରାକ୍ ପ୍ରସ୍ତୁତି ବୈଠକ

**କଟକ,୧୩।୩/ଏନ୍‌ଏନ୍‌ଏସ୍:** ଆଜି ଅପରାହ୍ନରେ ଅତିରିକ୍ତ ଜିଲ୍ଲାପାଳ ତଥା ଅତିରିକ୍ତ ନିର୍ବାଚନ ଅଧିକାରୀ କମଲଜିତ୍ ଦାସଙ୍କ ଅଧ୍ୟକ୍ଷତାରେ ଜିଲ୍ଲା କାର୍ଯ୍ୟାଳୟଠାରେ ପ୍ରାଶାସନିକ ପ୍ରସ୍ତୁତି ପୂର୍ବକ ସମଗ୍ର ଜିଲ୍ଲାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍ ଆଇ ଆର୍)ନିମନ୍ତେ ଜିଲ୍ଲାର ସମସ୍ତ ନିର୍ବାଚନ ମଣ୍ଡଳୀର ନିର୍ବାଚକ ପଞ୍ଜୀକରଣ ଅଧିକାରମାନଙ୍କ ସହ ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧମାନଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍ ଆଇ ଆର୍) ସମ୍ବନ୍ଧିତ ଗୁରୁତ୍ୱପୂର୍ଣ୍ଣ ଦିଗ ଉପରେ ଆଲୋଚନା କରାଯାଇଥିଲା। ଏଥି ସହ ବୁଥସ୍ତରୀୟ ଅଧିକାରୀମାନଙ୍କ ସମସ୍ତ ସହଯୋଗ ନିମନ୍ତେ ବୁଥସ୍ତରୀୟ ଏଜେଣ୍ଟ (ବି ଏଲ ଏ) ନିୟୋଜନ



ଏବଂ ତତ୍କାଳାର୍ଥ ଆଗାମୀ ଏପ୍ରିଲ ମାସରେ ହେବାକୁ ଥିବା ଏଥି ସମ୍ବନ୍ଧିତ ପ୍ରାରମ୍ଭିକ ପ୍ରସ୍ତୁତି ସମ୍ବନ୍ଧରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଦାସ ବୈଠକରେ ଆଲୋଚନା କରିଥିଲେ। ବିଶେଷ କରି ବାରବାଟୀ-କଟକ ଏବଂଚୌଦ୍ୱାର-କଟକ ନିର୍ବାଚନମଣ୍ଡଳୀ ମାନଙ୍କରେ ଅନୁପସ୍ଥିତ ଭୋଟର ମାନଙ୍କର ସଠିକ୍ ସର୍ଭେ କରି ଯଥା ସମୟ ମଧ୍ୟରେ ତଥ୍ୟାବଳୀ ପ୍ରସ୍ତୁତ କରାଯିବା ନେଇ ବୈଠକରେ ଆଲୋଚନା ହୋଇଥିଲା। କଟକ ସଦର ନିର୍ବାଚକ ପଞ୍ଜୀକରଣ ଅଧିକାରୀ ଭାବେ ଅତିରିକ୍ତ ଜିଲ୍ଲାପାଳ କମଲଜିତ୍ ଦାସ ନିୟୋଜିତ ହୋଇଥିବା ବେଳେ ବୈଠକରେ ସାଲେପୁର ପାଇଁ ନିୟୋଜିତ ହୋଇଥିବା ଅତିରିକ୍ତ ଜିଲ୍ଲାପାଳ ଡ଼ଃ ଦିବ୍ୟାଲୋଚନ ମହାନ୍ତ, ଚୌଦ୍ୱାର କଟକ ପାଇଁ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ପ୍ରଶାନ୍ତ କୁମାର ନାୟକ, ବାରବାଟୀ-କଟକ ପାଇଁ ଉପଜିଲ୍ଲାପାଳ ଦିବ୍ୟଜ୍ୟୋତି ସ୍ମୃତିରଞ୍ଜନ ଦେଓ, ବାଙ୍କୀ ପାଇଁ ପ୍ରଣବ କୁମାର ବେହେରା, ମାହାଙ୍ଗା ପାଇଁ କଟକ ମହାନଗର ନିଗମ ଅତିରିକ୍ତ ଆୟୁକ୍ତ ସୋନା ଟୁଡୁ ଏବଂ ବଡ଼ମ୍ବା ପାଇଁ ନିୟୋଜିତ ମହାନଗର ନିଗମର ଯୁଗ୍ମ ଆୟୁକ୍ତ, ବି. ମହାନ୍ତି ପ୍ରମୁଖ ଉକ୍ତ ବୈଠକରେ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଭାରତୀୟ ଜନତା ପାର୍ଟି କଟକ ଜିଲ୍ଲା ସଭାପତି ସୁକାନ୍ତ ବିଶ୍ୱାଳ, ବିଜେଡି କଟକ ଜିଲ୍ଲା ସାଧାରଣ ସମ୍ପାଦକ ପ୍ରଶାନ୍ତ ନାୟକ, ଜାତୀୟ କଂଗ୍ରେସ କଟକ ଜିଲ୍ଲା ସାଧାରଣ ସମ୍ପାଦକ ପ୍ରଶାନ୍ତ ବେହେରାଙ୍କ ସମେତ ବି ଏସ ପି, ସିପିଆଇ ତଥା ଅନ୍ୟାନ୍ୟ ଦଳର ଅନ୍ୟ ପ୍ରତିନିଧିମାନେ ଆଲୋଚନାରେ ଉପସ୍ଥିତ ରହି ଏହି ସ୍ୱତନ୍ତ୍ର ସଘନ ସଂଶୋଧନ ନିମନ୍ତେ ପ୍ରସ୍ତୁତି ସମ୍ପର୍କରେ ଅବଗତ ହୋଇଥିଲେ। ସୂଚନଯୋଗ୍ୟ ଆଠଗଡ଼ ନିର୍ବାଚନମଣ୍ଡଳୀ ପାଇଁ ନିର୍ବାଚକ ପଞ୍ଜୀକରଣ ଅଧିକାରୀ ଭାବେ ପ୍ରହଲ୍ଲାଦ ନାରାୟଣ ଶର୍ମା ନିୟୋଜିତ ଅଛନ୍ତି। ବୈଠକ ପରିଶେଷରେ ଡେପୁଟୀ କଲେକ୍ଟର, ନିର୍ବାଚନ ଅମ୍ଳାନ ଅପରାଜିତା ଦାସ ସମଗ୍ର ଜିଲ୍ଲାରେ ଆଗାମୀ ଏହି ସ୍ୱତନ୍ତ୍ର ସଂଘନ ସଂଶୋଧନ (ଏସ ଆଇ ଆର) କାର୍ଯ୍ୟକ୍ରମରେ ଉପସ୍ଥିତ ସମସ୍ତଙ୍କ ସହଯୋଗ କାମନା କରି ଧନ୍ୟବାଦ ଅର୍ପଣ କରିଥିଲେ।

## ଆଉଟ୍‌ସୋର୍ସିଂ କର୍ମଚାରୀଙ୍କ ଆନ୍ଦୋଳନକୁ ସମର୍ଥନ ଜଣାଇଲା ରାଜ୍ୟ ସରକାରୀ କର୍ମଚାରୀ ସମନ୍ୱୟ ସମିତି

**କଟକ,୧୩।୩/ଏନ୍‌ଏନ୍‌ଏସ୍:** ୩ ଦଫା ଦାବି ଉପରେ ରାଜ୍ୟବ୍ୟାପୀ ଜାରି ରହିଥିବା ଆଉଟସୋର୍ସିଂ କର୍ମଚାରୀଙ୍କ ଆନ୍ଦୋଳନକୁ ଓଡ଼ିଶା ସରକାରୀ କର୍ମଚାରୀ ସମନ୍ୱୟ ସମିତି ପକ୍ଷରୁ ସମର୍ଥନ ପ୍ରଦାନ କରାଯାଇଛି। ଏହି ସମ୍ପର୍କରେ ସଂଗଠନର କାର୍ଯ୍ୟକାରୀ ସଭାପତି ଭାନୁମତି ମହାନ୍ତି, ସାଧାରଣ ସମ୍ପାଦକ ବିକାଶ ଚନ୍ଦ୍ର ମହାପାତ୍ର ଏକ ପ୍ରେସ୍‌ନୋଟ୍ ଜରିଆରେ ସୂଚନା ପ୍ରଦାନ କରିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ରାଜ୍ୟସରକାରଙ୍କ ବିଭିନ୍ନ ବିଭାଗରେ କାର୍ଯ୍ୟର ଆବଶ୍ୟକତାକୁ ଦୃଷ୍ଟିରେ ରଖି ସ୍ୱଳ୍ପ ଦରମାରେ 'ଆଉଟସୋର୍ସିଂ' ମାଧ୍ୟମରେ ନିଯୁକ୍ତି ଦିଆଯିବା ବ୍ୟବସ୍ଥାକୁ ବାତିଲ କରି ସ୍ଥାୟୀ ନିଯୁକ୍ତି ଦେବା, ସ୍ଥାୟୀ ନିଯୁକ୍ତି ହେବା ପର୍ଯ୍ୟନ୍ତ ସମାନ କାମକୁ ସମାନ ଦରମା ନୀତି ଆଧାରରେ ଦରମା ଦେବା ଓ ଛଟେଇ ହୋଇଥିବା କର୍ମଚାରୀଙ୍କୁ ପୁନଃ ନିଯୁକ୍ତି ଦେବା ଦାବି ଯୁକ୍ତିଯୁକ୍ତ ଯଥାର୍ଥ ଓ ନ୍ୟାୟୋଚିତ ହୋଇଥିବାରୁ ଓଡ଼ିଶା ରାଜ୍ୟ ସରକାରୀ କର୍ମଚାରୀ ସମନ୍ୱୟ ସମିତି ପକ୍ଷରୁ ଉକ୍ତ ଦାବି ଓ ଆନ୍ଦୋଳନକୁ ସମର୍ଥନ ଜଣାଯାଇଛି। ରାଜ୍ୟ ସରକାର କାଳ ବିଳମ୍ବ ନକରି ରାଜ୍ୟର ଜନସାଧାରଣ ଓ କାର୍ଯ୍ୟରତ ଆଉଟସୋର୍ସିଂ କର୍ମଚାରୀଙ୍କ ସ୍ୱାର୍ଥରେ ସମସ୍ତ ଦାବି ପୂରଣ କରିବାକୁ ଶ୍ରୀମତୀ ମହାନ୍ତି ଓ ଶ୍ରୀ ମହାପାତ୍ର ରାଜ୍ୟ ସରକାରଙ୍କୁ ନିବେଦନ କରିଛନ୍ତି।

## ପ୍ରଥମ ପୃଷ୍ଠାରୁ

## ପୋଖରୀରେ ବୁଡ଼ି ...

ଉଦ୍ଧାର କରିଥିଲେ। ତାଙ୍କୁ ସଙ୍ଗେ ସଙ୍ଗେ ବାସୁଦେବପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନିଆଯାଇଥିଲା। ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।ଅନ୍ୟପକ୍ଷରେ ଖୋଜାଖୋଜି କରିବା ସତ୍ତ୍ୱେ ଅନ୍ନପୂର୍ଣ୍ଣାଙ୍କୁ ପାଇ ନଥିଲେ ଗାଁ ଲୋକେ। ସେଥିପାଇଁ ବାସୁଦେବପୁର ଦମକଳ ବାହିନୀକୁ ଖବର ଦିଆଯାଇଥିଲା। ଦମକଳ ବାହିନୀ ବହୁ ସମୟ ଖୋଜାଖୋଜି କରିବା ପରେ ଅନ୍ନପୂର୍ଣ୍ଣାଙ୍କୁ ଉଦ୍ଧାର କରାଯାଇଥିଲା। ତାଙ୍କୁ ବାସୁଦେବପୁର ଡାକ୍ତରଖାନା ନିଆଯାଇଥିଲେ ହେଁ ଡାକ୍ତର ତାଙ୍କୁ ମଧ୍ୟ ମୃତ ଘୋଷଣା କରିଥିଲେ।

## ମା’ ଓ ବଡ଼ ଭାଇଙ୍କୁ ହତ୍ୟା ...

ହୋଇ କୁଲସୁନ ବିବି(୮୦)ଙ୍କ ସାନପୁତ୍ର ସେକ୍ ପପୁ ତାଙ୍କ ମାଆଙ୍କ ଉପରେ ଏକ ଗ୍ୟାସ ସିଲିଣ୍ଡର ସହାୟତାରେ ମରଣାନ୍ତକ ଆକ୍ରମଣ କରିଥିଲା। ଫଳରେ ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ହୋଇଥିଲା। ମାଆଙ୍କ ଚିତ୍କାର ଶୁଣି ବଡ ଭାଇ ସେକ୍ ସମସେରଘଟଣାସ୍ଥଳକୁ ଦୌଡି ଆସିଥିଲେ। ରକ୍ତମୁଖା ହୋଇପଡିଥିବା ସେକ୍ ପପୁ ଏକ କୋଦାଳ ସାହାଯ୍ୟରେ ବଡ ଭାଇଙ୍କ ଉପରେ ମଧ୍ୟ ଆକ୍ରମଣ କରିଥିଲା। ଫଳରେ ଘଟଣାସ୍ଥଳରେ ସେକ ସମସେରଙ୍କର ମୃତ୍ୟୁ ଘଟିଥିଲା। ଏନେଇ ଖବର ପାଇ ସାଲେପୁର ଥାନା ଆଇଆଇସି ମହେଶ୍ୱର ବେହେରା ସଦଳବଳ ଘଟଣାସ୍ଥଳରେ ପହଞ୍ଚି ହତ୍ୟାକାରୀ ସେକ ପପୁକୁ ଗିରଫ କରିଥିବାବେଳେ ତାଙ୍କର ଜଣେ ସମ୍ପର୍କୀୟଙ୍କୁ ଉଠାଇ ନେଇ ଥାନାରେ ଅଟକ ରଖିଛି। ଏସମ୍ପର୍କରେ ସେକ ସାଜନ ସାଲେପୁର ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୁଲିସ ଘଟଣାର ତଦନ୍ତ କରି ଥାନା କେଶ ନଂ୧୫୭/୨୦୨୬ରେ ଏକ ମାମଲା ରୁଜୁ କରିଛି। ପୁଲିସ ଘଟଣାସ୍ଥଳରୁ ହତ୍ୟାରେ ବ୍ୟବହୃତ ଗ୍ୟାସ ସିଲିଣ୍ଡର ଓ କୋଦାଳକୁ ଜବତ କରିଛି। ସାଇଣ୍ଟିଫିକ୍ ଟିମ ପହଞ୍ଚି ତଦନ୍ତ ଜାରି ରଖିଛନ୍ତି। ପୁଲିସ ମାଆ ଓ ପୁଅଙ୍କ ଶବକୁ ଜବତ କରି ବ୍ୟବଚ୍ଛେଦ ନିମନ୍ତେ କଟକ ବଡ ଡାକ୍ତରଖାନାକୁ ପଠାଇଛି।

## ଚାଷୀଙ୍କ ଉନ୍ନତି ବିନା ...

ଯୋଜନାରେ ଅନ୍ତର୍ଭୁକ୍ତ ହେବା ପାଇଁ ଆବଶ୍ୟକୀୟ ଯୋଗ୍ୟତା ମାନଦଣ୍ଡ ବିଷୟରେ ମଧ୍ୟ ସଚେତନତା ସୃଷ୍ଟି କରାଯାଉଛି। ଓଡ଼ିଶାରେ ୩୪ ଲକ୍ଷ ୨୪ ହଜାରରୁ ଊର୍ଦ୍ଧ୍ୱ ଯୋଗ୍ୟ ଚାଷୀ ଭାଇଭଉଣୀମାନଙ୍କୁ ୨୨ତମ କିସ୍ତି ବାବଦକୁ ୨ ହଜାର ଟଙ୍କା ହିସାବରେ ସମୁଦାୟ ୬୮୪ କୋଟି ଟଙ୍କାର ଆର୍ଥିକ ସହାୟତା ଆଜି ପ୍ରଧାନମନ୍ତ୍ରୀ ପ୍ରଦାନ କରିଛନ୍ତି। ପିଏମ୍ କିଷାନ ଯୋଜନାରେ ଦରକାର ହେଉଥିବା ସମସ୍ତ ବାଧ୍ୟତାମୂଳକ ମାନଦଣ୍ଡ ଯଥା ଇ-କେଓ୍ୱାଇସି, ଜମିଜମାର ବିବରଣୀ, ଆଧାର -ବ୍ୟାଙ୍କ ଆକାଉଣ୍ଟ ଲିଙ୍କ୍, ଆଧାର ଅନୁଯାୟୀ ନାମ ସଂଶୋଧନ ଆଦି କାର୍ଯ୍ୟ ସମାପନ କରି ଏହି ଯୋଜନାର ସମସ୍ତ ସହାୟତା ଲାଭ କରନ୍ତୁ ବୋଲି ମୁଖ୍ୟମନ୍ତ୍ରୀ ରାଜ୍ୟର ସମସ୍ତ ଚାଷୀ ଭାଇ ଭଉଣୀଙ୍କୁ ଅନୁରୋଧ କରିଥିଲେ। ଏହାଛଡ଼ା ମୁଖ୍ୟମନ୍ତ୍ରୀ କହିଥିଲେ ଯେ ପିଏମ୍ କିଷାନ୍ ସହିତ ଆମ ସରକାର ମଧ୍ୟ ରାଜ୍ୟରେ “ସିଏମ୍ କିଷାନ” ଯୋଜନାରେ ଯୋଗ୍ୟ ଚାଷୀ ଭାଇଭଉଣୀମାନଙ୍କୁ ଅନ୍ତର୍ଭୁକ୍ତ କରି ଦୁଇଟି କିସ୍ତିରେ ୪ ହଜାର ଟଙ୍କା ପ୍ରଦାନ କରୁଛନ୍ତି। ୬ ଲକ୍ଷରୁ ଅଧିକ ନୂତନ ହିତାଧିକାରୀଙ୍କୁ ଏହି ଯୋଜନାରେ ସାମିଲ କରାଯାଇଛି। ବର୍ତ୍ତମାନ ସୁଦ୍ଧା ସିଏମ୍ କିଷାନ ଯୋଜନା ଅଧୀନରେ ୫୧ ଲକ୍ଷ ୫୪ ହଜାର ହିତାଧିକାରୀଙ୍କୁ ମୋଟ ୨୯୯୧ କୋଟିରୁ ଅଧିକ ଟଙ୍କାର ସହାୟତାରାଶି ପ୍ରଦାନ କରାଯାଇଛି, ଯେଉଁଥିରେ ୩୨୩୬ ଜଣ ବିଶେଷ ଭାବେ ଅନୁନ୍ନତ ଜନଜାତି ଗୋଷ୍ଠୀ (ପିଭିଟିଜି)ର ଚାଷୀ ଏବଂ ୩୧ ହଜାର ୬୯୫ ଜଣ ସହରାଞ୍ଚଳର ଚାଷୀ ସାମିଲ ଅଛନ୍ତି। ମୁଖ୍ୟମନ୍ତ୍ରୀ ଆହୁରି କହିଥିଲେ ଯେ ସିଏମ୍ କିଷାନ ଯୋଜନାର ହିତାଧିକାରୀମାନଙ୍କ ପିଲାମାନଙ୍କୁ କୃଷି ବିଦ୍ୟାନିଧି ଯୋଜନାରେ ରାଜ୍ୟ ଭିତରେ ଏବଂ ବାହାରେ ଥିବା ସରକାରୀ, ବେସରକାରୀ ଶିକ୍ଷାନୁଷ୍ଠାନମାନଙ୍କରେ ଡାକ୍ତରୀ, ଇଞ୍ଜିନିୟରିଂ, କୃଷି ଏବଂ ଆନୁସଙ୍ଗିକ, ନର୍ସିଂ, ଡିପ୍ଲୋମା ଏବଂ ଆଇଟିଆଇ ଭଳି ବୃତ୍ତିଗତ ଏବଂ ବୈଷୟିକ ପାଠ୍ୟକ୍ରମ ଅଧ୍ୟୟନ କରିବା ପାଇଁ ଛାତ୍ରବୃତ୍ତି ପ୍ରଦାନ କରାଯାଉଛି। ଏହା ଫଳରେ ସିଏମ୍ କିଷାନ ଯୋଜନା ହିତାଧିକାରୀ ପରିବାରର ଛାତ୍ରଛାତ୍ରୀ ବିଶେଷ ଭାବେ ଉପକୃତ ହେଉଛନ୍ତି। ୨୦୨୪-୨୫ ଶିକ୍ଷାବର୍ଷରେ ୧୩,୯୨୩ ଜଣ ଛାତ୍ରଛାତ୍ରୀ କୃଷି ବିଦ୍ୟା ନିଧି ଯୋଜନା ଅଧୀନରେ ୫୩.୬୭ କୋଟି ଟଙ୍କାର ଛାତ୍ରବୃତ୍ତି ସହାୟତା ପାଇଛନ୍ତି, ଯାହା ପୂର୍ବ ବର୍ଷ ତୁଳନାରେ ୫ ଗୁଣ ଅଧିକ ଥିଲା। ଚଳିତ ୨୦୨୫-୨୬ ଶିକ୍ଷାବର୍ଷ ପାଇଁ କୃଷିବିଦ୍ୟାନିଧି ଯୋଜନାରେ ଆଜି ସୁଦ୍ଧା ୬୮ ହଜାର ୯୧୫ ଛାତ୍ରଛାତ୍ରୀ ଏହି ଛାତ୍ରବୃତ୍ତି ପାଇଁ ଆବେଦନ କରିଛନ୍ତି ଓ ଏଥିପାଇଁ ସେମାନଙ୍କୁ ୨୯୦ କୋଟି ଟଙ୍କାର ଛାତ୍ରବୃତ୍ତି ପ୍ରଦାନ କରାଯିବ ଯାହାକି ଏକ ସର୍ବକାଳୀନ ରେକର୍ଡ। ଆମେ କେବଳ ଧାନ ଚାଷରେ ସୀମିତ ନରହି ଡାଲି ଜାତୀୟ ଫସଲ, ପନିପରିବା, ଫଳ ଏବଂ ଅର୍ଥକାରୀ ଫସଲ ଉପରେ ଧ୍ୟାନ ଦେବା ଉଚିତ। ଓଡ଼ିଶାର ମାଟି ଅତ୍ୟନ୍ତ ଉର୍ବର ଏବଂ ଏହାର ସଦୁପଯୋଗ କରି ଆମେ କୃଷି ରପ୍ତାନି କ୍ଷେତ୍ରରେ ଏକ ଅଗ୍ରଣୀ ରାଜ୍ୟ ହୋଇପାରିବା। ଆଜିର ଦିନରେ କୃଷକ ଭାଇ ଓ ଭଉଣୀ ମାନଙ୍କୁ ଅନୁରୋଧ, ସେମାନେ କ୍ରପ ଡାଇଭରସିଫିକେସନ ଉପରେ ଧ୍ୟାନ ଦିଅନ୍ତୁ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ ।

ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ, ଶକ୍ତିମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ କହିଥିଲେ ଯେ ଏହି ବର୍ଷର ପ୍ରଥମ ପିଏମ୍- କିଷାନ କିସ୍ତି ଆଜି ପ୍ରଦାନ କରାଯାଇଛି। ଏଥିରେ ପ୍ରଦାନ କରାଯାଉଥିବା ଟଙ୍କା ଭଲ ଫସଲ ଅମଳ କରିବାରେ ସହାୟକ ହେଉଛି । ଚଳିତ ବର୍ଷ ପ୍ରଚୁର ମାତ୍ରାରେ ଫସଲ ହେଇଛି ଯାହା ଜାତୀୟ ହାର ଠାରୁ ମଧ୍ୟ ଅଧିକ। ଏଥିସହ କୃଷକଙ୍କ ଉନ୍ନତି ନିମନ୍ତେ ସରକାରଙ୍କ ପକ୍ଷରୁ ନିଆଯାଇଥିବା ନୂତନ ପଦକ୍ଷେପ ଗୁଡ଼ିକ ଯଥା ମୟୂରଭଞ୍ଜ ଓ ବଲାଙ୍ଗୀର ଜିଲ୍ଲାରେ କୃଷି ମହାବିଦ୍ୟାଳୟ ଓ ସୋନପୁର ଜିଲ୍ଲାରେ ମତ୍ସ୍ୟ ମହାବିଦ୍ୟାଳୟ ନିର୍ମାଣ ପାଇଁ ଅନୁମତି ପ୍ରଦାନ ନିମନ୍ତେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ମୁଖ୍ୟମନ୍ତ୍ରୀ ଶ୍ରୀ ମୋଝୀଙ୍କୁ ଧନ୍ୟବାଦ ଜଣାଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଏକାମ୍ର-ଭୁବନେଶ୍ୱର ବିଧାୟକ ବାବୁ ସିଂ ମହୋଦୟ, ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ ଜଗଦେବ, କୃଷି ବିଭାଗ କମିଶନର ତଥା ଶାସନ ସଚିବ ସଚିନ ରାମଚନ୍ଦ୍ର ଯାଦବ, ଓଡିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପ୍ରଭାତ କୁମାର ରାଉଳ , କୃଷି ଏବଂ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶକ ଶୁଭମ ସକ୍ସେନା ଓ ଖୋର୍ଦ୍ଧା ଜିଲ୍ଲାପାଳ ଅମ୍ରିତ ଋତୁରାଜ ପ୍ରମୁଖ ମଞ୍ଚାସୀନ ଥିଲେ।

## ଆସୁଛି ବର୍ଷା ...

ଆସନ୍ତା ୩ ଦିନ ପାଇଁ ଗରମ ଜାରି ରହିବ ବୋଲି ପାଣିପାଗ ବିଭାଗ ଆକଳନ କରିଛି। ସେପଟେ ରାଜ୍ୟରେ ୪୦ ଡିଗ୍ରୀ ପାର କରିଛି ଦିନ ତାପମାତ୍ରା। ପଶ୍ଚିମ ଓଡ଼ିଶାରେ ଖରା ତାଉ ଦେଖାଉଛି। ଆସନ୍ତାକାଲି ପାଇଁ ଝାରସୁଗୁଡ଼ା ଓ ସମ୍ବଲପୁରକୁ ପାଣିପାଗ ବିଭାଗ ହିଟ ୱେଭ ୱାର୍ଣ୍ଣିଂ ଜାରି କରିଛି। ଏଥିପାଇଁ ଦୁଇ ଜିଲ୍ଲାକୁ ୟେଲୋ ଚେତାବନୀ ଦିଆଯାଇଛି। ଗତକାଲି ଝାରସୁଗୁଡ଼ାରେ ପାରଦ ୪୦ ଡିଗ୍ରୀ ସେଲସିୟସ୍ ଡେଇଁଥିଲା। ତେବେ ଖରା ତାତି ଭିତରେ ଝଡ଼ବର୍ଷା ନେଇ ବି ପୂର୍ବାନୁମାନ କରିଛି ପାଣିପାଗ ବିଭାଗ। ୧୫ରୁ ୧୯ ତାରିଖ ଯାଏଁ ରାଜ୍ୟର ବିଭିନ୍ନ ସ୍ଥାନରେ ବିଜୁଳି ଘଡ଼ଘଡ଼ି ସହ ବର୍ଷା ପବନ ସମ୍ଭାବନା ରହିଛି। ୧୬ ତାରିଖରେ ଅଧିକ ରହିବ ଝଡ଼ବର୍ଷାର ପ୍ରଭାବ। ଏଥିପାଇଁ ଉତ୍ତର ଓ ଉପକୂଳ ଓଡ଼ିଶାର ୧୦ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି।

## ରଶ୍ମି ସ୍ୱାଇଁ ଓୟୁଏସ୍ଏସ୍ଏସ୍ସି ...

ନିଯୁକ୍ତି ପ୍ରକ୍ରିୟାକୁ ରୂପରେଖ ପ୍ରଦାନ କରିବା ସହ ସେମାନଙ୍କର ସେବା ସର୍ତ୍ତାବଳୀକୁ ବ୍ୟାଖ୍ୟା କରିଛି। ପୂର୍ବରୁ ଓଡ଼ିଶା ସାଧାରଣ ପ୍ରଶାସନ ଏବଂ ସାଧାରଣ ଅଭିଯୋଗ ବିଭାଗ ଦ୍ୱାରା ଅଧିସୂଚିତ ଓୟୁଏସ୍ଏସ୍ଏସ୍ସି ନିୟମ, ୨୦୨୫, ୟୁନିଫର୍ମଡ୍ ସେବା ପାଇଁ ନିଯୁକ୍ତି ପରୀକ୍ଷା ପରିଚାଳନା ପାଇଁ ଢାଞ୍ଚା ପ୍ରସ୍ତୁତ କରିଥିଲା। ବିଧାନ ଅନୁଯାୟୀ, ଓୟୁଏସ୍ଏସ୍ଏସ୍ସିରେ ରାଜ୍ୟ ସରକାରଙ୍କ ଦ୍ୱାରା ନିଯୁକ୍ତ ଜଣେ ଅଧ୍ୟକ୍ଷ ଏବଂ ଦୁଇଜଣ ସଦସ୍ୟ ରହିବେ। ୧୯୯୧ ବ୍ୟାଚ୍ର ଶ୍ରୀ ସ୍ୱାଇଁ ରାଉରକେଲାର ବାସିନ୍ଦା ହୋଇଥିବା ବେଳେ ସେ ୨୦୨୩ ମସିହାରେ ଜମ୍ମୁ କାଶ୍ମୀର ଡିଜିପି ଭାବେ କାର୍ଯ୍ୟଭାର ଗ୍ରହଣ କରିଥିଲେ। ୧୯୯୧ ବ୍ୟାଚର ଓଡ଼ିଶା କ୍ୟାଡର ଆଇପିଏସ୍ ଶ୍ରୀ ସ୍ୱାଇଁ ୨୦୨୪ରେ ଅବସର ନେଇଥିଲେ। ଶ୍ରୀ ସ୍ୱାଇଁ ଜାମ୍ମୁ, ଶ୍ରୀନଗର, ଲେହ, ପୁଞ୍ଚ ଏବଂ ରାମବାନ ଜିଲ୍ଲାରେ ଏସଏସପି ଭାବରେ କାର୍ଯ୍ୟ କରି ଦେଶରେ ଚର୍ଚ୍ଚିତ ଚେହେରା ହୋଇଥିଲେ। ଶ୍ରୀ ସ୍ୱାଇଁ ଆତଙ୍କବାଦ ବିରୋଧରେ ତାଙ୍କର କଠୋର ଆଭିମୁଖ୍ୟ ପାଇଁ ଜଣାଶୁଣା ଏବଂ ଜାମ୍ମୁ କାଶ୍ମୀରରେ ଆତଙ୍କୀ ପାଣ୍ଠି ନେଟୱାର୍କ ହ୍ରାସ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ।

## ତହସିଲଦାରଙ୍କ ଗାଡ଼ି ଭାଙ୍ଗିଲେ ...

ପୁଲିସ କର୍ମଚାରୀଙ୍କ ଉପରେ ଅତର୍କିତ ଆକ୍ରମଣ କରିଥିଲେ। ଯାହା ଫଳରେ ୯ରୁ ଊର୍ଦ୍ଧ୍ୱ କର୍ମଚାରୀ ଆହତ ହୋଇଥିବା ବେଳେ ଦୁଇଜଣଙ୍କ ଅବସ୍ଥା ଗୁରୁତର ରହିଛି। ସେମାନଙ୍କୁ ବାରିପଦା ପିଆରଏମ୍ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଜିଲ୍ଲାପାଳ ଓ ଏସ୍ପି ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତି ନିୟନ୍ତ୍ରଣ କରିବାକୁ ପ୍ରୟାସ କରିଥିଲେ।

# ଗ୍ୟାସ୍ ପାଇଁ ଲମ୍ବା ଲାଇନ୍, ବ୍ୟସ୍ତ ନହେବାକୁ ପ୍ରଶାସନର ଆଶ୍ୱାସନା

**ନବରଙ୍ଗପୁର,୧୩।୩/ଏନ୍ଏନ୍ଏସ୍:** ମଧ୍ୟପ୍ରାଚ୍ୟରେ ଚାଲିଥିବା ଯୁଦ୍ଧର ପ୍ରଭାବ ଏବେ ଧୀରେ ଧୀରେ ସାଧାରଣ ଲୋକଙ୍କ ଦୈନନ୍ଦିନ ଜୀବନ ଉପରେ ପଡୁଛି। ବିଶେଷକରି ଏହାର ସିଧା ପ୍ରଭାବ ଏବେ ରନ୍ଧାଶାଳ ଉପରେ ପଡ଼ିଥିବା ଦେଖାଯାଉଛି। ରନ୍ଧା ଗ୍ୟାସ୍ ଯୋଗାଣ ବ୍ୟବସ୍ଥା ପ୍ରଭାବିତ ହୋଇଥିବା ନେଇ ବିଭିନ୍ନ ସ୍ଥାନରୁ ଅଭିଯୋଗ ଆସୁଛି। ଏହିକ୍ରମେ ନବରଙ୍ଗପୁର ଜିଲ୍ଲା ଗ୍ୟାସ୍ ଗୋଦାମ୍‌ମାନଙ୍କରେ ଲମ୍ବା ଲାଇନ୍ ଦେଖିବାକୁ ମିଳିଛି। ଗ୍ୟାସ୍ ବୁକିଂକୁ ନେଇ ମଧ୍ୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ଅନ୍ୟପଟେ ଜିଲ୍ଲା ପ୍ରଶାସନ ଏକ ଜରୁରୀ ବୈଠକ କରି ଜିଲ୍ଲାରେ କୌଣସି ପ୍ରକାର ଗ୍ୟାସ୍ କିମ୍ବା ପେଟ୍ରୋଲ୍ ଡିଜେଲ୍ର ଅଭାବ ନଥିବା ଯୋଗାଣ ଅଧିକାରୀ କହିଛନ୍ତି। ଗ୍ୟାସ୍ ସରିବାର ଆଶଙ୍କା କରି ହିତାଧିକାରୀମାନେ ପୂର୍ବରୁ ନେବାକୁ ଆସି ଲମ୍ବା ଲାଇନ୍ କରୁଥିବେ ବୋଲି ଯୋଗାଣ ଅଧିକାରୀ କହିଛନ୍ତି।

ଇତିମଧ୍ୟରେ ଅନଲାଇନ୍ ଗ୍ୟାସ୍ ବୁକିଂ ପୋର୍ଟାଲ୍ ଠିକ୍ ଭାବେ ଖୋଲୁନଥିବା ଅଭିଯୋଗ ହେଉଥିବାବେଳେ ଅନେକ ଖାଉଟି ବାଧ୍ୟହୋଇ ସିଧାସଳଖ ଗ୍ୟାସ୍



ଏଜେନ୍ସିକୁ ଯାଇ ବୁକିଂ କରୁଛନ୍ତି। ଫଳରେ ଏଜେନ୍ସିରେ ଲମ୍ବା ଲାଇନ୍ ଦେଖିବାକୁ ମିଳୁଛି। ବୁକିଂ କରିବାର ପ୍ରାୟ ୨୫ ଦିନ ପରେ ଗ୍ୟାସ୍ ମିଳିବ ବୋଲି ଏଜେନ୍ସି ପକ୍ଷରୁ କୁହାଯାଉଥିବା ନେଇ ଖାଉଟି ପ୍ରକାଶ କରିଛନ୍ତି। ଫଳରେ ରନ୍ଧା ଗ୍ୟାସ୍ ନଥିବାରୁ ଅନେକ ପରିବାର ଦୈନନ୍ଦିନ ଜୀବନରେ ହଇରାଣ ହେଉଛନ୍ତି। ତେଣୁ ଶୀଘ୍ର ଗ୍ୟାସ୍ ଯୋଗାଣ ବ୍ୟବସ୍ଥା ସୁଧାର କରାଯିବା ଜରୁରୀ ହୋଇପଡୁଛି। ଅନ୍ୟପଟେ ଜିଲ୍ଲାରେ ଯଥେଷ୍ଟ ଗ୍ୟାସ୍ ଥିବାରୁ କୌଣସି ପ୍ରକାର ବ୍ୟତିବ୍ୟସ୍ତ ନ ହେବାକୁ ସାଧାରଣ ଜନତାଙ୍କୁ ବିଭାଗ ପକ୍ଷରୁ କୁହାଯାଇଛି।

### ବିନା ଗ୍ରାମସଭା ଅନୁମତିରେ ଖଣି ଲିଜ୍

## ରାଜ୍ୟସଭାରେ ପ୍ରସଙ୍ଗ ଉଠାଇଲେ ସାଂସଦ

**ଟିଟିଲାଗଡ଼,୧୩।୩/ଏନ୍ଏନ୍ଏସ୍:** ସଂସଦର ଚଳିତ ଅଧିବେଶନରେ ରାଜ୍ୟସଭା ସାଂସଦ ନିରଞ୍ଜନ ବିଶି ଓଡ଼ିଶାରେ ଗ୍ରାମସଭାର ବିନା ଅନୁମତିରେ ଗ୍ରାଫାଇଟ୍-ମାଙ୍ଗାନିଜ ଖନନ ବ୍ଲକ୍ ଗୁଡ଼ିକର ଲିଜ୍ ଏବଂ ନିଲାମ୍ ପ୍ରସଙ୍ଗ ରାଜ୍ୟସଭାରେ ଉଠାଇଛନ୍ତି। ସାଂସଦ ବିଶି କହିଛନ୍ତି ଯେ ଓଡ଼ିଶା ଭାରତର ତୃତୀୟ ବୃହତ୍ତମ ଆଦିବାସୀ ବହୁଳ ରାଜ୍ୟ। ଯେଉଁଠାରେ ପ୍ରାୟ ଏକ କୋଟି ଆଦିବାସୀ ବାସ କରନ୍ତି ଯାହା ରାଜ୍ୟର ମୋଟ୍ ଜନସଂଖ୍ୟାର ପ୍ରାୟ ୨୫ ପ୍ରତିଶତ। ଆଦିବାସୀ ଅଞ୍ଚଳରେ ଜଳ, ଜଙ୍ଗଲ ଓ ଜମି ସହିତ ପ୍ରାକୃତିକ ପରିବେଶ ଦୀର୍ଘ ସମୟ ଧରି ସଂରକ୍ଷିତ ରହିଛି ଏବଂ ପାହାଡ଼ ଓ ଡଙ୍ଗର ଅଞ୍ଚଳରେ ଖଣିଜ ସମ୍ପଦ ମଧ୍ୟ ସୁରକ୍ଷିତ ରହିଛି। ଆଦିବାସୀ ସମ୍ପ୍ରଦାୟ ମୋଗଲ୍ ଏବଂ ଇଂରେଜଙ୍କ ସମୟରେ ମଧ୍ୟ ନିଜ ଜଙ୍ଗଲ ଏବଂ ପ୍ରାକୃତିକ ସମ୍ବଳର ରକ୍ଷା ପାଇଁ ସଂଘର୍ଷ କରିଥିଲେ। ବର୍ତ୍ତମାନ ବଲାଙ୍ଗୀର ଜିଲ୍ଲାରେ ଗ୍ରାଫାଇଟ୍-ମାଙ୍ଗାନିଜ୍ ଖନନ ସାଲେପାଲି ଗ୍ରାଫାଇଟ୍, ଲରମ୍ବା ଗ୍ରାଫାଇଟ୍-ମାଙ୍ଗାନିଜ୍, କନେଇତାଲ ଗ୍ରାଫାଇଟ୍-ମାଙ୍ଗାନିଜ୍, ଭରତବହାଲ ଗ୍ରାଫାଇଟ୍, ବବଜା ଗ୍ରାଫାଇଟ୍-ମାଙ୍ଗାନିଜ୍ ଓ ବିଅରପାଲି ଗ୍ରାଫାଇଟ୍-ମାଙ୍ଗାନିଜ୍ ବ୍ଲକ୍‌କୁ ୨୦୨୩ରୁ ୨୦୨୬ ମଧ୍ୟରେ ୬ଟି



**ପ୍ରସ୍ତାବିତ ଖନନ ପଟ୍ଟାକୁ ତୁରନ୍ତ ବାତିଲ୍ କରିବାକୁ ଅନୁରୋଧ**

କମ୍ପାନୀକୁ ଖନନ ବିଭାଗ ଦ୍ୱାରା ଲିଜ୍ ଦିଆଯିବା କଥା। କିନ୍ତୁ ଏହି ଖନନ ଯୋଗୁ ପ୍ରାୟ ୧୦ ହଜାର ଏକର ପ୍ରାକୃତିକ ଜଙ୍ଗଲ ନଷ୍ଟ ହୋଇପାରେ ଯଦ୍ୱାରା ଆଦିବାସୀ ସମ୍ପ୍ରଦାୟର ଜୀବିକା ଉପରେ ଗମ୍ଭୀର ପ୍ରଭାବ ପଡ଼ିବ। ସେ ଏହା ମଧ୍ୟ ଅଭିଯୋଗ କରିଛନ୍ତି ଯେ ଖନନ ଲିଜ୍ ଏବଂ ନିଲାମ୍ ପୂର୍ବରୁ ଗ୍ରାମସଭା କିମ୍ବା ପଲ୍ଲୀସଭାର ଅନୁମତି ନିଆଯାଇ ନାହିଁ କି ଜନଶୁଣାଣି ମାଧ୍ୟମରେ ସ୍ଥାନୀୟ ଲୋକଙ୍କ ସମ୍ମତି ଗ୍ରହଣ କରାଯାଇ ନାହିଁ। ଏହି ପ୍ରକଳ୍ପ ଦ୍ୱାରା ୧୦୦ରୁ ଅଧିକ ଗାଁ ପ୍ରଭାବିତ ହେବାକୁ ଥିବାବେଳେ କୌଣସି ଗାଁରେ ଗ୍ରାମସଭା ଆୟୋଜିତ କରାଯାଇ ନାହିଁ।

ଶ୍ରୀ ବିଶିଙ୍କ କହିବାନୁଯାୟୀ ଏହା ପେସା ଆଇନ ଏବଂ ବନ ଅଧିକାର ଅଧିନିୟମ ୨୦୦୬ର ସ୍ପଷ୍ଟ ଉଲ୍ଲଙ୍ଘନ। କାରଣ ଏହି ଆଇନ ଅନୁଯାୟୀ ଖନନ ଲିଜ୍, ଖନନ ନିଲାମ୍ ଓ ବନ ଭୂମିର ଉପଯୋଗ ପରିବର୍ତ୍ତନ ପୂର୍ବରୁ ଗ୍ରାମସଭାର ଅନୁମତି ବାଧ୍ୟତାମୂଳକ। ସାଂସଦ କହିଲେ ଯେ ପ୍ରସ୍ତାବିତ ଖନନ ପ୍ରକଳ୍ପ ଦ୍ୱାରା ମହାଦାଣିନୀ ଜଙ୍ଗଲ, ଅନ୍ଧାରୀ ଜଙ୍ଗଲ, ବରପୁଟା ଡୋଙ୍ଗର, ଡୁରଲାମାଲ-କାର୍ଲାମାଲ ଜଙ୍ଗଲ, ବୁଢ଼ା ଡଙ୍ଗର, କରଞ୍ଜ ଡଙ୍ଗର, କାଳୀ ଡଙ୍ଗର ଓ ଗନ୍ଧମାର୍ଦ୍ଦନ ପର୍ବତ ଶ୍ରେଣୀ ପ୍ରଭାବିତ ହୋଇପାରେ। ଏହାବ୍ୟତୀତ କୋରାପୁଟ ଏବଂ କଳାହାଣ୍ଡି ଜିଲ୍ଲାର ସିଜୋ ମାଳି, କୁଟୁରୁ ମାଳି, ବାଫଲି ମାଳି, ମାଳି ମାଳି, ଖଣ୍ଡୁଆଳ ମାଳି ଓ କୋଡ଼ିଙ୍ଗା ମାଳି ପର୍ବତ ମଧ୍ୟ ଖନନ ପଟ୍ଟା ଦିଆଯିବା ଆଶଙ୍କା ପ୍ରକାଶ କରିଛନ୍ତି। ଶେଷରେ ସାଂସଦ ବିଶି ସରକାର ଜନହିତ ଏବଂ ପରିବେଶ ସଂରକ୍ଷଣକୁ ଦୃଷ୍ଟିରେ ରଖି ଏହି ପ୍ରସ୍ତାବିତ ଖନନ ପଟ୍ଟାକୁ ତୁରନ୍ତ ବାତିଲ୍ କରିବା ପାଇଁ ଅନୁରୋଧ କରିଥିଲେ।

## ଖପ୍ରାଖୋଲ ଓ ପାଟଣାଗଡ଼ ଜଙ୍ଗଲରେ ନିଆଁ

### ବନ ବିଭାଗ ନାକେଦମ୍



**ପାଟଣାଗଡ଼,୧୩।୩/ଏନ୍ଏନ୍ଏସ୍:** ଖପ୍ରାଖୋଲ ବ୍ଲକ୍ ଅଞ୍ଚଳରେ ଥିବା ସଂରକ୍ଷିତ ତଥା ବିଭିନ୍ନ ଜଙ୍ଗଲରେ ନିଆଁ ଲାଗିଥିବା ଦେଖିବାକୁ ମିଳିଛି। ଖବରପାଇ ବନ ବିଭାଗ, ବନ କର୍ମଚାରୀ ଓ ଫାୟାର୍ ସ୍କ୍ୱାର୍ଡ ମିଳିତଭାବେ ନିଆଁକୁ ଆୟତ୍ତ କରିଥିଲେ। ହେଲେ ଗୋଟିଏପଟେ ନିଆଁ ଲିଭାଇବାକୁ ଚେଷ୍ଟା ଜାରି ରହିଥିବାବେଳେ ଅନ୍ୟପଟେ ଲାଗୁଥିବାରୁ ବନ ବିଭାଗ ନାକେଦମ୍ ହେଉଥିବା ଦେଖାଯାଇଛି। ଗନ୍ଧମାର୍ଦ୍ଦନ, ଠୁଟା, ବାରପଟା, ଚାନ୍ଦିଲି, ଧଜାଗରା, ବାଙ୍କୋଡ଼ୋ ଓ ବେଦେର ଭଳି ସଂରକ୍ଷିତ ଜଙ୍ଗଲ ପାହାଡ଼ ଓ ଅନେକ ଛୋଟ ଜଙ୍ଗଲ ସହିତ ପାଟଣାଗଡ଼ରେ ଥିବା ବୁଥି କୁଡ଼ର, ପାଡ୍ରେଲ ଓ ଲରମ୍ବା ସହିତ ବିଭିନ୍ନ ଜଙ୍ଗଲରେ ମଧ୍ୟ ନିଆଁ ଲାଗୁଛି। ଫଳରେ ଅନେକ ଔଷଧୀୟ ବୃକ୍ଷ, ଗୁଳ୍ମଲତା ଓ ଛୋଟ ଗଛ ପୋଡ଼ି ପାଉଁଶ ହେଉଥିବାବେଳେ ଅନେକ ପଶୁପକ୍ଷୀଙ୍କ ଜୀବନ ପାଇଁ ମଧ୍ୟ ବିପଦ ସୃଷ୍ଟି ହେଉଛି। ବାଧ୍ୟହୋଇ ଜୀବଜନ୍ତୁମାନେ ଜଙ୍ଗଲ ଛାଡ଼ି ସହର ମୁହାଁ ହେଉଛନ୍ତି। ସେଥିପାଇଁ ବନ ବିଭାଗ ପକ୍ଷରୁ ତୁରନ୍ତ ଜନସଚେତନତା ସୃଷ୍ଟି ସହ ଫାୟାର୍ ସ୍କ୍ୱାର୍ଡ ସଂଖ୍ୟା ବୃଦ୍ଧି କରିବାକୁ ଦାବି ହେଉଛି। ଏନେଇ ଖପ୍ରାଖୋଲ ବନପାଳ ସୁଧୀର କୁମାର ଜେନାଙ୍କୁ ପଚାରିବାରୁ ଜଙ୍ଗଲ ନିଆଁ ଆୟତ୍ତ ପାଇଁ ଦିନରାତି ପ୍ରୟାସ ଜାରି ରଖିଛୁ ବୋଲି କହିଛନ୍ତି। ସ୍ଥାନୀୟ ସଚେତନ ନାଗରିକଙ୍କ ସୂଚନା ସହ ବିଭାଗୀୟ ଆପ୍ ସହଯୋଗରେ ନିଆଁ ଲାଗିଥିବା ସ୍ଥାନରେ ପହଞ୍ଚି ପାରୁଛୁ ଓ ତଥ୍ୟ ପାଉଛୁ ବୋଲି ଶ୍ରୀ ଜେନା କହିଛନ୍ତି। ଅନ୍ୟପଟେ ନିଆଁ ଲଗାଉଥିବା ବ୍ୟକ୍ତିଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପରିବେଶବିତ୍‌ମାନେ ଅଭିଯୋଗ କରିଛନ୍ତି।

## ବନ୍ଧୁକ ମୁନରେ ପୂର୍ତ୍ତ ବିଭାଗ କର୍ମଚାରୀଙ୍କ ଘରୁ ଲୁଟ୍

**ରାୟଗଡ଼ା,୧୩।୩/ଏନ୍ଏନ୍ଏସ୍:** ରାୟଗଡ଼ା ଜିଲ୍ଲାରେ ଏବେ ଚୋର, ଲୁଟେରା ଓ ଡକାୟତିଙ୍କ ପ୍ରାଦୁର୍ଭାବ ବଢ଼ିବାରେ ଲାଗିଛି। ସହରରେ ଚୋର ସକ୍ରିୟ ଥିବାବେଳେ ପୁଲିସ୍ ନିଷ୍କ୍ରିୟ ହୋଇପଡ଼ିଥିବାରୁ ସହରବାସୀ ନିଜକୁ ଅସୁରକ୍ଷିତ ମନେ କରୁଛନ୍ତି। ଏହିକ୍ରମେ ଶୁକ୍ରବାର ରାୟଗଡ଼ା ସହରରେ ଦୁଇଟି ଚୋରି ଘଟଣା ନେଇ ରାୟଗଡ଼ା ଥାନାରେ ଅଭିଯୋଗ ଦାୟର୍ ହୋଇଛି। ତେବେ ଫାୟାର୍ ଷ୍ଟେସନ୍ ନିକଟରେ ରହୁଥିବା ପୂର୍ତ୍ତ ବିଭାଗ କର୍ମଚାରୀ ବସନ୍ତ କୁମାର ମିଶ୍ର ଆକ୍ରମଣ ଓ ଲୁଟ୍‌ର ଶିକାର ହୋଇଥିବା ଜଣାପଡ଼ିଛି। ବସନ୍ତ ବୁଧବାର ରାତିରେ ଘରେ ଏକୁଟିଆ ଥିବାବେଳେ ୪ରୁ ୫ ଜଣ ଯୁବକ ହାତରେ ବନ୍ଧୁକ ଓ ଛୁରୀ ଧରି ଜୋର୍ ଜବରଦସ୍ତି ଘରେ ପଶିଥିଲେ। ରାତି ୧୧ଟାରେ ଘରେ ପଶି ସକାଳ ୫ଟା ପର୍ଯ୍ୟନ୍ତ ଦୁର୍ବୃତ୍ତମାନେ ବସନ୍ତଙ୍କୁ ମାରପିଟ୍ କରିଥିଲେ। ସେମାନେ ତାଙ୍କଠାରୁ ସୁନା ଚେନ୍, ମୁଦି ଓ ଆସବାପତ୍ର ଲୁଟି ନେଇଥିବା ବସନ୍ତ କହିଛନ୍ତି। ଏପରକି ଦୁର୍ବୃତ୍ତମାନେ ତାଙ୍କ ବ୍ୟାଙ୍କ ଆକାଉଣ୍ଟର ଟଙ୍କା ଉଠାଣ ଫର୍ମ ସନ୍ତକ କରି ନେଇଥିଲେ। ବନ୍ଧୁକ ମୁନରେ ଦୁର୍ବୃତ୍ତମାନେ ତାଙ୍କ ଫୋନ୍ ପେ’ ଆକାଉଣ୍ଟରୁ ୧୧ ହଜାର ଟଙ୍କା ନେଇଯାଇଛନ୍ତି। ଶୁକ୍ରବାର ସକାଳେ ବାହାର ପଟୁ କବାଟ ବନ୍ଦ କରି ଦୁର୍ବୃତ୍ତମାନେ ଚାଲି ଯାଇଥିଲେ। ପରେ ବସନ୍ତ ପାଟି କରିବାରୁ ପଡ଼ୋଶୀ ତାଙ୍କୁ ଉଦ୍ଧାର କରି ଡିଏଚ୍ଏଚ୍‌କୁ ଚିକିତ୍ସା ପାଇଁ ଆଣିଥିଲେ। ଦୁର୍ବୃତ୍ତମାନେ ପୁଲିସ୍ କିମ୍ବା କାହାକୁ ଖବର ଦେଲେ ହତ୍ୟା କରିବୁ ବୋଲି ଧମକ ଦେଇଥିବା ବସନ୍ତ ପ୍ରକାଶ କରିଛନ୍ତି। ରାୟଗଡ଼ା ପୁଲିସ ଖବରପାଇ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରୁଛି।



## ମା’ ମଝିଘରିଆଣୀଙ୍କ ଚୈତ୍ର ଯାତ୍ରା ପାଇଁ ଶୁଭଖୁଣ୍ଟି ସ୍ଥାପନ

**ରାୟଗଡ଼ା,୧୩।୩/ଏନ୍ଏନ୍ଏସ୍:** ରାୟଗଡ଼ାର ଅଧିଷ୍ଠାତ୍ରୀ ଦେବୀ ମା’ ମଝିଘରିଆଣୀଙ୍କ ଚୈତ୍ର ଯାତ୍ରା ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି। ମାର୍ଚ୍ଚ ୨୯ରୁ ଏପ୍ରିଲ୍ ୨ ତାରିଖ ଯାଏଁ ଏହି ଯାତ୍ରା ଅନୁଷ୍ଠିତ ହେବ। ଏନେଇ ଶୁକ୍ରବାର ମନ୍ଦିର ପରିସରରେ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା ପରେ ଚୈତ୍ର ଯାତ୍ରା ନିମନ୍ତେ ଶୁଭଖୁଣ୍ଟି ସ୍ଥାପିତ ହୋଇଛି। ୨୯ ତାରିଖ ମା’ଙ୍କ ପାଦ ଉଠାଣ, ଘଟ ସ୍ଥାପନ, ସୂର୍ଯ୍ୟପୂଜା, ଶାଳାପୂଜା, ଚଣ୍ଡୀପାଠ ଓ ଷୋଡ଼ଶ ଉପଚାର ପୂଜା ଆଦି ଅନୁଷ୍ଠିତ ହେବ। ୩୦ରୁ ୨ ତାରିଖ ଯାଏଁ ପ୍ରତିଦିନ ମା’ଙ୍କ ସୂର୍ଯ୍ୟପୂଜା, ଶାଳାପୂଜା, ଚଣ୍ଡୀପାଠ, ଷୋଡ଼ଶ ଉପଚାର ପୂଜା, ଚଣ୍ଡୀପାଠ, ମୁଖ୍ୟଦେବୀଙ୍କ ମହାସ୍ନାନ ଓ ଷୋଡ଼ଶ ଉପଚାର ପୂଜା ଅନୁଷ୍ଠିତ ହେବ। ୨ ତାରିଖ ମା’ଙ୍କ ଝାମୁଯାତ୍ରା ପାଇଁ ଅଗ୍ନି ସଂଯୋଗ, କଣ୍ଟଦୋଳି ଝୁଲଣ ଓ ଅଗ୍ନି ଗମନାଗମନ କାର୍ଯ୍ୟକ୍ରମ ରହିଛି। ମନ୍ଦିରର ପୂଜକ ଚନ୍ଦ୍ର ପୂଜାରୀ ଓ ରାଜପୁରୋହିତ





ବିରଞ୍ଚି ଦାଶଙ୍କ ତତ୍ତ୍ୱାବଧାନରେ ପୂଜାକାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ମନ୍ଦିର ଟ୍ରଷ୍ଟ ବୋର୍ଡର ଅଧ୍ୟକ୍ଷ ରାଇସିଂ ବିଡ଼ିକି, ଟ୍ରଷ୍ଟି ସଦସ୍ୟ ଇପିଲି ରାଜୁ, ପି ବାସୁ, ଦେବ ବେହେରା, ବାବୁ ଦଳେଇ, ଶ୍ରୀନିବାସ ରାଓ, ମାଙ୍ଗା ହୁଇକା, ଅଫିସ୍ ସୁପରିଟେଣ୍ଡେଣ୍ଟ ଜାନକି ବଲ୍ଲଭ ମହାନ୍ତି ଓ ଭେଙ୍କେଟ ରାଓ ପ୍ରମୁଖ ଶୁଭଖୁଣ୍ଟି ସ୍ଥାପନ ସମୟରେ ଉପସ୍ଥିତ ଥିଲେ।

## ହର୍ମୁଜ୍‌ରେ ଦୁଇ ଗ୍ୟାସ୍ ...

ହୋଇଯିବ। ତାଙ୍କର ଏପରି କହିବାର କିଛି ଘଣ୍ଟା ମଧ୍ୟରେ ଇରାନ୍ ଦୁଇଟି ଭାରତୀୟ ଗ୍ୟାସ୍ ବୋଝେଇ ଟ୍ୟାଙ୍କରକୁ ହର୍ମୁଜ୍ ପ୍ରଣାଳୀ ଦେଇ ଯିବାକୁ ଅନୁମତି ଦେବ ବୋଲି ସମ୍ବାଦ ହସ୍ତଗତ ହୋଇଛି। ମଧ୍ୟପ୍ରାଚ୍ୟ ଯୁଦ୍ଧ ଆଜି ୧୪ତମ ଦିନରେ ପହଞ୍ଚିଥିବା ବେଳେ ବିଶ୍ୱବ୍ୟାପୀ ଇନ୍ଧନଜନିତ ଭୟଙ୍କର ଦୁରାବସ୍ଥା ସୃଷ୍ଟି ହୋଇଛି, ଯେଉଁଥିରେ ଭାରତ ମଧ୍ୟ ଗୁରୁତର ଭାବେ ପ୍ରଭାବିତ ହୋଇଛି। ତେବେ ଇରାନ୍ କିନ୍ତୁ ଭାରତ ପାଇଁ ହରମୁଜ୍ ପ୍ରଣାଳୀକୁ ଉନ୍ମୁକ୍ତ କରିବ ବୋଲି ସ୍ପଷ୍ଟ କରିବା ଦ୍ୱାରା ଏବେ ରନ୍ଧନ ଗ୍ୟାସ ତଥା ତୈଳ ସଂକଟ ଦୂର ହେବ ବୋଲି ଆଶା ସଂଚାର ହୋଇଛି। ଇରାନ୍‌ର ପରାଜୟ ନିଶ୍ଚିତ, କିନ୍ତୁ ଆଉ କିଛି ଦିନର ସମୟ ଲାଗିପାରେ: ଟ୍ରମ୍ପ୍ ଯୁଦ୍ଧ ଆରମ୍ଭ ହେବାର ୨/୩ ପରେ ପରେ ହିଁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଦାବି କରିଆସୁଛନ୍ତି ଯେ, ସେ ଖୁବଶୀଘ୍ର ଇରାନ୍‌କୁ ପରାସ୍ତ କରିବା ସହ ଯୁଦ୍ଧକୁ ଶେଷ କରିଦେବେ। କିନ୍ତୁ ଇରାନ୍‌ର ଶକ୍ତିଶାଳୀ ପାଲଟା ଜବାବରେ ଆମେରିକା ହିଁ ମାତ୍ରାଧିକ କ୍ଷତିଗ୍ରସ୍ତ ହୋଇପଡିଥିବା ଜଣାପଡିଛି। ଏହାରି ମଧ୍ୟରେ ଟ୍ରମ୍ପ୍ ମଧ୍ୟ ନିଜ ସ୍ୱର ବଦଳାଇଛନ୍ତି। ଟ୍ରମ୍ପ୍ କହିଛନ୍ତି ଯେ ଇରାନର ସରକାର ପତନ ନିଶ୍ଚିତ ହେବ, କିନ୍ତୁ ଏଥିପାଇଁ ଆଉ କିଛି ଦିନ ସମୟ ଲାଗିବ। ଟ୍ରମ୍ପ୍‌ଙ୍କ ଏପ୍ରକାର ବିବୃତିରୁ ସ୍ପଷ୍ଟ ହୋଇଛି ଯେ, ଉଭୟ ଆମେରିକା ଏବଂ ଇସ୍ରାଏଲ୍ ଇରାନ୍‌କୁ ହାଲ୍‌କାରେ ନେଇଥିଲେ ଏବଂ ଇରାନ୍‌ର ଶକ୍ତିକୁ ଯୁଦ୍ଧ ପୂର୍ବରୁ ସଠିକ୍ ଆକଳନ କରିପାରିନଥିଲେ।

**ଆମେ ଆମ ଶତ୍ରୁଙ୍କୁ ନିଆଁ ଏବଂ ଧ୍ୱଂସାବଶେଷ ତଳେ ପୋତି ଦେବୁ: ଇରାନ୍**

**ଆମେରିକାର ଯୁଦ୍ଧଜାହାଜ ଆବ୍ରାହମ୍ ଲିଙ୍କନ୍ ଉପରେ ଡ୍ରୋନ୍ ଏବଂ କ୍ଷେପଣାସ୍ତ୍ର ମାଡ଼**

ଇରାନ ସେନା ଆଇଆର୍‌ଜିସି କହିଛି ଯେ, ଆମେ ଆମ ଶତ୍ରୁଙ୍କୁ ନିଆଁ ଏବଂ ଧ୍ୱଂସାବଶେଷ ତଳେ ପୋତି ଦେବୁ। ଆମେରିକା ଏବଂ ଇସ୍ରାଏଲ୍ ଆମ ଉପରେ ଆକ୍ରମଣ କରି ଶତାବ୍ଦୀର ସବୁଠୁ ବଡ଼ ଭୁଲ୍ କରିଛନ୍ତି। ସେମାନେ ଆମ ବିରୋଧରେ ରୋରିଂ ଲାୟନ୍ ଏବଂ ଏପିକ୍ ଫ୍ୟୁରି ନାମରେ ସାମରିକ ଅଭିଯାନ ଚଳାଇଛନ୍ତି। ଆମେ କିନ୍ତୁ ଅପରେସନ୍ “ଟ୍ରୁ ପ୍ରୋମିଜ୍-୪”ର ଅଂଶ ଭାବରେ ସେମାନଙ୍କୁ ବରବାଦ କରିବାକୁ ସଂକଳ୍ପବଦ୍ଧ। ଆଇଆର୍‌ଜିସି ଉଲ୍ଲେଖ କରିଛି ଆମେରିକା ଏବଂ ଇସ୍ରାଏଲୀ ଲକ୍ଷ୍ୟସ୍ଥଳ ଉପରେ କ୍ଷେପଣାସ୍ତ୍ର ଏବଂ ଡ୍ରୋନ୍ ଆକ୍ରମଣ ଜାରି ରହିଛି। ଖୋରମଶହର କ୍ଷେପଣାସ୍ତ୍ର (୨ ଟନ୍ ଯୁଦ୍ଧାସ୍ତ୍ର ସହିତ), କାଦର କ୍ଲଷ୍ଟର ଯୁଦ୍ଧାସ୍ତ୍ର କ୍ଷେପଣାସ୍ତ୍ର, ଇମାଦ ଏବଂ ଖାୟବର ଶିକାନ କ୍ଷେପଣାସ୍ତ୍ର ସହିତ ଅନେକ ଡ୍ରୋନ ଆକ୍ରମଣରେ ବ୍ୟବହାର କରାଯାଇଥିଲା। ଆମେରିକାର ପଞ୍ଚମ ନୌବାହିନୀ, ଏହି ଅଞ୍ଚଳରେ ଥିବା ଆମେରିକୀୟ ସାମରିକ ଘାଟି ଏବଂ ଇସ୍ରାଏଲୀ ଲକ୍ଷ୍ୟସ୍ଥଳକୁ ଟାର୍ଗେଟ୍ କରାଯାଇଥିଲା। ଏତଦ୍‌ବ୍ୟତୀତ ଇରାନର ସାମୁଦ୍ରିକ ସୀମାର ୩୪୦ କିମି ଦୂରରେ ଥିବା ଆମେରିକା ବିମାନ ବାହକ ଯୁଦ୍ଧ ଜାହାଜ ଆବ୍ରାହମ ଲିଙ୍କନ୍ ଉପରେ ମଧ୍ୟ କ୍ଷେପଣାସ୍ତ୍ର ଓ ଡ୍ରୋନ୍ ଆକ୍ରମଣ କରିଥିବା ଇରାନ ସେନା ଦାବି କରିଛି। ଏହି ଆକ୍ରମଣରେ ଆବ୍ରାହମ ଲିଙ୍କନ କ୍ଷତିଗ୍ରସ୍ତ ହେବା ସହିତ ମଧ୍ୟପ୍ରାଚ୍ୟ ଜଳରାଶିରୁ ଫେରିଯିବାକୁ ବାଧ୍ୟ ହୋଇଛି ବୋଲି ଇରାନ କହିଛି। ତେବେ ଆମେରିକା ଏହାକୁ ସ୍ପଷ୍ଟ କରିନାହିଁ। ଇରାନ ଦାବି କରିଛି ଯେ ଆକ୍ରମଣରେ ଉତ୍ତର ଇସ୍ରାଏଲୀ ଅଞ୍ଚଳର କିରିୟତ ଶମୋନା, ହାଦେରା ଏବଂ ହାଇଫାରେ ଥିବା ଲକ୍ଷ୍ୟସ୍ଥଳ ଧ୍ୱଂସ ପାଇଛି।

## ଭାରତ-ଆମେରିକା ବାଣିଜ୍ୟ ...

କରିଥିଲେ ଏବଂ ପୂର୍ବରୁ ଲଗାଇଥିବା ବର୍ଦ୍ଧିତ ଶୁଳ୍କ ସବୁକୁ ପ୍ରତ୍ୟାହାର କରିଥିଲେ ଏବଂ ଦ୍ୱିପାକ୍ଷିକ ବାଣିଜ୍ୟ ଶୁଳ୍କକୁ ୧୮ ପ୍ରତିଶତକୁ ହ୍ରାସ କରିଥିଲେ। ତେଣୁ ଚଳିତ ମାସରେ ଆମେରିକା ସହ ଏକ ଅନ୍ତରୀଣ ଚୁକ୍ତି ଓ ପରବର୍ତ୍ତୀ ସମୟରେ ପୂର୍ଣ୍ଣାଙ୍ଗ ରାଜିନାମା ସ୍ୱାକ୍ଷର କରିବାକୁ ଭାରତ ଆଶା ରଖିଥିଲା। କିନ୍ତୁ ଭାରତ ବିରୋଧରେ ଆମେରିକା ତଦନ୍ତ ଆରମ୍ଭ କରିବା ପରେ ସରକାର ଚୁକ୍ତିକୁ ନେଇ ନିଜ ମନ ବଦଳାଇଛନ୍ତି। ରାଜିନାମା ସ୍ୱାକ୍ଷରକୁ କିଛି ମାସ ଟାଳିଦେଇଛନ୍ତି।

## କୋମାରେ ମୋଜତବା ...

ଆକ୍ରମଣରେ ମୋଜତବା ଏତେମାତ୍ରାରେ ଗୁରୁତର ଆହତ ହୋଇଛନ୍ତି ଯେ, ତାଙ୍କର ଗୋଟିଏ ଗୋଡ ମଧ୍ୟ କାଟିବାକୁ ପଡିଛି। ସେହିପରି ତାଙ୍କ ଯକୃତ ମଧ୍ୟ ଗୁରୁତର ଭାବରେ କ୍ଷତିଗ୍ରସ୍ତ ହୋଇଛି। ଫେବୃଆରୀ ୨୮ ରେ ଆମେରିକା-ଇସ୍ରାଏଲ ଆକ୍ରମଣରେ ଆହତ ହେବା ପରେ ତାଙ୍କୁ ତେହେରାନର ସିନା ବିଶ୍ୱବିଦ୍ୟାଳୟ ହସ୍ପିଟାଲରେ ଭର୍ତ୍ତି କରାଯାଇଛି ଏବଂ ତାଙ୍କ ଅବସ୍ଥା ଅତ୍ୟନ୍ତ ସଙ୍କଟାପନ୍ନ ରହିଛି। ଫେବୃଆରୀ ୨୮ ତାରିଖରେ ଆୟତୁଲ୍ଲା ଅଲି ଖାମନେଇଙ୍କ ମୃତ୍ୟୁ ପରେ ତାଙ୍କ ପୁଅ ମୋଜତାବା ଖାମନେଇଙ୍କୁ ମାର୍ଚ୍ଚ ୯ ତାରିଖରେ ଦେଶର ନୂତନ ସର୍ବୋଚ୍ଚ ନେତା ଭାବରେ ନିଯୁକ୍ତ କରାଯାଇଥିଲା।

## ଆସନ୍ତା ଶିକ୍ଷା ବର୍ଷରୁ ଦିଆଯିବ ଶାରୀରିକ ଶିକ୍ଷା

**ଭୁବନେଶ୍ୱର,୧୩।୩/ଏନ୍ଏନ୍ଏସ୍:** ଜାତୀୟ ଶିକ୍ଷା ନୀତି ୨୦୨୦ ଅଧୀନରେ ତୃତୀୟରୁ ଅଷ୍ଟମ ଶ୍ରେଣୀ ପିଲାଙ୍କୁ ଶାରୀରିକ ଶିକ୍ଷା ଦିଆଯିବ। ଶୁକ୍ରବାର ବିଧାନସଭାରେ ଏହି ସୂଚନା ଦେଇଛନ୍ତି ସ୍କୁଲ୍ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ। ମନ୍ତ୍ରୀ କହିଛନ୍ତି ଯେ, କେମିତି ଛାତ୍ରଛାତ୍ରୀ ସୁସ୍ଥ ରହିବେ, ସେନେଇ ରାଜ୍ୟ ସରକାର ନୂଆ ନିୟମ ଆଣୁଛନ୍ତି। ଏବେ ଡିଜିଟାଲ୍ କ୍ଲାସରୁମ୍‌ରେ ଇ-କଣ୍ଟେଣ୍ଟ ଦ୍ୱାରା ଶିକ୍ଷା ଦିଆଯାଉଛି ବୋଲି ସେ ସ୍ପଷ୍ଟ କରିଛନ୍ତି।



ମାନବତା ପାଇଁ ଅହିଂସା ହିଁ ସବୁଠାରୁ ବଡ ଶକ୍ତି । ଏହା ମନୁଷ୍ୟ ଦ୍ୱାରା ପ୍ରସ୍ତୁତ ବିନାଶକାରୀ ହତିଆର ଠାରୁ ଅଧିକ ଶକ୍ତିଶାଳୀ ।
- ଗାନ୍ଧୀ ବାଣୀ

ନିତିଦିନ NITIDIN

## ପାଠ ବୋଝ ଲଦି ଦିଅନା



ଡକ୍ଟର ସୁନାମଣି ରାଉତ

ମନପବନ ଘୋଡ଼ାରେ ଚଢ଼ି
ଆମରି ମନ ଉଡ଼େ
ତିମିମାଛର ପିଠିରେ ବସି
ସାଗର ବୁକେ ବୁଡ଼େ ।
ପରିରାଇଜ କୁହୁକେ ଆମ
ମନଟି ଯାଏ ଭୁଲି
ପରଜାପତି-ମନଟି ଆମ
ଚଞ୍ଚଳ ଚୁଲୁବୁଲି ।
ମାନୁନା ଆମେ କାହାରି ବାଧା
ବନ୍ଧନ କଟକଣା
ମନଟି ଆମ ଅମଡ଼ା ମାଡ଼ି
ହୁଅଇ ବାଟବଣା ।
ବୁଝୁନା ଆମେ କାହାକୁ କିଏ
କେତେବା ଦେଲା- ନେଲା
ମନଟି ଆମ ସଫା ହୁଗୁଳା
ହାଲୁକା ଖୋଲା ମେଲା ।
ପାଠ ପଢ଼ାରେ ବିତୁଛି ଆମ
ସକାଳ-ସଞ୍ଜ-ରାତି
ଖୋଜିଲେ ଆଜି ମିଳନ୍ତି ନାହିଁ
ଖେଳକୁଦର ସାଥୀ ।
ଚୁଲୁବୁଲିଆ ମନଟି ଆମ
ମରୁଛି ପାଠ ବୋଝେ
ବିକଳ ହୋଇ ଖେଳିବା ପାଇଁ
ବେଳ ଟିକିଏ ଖୋଜେ ।
ଖେଳ- ରଙ୍କୁଣା ମନଟି ଆମ
ଖେଳକୁଦକୁ ବାଇ
ସୁବିଧା ଟିକେ ପାଇଲେ ଆମେ
ଖେଳକୁ ଯାଉ ଧାଇଁ ।
ମନରେ ଆମ ଲଦି ଦିଅନା
ପାଠ ବୋଝର ଚାପା
ଆମରି ମନ ବୁଝ ହେ ଆଜି
ଯେତେକ ମାଆବାପା ।

**ରାଜାବଗିଚା, କଟକ-୯**
**ମୋ: ୯୪୩୭୧୯୨୮୯୦**



# ବୁଢ଼ା ମଉସା





ଇଂ.ପ୍ରେମାନନ୍ଦ ନାୟକ

କେନାଲ କଡ଼େ କଡ଼େ ଲମ୍ବି ଯାଇଛି ପିଚୁ ସଡ଼କ । ହନୁମାନ ମନ୍ଦିରେ ପାଖାପାଖି ସଡ଼କ ଆଉ କେନାଲ ବନ୍ଧ ମଝିରେ ଥିଲା ଝଙ୍କାଳିଆ ବରଗଛଟିଏ । ବରଗଛର ସବୁ ଡାଳ ସଡ଼କ ଉପରେ ନଇଁ ପଡ଼ିଥିଲା । ଏତେ ଗହଳିଆ ପତ୍ର ଯେ, ସଡ଼କ ଉପରେ ଖରାପଡ଼େନି । ଅଳ୍ପ ଅସରାଏ ବର୍ଷା ହେଲେ ପାଣିଟୋପେ ପଡ଼େନି ।

ବରଗଛ କଡ଼ରେ ପଡ଼ିଥିଲା ଗୁଡ଼ାଏ ମାଙ୍କଡ଼ା ପଥର । ବୁଢ଼ାମଉସା ଜଣକ ସବୁଦିନ ତାଙ୍କର ଛେଳି, ମେଣ୍ଢାଙ୍କୁ ଅଡ଼େଇ ଆଣି ବରଗଛ କଡ଼ରେ ଛାଡ଼ିଦିଅନ୍ତି ଆଉ ମୁଣ୍ଡ ଉପରେ ଛତା ମେଲାଇ ମାଙ୍କଡ଼ା ପଥର ଉପରେ ବସନ୍ତି । ଯା' ଆସ କରୁଥିବା ଲୋକମାନେ ବୁଢ଼ାମଉସାଙ୍କୁ ଅନେଇ ମନେ ମନେ ହସନ୍ତି ଆଉ କହନ୍ତି ଏ ବୁଢ଼ାଟି ପୂରା ପାଗଳ । ଦେଖୁନ, ଗଛ ଛାଇରେ ଛତା ମେଲାଇ ବସିଛି ! ଏମିତି ପାଗଳ ପୁଣି ସଂସାରରେ ଅଛନ୍ତି !

ଦିନକର କଥା । ପିଲାଟିଏ ସେହି ବାଟେ ଯାଉଥିଲା । ବୁଢ଼ା ମଉସାଙ୍କୁ ଦେଖି ଅଟକି ଗଲା । ପଚାରିଲା- ବୁଢ଼ା ମଉସା ! ଗଛ ଛାଇରେ ବସି ଛତା ମେଲାଇ ବସିଛ ? ତମକୁ କ'ଣ ଖରା କାଟୁଚି ? ବୁଢ଼ା ମଉସା କିଛି କହିଲେ ନି । ପିଲାଟି କହିଲା- ଏ ବୁଢ଼ାଟା ବୋଧେ ମୁକ । ଏକଥା ଶୁଣି ବୁଢ଼ା ମଉସା ମୁରୁକି ହସିଦେଲେ ।

ତା' ପରଦିନ ସେହି ପିଲାଟି ପୁଣି ଆସିଲା । ପଚାରିଲା- ବୁଢ଼ା ମଉସା ! ଖରାତ ନାହିଁ, ବର୍ଷା ବି ପକଉନି । ତମେ ଛତା ଖୋଲି ବସିଚ କାହିଁକି । ତମ ମୁଣ୍ଡ ଠିକ୍ ନାହିଁକି ? ବୁଢ଼ା ମଉସା କହିଲେ- ମୋ' ମୁଣ୍ଡ ପୂରା ଠିକ୍ ଅଛି । ତମର ଦି'ଟା ଆଖି ଥାଇବି ତମେ ଅନ୍ଧ । ଏତେ ବଡ଼ ମୁଣ୍ଡ ପାଇଚ, ସେଥିରେ ଛୁଞ୍ଚି ମୂନରେ ମୂନେ ବୁଦ୍ଧି ନାହିଁ । ଆଜି ନହେଲେ କାଲି ଜାଣିବ, ମୁଁ କାହିଁକି ଛତା-ମେଲାଇ ବସିଚି ।

କିଛି ଦିନ ପରେ ସେହି ପିଲାଟି ପୁଣି ଆସିଲା । ମୁଣ୍ଡ ଫଟା ଖରା ହେଉଥିଲା । ବରଗଛ ମୂଳେ ଅଟକି ପାଣି ପିଇଲା । ପଚାରିଲା- କ'ଣ ମଉସା ବସିଚ ? ବୁଢ଼ା ମଉସା କହିଲେ- ଖାଲି ବସିନିରେ ବାପା, ମୋ ଛେଳି, ମେଣ୍ଢାଙ୍କ ଉପରେ ନଜର ରଖିଛି । ପିଲାଟି କହିଲା- ତମେ ତ ପାଗଳ ଭଳି ଜଣା ପଡୁଚ । ଛେଳି, ମେଣ୍ଢାଙ୍କ ଉପରେ ନଜର କ'ଣ ରଖିଚ ? ବୁଢ଼ା ମଉସା କହିଲେ- ହଁ ନଜର ରଖିଚି ତ !

ଏହି ସମୟରେ ବରଗଛ ଡାଳରେ ରହୁଥିବା ବଗ ଗୁଡ଼ା ଝାଡ଼ା କଲେ । ଝାଡ଼ା ଠପ୍-ଠପ୍ ହେଇ ବୁଢ଼ା ମଉସାଙ୍କ ଛତା ଉପରେ ଆଉ ପିଲାଟିର ମୁଣ୍ଡ ଉପରେ ପଡ଼ିଲା । ଚମକି ପଡ଼ି ପିଲାଟି । ମୁଣ୍ଡରେ ହାତ ମାରିଲା ଆଉ କହିଲା - ମୋ' ମୁଣ୍ଡ ଉପରେ କିଏ ଝାଡ଼ା କଲା ! ଉପରକୁ ଅନେଇ ଦେଖିଲା, ଠିକ୍ ତା' ମୁଣ୍ଡ ଉପର ଡାଳରେ ବଗମାନେ ବସା ବାନ୍ଧିଛନ୍ତି । ବୁଢ଼ା ମଉସା ହସି ଦେଇ ପଚାରିଲେ- ଏଥର ବୁଝିପାରିଲୁ ବାପା, ଛାଇରେ ଛତା ତଳେ ମୁଁ କାହିଁକି ବସେ ! ମୁଁ ଏଇଠି ବସିଲେ, ଛେଳି, ମେଣ୍ଢା କୁଆଡ଼େ ଗଲେ ଦେଖିପାରିବି । ତୁ ଦେଖିଲୁ ତ ଠିକ୍ ମୋ' ମୁଣ୍ଡ ଉପର ଡାଳରେ ବଗ ବସା ବାନ୍ଧିଚନ୍ତି । ତେଣୁ ମୁଁ ଛତା ମଡ଼େଇ ବସେ ।

**ମାତୃ ନିଳୟ, ସାଲେପୁର, କଟକ- ୭୫୪୨୦୨**
**ମୋ- ୯୪୩୭୨୨୭୯୨୫**

## ଆଜିଠୁ ରଖିବା ମନେ



ପୀତାମ୍ବର ମିଶ୍ର

ଅସାଧ୍ୟ ଶବଟି ଖୋଜିଲେ ମିଳେନା
ସାଧନାର ଅଭିଧାନେ
ପରୀକ୍ଷା ଆସିଲେ ଲାଗେନି ଛାନିଆ
ଶ୍ରଦ୍ଧା ଥିଲେ ଅଧ୍ୟୟନେ ।
ପିତା ମାତା ଗୁରୁ ତିନି ଠାକୁରଙ୍କ
ଆଶିଷର ଅବଦାନେ
ଉଜ୍ଜ୍ୱଳ ହୋଇବ ଭବିଷ୍ୟତ ଆମ
ଜ୍ଞାନୀ ଗୁଣୀ ହେବା ଗଣେ
ଆଜିଠୁ ରଖିବା ମନେ ।
ସତ କହୁଥିଲେ ଆସେନି ସନ୍ତାପ
ଜୀବନର କେଉଁଦିନେ
ସବୁରି ମନକୁ କିଣାଯାଇ ପାରେ
ବିନୟ ବଚନ ଧନେ ।
ନିଜ ଦୋଷ ନିଜେ ସ୍ୱୀକାର କରିଲେ
ସମ୍ମାନ ଯାଏନି କେଣେ,
ଆଲୋକକୁ ଅମା ପାରେ ନାହିଁ ଢାଙ୍କି
ଲୁଚେନି ସୂରୁଯ ଘନେ ।
ଆଜିଠୁ ରଖିବା ମନେ ।
ବରଜିଲେ ରୋଷ ଅରଜିବା ଯଶ
ସମାଜର ସବୁ ସ୍ଥାନେ
କୃତି ପାଇଁ ବୃତ୍ତି ଲଭି ଥାଏ ବ୍ୟକ୍ତି
ଆତ୍ମ ଚେଷ୍ଟା ଅନୁଦାନେ ।
ଆଖିରେ ନଦେଖି ମଣିବାନି ସତ
କୁହା କଥା ଶୁଣି କାନେ,
ବିବେକର କଥା ମାନି ଚଳିବାକୁ
ଜଗିଥିବା ପ୍ରତିକ୍ଷଣେ ।
ଆଜିଠୁ ରଖିବା ମନେ ।
ନିଜ ବାହାଦୁରି ନିଜେ ଦେଖାଇଲେ
ଗଣା ହେବା ଭୀରୁ ପଣେ,
ପରିତାପ ବ୍ୟାଧି ବିନାଶ ହୁଅଇ
ଅନୁତାପ ବୁଟି ଗୁଣେ ।
ଶ୍ରମ କଲେ ଶାନ୍ତି ମିଳଇ ସଂସାରେ
ପୁଲକ ଖେଳଇ ପ୍ରାଣେ,
ମାନବ ଜନମ ସାର୍ଥକ ହୁଅଇ
ସେବା ତ୍ୟାଗ ପ୍ରତିଦାନେ ।
ଆଜିଠୁ ରଖିବା ମନେ ।

**ବାଗଦାବିନାୟକପୁର, ବାସୁଦେବପୁର, ଭଦ୍ରକ**
**ମୋ: ୭୯୭୮୬୩୦୭୬**

# କୋରୋନାରୁ ମହାଭାରତ



ପୂଜାରାଣୀ ପାଣି

ଡାଡୁଲର ଜେଜେଙ୍କ ଉପରେ ସେଇ ସମାନ ଅଭିଯୋଗ, ଜେଜେ ପୁରାଣ କଥା କହି ଅଯଥା ସମୟ ନଷ୍ଟ କରୁଛନ୍ତି । ସେସବୁରେ କିଛି ସତ୍ୟତା ନାହିଁ । ଜେଜେ ଆଉ ଡାଡୁଲ ଏଇ ସମ୍ପର୍କରେ ସବୁବେଳେ ଯୁକ୍ତିତର୍କ ଲାଗନ୍ତି । ତେବେ ଅଧିକାଂଶ ସମୟରେ ମା' ମଧ୍ୟସ୍ଥତା କରି ତାହାର ସମାଧାନ କରନ୍ତି । ଏଇଟା ଘରର ନିତିଦିନିଆ ଘଟଣା କହିଲେ ଚଳେ ।

ଡାଡୁଲକୁ ପନ୍ଦର ବର୍ଷ । ନୂଆ ବର୍ଷ ଛୁଟିରେ ଡାଡୁଲର ମାଉସୀ ଝିଅ ବିପୁଲ ତାଙ୍କ ଘରକୁ ବୁଲିବାକୁ ଆସିଥାଏ । ବିପୁଲକୁ ଜମାରୁ ସାତ ବର୍ଷ । ଡାଡୁଲ ବିପୁଲ ସହ ସମୟ ବିତେଇବାକୁ ଭାରି ଭଲପାଏ । ବିପୁଲକୁ କାର୍ଟୁନ ଦେଖେଇବା, ପାର୍କ ବୁଲାଇବା ଆଉ ଚକୋଲେଟ ଖୁଆଇବାରେ ଡାଡୁଲର ଭାରି ଆନନ୍ଦ । ଥରେ ଡାଡୁଲ ବିପୁଲକୁ ତାଙ୍କ ଆଲବମ ଦେଖାଉଥାଏ, ସେଥିରେ ଦୁଇଟା କୁକୁରଙ୍କ ଫୋଟୋକୁ ଦେଖାଇ ଡାଡୁଲ କହିଲା- ଜାଣିଛି ବିପୁଲ ଏ କୁକୁର ଦୁଇଟି ନାଁ କ'ଣ ? ଲକଡାଉନ ଓ ସଟଡାଉନ ।

କୁକୁରମାନଙ୍କର ଏପରି ନାଁ ଶୁଣି ବିପୁଲ ଜୋରରେ ହସିବାକୁ ଲାଗିଲା । କହିଲା ଡାଡୁଲ ଭାଇ ଏକି ଅଦ୍ଭୁତ ନାଁ ! ଡାଡୁଲ ବିସ୍ତାରିତ କରି କହିଲା- ଆରେ ଜାଣିଛୁ ୨୦୨୦ ମସିହାରେ କୋଭିଡ଼-୧୯ ଭଳି ମହାମାରୀ ସାରା ବିଶ୍ୱକୁ ଆକ୍ରାନ୍ତ କରିଥିଲା । ଏହା ଏକ ଭାଇରସ ଜନିତ ରୋଗ । ଏ ରୋଗର ପ୍ରଭାବ ଏତେ ଥିଲା ଯେ କେହି କାହାରିକୁ ଛୁଇଁ ଦେଲେ ଏ ରୋଗ ସଂକ୍ରମିତ ହେଉଥିଲା । ସେଥିପାଇଁ କେହି କାହାରିକୁ ସ୍ପର୍ଶକରୁ ନ ଥିଲେ ।

ଆହୁରି ଜାଣିଛୁ ସେତେବେଳେ ସ୍କୁଲ, କଲେଜ, ଅଫିସ ସବୁ ବନ୍ଦ । ରାସ୍ତାଘାଟ ଦୋକାନ ବଜାର ସବୁ ଶୁନଶାନ । ବାହାର ଖାଇବା ବନ୍ଦ । ବାହାରୁ ଜିନିଷ କିଣାବିକା ବି ବନ୍ଦ । ବାର୍ଥ ଡେ ସେଲିବ୍ରେସନ କି ମ୍ୟାରେଜ ପାର୍ଟି କିଛି ନାହିଁ । ଏହି ବନ୍ଦ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଥିଲା । ଏହି ବନ୍ଦ ଦୁଇପ୍ରକାରର ହେଉଥିଲା, ଲକଡାଉନ ଓ ସଟ୍‌ଡାଉନ । ସେହି ସମୟରେ ଆମ ଟମିର ଦିଟା ଛୁଆ ହେଇଥିଲେ । ମୁଁ ସେମାନଙ୍କ ନାଁ ରଖିଥିଲି କଲଡାଉନ ଓ ସଟ୍‌ଡାଉନ ।



ବିପୁଲ ଡାଡୁଲର କଥାରେ ଆଦୌ ବିଶ୍ୱାସ ନକରି ହସିବାକୁ ଲାଗିଲା । ଡାଡୁଲ ଏକଥା ବି କହିଲା ତୁ ସେତେବେଳେ ବହୁତ ଛୋଟ ହେଇଥିଲୁ ତ ତୋର ମନେ ନାହିଁ । ବିପୁଲକୁ ବୁଝାଇ ନପାରି ମାଙ୍କ ପାଖକୁ ଗଲା । ମାଙ୍କ ଆଗରେ ସବୁ ଘଟଣା କହିଲା ।

ସବୁକିଛି ଶୁଣି ମା କହିଲେ- ଏଥିରେ ଏତେ ବ୍ୟସ୍ତ ହେବାରେ କ'ଣ ଅଛି, ଯେମିତି ଜେଜେଙ୍କ ପୁରାଣ ତୋର ବିଶ୍ୱାସ ହୁଏନି ସେମିତି ତୋ କଥା ବିପୁଲର ବିଶ୍ୱାସ ହେଉନି । ମା'ଙ୍କ କଥା ଶୁଣି ଡାଡୁଲ କିଛି ଗୋଟାଏ ଭାବୁଥିଲା । କଣ ଭାବୁଥିବ କେଜାଣି ?

**ବାଲକାଟୀ, ଖୋର୍ଦ୍ଧା**
**ମୋ: ୬୩୭୦୧୩୨୦୨୩**

## କହଲୋ ଫୁଲ



ପ୍ରଶାନ୍ତ କୁମାର ଦାଶ

ସକାଳରେ ହସୁ ଫୁଟିଗଛେ ବାସୁ
ସଞ୍ଜକୁ ମଉଳି ଯାଉ
କହ ଫୁଲରାଣୀ ଆନକୁ ହସାଇ
କି ସୁଖ ଶରଧା ପାଉ ।
ତୋ ମଉଳା ରୂପ ଦେଖିଲେ ଆଖିରୁ
ଝରିଯାଏ ଲୁହଧାର
ତୁ ଝୁଲୁ ବିଭୁଙ୍କ ଗଳାରେ ନିଇତି
ହେଇ ମନଲାଖି ହାର ।
ତୋ ମହକ ପାଇ ଗୁଣୁ ଗୁଣୁ ଗାଇ
ଭଅଁର ଆସଇ ଉଡ଼ି
ଛିଟ ପ୍ରଜାପତି ତତେ କରେ ଗେଲ
ରବି ଯାଉଛନ୍ତି ବୁଡ଼ି ।
ତୋଲାଗି ସୁନ୍ଦର ବଗିଚା ଆମର
ଦେଖି ମନ ଯାଏ ଲାଖି
ତତେ ଦେଖିବାକୁ ଟୁକୁନା ଆଣଇ
ସବୁ ସାଙ୍ଗ ସାଥୀ ଡାକି ।
ନିଦୁ ଉଠି ଅପା ଗନ୍ଧୁ ତୋଳି ତତେ
ଆଣେ ଠାକୁରଙ୍କ ପାଇଁ
ତୋଠୁ ବଳି ଆଉ ଉପକାରୀ କିଏ
ଦୁନିଆରେ ଅଛି କାହିଁ ।
କହ ଫୁଲରାଣୀ କିଲାଭ ଆଶାରେ
ମହୁ ଦେହେ ରଖିଥାଉ
ଆମେ ସେ ମହୁକୁ ପାଇଲେ ଖୁସିରେ
ଅତି ଶରଧାରେ ଖାଉ ।
ତୋପରି ଯେ ସାଧେ ଦୁନିଆର ହିତ
ପାଏସେ ଆଦର ଯଶ
କରିପାରେ ସିଏ ତା କରମ ବଳେ
ସାରା ଦୁନିଆକୁ ବଶ ।

**କୁଞ୍ଜର, ସଙ୍ଗଳାଇ, ପିପିଲି, ପୁରୀ**
**ମୋ: ୯୬୬୮୨୨୧୯୦**



## ଆଳୁଫୁଲ ପୁଞ୍ଜିପୁଞ୍ଜି



ରବୀନ୍ଦ୍ରନାଥ ମାଝୀ

ଆଳୁଫୁଲ ପୁଞ୍ଜିପୁଞ୍ଜି
କାମିନୀ ଲୁଚାଏ ମୁହଁ
ଭାଲୁଆ ଆଳୁଟା ମାଗୁଛି କାଞ୍ଜି
ଶୀତ ହସେ ଠୋଅ ଠୋଅ ।
ଆଳୁଗଛେ ଫୁଟେ ଫୁଲ
କେଉଁଠି ଫଳେ ତା' ଫଳ
ଗୁଣ୍ଡୁଚି କହିଲା ମୂଳରେ ଫଳେ
ଠେକୁଆ ହସିଲା ଠୋଅ ।
ଆଳୁର ପିଠିରେ ଉଠୁଛି ଗଜା
ଆଳୁରୁ ବଢ଼ଇ ଗଛ
ଆଇ କହେ ଆଳୁ ମଞ୍ଜି
କୁକୁର ଭୁକିଲା ଭୋଅ ।
କୁନା କହେ ଭୁଲ ସବୁ
ପରୀକ୍ଷା ଖାତାରେ ଆଳୁ
ଆଳୁ ଚକଟାରେ ପଖାଳ ଭାତ
କାଲିକୁ କହିବି ହୋଅ ।

**କବିତା ଭବନ,**
**ପ୍ଲଟ ନଂ-୧୧୩/୩୩୯୫,**
**ଜୟଦେବ ବିହାର, ଭୁବନେଶ୍ୱର**
**ମୋ: ୯୪୩୭୦୯୧୮୪୧**

### କ'ଣ, କେମିତି, କାହିଁକି ?

# ସଁବାଳୁଆରୁ ପ୍ରଜାପତି



ନିହାର ରଞ୍ଜନ ସାବତ



ଏକ ଛୋଟ ସଁବାଳୁଆ କିପରି ଏକ ସୁନ୍ଦର ପ୍ରଜାପତି ହୋଇଯାଏ, ଏହା ପ୍ରକୃତିର ସବୁଠାରୁ ବଡ଼ ଚମତ୍କାରିତା । ଏହାକୁ ବିଜ୍ଞାନରେ ପୂର୍ଣ୍ଣ ରୂପାନ୍ତର କୁହାଯାଏ । ଏହା କେବଳ ବଢ଼ିବା ନୁହେଁ, ବରଂ ଏକ ଭଙ୍ଗାଗଢ଼ା ପ୍ରକ୍ରିୟାରେ ଶରୀରର ବହୁତ ଅଂଶ ନୂଆ ରୂପ ନେଇଥାଏ । ପିଲାଥିବା ସମୟରେ ସଁବାଳୁଆ ଶରୀରରେ ଜୁଭେନାଇଲ୍ ହରମୋନ୍ (ଜେଏଚ୍) ବେଶି ଥାଏ ଏବଂ ଏହାକୁ ତାକୁ ଖାଇବା ଓ ବଢ଼ିବାରେ ସାହାଯ୍ୟ କରେ । ଯେତେବେଳେ ସଁବାଳୁଆ ଯଥେଷ୍ଟ ବଡ଼ ହୋଇଯାଏ, ଜେଏଚ୍ କମିଯାଏ । ତା'ପରେ ଇକ୍ଡିସୋନ୍ ନାମକ ହରମୋନ୍ ବଢ଼ିଯିବା ଫଳରେ ଏହା ଖାଇବା ବନ୍ଦ କରିଦିଏ, ଏକ ସୁରକ୍ଷିତ ସ୍ଥାନ ଖୋଜେ ଏବଂ ଏକ ସୁରକ୍ଷାତ୍ମକ କ୍ରିସାଲିସ୍ (ପ୍ୟୁପା) ଗଠନ କରେ ।

କ୍ରିସାଲିସ୍ ମଧ୍ୟରେ ସଁବାଳୁଆ ମୂଳତଃ କାସ୍ପେସ୍ ଏବଂ କ୍ୟାଥେପ୍ସିନ୍ ପରି ପାଚନ ଏନଜାଇମ୍ ନିର୍ଗତ କରି ନିଜ ଶରୀରର ଅଧିକାଂଶ ଅଂଶକୁ ହଜମ କରେ । ଏଗୁଡ଼ିକ ମାଂସପେଶୀ, ଅନ୍ତନଳୀ ଏବଂ ଅନ୍ତଃକେନ୍ଦ୍ର ସମେତ ଅଧିକାଂଶ ଲାର୍ଭା ଟିସୁକୁ ପ୍ରୋଟିନ୍ ଏବଂ ଅନ୍ୟାନ୍ୟ ଅଣୁରେ ଗଠିତ ଏକ ପୋଷକ ତତ୍ତ୍ୱ ସମୃଦ୍ଧ, ସୁପ୍-ପରି ଜୈବିକ ତରଳ ପଦାର୍ଥ ରୂପେ ଭାଙ୍ଗିଦିଅନ୍ତି । ଏହି ପୁନଃନିର୍ମାଣକୁ ମାର୍ଗଦର୍ଶନ କରିବା ପାଇଁ ଡିସ୍କ ନାମକ ବିଶେଷ କୋଷଗୁଡ଼ିକର ସମୂହ ଅଛି, ଯାହା ଡିମ୍ବ ଭିତରେ ଭ୍ରୁଣ ପର୍ଯ୍ୟାୟରୁ ମୁଖ୍ୟତଃ ନିଷ୍କ୍ରିୟ ରହିଥାଏ । ଡେଣା, ଗୋଡ଼, ଆଖି ଏବଂ ମୁହଁ ପରି ପ୍ରତ୍ୟେକ ପରିପକ୍ୱ ଅଂଶ ପାଇଁ ଏହି କ୍ଷୁଦ୍ର, ପୂର୍ବନିର୍ଦ୍ଧାରିତ ପୃଥକ ପୃଥକ ଡିସ୍କ ସବୁ ବିଦ୍ୟମାନ । ଡିସ୍କଗୁଡ଼ିକ ଦ୍ରୁତ ଗତିରେ ବୃଦ୍ଧି ପାଏ ଏବଂ ପୃଥକ ହୁଏ, ଚାରିପାଖରେ ପ୍ରୋଟିନ ସମୃଦ୍ଧ ତରଳ ପଦାର୍ଥରୁ ପୁଷ୍ଟି ଆହରଣ କରି ଜଟିଳ ପରିପକ୍ୱ ଅଙ୍ଗର ରୂପ ନିଏ ।

ପୂର୍ଣ୍ଣ ବିକଶିତ କାଳ୍ପନିକ ଡିସ୍କଗୁଡ଼ିକ ଏକାଠି ହୋଇ ପ୍ରଜାପତିର ଶରୀରକୁ ଏକତ୍ର କରନ୍ତି । ଉଲ୍ଲେଖଯୋଗ୍ୟ ଯେ ଶ୍ୱାସନଳୀ ଅକ୍ଷୁଣ୍ଣ ରହେ ଓ ସ୍ନାୟୁମଣ୍ଡଳ ନୂଆ ଭାବରେ ସଜ୍ଜିତ ହୁଏ । ଆଶ୍ଚର୍ଯ୍ୟର କଥା, ସଁବାଳୁଆ ଅବସ୍ଥାର କେତେକ ସ୍ମୃତି ମଧ୍ୟ ମନେ ରହିଥାଏ ! ଶେଷରେ ପ୍ରଜାପତି କ୍ରିସାଲିସ୍ ଭାଙ୍ଗି ବାହାରକୁ ଆସେ । ଏହାକୁ ଇକ୍ଲୋଜନ ପ୍ରକ୍ରିୟା କୁହାଯାଏ । ଡେଣା ଅତି ଛୋଟ ଓ ଓଦା ଥାଏ । ଡେଣା ଶିରାରେ ହେମୋଲିମ୍ଫ ଭର୍ତ୍ତି ହୋଇ ଡେଣା ପୂର୍ଣ୍ଣ ରୂପ ନିଏ । ତା'ପରେ ଡେଣାଗୁଡ଼ିକ ସ୍କ୍ଲେରୋଟାଇଜେସନ୍ ପ୍ରକ୍ରିୟା ମାଧ୍ୟମରେ ଶୁଖିଯାଏ ଏବଂ କଠିନ ହୁଏ । ଏହିଭଳି ଗୋଟିଏ ଛୋଟ ସଁବାଳୁଆ, ଏକ ଚମତ୍କାର ପ୍ରକ୍ରିୟାରେ, ଫୁଲରୁ ଫୁଲକୁ ଉଡ଼ି ବୁଲୁଥିବା ସୁନ୍ଦର ପ୍ରଜାପତି ହୋଇଯାଏ !

**ସଂଗଣକ ବିଜ୍ଞାନ ଏବଂ ପ୍ରୟୋଗ ବିଭାଗ**
**ସାଇମ୍, ମଞ୍ଚେଶ୍ୱର ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦**
**ମୋ: ୯୭୭୭୦୧୧୯୬୮**

## ତୁମ ପାଇଁ ବହି




### କରୁଣା କୈବଲ୍ୟ

**ଲେଖକ: ଶ୍ରୀମତୀ ଦୁର୍ଗାବତୀ ପ୍ରଧାନ**
**ପ୍ରକାଶକ: ଶିକ୍ଷାଶ୍ରୀ ପବ୍ଲିକେଶନ**
**ଠିକଣା: ଶିକ୍ଷାଶ୍ରୀ ଲେନ, କୁମ୍ଭାରପଡ଼ା, ପୁରୀ**
**ମୂଲ୍ୟ: ୧୦୦ ଟଙ୍କା**

ଏହା ଏକ ଭକ୍ତି କବିତା ସଂକଳନ । ଏହାକୁ ପିଲାଠାରୁ ବୁଢ଼ା ପର୍ଯ୍ୟନ୍ତ ସବୁ ବର୍ଗର ଲୋକ ପଢ଼ି ଆନନ୍ଦ ଅନୁଭବ କରିପାରିବେ, କାରଣ ଏହାର ଭାଷା ଖୁବ୍ ସରଳ । କବିତାଗୁଡ଼ିକ ମଧ୍ୟ ବେଶ୍ ଛନ୍ଦମୟ । ପାଠକମାନଙ୍କ ପାଇଁ ବହିଟି ଖୁବ୍ ଉପଯୋଗୀ ।

## କୁନାକୁନିଙ୍କ ଚିତ୍ର





ଗାୟତ୍ରୀ ବିଶି,
କ୍ଲାସ୍-୫,
ବାପୁଜୀ ସ୍ୱତନ୍ତ୍ର ବିଦ୍ୟାଳୟ,
ବରଗଡ଼



ଅଙ୍କିତା ପାତ୍ର,
କ୍ଲାସ୍-୮,
ବରାହୀ ଉଚ୍ଚ ବିଦ୍ୟାଳୟ,
ଅଭୟମୁଖୀ, ଜି. ଖୋର୍ଦ୍ଧା



'ନବପଲ୍ଲବ'ର ବିଭିନ୍ନ ବିଭାଗ ପାଇଁ ଲେଖା ପଠାନ୍ତୁ

ଲେଖା ଓ ଛବି ପଠାଇବାର ଠିକଣା: ମାର୍ଫତ୍- ନିତିଦିନ, ଶେଡ୍ ନଂ-ଟିଏସ୍-୨/୨୧୦/ଏ, ଜୋନ୍-ବି, ସେକ୍ଟର୍-ଏ, ମଞ୍ଚେଶ୍ୱର ଇଣ୍ଡଷ୍ଟ୍ରିଆଲ୍ ଇଷ୍ଟେଟ୍, ଭୁବନେଶ୍ୱର-୭୫୧୦୧୦ ଅଥବା nabapallaba@nitidin.com

# ସ୍ୱିସ୍ ଓପନ୍‌ରୁ ଓହରିଲେ ସାତ୍ତ୍ୱିକ୍-ଚିରାଗ



**ବାସେଲ୍, ୧୩।୩/ଏଜେନ୍ସି:** ସାତ୍ତ୍ୱିକ୍‌ସାଇରାଜ ରାଙ୍କିରେଡ୍ଡୀଙ୍କ କାନ୍ଧରେ ଯନ୍ତ୍ରଣା କାରଣରୁ ସେ ଓ ତାଙ୍କ ଯୋଡ଼ିଦାର ଚିରାଗ ସେଟ୍ଟୀ ଶୁକ୍ରବାର କ୍ୱାର୍ଟର୍ ଫାଇନାଲ୍ ମ୍ୟାଚ୍ ପୂର୍ବରୁ ସ୍ୱିସ୍ ଓପନ୍ ଟୁର୍ଣ୍ଣାମେଣ୍ଟରୁ ନାମ ପ୍ରତ୍ୟାହାର କରିନେଇଛନ୍ତି। ଏହି ସୁପର୍ ୩୦୦ ବ୍ୟାଡ୍‌ମିଣ୍ଟନ୍ ଟୁର୍ଣ୍ଣାମେଣ୍ଟର ଅନ୍ତିମ ଆଠ ଡବଲ୍ସ ମୁକାବିଲାରେ ସାତ୍ତ୍ୱିକ୍-ଚିରାଗଙ୍କ ଶୀର୍ଷ ଭାରତୀୟ ଯୋଡ଼ି ଡେନ୍‌ମାର୍କର କ୍ରିଷ୍ଟିୟନ୍ ଫାଷ୍ଟ୍ କଜେର୍ ଓ ରାମସନ୍ କରେଜ୍‌ଙ୍କ ସହ ହେବାର ଥିଲା। ବ୍ୟାଡ୍‌ମିଣ୍ଟନ୍‌ରେ ଦ୍ରୁତତମ ସ୍ମାଶ୍ କାରଣରୁ ଚର୍ଚ୍ଚିତ ୨୫ ବର୍ଷୀୟ ସାତ୍ତ୍ୱିକ୍ ଡାହାଣ କାନ୍ଧ ସମସ୍ୟାକୁ ନେଇ ସଂଘର୍ଷ କରୁଛନ୍ତି। ୨୦୨୩ରେ ସାତ୍ତ୍ୱିକ୍ ବ୍ୟାଡ୍‌ମିଣ୍ଟନ୍‌ରେ ଦ୍ରୁତତମ ସ୍ମାଶ୍‌ର ଗିନିଜ୍ ବିଶ୍ୱ ରେକର୍ଡ ସ୍ଥାପନ କରିଥିଲେ। ଏହାର ଗତି ଘଣ୍ଟାପ୍ରତି ୫୬୫ କିଲୋମିଟର ଥିଲା। ଏହା ସାତ୍ତ୍ୱିକ୍‌ଙ୍କ ପୁରୁଣା ଆଘାତ। ତାଙ୍କୁ ଠିକ୍ ହେବାକୁ ଅତିକମ୍‌ରେ ଗୋଟିଏ ସପ୍ତାହ ସମୟ ଲାଗିବ ବୋଲି ଭାରତୀୟ ଟିମ୍‌ର ମାଲେସୀୟ କୋଚ୍ ଟେନ୍ କିମ୍ ହର କହିଛନ୍ତି।

ଭାରତୀୟ ଯୋଡ଼ି ଗୁରୁବାର ଟୁର୍ଣ୍ଣାମେଣ୍ଟର ପ୍ରି-କ୍ୱାର୍ଟର୍ ଫାଇନାଲ୍‌ରେ ଜାପାନର ହିରୋକି ଓକାମୁରା ଏବଂ କ୍ୟୋହେଇ ୟାମାଶିତାଙ୍କ ବିପକ୍ଷରେ ୭୪ ମିନିଟ୍‌ର କଡ଼ା ମୁକାବିଲାରେ ୨୧-୧୫, ୧୫-୨୧-, ୨୮-୨୬ରେ ବିଜୟୀ ହୋଇଥିଲା। ଏସିଆନ୍ ଗେମ୍ସ ଚାମ୍ପିଅନ୍ ସାତ୍ତ୍ୱିକ୍-ଚିରାଗ ଏବେ ଏପ୍ରିଲ୍ ୭ରୁ ୧୨ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ଏସିଆ ବ୍ୟାଡ୍‌ମିଣ୍ଟନ୍ ଚାମ୍ପିଅନ୍‌ଶିପ୍‌ରେ ଭାଗନେବେ। ଭାରତୀୟ ଯୋଡ଼ି ୨୦୨୩ରେ ଟାଇଟଲ୍ ଜିତିଥିଲେ।

# କେକେଆର୍‌ରେ ବ୍ଲେସିଂ ମୁଜରବାନୀ

**କୋଲ୍‌କାତା, ୧୩।୩/ଏଜେନ୍ସି:** କୋଲ୍‌କାତା ନାଇଟ୍ ରାଇଡର୍ସ (କେକେଆର୍) ଆଇପିଏଲ୍ ୨୦୨୬ ପୂର୍ବରୁ ଜିମ୍ବାୱେ ଫାଷ୍ଟ୍ ବୋଲର୍ ବ୍ଲେସିଂ ମୁଜରବାନୀଙ୍କୁ ନିଜ ଟିମ୍‌ରେ ସାମିଲ କରିଛି। ଫ୍ରାଞ୍ଚାଇଜି ଶୁକ୍ରବାର ଏହି ସୂଚନା ଦେଇଛି। ମୁଜରବାନୀ ଟିମ୍‌ରେ ମୁସ୍ତଫିଜୁର୍ ରହମାନ୍‌ଙ୍କ ସ୍ଥାନ ନେବେ। ୨୯ ବର୍ଷୀୟ ଏହି ଫାଷ୍ଟ୍ ବୋଲର୍ ଟି-୨୦ ବିଶ୍ୱକପ୍‌ରେ ଜିମ୍ବାୱେ ପକ୍ଷରୁ ୧୩ ୱିକେଟ୍ ହାସଲ କରି ଟିମ୍‌ର ଶୀର୍ଷ ୱିକେଟ୍ ଟେକର୍ ହୋଇଥିଲେ। ଜିମ୍ବାୱେ ଟିମ୍ ସୁପର୍-୮ରେ ପହଞ୍ଚିଥିଲା। ୬ ଫୁଟ ୮ ଇଞ୍ଚ ଉଚ୍ଚତାର ଏହି ଡାହାଣହାତୀ ଫାଷ୍ଟ ବୋଲର୍‌ଙ୍କ ସାମିଲ ଫଳରେ କେକେଆର୍‌ର ପେସ୍ ବୋଲିଂ ଆକ୍ରମଣ ଶକ୍ତିଶାଳୀ ହେବ। ଟି-୨୦ରେ ବାଉନ୍ସ ଏବଂ ୱିକେଟ୍ ହାସଲ ପାଇଁ ମୁଜରବାନୀ ଜଣାଶୁଣା। ନିଜ ଉଚ୍ଚତା ଏବଂ ଦ୍ରୁତ ଗତି କାରଣରୁ ମୁଜବାନୀ ଅତିରିକ୍ତ ବାଉନ୍ସ ହାସଲ କରିଥାନ୍ତି, ଯାହା ଫଳରେ ବ୍ୟାଟ୍ସମ୍ୟାନ୍‌ଙ୍କ ତାଙ୍କୁ ଖେଳିବା କଷ୍ଟକର ହୋଇଥାଏ।

# ଆଇପିଏଲ୍ ୨୦୨୬ରୁ ହର୍ଷିତ ରାଣା ବାଦ୍

**ନୂଆଦିଲ୍ଲୀ, ୧୩।୩/ଏଜେନ୍ସି:** ଭାରତୀୟ ଅଲରାଉଣ୍ଡର୍ ହର୍ଷିତ ରାଣା ଆଗାମୀ ଇଣ୍ଡିଆନ୍ ପ୍ରିମିୟର୍ ଲିଗ୍ (ଆଇପିଏଲ୍) ସଂସ୍କରଣରୁ ବାଦ୍ ପଡ଼ିଛନ୍ତି। ଟି-୨୦ ବିଶ୍ୱକପ୍ ପୂର୍ବରୁ ନଭି ମୁମ୍ବାଇରେ ସାଉଥ୍ ଆଫ୍ରିକା ବିପକ୍ଷ ଏକ ଅଭ୍ୟାସ ମ୍ୟାଚ୍ ବେଳେ ହର୍ଷିତଙ୍କ ଆଣ୍ଠୁରେ ଆଘାତ ଲାଗିଥିଲା ଏବଂ ସେବେଠାରୁ ସେ ପଡ଼ିଆ ବାହାରେ ଅଛନ୍ତି। ୨୪ ବର୍ଷୀୟ ଖେଳାଳି ଫେବୃଆରୀ ୯ ତାରିଖରେ ମୁମ୍ବାଇରେ ଅସ୍ତ୍ରୋପଚାର କରିଥିଲେ, କିନ୍ତୁ ବିଶ୍ୱର ସବୁଠୁ ଧନୀ ଲିଗ୍‌ରେ କୋଲ୍‌କାତା ନାଇଟ୍ ରାଇଡର୍ସ (କେକେଆର୍) ପକ୍ଷରୁ ଖେଳିବା ପାଇଁ ସମୟ ମଧ୍ୟରେ ସୁସ୍ଥ ହେବେ ନାହିଁ। କେକେଆର୍‌ର ୨୦୨୪ ଟାଇଟଲ୍ ବିଜୟ ଅଭିଯାନରେ ରାଣା ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ଟୁର୍ଣ୍ଣାମେଣ୍ଟରେ ସେ ମୋଟ ୧୯ ୱିକେଟ୍ ଅକ୍ତିଆର କରିଥିଲେ, ଯାହା ତାଙ୍କୁ ସମସ୍ତ ଫର୍ମାଟ୍‌ରେ ଭାରତୀୟ ଟିମ୍‌ର ନିୟମିତ ସଦସ୍ୟ ହେବାରେ ସାହାଯ୍ୟ କରିଥିଲା। ୨୦୨୫ ସିଜିନ୍ ପୂର୍ବରୁ ଫ୍ରାଞ୍ଚାଇଜ୍ ତାଙ୍କୁ ୪ କୋଟି ଟଙ୍କାରେ ରିଟେନ୍ କରିଥିଲା ଏବଂ ସେ ଖେଳିଥିବା ୧୩ଟି ମ୍ୟାଚ୍‌ରୁ ୧୫ ୱିକେଟ୍ ନେଇଥିଲେ। ହର୍ଷିତ ଆଇପିଏଲ୍‌ରୁ ବାଦ୍ ପଡ଼ିବା ପରେ କେକେଆର୍ ତାଙ୍କ ରିପ୍ଲେସ୍‌ମେଣ୍ଟ ପାଇଁ ଏପର୍ଯ୍ୟନ୍ତ ନିଷ୍ପତ୍ତି ନେଇନାହିଁ।

# ଦ ହଣ୍ଡ୍ରେଡ୍ ପୁରୁଷ ଲିଗ୍

# ପାକ୍ କ୍ରିକେଟରଙ୍କୁ କିଣି ବିବାଦରେ କାବ୍ୟା ମାରନ୍

**ସୋସିଆଲ୍ ମିଡିଆରେ ତୀବ୍ର ସମାଲୋଚନାର ସମ୍ମୁଖୀନ**

**ମୁହଁ ଖୋଲିଲା ବିସିସିଆଇ; ଏହା ଆମ ଅଧିକାର କ୍ଷେତ୍ରରେ ନାହିଁ: ରାଜୀବ ଶୁକ୍ଲା**



**ନୂଆଦିଲ୍ଲୀ, ୧୩।୩/ଏଜେନ୍ସି:** ଲଣ୍ଡନର ଦ ହଣ୍ଡ୍ରେଡ୍‌ର ପ୍ରଥମ ପୁରୁଷ ଖେଳାଳି ଅକ୍ସନ୍ ପରେ ବଡ଼ ବିବାଦ ଦେଖାଦେଇଛି। ପାକିସ୍ତାନୀ ମିଷ୍ଟ୍ରି ସ୍ପିନର୍ ଅବରାର୍ ଅହମଦ୍‌ଙ୍କୁ କାବ୍ୟା ମାରନ୍‌ଙ୍କ ମାଲିକାନାରେ ଥିବା ସନ୍‌ରାଇଜର୍ସ ଲିଡ୍ସ ଫ୍ରାଞ୍ଚାଇଜି କିଣିବା ପରେ ସୋସିଆଲ୍ ମିଡିଆରେ ଭାରତୀୟ ପ୍ରଶଂସକଙ୍କ ଅସନ୍ତୋଷ ବୃଦ୍ଧି ପାଇଛି। ଏହି ଫ୍ରାଞ୍ଚାଇଜିର ମାଲିକାନା ହକ୍ ଉଦ୍ୟୋଗପତି କଳାନିଧି ମାରନ୍‌ଙ୍କ ସନ୍ ଗ୍ରୁପ୍ ପାଖରେ ରହିଛି ଏବଂ ଟିମ୍‌ର ସିଇଓ ତାଙ୍କ କନ୍ୟା କାବ୍ୟ ମାରନ୍ ଅଛନ୍ତି। ଆଇପିଏଲ୍‌ରେ ସନ୍‌ରାଇଜର୍ସ ହାଇଦ୍ରାବାଦ୍ (ଏସ୍‌ଆର୍‌ଏଚ୍)ର ସିଇଓ ମଧ୍ୟ କାବ୍ୟା ମାରନ୍। ପାକିସ୍ତାନୀ ଖେଳାଳିଙ୍କୁ କିଣିବା ନିଷ୍ପତ୍ତି ପରେ ଏବେ ସୋସିଆଲ୍ ମିଡିଆ ଟାର୍ଗେଟ୍‌କୁ ଆସିଛନ୍ତି କାବ୍ୟା ମାରନ୍ ଭାରତୀୟ ଏବଂ ସୋସିଆଲ୍ ମିଡିଆରେ ତାଙ୍କର ଜୋରଦାର ସମାଲୋଚନା କରାଯାଉଛି। ଅବରାର୍ ଅହମଦ୍‌ଙ୍କୁ କିଣିବା ପରେ ଭାରତରେ ସୋସିଆଲ୍ ମିଡିଆରେ ବହୁ ଅସନ୍ତୋଷ ଦେଖିବାକୁ ମିଳିଛି। ଏପରିକି ସନ୍‌ରାଇଜର୍ସ ଲିଡ୍ସର ଆଧିକାରିକ 'ଏକ୍ସ' ଆକାଉଣ୍ଟ୍ ମଧ୍ୟ ସସ୍‌ପେଣ୍ଡ୍ ହୋଇଯାଇଛି, ଯାହା ଫଳରେ ବିବାଦ ଆହୁରି ବୃଦ୍ଧି ପାଇଛି। ତେବେ ଆକାଉଣ୍ଟ୍ ସସ୍‌ପେଣ୍ଡ୍ ହେବାର ଅସଲ କାରଣ ଜଣାପଡ଼ି ନାହିଁ।

ପାକିସ୍ତାନୀ ଲେଗ୍ ସ୍ପିନର୍ ଅବରାର୍ ଅହମଦଙ୍କ ବେସ୍ ପ୍ରାଇସ୍ ୯୨.୫ ଲକ୍ଷ ଟଙ୍କା ଥିଲା। କିନ୍ତୁ ଅକ୍ସନ୍‌ରେ ତାଙ୍କୁ କିଣିବା ପାଇଁ ସନ୍‌ରାଇଜର୍ସ ଲିଡ୍ସ ଏବଂ ଟ୍ରେଣ୍ଟ୍ ରକେଟ୍ସ ମଧ୍ୟରେ ବିଡ୍ ଲଢ଼େଇ ହୋଇଥିଲା। ଶେଷରେ ସନ୍‌ରାଇଡର୍ସ ଲିଡ୍ସ ୧୯୦,୦୦୦ ପାଉଣ୍ଡ୍ (ପ୍ରାୟ ୨.୩୪ କୋଟି ଟଙ୍କା)ରେ ତାଙ୍କୁ ନିଜ ଟିମ୍‌ରେ ସାମିଲ କରିଥିଲା। ଏହା ସହିତ ଅବରାର୍ କୌଣସି ଭାରତୀୟ ମାଲିକାନାରେ ଥିବା ଟିମ୍ ପାଇଁ ଦ ହଣ୍ଡ୍ରେଡ୍‌ରେ ଖେଳିବାରେ ପ୍ରଥମ ପାକିସ୍ତାନୀ ଖେଳାଳି ହୋଇଛନ୍ତି।

ବିବାଦ ବଢ଼ିବା ପରେ ଭାରତୀୟ କ୍ରିକେଟ୍ ନିୟନ୍ତ୍ରଣ ବୋର୍ଡ (ବିସିସିଆଇ) ମଧ୍ୟ ଏହି ମାମଲାରେ ନିଜ ପ୍ରତିକ୍ରିୟା ରଖିଛି। ବିସିସିଆଇ ଉପସଭାପତି ରାଜୀବ ଶୁକ୍ଲା ସ୍ପଷ୍ଟ କରିଛନ୍ତି ଯେ ଏହି ମାମଲା ବୋର୍ଡର ଅଧିକାର କ୍ଷେତ୍ରରେ ଆସୁନାହିଁ। ସେ କହିଛନ୍ତି ଏହା ଆମ ଅଧିକାର କ୍ଷେତ୍ରରେ ନାହିଁ। ଏହା ବିଦେଶୀ ଲିଗ୍‌ର ମାମଲା ଏବଂ ଲିଗ୍‌କୁ ଏହା ଉପରେ ନିଷ୍ପତ୍ତି ନେବାକୁ ହେବ। ଏଥିରେ ବିସିସିଆଇ କିଛି କରିପାରିବ ନାହିଁ। ଅନ୍ୟପକ୍ଷରେ ଏହି ବିବାଦ ମଧ୍ୟରେ ଟିମ୍‌ର ମୁଖ୍ୟ କୋଚ୍ ଡାନିଏଲ୍ ଭିଟ୍ଟୋରୀ ମଧ୍ୟ ଏହି ନିଷ୍ପତ୍ତିକୁ ନେଇ ସ୍ପଷ୍ଟୀକରଣ ଦେଇଛନ୍ତି। ସେ କହିଛନ୍ତି, ଟିମ୍‌ର ପ୍ରଥମ ପସନ୍ଦ ଇଂଲଣ୍ଡର ଷ୍ଟାର୍ ସ୍ପିନର୍ ଆଦିଲ୍ ରଶିଦ୍ ଥିଲେ। ମାତ୍ର ଅକ୍ସନ୍‌ରେ ତାଙ୍କୁ ସାଉଦର୍ଣ୍ଣ ବ୍ରେଭ୍ ନିଜ ସହିତ ସାମିଲ କରିନେଇଥିଲା। ଫଳରେ ଏହାପରେ ସନ୍‌ରାଇଜର୍ସ ଲିଡ୍ସ ବିଦେଶୀ ସ୍ପିନର୍ ବିକଳ୍ପ ଉପରେ ଧ୍ୟାନ ଦେଇଥିଲା ଏବଂ ଶେଷରେ ଅବରାର ଅହମଦ୍‌ଙ୍କୁ ଟିମ୍‌ରେ ସାମିଲ କରିଥିଲା। ଭିଟ୍ଟୋରୀ କହିଛନ୍ତି, ଟିମ୍‌ର ରଣନୀତି ପ୍ରଥମରୁ ହିଁ ଜଣେ ପ୍ରମୁଖ ସ୍ପିନର୍‌ଙ୍କୁ ନେବାର ଥିଲା। ସେ କହିଛନ୍ତି ଟିମ୍ ନିକଟରେ ଚାରି-ପାଞ୍ଚ ବିକଳ୍ପ ମଧ୍ୟ ଥିଲା, ଯେଉଁଥିରେ ବାଂଲାଦେଶର ରିଶାଦ୍ ହୁସେନ୍, ପାକିସ୍ତାନର ଉସ୍‌ମାନ୍ ତାରିକ୍ ଏବଂ ଅବରାର୍ ଅହମଦ ସାମିଲ ଥିଲେ। ଭିଟ୍ଟୋରୀ ଆହୁରି ସ୍ପଷ୍ଟ କରିଛନ୍ତି ଯେ ଅକ୍ସନ୍ ପୂର୍ବରୁ ପାକିସ୍ତାନୀ ଖେଳାଳିଙ୍କୁ ନେଇ ଟିମ୍ ମ୍ୟାନେଜମେଣ୍ଟରେ କୌଣସି ଆଲୋଚନା ହୋଇ ନଥିଲା ଏବଂ ଖେଳାଳିଙ୍କ ଚୟନ କେବଳ କ୍ରିକେଟିଂ ଆବଶ୍ୟକତା ଆଧାରରେ କରାଯାଉଛି। ଅବରାର୍ ଅହମଦଙ୍କ ବୋଲିଂରେ ବହୁ ଭେରାଇଟି ରହିଛି ଏବଂ ପାୱାରପ୍ଲେ ଏବଂ ମିଡିଲ୍ ଓଭର୍‌ରେ ୱିକେଟ୍ ହାସଲ କରିବା କ୍ଷମତା ତାଙ୍କର ରହିଛି, ଯାହା ହେଡିଙ୍ଗ୍‌ଲେ ପଡ଼ିଆ ପରି ପିଚ୍‌ରେ ଟିମ୍ ପାଇଁ ଲାଭଦାୟକ ହୋଇପାରେ।

ଉଲ୍ଲେଖଯୋଗ୍ୟ, ଦ ହଣ୍ଡ୍ରେଡ୍ ଅକ୍ସନ୍‌ରେ ଅବରାର୍ ବିକ୍ରି ହୋଇଥିବା ଦ୍ୱିତୀୟ ପାକିସ୍ତାନୀ ଖେଳାଳି। ତାଙ୍କ ପୂର୍ବରୁ ବର୍ମିହାମ୍ ଫିନିକ୍ସ ଉସ୍‌ମାନ୍ ତାରିକଙ୍କୁ ନିଜ ଟିମ୍‌ରେ ସାମିଲ କରିଥିଲା।

# ପୂର୍ବତନ ଏଆଇଏଫ୍‌ଏଫ୍ ସାଧାରଣ ସମ୍ପାଦକ କୁଶଳ ଦାସଙ୍କ ଦେହାନ୍ତ



**ନୂଆଦିଲ୍ଲୀ, ୧୩।୩/ଏଜେନ୍ସି:** ଅଖିଳ ଭାରତୀୟ ଫୁଟ୍‌ବଲ୍ ମହାସଂଘ (ଏଆଇଏଫ୍‌ଏଫ୍)ର ପୂର୍ବତନ ସାଧାରଣ ସମ୍ପାଦକ କୁଶଳ ଦାସଙ୍କର ଶୁକ୍ରବାର ୬୬ ବର୍ଷ ବୟସରେ ଦେହାନ୍ତ ହୋଇଛି। ସ୍ୱର୍ଗତ ଦାସ ୨୦୧୦ରୁ ୨୦୨୨ ପର୍ଯ୍ୟନ୍ତ ୧୨ ବର୍ଷ ଧରି ମହାସଂଘରେ ସେବା ଦେଇ ଆସିଥିଲେ।

ପେସାରେ ଜଣେ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ୍ ସ୍ୱର୍ଗତ ଦାସ ପିଡବ୍ଲୁସି, ଜିଏସ୍‌କେ ଏବଂ ସେଲ୍ ସମେତ ଅନେକ ଅନ୍ତର୍ଜାତୀୟ ସଂଗଠନ ସହିତ ତାଙ୍କର କ୍ୟାରିଅର ଆରମ୍ଭ କରିଥିଲେ। ଏହାପରେ ଯେତେବେଳେ ବିଶ୍ୱସ୍ତରୀୟ କ୍ରୀଡ଼ା ମାର୍କେଟିଂ ଏବଂ ଟେଲିଭିଜନ୍ ପ୍ରଡକ୍ସନ୍ କମ୍ପାନୀ ଭାରତୀୟ ବଜାରରେ ପ୍ରବେଶ କରିଥିଲା ସେତେବେଳେ ଆଇଏମ୍‌ଜି ସହିତ ମୁଖ୍ୟ ଆର୍ଥିକ ଅଧିକାରୀ ଭାବରେ କ୍ରୀଡ଼ା କ୍ଷେତ୍ରରେ ପ୍ରବେଶ କରିଥିଲେ। ସେ ଦୁବାଇରେ ଅନ୍ତର୍ଜାତୀୟ କ୍ରିକେଟ୍ ପରିଷଦ (ଆଇସିସି)ର ମୁଖ୍ୟ ଆର୍ଥିକ ଅଧିକାରୀ ଭାବେ ମଧ୍ୟ କାର୍ଯ୍ୟ କରିଥିଲେ।

ଦାସ ୨୦୧୦ ମସିହାରେ ଏଆଇଏଫ୍‌ଏଫ୍‌ରେ ଯୋଗ ଦେଇଥିଲେ ଏବଂ ୧୭ ବର୍ଷରୁ କମ୍ ଫିଫା ବିଶ୍ୱକପ୍ ୨୦୧୭ ଆୟୋଜନ, ସେହି ବର୍ଷ ଉଦ୍‌ଘାଟନୀ ଭାରତୀୟ ମହିଳା ଲିଗ୍ ଏବଂ ୨୦୨୨ରେ ଏଏଫ୍‌ସି ମହିଳା ଏସୀୟ କପ୍ ଆୟୋଜନ ସମେତ ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପର ତଦାରଖ କରିଥିଲେ।

ଏଆଇଏଫ୍‌ଏଫ୍ ସଭାପତି କଲ୍ୟାଣ ଚୌବେ ଦାସଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇ 'ଏଆଇଏଫ୍‌ଏଫ୍‌ର ସାଧାରଣ ସମ୍ପାଦକ ଭାବେ କୁଶଳ ଦାସ ଭାରତୀୟ ଫୁଟବଲ୍‌ର ପ୍ରଶାସନ ଏବଂ ବିକାଶରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ ବୋଲି କହିଛନ୍ତି। ଭାରତୀୟ ଫୁଟବଲ୍ ପ୍ରତି ତାଙ୍କର ପ୍ରୟାସ ସର୍ବଦା ମନେ ରହିବ। ସମଗ୍ର ଭାରତୀୟ ଫୁଟବଲ୍ ଜଗତ ପକ୍ଷରୁ ଏହି କଷ୍ଟକର ସମୟରେ ମୁଁ ତାଙ୍କ ପରିବାର ଏବଂ ପ୍ରିୟଜନଙ୍କ ପ୍ରତି ମୋର ଗଭୀର ସମବେଦନା ଜଣାଉଛି। ତାଙ୍କ ଆତ୍ମାକୁ ଶାନ୍ତି ମିଳୁ।'

ଏଆଇଏଫ୍‌ଏଫ୍ ଉପ-ସଚିବ ମହାସଚିବ ଏମ୍. ସତ୍ୟନାରାୟଣ ମଧ୍ୟ କୁଶଳ ଦାସଙ୍କ ପରଲୋକରେ ଦୁଃଖପ୍ରକାଶ କରିଛନ୍ତି। ସେ କହିଛନ୍ତି, 'ତାଙ୍କ ଦେହାନ୍ତ କ୍ରୀଡ଼ା ପ୍ରଶାସନରେ ଏକ ବିରାଟ ଶୂନ୍ୟସ୍ଥାନ ସୃଷ୍ଟି କରିଛି। ତାଙ୍କ ଆତ୍ମାକୁ ଶାନ୍ତି ମିଳୁ।'

# ପ୍ରଥମ ଏଟିପି ମାଷ୍ଟର୍ସ ୧୦୦୦ ସେମିରେ ୟୁକି ଭାମ୍ବ୍ରୀ



**ନୂଆଦିଲ୍ଲୀ, ୧୩।୩/ଏଜେନ୍ସି:** ଭାରତର ଶୀର୍ଷ ଡବଲ୍ସ ଟେନିସ୍ ଖେଳାଳି ୟୁକି ଭାମ୍ବ୍ରୀ କ୍ୟାରିୟର୍‌ର ପ୍ରଥମ ଏଟିପି ମାଷ୍ଟର୍ସ ୧୦୦୦ ଟୁର୍ଣ୍ଣାମେଣ୍ଟ୍‌ର ସେମିଫାଇନାଲ୍‌ରେ ପ୍ରବେଶ କରିଛନ୍ତି। ୟୁକି ନିଜ ସ୍ୱିଡିସ୍ ପାର୍ଟନର୍ ଆନ୍ଦ୍ରେ ଗୋରାନ୍‌କନ୍‌ଙ୍କ ସହ ଆଲେକ୍‌ଜାଣ୍ଡର୍ ଏର୍ଲର୍ ଏବଂ ଆନ୍ଦ୍ରେଇ ଭାଭାସୋରୀଙ୍କୁ ଇଣ୍ଡିଆନ୍ ୱେଲ୍ସ ଓପନ୍ କ୍ୱାର୍ଟର୍ ଫାଇନାଲ୍‌ରେ ସିଧା ସେଟ୍‌ରେ ହରାଇ ଏହି ଉପଲବ୍ଧି ହାସଲ କରିଛନ୍ତି। ଏହା ପୂର୍ବରୁ ଗତବର୍ଷ ଇଣ୍ଡିଆନ୍ ୱେଲ୍ସ ସହିତ ୩୩ ବର୍ଷୀୟ ୟୁକି ଦୁଇଥର ମାଷ୍ଟର୍ସ ୧୦୦୦ ଟୁର୍ଣ୍ଣାମେଣ୍ଟ୍‌ର କ୍ୱାର୍ଟର୍ ଫାଇନାଲ୍‌ରେ ପ୍ରବେଶ କରିଥିଲେ। ୟୁକି ଓ ଗୋରାନ୍ ସନ୍ ଅଷ୍ଟ୍ରେଲିଆ-ଇଟାଲୀ ଯୋଡ଼ିଙ୍କୁ ଦେଢ଼ଘଣ୍ଟାର କ୍ୱାର୍ଟର୍ ଫାଇନାଲ୍ ମ୍ୟାଚ୍‌ରେ ୬-୩, ୭-୬ ସେଟ୍‌ରେ ହରାଇଛନ୍ତି। ଇଣ୍ଡୋ-ସ୍ୱିଡିସ୍ ଯୋଡ଼ି ପରବର୍ତ୍ତୀ ମ୍ୟାଚ୍‌ରେ ଫ୍ରାନ୍ସର ଆର୍ଟର୍ ରିଣ୍ଡେର୍କନେଚ୍ ଓ ମୋନାକୋର ଭାଲେଣ୍ଟିନ୍ ଭାଚେରୋଟ୍‌ଙ୍କ ଯୋଡ଼ିକୁ ଭେଟିବେ। ଏହି ଯୋଡ଼ି ନିଜ କ୍ୱାର୍ଟର୍ ଫାଇନାଲ୍ ମ୍ୟାଚ୍‌ରେ ରୁଷର ଆନ୍ଦ୍ରେ ରିବ୍‌ଲେଭ୍ ଓ କାରେନ୍ ଖାଚାନୋଭ୍‌ଙ୍କ ଯୋଡ଼ିକୁ ୬-୩, ୬-୪ରେ ମାତ୍ ଦେଇଛି।



**ବାଣିଜ୍ୟିକ ଗ୍ୟାସ୍ ସଂକଟ: ହୋଟେଲ୍ ଓ ରେଷ୍ଟୁରାଣ୍ଟ୍‌ଙ୍କୁ ବଡ଼ ଆଶ୍ୱସ୍ତି**

# ୨୦% ଯୋଗାଣ କୋଟା ଘୋଷଣା କଲା କେନ୍ଦ୍ର





**ନୂଆଦିଲ୍ଲୀ, ୧୩।୩/ଏଜେନ୍ସି:** ବିଶ୍ୱ ଗ୍ୟାସ୍ ଯୋଗାଣ ସଙ୍କଟ ବର୍ତ୍ତମାନ ଭାରତର ହୋଟେଲ୍ ଏବଂ ରେଷ୍ଟୁରାଣ୍ଟ କ୍ଷେତ୍ରକୁ ପ୍ରଭାବିତ କରିବା ଆରମ୍ଭ କରିଛି। ବାଣିଜ୍ୟିକ ଏଲପିଜିର ଉପଲବ୍ଧତା ଏବଂ ବୃଦ୍ଧି ପାଉଥିବା ମୂଲ୍ୟ ଉପରେ ଚିନ୍ତା ବୃଦ୍ଧି ପାଇଛି, ଯାହା ଫଳରେ ପରିସ୍ଥିତି ପରିଚାଳନା ପାଇଁ ସରକାର ତୁରନ୍ତ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେବାକୁ ବାଧ୍ୟ ହୋଇଛନ୍ତି। ରିପୋର୍ଟ ଅନୁସାରେ ବିଶ୍ୱ ଗ୍ୟାସ୍ ଯୋଗାଣ ସଙ୍କଟ ମଧ୍ୟରେ ଭାରତ ସରକାର ଶୁକ୍ରବାର ହୋଟେଲ୍ ଏବଂ ରେଷ୍ଟୁରାଣ୍ଟ ପାଇଁ ୨୦% ବାଣିଜ୍ୟିକ ଏଲ୍‌ପିଜି କୋଟା ସ୍ଥିର କରିଛନ୍ତି। ଏହି ପଦକ୍ଷେପର ଲକ୍ଷ୍ୟ ହେଉଛି ସର୍ବନିମ୍ନ ଇନ୍ଧନ ଉପଲବ୍ଧତା ସୁନିଶ୍ଚିତ କରିବା ଯାହାଦ୍ୱାରା କର୍ତ୍ତୃପକ୍ଷ ଯୋଗାଣ ଶୃଙ୍ଖଳକୁ ସୁଦୃଢ଼ କରିବା ଏବଂ ଆତିଥ୍ୟ କ୍ଷେତ୍ର ପାଇଁ ଅତିରିକ୍ତ ଗ୍ୟାସ୍ ଯୋଗାଣ ବିକଳ୍ପ ଅନୁସନ୍ଧାନ କରିବା ଉପରେ କାର୍ଯ୍ୟ କରିବା ସହିତ ରୋଷେଇ ଘରଗୁଡ଼ିକ କାର୍ଯ୍ୟକ୍ଷମ ରହିପାରିବ।

ଅଭାବ ସତ୍ତ୍ୱେ ବ୍ୟବସାୟଗୁଡ଼ିକ ଯେପରି କାର୍ଯ୍ୟ ଜାରି ରଖିବେ ତାହା ନିଶ୍ଚିତ କରିବା ପାଇଁ, ସରକାର ଘୋଷଣା କରିଛନ୍ତି ଯେ ହୋଟେଲ୍, ରେଷ୍ଟୁରାଣ୍ଟ ଏବଂ ଅନ୍ୟାନ୍ୟ ବାଣିଜ୍ୟିକ ପ୍ରତିଷ୍ଠାନଗୁଡ଼ିକ ସେମାନଙ୍କର ହାରାହାରି ମାସିକ ବାଣିଜ୍ୟିକ ଏଲ୍‌ପିଜି ଆବଶ୍ୟକତାର ପ୍ରାୟ ୨୦% ପାଇବେ। ଏହି ବ୍ୟବସ୍ଥା ତୁରନ୍ତ କାର୍ଯ୍ୟକାରୀ ହୋଇଛି। ପ୍ରକାଶ, ବାଣିଜ୍ୟିକ ଏଲ୍‌ପିଜି ହେଉଛି ଆତିଥ୍ୟ ଶିଳ୍ପ ଦ୍ୱାରା ବ୍ୟବହୃତ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଇନ୍ଧନ ମଧ୍ୟରୁ ଗୋଟିଏ, ଏବଂ ଲକ୍ଷ ଲକ୍ଷ ଲୋକଙ୍କ ପାଇଁ ଖାଦ୍ୟ ପ୍ରସ୍ତୁତ କରିବା ପାଇଁ ପ୍ରତିଦିନ ହଜାର ହଜାର ହୋଟେଲ, ରେଷ୍ଟୁରାଣ୍ଟ, କମ୍ୟୁନିଟି ରୋଷଶାଳ ଆଦି ଏହା ଉପରେ ନିର୍ଭର କରିଥାନ୍ତି। ଯଦି ଗ୍ୟାସ ଯୋଗାଣ ବନ୍ଦ ହୁଏ କିମ୍ବା ଯଥେଷ୍ଟ ହ୍ରାସ ପାଏ, ତେବେ ବ୍ୟବସାୟଗୁଡ଼ିକ ଗମ୍ଭୀର ପରିଚାଳନାଗତ ଚ୍ୟାଲେଞ୍ଜର ସମ୍ମୁଖୀନ ହୋଇପାରନ୍ତି। ସୁତରାଂ ପରିସ୍ଥିତିକୁ ନିୟନ୍ତ୍ରଣ କରିବା ପାଇଁ କେନ୍ଦ୍ର ସରକାର ଏଭଳି ଏକ ଜରୁରିକାଳୀନ ପରିସ୍ଥିତିରେ ଏପ୍ରକାର ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଗ୍ରହଣ କରିଛନ୍ତି। ଯୁଦ୍ଧ ଯୋଗୁଁ ଯୋଗାଣ ଶୃଙ୍ଖଳା ବାଧାପ୍ରାପ୍ତ ହେବାରୁ ଦେଶର ଅନେକ ସ୍ଥାନରେ ରେଷ୍ଟୁରାଣ୍ଟଗୁଡ଼ିକ ବନ୍ଦ ହେବା ସ୍ଥିତିକୁ ଚାଲିଆସିଥିଲା। ଗ୍ୟାସ ଅଭାବରୁ ଅନେକ ରେଷ୍ଟୁରାଣ୍ଟ ତଥା ହୋଟେଲ ମାଲିକ ଖାଦ୍ୟ ମେନୁରେ ମଧ୍ୟ ପରିବର୍ତ୍ତନ କରିବାକୁ ବାଧ୍ୟ ହୋଇଥିଲେ।

ଅନ୍ୟପକ୍ଷେ ଦେଶରେ ଏପ୍ରକାର ଗମ୍ଭୀର ପରିସ୍ଥିତିକୁ ନେଇ ପେଟ୍ରୋଲିୟମ ମନ୍ତ୍ରୀ ହରଦୀପ ସିଂହ ପୁରୀ ମନ୍ତ୍ରଣାଳୟର ବରିଷ୍ଠ ଅଧିକାରୀଙ୍କ ସହ ଏକ ଜରୁରୀକାଳୀନ ବୈଠକ କରିଥିଲେ। ପର୍ଯ୍ୟଟନ ଓ ଖାଦ୍ୟ ବ୍ୟବସାୟ ଉପରେ ଏହାର ପ୍ରଭାବକୁ ସମୀକ୍ଷା କରିବା ପରେ ସରକାର ଏହି ଆଶ୍ୱସ୍ତିକର ପଦକ୍ଷେପ ଗ୍ରହଣ କରିଛନ୍ତି। ତେବେ ସରକାରଙ୍କ ଏହି ନିଷ୍ପତ୍ତି ବା ପଦକ୍ଷେପ ଦ୍ୱାରା କେବଳ ପଞ୍ଜିକୃତ ବାଣିଜ୍ୟିକ ସିଲିଣ୍ଡର ସଂଯୋଗ ନେଇଥିବା ରେଷ୍ଟୁରାଣ୍ଟ ତଥା ହୋଟେଲ ବା କମ୍ୟୁନିଟି ରୋଷଶାଳ ପାଇଁ ହିଁ ଉପଲବ୍ଧ ହେବ। ଅର୍ଥାତ୍ ଯେଉଁମାନେ ବ୍ଲାକ୍‌ରେ କମର୍ସିଆଲ୍ ସିଲିଣ୍ଡର ନେଉଥିଲେ ସେମାନେ ଏଥିରୁ ବାଦ୍ ପଡ଼ିବେ। ଅନ୍ୟପକ୍ଷେ ସରକାରଙ୍କ ଏହି ୨୦% କୋଟା ବ୍ୟବସ୍ଥା ଦ୍ୱାରା ବଜାରରେ ବାଣିଜ୍ୟିକ ଗ୍ୟାସ୍‌ର କୃତ୍ରିମ ଅଭାବ ଦୂର ହେବା ସହ ହୋଟେଲ ବ୍ୟବସାୟୀମାନେ ପୁଣି ସ୍ୱାଭାବିକ କାର୍ଯ୍ୟକ୍ଷମ ହୋଇପାରିବେ ବୋଲି ଆଶା କରାଯାଉଛି। ବାଣିଜ୍ୟିକ ଗ୍ରାହକମାନେ ସେମାନଙ୍କର ମୋଟ୍ ଚାହିଦାର ୨୦% ପର୍ଯ୍ୟନ୍ତ ଗ୍ୟାସ ଯୋଗାଣ ପାଇବେ। ତିନୋଟି ପ୍ରମୁଖ ତୈଳ କମ୍ପାନୀର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଓ ରାଜ୍ୟ ସରକାର ମିଳିତ ଭାବେ ସ୍ଥିର କରିବେ କେଉଁ କ୍ଷେତ୍ରକୁ ପ୍ରାଥମିକତା ଭିତ୍ତିରେ ଏହି ଯୋଗାଣ ଦିଆଯିବ।

**ଆମେରିକା, ରୁଷ୍, କାନାଡା ଏବଂ ନରୱେ ଭଳି ଦେଶରୁ ଏଲ୍‌ପିଜି ଆମଦାନୀ କରିବ ଭାରତ**

ଭାରତ ଏବେ ଆମେରିକା, ରୁଷ୍, କାନାଡା ଏବଂ ନରୱେ ଭଳି ଦେଶରୁ ଏଲ୍‌ପିଜି ଆମଦାନୀ କରିବା ଉପରେ ମଧ୍ୟ ବିଚାର କରୁଥିବା ସୂଚନା ମିଳିଛି। ଏହାରି ମଧ୍ୟରେ ଏବେ ବିକଳ୍ପ ଇନ୍ଧନ ଭାବେ କିରୋସିନି ଏବଂ କୋଇଲା ବ୍ୟବହାର କରିବାକୁ ଅନୁମତି ଦେବାକୁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡମାନଙ୍କୁ ତୈଳ ମନ୍ତ୍ରଣାଳୟ ପରାମର୍ଶ ଦେଇଛି। ଏଲ୍‌ପିଜି ଯୋଗାଣ ସ୍ୱାଭାବିକ ନ ହେବା ପର୍ଯ୍ୟନ୍ତ ସେହି ସୁବିଧା ବଜାୟ ରଖିବାକୁ କୁହାଯାଇଛି।

**ଲୋକେ ଭୟରେ ଅଧିକ ଗ୍ୟାସ୍ କିଣୁଛନ୍ତି: ମନ୍ତ୍ରଣାଳୟ**

**ଦୈନିକ ବୁକିଂ ୭୫.୭ ଲକ୍ଷକୁ ବୃଦ୍ଧି ପାଇଛି, ଯୁଦ୍ଧ ପୂର୍ବରୁ ଥିଲା ୫୫.୭ ଲକ୍ଷ**

ଶୁକ୍ରବାର ଭାରତ ସରକାରଙ୍କ ପକ୍ଷରୁ ଦେଶରେ ସୃଷ୍ଟି ହୋଇଥିବା କୃତ୍ରିମ ଗ୍ୟାସ ସଂକଟ ଉପରେ ଏକ ବଡ଼ ବିବୃତି ଦିଆଯାଇଛି। ପେଟ୍ରୋଲିୟମ ମନ୍ତ୍ରାଳୟର ଯୁଗ୍ମ ସଚିବ ସୁଜାତା ଶର୍ମା ଆଜି ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ଯେ ଚଳିତବର୍ଷ ଏପ୍ରିଲରୁ ଫେବ୍ରୁଆରି ମଧ୍ୟରେ ଦୈନିକ ୫୫.୭ ଲକ୍ଷ ସିଲିଣ୍ଡର ବୁକିଂ ହେଉଥିଲା। କିନ୍ତୁ ମଧ୍ୟପ୍ରାଚ୍ୟରେ ଯୁଦ୍ଧ ଆରମ୍ଭ ହେବା ପରେ ଏହା ୩୫% ବୃଦ୍ଧି ପାଇ ମାର୍ଚ୍ଚ ୧୨ ତାରିଖ ସୁଦ୍ଧା ୭୫.୭ ଲକ୍ଷରେ ପହଞ୍ଚିଛି। ଗୁଜବ ଏବଂ ମିଛ ସମ୍ବାଦ ପାଇଁ ଲୋକମାନେ ଭୟରେ ଗ୍ୟାସ ବୁକିଂ କରୁଛନ୍ତି। ଯୁଦ୍ଧ କାରଣରୁ ଏଲ୍‌ପିଜି ନପାଇବା ଆଶଙ୍କା ଗ୍ରାହକଙ୍କ ମନରେ ଦେଖାଦେଇଛି। ଏଥିପାଇଁ ସେମାନେ ଅଧିକ ସଂଖ୍ୟାରେ ଏଲ୍‌ପିଜି ବୁକିଂ କରୁଛନ୍ତି। ସେ କହିଛନ୍ତି ଯେ ଦେଶରେ ପ୍ରାୟ ୬୦ ଲକ୍ଷ ଏଲ୍‌ପିଜି ବ୍ୟବହାର କରୁଥିବା ପରିବାର ଅଛନ୍ତି ଯେଉଁମାନଙ୍କ ଘର ନିକଟରେ ପିଏନ୍‌ଜି ସଂଯୋଗ ସୁବିଧା ରହିଛି। କିନ୍ତୁ ସେମାନେ ଏହାର ଉପଯୋଗ କରୁନାହାନ୍ତି। ପିଏନ୍‌ଜି ସଂଯୋଗ ନେଲେ ଏଲ୍ ?ପିଜି ଯୋଗାଣ ଉପରୁ ଚାପ କମିବ। ଦେଶରେ ୩୩.୪ କୋଟି ପରିବାର ଏଲ୍‌ପିଜି ସଂଯୋଗ ନେଇଥିବାବେଳେ ମାତ୍ର ୧.୫ କୋଟି ପରିବାର ପାଇପ୍ ଯୋଗେ ଗ୍ୟାସ ସଂଯୋଗ ନେଇଛନ୍ତି। ମଧ୍ୟପ୍ରାଚ୍ୟ ଯୁଦ୍ଧ ପାଇଁ ଦେଶରେ ରନ୍ଧନ ଗ୍ୟାସ ଯୋଗାଣ ବାଧାପ୍ରାପ୍ତ ହୋଇଥିବାକୁ ସରକାର ସ୍ୱୀକାର କରିଛନ୍ତି। କିନ୍ତୁ ସଂଖ୍ୟାତ୍ମକ ତୁଳନାକ୍ରମେ ଦେଶରେ ରନ୍ଧନ ଗ୍ୟାସର ଅଭାବକୁ ସରକାର ପ୍ରତ୍ୟାଖ୍ୟାନ କରିଛନ୍ତି।

**ମାସିକ ରତୁସ୍ରାବ ଛୁଟି ଆବେଦନ ସୁପ୍ରିମକୋର୍ଟରେ ଖାରଜ**

# 'ଏଭଳି ହେଲେ ମହିଳାଙ୍କ ନିଯୁକ୍ତି ବିପଦରେ ପଡ଼ିବ'




**ନୂଆଦିଲ୍ଲୀ, ୧୩।୩/ଏଜେନ୍ସି:** ମହିଳାଙ୍କୁ ମାସିକ ରତୁସ୍ରାବ ଜନିତ ଛୁଟି ଦିଆଯିବାଜନିତ ଏ ନିୟମ ଆଣିବା ପାଇଁ ଦେଶବ୍ୟାପୀ ହୋଇଥିବା ଆବେଦନକୁ ସୁପ୍ରିମକୋର୍ଟ ଖାରଜ କରିଦେଇଛନ୍ତି। ଶୁକ୍ରବାର ଏହି ମାମଲାରେ ଶୁଣାଣି କରିବା ପୂର୍ବକ ସୁପ୍ରିମକୋର୍ଟ ସ୍ପଷ୍ଟ ଭାବେ ନିଜ ଯୁକ୍ତି ରଖିଛନ୍ତି ଯେ, ଆଇନଗତ ଭାବରେ ଏପରି ଛୁଟିକୁ ବାଧ୍ୟତାମୂଳକ କରିବା ଦ୍ୱାରା ମହିଳାମାନେ ହିଁ ପ୍ରତ୍ୟକ୍ଷ ଭାବେ ମାତ୍ରାଧିକ କ୍ଷତିଗ୍ରସ୍ତ ହେବେ। କାରଣ ଆଗାମୀ ଦିନରେ ନିଯୁକ୍ତିଦାତାମାନେ ମହିଳାଙ୍କୁ ସେମାନଙ୍କ ସଂସ୍ଥାରେ ନିଯୁକ୍ତି ଦେବାରୁ ନିବୃତ୍ତ ହେବେ ଏବଂ ଏହାଦ୍ୱାରା ଅଜାଣତରେ ଦେଶବ୍ୟାପୀ ଲିଙ୍ଗଗତ ଧାରଣା ବ୍ୟାପକ ରୂପ ଧାରଣ କରିବ। ପ୍ରଧାନ ବିଚାରପତି ଜଷ୍ଟିସ ସୂର୍ଯ୍ୟକାନ୍ତ ଓ ଜଷ୍ଟିସ୍ ଜୟମାଲ୍ୟ ବାଗ୍‌ଚୀଙ୍କୁ ନେଇ ଗଠିତ ଖଣ୍ଡପୀଠ ଆଗତ ଜନସ୍ୱାର୍ଥ ମାମଲାର ବିଚାର କରି ଏହା କହିଛନ୍ତି। ଖଣ୍ଡପୀଠ କହିଛନ୍ତି, ଏପରି ଦାବି ମହିଳାଙ୍କୁ ସମସ୍ତଙ୍କ ସମ୍ମୁଖରେ ନ୍ୟୂନ ଭାବେ ଚିତ୍ରଣ କରିବ। ଯଦି ଏପ୍ରକାର ଏକ ଦାବିକୁ ଆଇନରେ ବାଧ୍ୟତାମୂଳକ କରିଦିଆଯିବ ତେବେ ମହିଳାଙ୍କୁ କେହି ଚାକିରି ଦେବେନାହିଁ। ସେମାନଙ୍କୁ ନ୍ୟାୟିକ କିମ୍ବା ସରକାରୀ ଚାକିରିରେ କେହିନେବେ ନାହିଁ। ମହିଳାଙ୍କ କ୍ୟାରିୟର ଶେଷ ହୋଇଯିବ। ରତୁସ୍ରାବ ଜନିତ ଛୁଟି ଏକ ସକାରାତ୍ମକ ଅଧିକାର କିନ୍ତୁ, ଏହାକୁ ଆଇନରେ ପରିଣତ କରିବା ଭିନ୍ନ କଥା ହେବ।

# 'ଆଡୋବ୍' ସିଇଓ ଶାନ୍ତନୁଙ୍କ ଇସ୍ତଫା

**ୱାଶିଂଟନ୍, ୧୩।୩/ଏଜେନ୍ସି:** ଆମେରିକୀୟ ସଫ୍ଟୱେର କମ୍ପାନି ଆଡୋବ୍‌ର ସିଇଓ ପଦରୁ ପ୍ରବାସୀ ଭାରତୀୟ ଶାନ୍ତନୁ ନାରାୟଣ ଇସ୍ତଫା ଦେଇଛନ୍ତି। ଦୀର୍ଘ ୧୮ ବର୍ଷ ପରେ ସେ ଉକ୍ତ କମ୍ପାନି ଛାଡ଼ିଛନ୍ତି। ଏବେ ଯେତେବେଳେ ଡିଜିଟାଲ୍ ଯୁଗରେ ଏଆଇର ବିପ୍ଳବ ଆରମ୍ଭ ହୋଇଛି ସେତେବେଳେ ଆଡୋବ୍ ଏହାର ନେତୃତ୍ୱ ପରିବର୍ତ୍ତନ କରିଛି। ତେବେ ଶାନ୍ତନୁ ନିଜ ପଦରୁ ଇସ୍ତଫା ଦେଇଥିଲେ ମଧ୍ୟ ତାଙ୍କ ଉତ୍ତରାଧିକାରୀ ସନ୍ଧାନ ନ ହେବା ପର୍ଯ୍ୟନ୍ତ ସେ ନିଜ ଦାୟିତ୍ୱ ଜାରି ରଖିବେ ବୋଲି ଆଡୋବ୍ ଦର୍ଶାଇଛି। ଅନ୍ୟପକ୍ଷେ ଆଡୋବ୍ ପକ୍ଷରୁ ନୂଆ ସିଇଓ ଚୟନ ତଥା ନିଯୁକ୍ତି ପାଇଁ ଏକ ସ୍ୱତନ୍ତ୍ର କମିଟି ମଧ୍ୟ ଗଠନ କରାଯାଇଥିବା ସୂଚନା ମିଳିଛି। ଆମେରିକା ପ୍ରଯୁକ୍ତି ଦୁନିଆରେ ଯେଉଁ କେତେ ଜଣ ଭାରତୀୟ ନିଜକୁ ପ୍ରତିଷ୍ଠିତ କରିବା ସହ ଭାରତ ପାଇଁ ସୁନାମ ଆଣିଥିଲେ, ସେମାନଙ୍କ ମଧ୍ୟରୁ ଶାନ୍ତନୁ ହେଉଛନ୍ତି ଅନ୍ୟତମ। ହାଇଦ୍ରାବାଦରେ ବଢ଼ିଥିବା ଶାନ୍ତନୁ ଓସ୍‌ମାନିଆ ବିଶ୍ୱବିଦ୍ୟାଳୟରୁ ଇଲେକ୍ଟ୍ରୋନିକ୍ସ ଓ କମ୍ୟୁନିକେସନ ଇଞ୍ଜିନିୟରିଂରେ ସ୍ନାତକ ଡିଗ୍ରି ହାସଲ କରିଥିଲେ। ୧୯୮୮ରେ ଉପସଭାପତି ଭାବେ ସେ ଆଡୋବ୍‌ରେ ଯୋଗଦେଇଥିଲେ। ୨୦୦୭ରେ ତାଙ୍କୁ ସିଇଓ ଓ ୨୦୧୭ରେ କମ୍ପାନି ବୋର୍ଡର ଅଧ୍ୟକ୍ଷ କରାଯାଇଥିଲା। ଶାନ୍ତନୁଙ୍କ କାର୍ଯ୍ୟକାଳ ମଧ୍ୟରେ ଆଡୋବ୍‌ର ରାଜସ୍ୱ ୧ ବିଲିଅନ୍ ଡଲାରରୁ ବୃଦ୍ଧି ପାଇ ୨୫ ବିଲିଅନ୍ ଡଲାର ହୋଇଥିଲା।

ନିତିଦିନ NITIDIN

NEW AGE MEDIA & PUBLICATIONS PVT. LTD.
Shed No.- TS-2/210/A, Zone-B, Sector-A, Mancheswar Industrial Estate,
Bhubaneswar-751010, Khordha, Odisha

Invite application for the following posts:

| Name of the post | Location | Experience |
|---|---|---|
| Sub-editor | Bhubaneswar | Minimum 2-3 years in Sub-editing |
| Layout Designer | Bhubaneswar | Minimum 2-3 years in Layout designing |

Interested candidates may submit their Resume/CV through email at hr@nitidin.com or Contact : 7681055980

Printed and published by Trilochan Mohapatra on behalf of New Age Media & Publications Pvt. Ltd. Published at Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha,Odisha Ph: 0674-2953975, Email: advtnitidin@gmail.com, nitidinbbsr@gmail.com, Printed at New Age Media & Publications Pvt. Ltd., Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha, Odisha.

ସଂପାଦକ: ମନୋଜ କୁମାର ମହାପାତ୍ର
Editor: Manoj Kumar Mahapatra